

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିହାରରେ ଏକାକୀ ଲଢ଼ିବ ଆପ୍ | ୬

ODISHA BHASKAR | ଯାହା ଆପଣଙ୍କ କଥା କହେ

ଭିନ୍ନ ଚରିତ୍ରରେ ଅର୍ଚ୍ଚିତା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୪ Vol. 22 No-94 04 JULY 2025 FRIDAY, BHUBANESWAR ଶୁକ୍ରବାର, ୪ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦





ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ (ଭାସ୍କର ନ୍ୟୁଜ୍): ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ ହାଇକୋର୍ଟ ପୂର୍ବରୁ ପ୍ରଦାନ କରିଥିବା ଅନ୍ତରୀଣ ରହିତାଦେଶକୁ ବଳବତର ରଖିଛନ୍ତି । ଗତ ମାସ ୫ ତାରିଖରେ ହାଇକୋର୍ଟ ବିଷ୍ଣୁପଦ ସେଠୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ । ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଯାଏଁ ଶ୍ରୀ ସେଠୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ ପ୍ରଦାନ କରିଛନ୍ତି । ଫଳରେ ଶ୍ରୀ ସେଠୀଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି । ହାଇକୋର୍ଟ ଉପରୋକ୍ତ ଆଦେଶ ପ୍ରଦାନ କରିବା ସହ ଆସନ୍ତା ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି ।



## ଶବରୀ ଭବନ ଉଦ୍‌ଘାଟିତ

# ସ୍ୱାଭିମାନର ପରିଚୟ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥ ଆଇଆରସି ଭିଲେଜରେ କୋରାପୁଟ, ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ନିମନ୍ତେ ଶବରୀ ସାଂସ୍କୃତିକ ଭବନ ଉଦ୍‌ଘାଟନ କରିବା ସହ ଏହି ସ୍ୱଳ୍ପ ରହଣି ସ୍ଥାନର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ଏଥିସହ ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହି ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ ବୋଲି କହିବା ସହ ଆଦିବାସୀ ଭାଇ ଓ ଭଉଣୀଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହିତ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ । ଆଜିର ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସଂସ୍କୃତିକ ଜୀବନତା ପାଇଁ ଅନୁପ୍ରେରଣା ହେବ । ଆଦିବାସୀ ଭାଇ ଓ ଭଉଣୀମାନେ ଯେତେବେଳେ ଏଠାକୁ ଆସିବେ, ନିଜ ଘର ପରି ଅନୁଭବ କରିବେ । ଭୁବନେଶ୍ୱରରେ ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ପ୍ରତିଷ୍ଠା କରାଯାଉଛି । ରାଜ୍ୟର ୪୦ ପ୍ରତିଶତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ରେକର୍ଡ ୬୮ ହଜର ୮୮୧ କୋଟି ଟାଙ୍କର ବିଶେଷ ପ୍ରାବଧାନ କରାଯାଇଛି । ମୁଁ ବିଶ୍ୱାସ କରେ ଯେଉଁ ସମାଜ ତାଙ୍କର ମୂଳ ଚିହ୍ନକୁ ସମ୍ମାନ କରେ, ସେଇ ସମାଜ ତୀବ୍ର ଗତିରେ ଅଗ୍ରସର ହୁଏ । ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର କେବଳ ଅବିଭକ୍ତ ନୁହେଁ, ସାରା ରାଜ୍ୟକୁ ସମତୁଲ ଭାବେ ବିକାଶ କରିବା ପାଇଁ ବଦ୍ଧପରିକର । ଗଣଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଆମ ସରକାର ଦକ୍ଷିଣ ଓଡିଶା ବିକାଶ ପରିଷଦ ପାଇଁ ଟାସ୍କ ଫୋର୍ସ ଗଠନ କରି ୨୦୦ କୋଟି ଲେଖାଏଁ ଅନୁଦାନ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ସାଂସଦ ମୁନା ଖାନ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପା ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାୟଗଡ଼ା ବିଧାୟକ କଦ୍ରକ ଅପଲସ୍ୱାମୀ, ବିଷମ କଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ମଞ୍ଚାସୀନ ଥିଲେ । ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶବରୀ ସାଂସ୍କୃତିକ ପରିଷଦର ଉପ ସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୋଣ୍ଟାନା ପ୍ରତିନିଧିମଣ୍ଡଳୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୁକ୍ତରାଷ୍ଟ୍ର ଆମେରିକାର ମୋଣ୍ଟାନାରୁ ଆସିଥିବା ଏକ ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ଗୁରୁବାର ଦିନ ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ । ଇଣ୍ଡିଆ ଟ୍ରେକ-୨୦୨୫ କାର୍ଯ୍ୟକ୍ରମରେ ପ୍ରତିନିଧିମଣ୍ଡଳୀ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି । ପ୍ରତିନିଧିମଣ୍ଡଳୀଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ ଓଡିଶାର ସମୃଦ୍ଧ ସଂସ୍କୃତି, କଳା ଏବଂ ସାମାଜିକ ପ୍ରଗତି ବିଷୟରେ ଅବଗତ କରାଇଥିଲେ । ପ୍ରତିନିଧିମଣ୍ଡଳୀ ଭାରତର ବିବିଧତା ଅନୁସନ୍ଧାନ କରିବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରି ଏପରି ପରିଦର୍ଶନ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଉତମ ବୁଝାମଣା ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି କହିଥିଲେ । ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ରାଜଭବନ ପରିସର ପରିଦର୍ଶନ କରିଥିଲେ ଏବଂ ସେମାନଙ୍କ ଗସ୍ତ ସମୟରେ ସେମାନଙ୍କୁ ମିଳିଥିବା ଭବ୍ୟ ସ୍ୱାଗତକୁ ପ୍ରଶଂସା କରିଥିଲେ ।

## ୨୦ ଲକ୍ଷ ଲାଞ୍ଚ ଗ୍ରହଣ ମାମଲାରେ ଇଡିର ପୂର୍ବତନ ଉପନିର୍ଦ୍ଦେଶକଙ୍କୁ ଜାମିନ୍

କଟକ(ଭାସ୍କର ନ୍ୟୁଜ): ଲାଞ୍ଚ ଗ୍ରହଣ ଘଟଣାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ପୂର୍ବତନ ଉପ ନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ଆଜି ଓଡିଶା ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ଶ୍ରୀ ରଘୁବଂଶୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଇଜିଲାସ ତାଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ୧୦ ଦିନ ପରେ ସେ ଅଦାଲତରେ ହାଜର ହେବାକୁ କୁହାଯାଇଛି । ସୂଚନାଥାଉକି ଭୁବନେଶ୍ୱରରୁ ଜଣେ ଖଣି ବ୍ୟବସାୟୀଙ୍କ ନିକଟରୁ ୨୦ ଲକ୍ଷ ଟଙ୍କା ଲାଂଚ ଗ୍ରହଣ ମାମଲାରେ ଇଣ୍ଡିଆନ୍ ରେଭିନ୍ୟୁ ସର୍ଭିସେସ୍ (ଆଇଆର୍‌ଏସ୍) ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଗିରଫ କରିଥିଲା । ଶ୍ରୀ ରଘୁବଂଶୀ ୨ କୋଟି ଲାଞ୍ଚ ଦାବି କରିଥିବା ବେଳେ ୨୦ ଲକ୍ଷ ଟଙ୍କା ଗ୍ରହଣ କରିବା ସମୟରେ ସିବିଆଇ ହାତରେ ଧରା ପଡିଥିଲେ । ଏହି ମାମଲାରେ ରଘୁବଂଶୀକୁ ସିବିଆଇକୁ ରିମାଣ୍ଡରେ ନେବାକୁ ସିବିଆଇକୁ ୧୪ ଦିନ ପାଇଁ ଅନୁମତି ଦେଇଥିଲେ । ସିବିଆଇ ଲାଞ୍ଚ ଗ୍ରହଣ ଘଟଣାରେ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ ଆଇନର ୭ ସେକ୍ସନ୍ ଆଧାରରେ ଶ୍ରୀ ରଘୁବଂଶୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ।

## ବଳକା ଧାନକିଣା ଓ କ୍ରୟସୀମା ବୃଦ୍ଧି ପାଇଁ ନବୀନଙ୍କ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚାଷୀ ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର କୃଷି ମନ୍ତ୍ରୀ ଓ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ପଦକ୍ଷେପ ନେବାକୁ ନବୀନ ଏକ୍ସ ଯୋଗେ ଦାବି କରିଛନ୍ତି । ପଞ୍ଜିକୃତ ସମସ୍ତ ଚାଷୀଙ୍କ ବଳକା ଧାନ କିଣିବା, ଲାପ୍ସ ହୋଇଥିବା ଟୋକନର ଅବଧି ବୃଦ୍ଧି ସହ ଧାନକ୍ରୟ ସୀମା ମଧ୍ୟ ବୃଦ୍ଧି କରିବାକୁ ଦାବି କରିଛନ୍ତି ନବୀନ । ଏକ୍ସରେ ନବୀନ ଲେଖିଛନ୍ତି ଚଳିତ ବର୍ଷ ପଞ୍ଜିକରଣ କରିଥିବା ସମସ୍ତ ଚାଷୀଙ୍କଠାରୁ ରାଜ୍ୟ ସରକାର ରବି ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କର ଲକ୍ଷାଧିକ କ୍ୱିଂଟାଲ ଧାନ ଏପର୍ଯ୍ୟନ୍ତ ବିକ୍ରି ନହୋଇ ପଡ଼ିରହିଛି । ସରକାର କହିଥିଲେ, ଯେଉଁ ଚାଷୀଙ୍କର ବଳକା ଧାନ ମଣ୍ଡିରେ ବିକ୍ରି କରିବାକୁ ପଞ୍ଜିକରଣ ହୋଇଛି, ଏଥିପାଇଁ ଜାରି ହୋଇଥିବା ଟୋକନ ଲାପ୍ସ କରିବ ନାହିଁ । ଆବଶ୍ୟକ ସ୍ଥଳେ ଟୋକନର ଅବଧି ମଧ୍ୟ ବୃଦ୍ଧି କରାଯିବ । କିନ୍ତୁ ଦୁର୍ଭାଗ୍ୟର କଥା, ଅଚାନକ ରାଜ୍ୟ ସରକାର ଜୁନ ୩୦ ଧାନ ବିକ୍ରି ଲାଗି ପଞ୍ଜିକରଣର ଶେଷ ଦିନରେ ଆଇସ୍କାନ କରି ଧାନ କିଣିବା ପାଇଁ ଘୋଷଣା କରୁଛନ୍ତି । ସରକାରଙ୍କ ଏପରି ଚାଷୀମାରଣ ନୀତି ପାଇଁ ଓଡ଼ିଶାର ହଜାର ହଜାର ଚାଷୀ ଏବେ ହନ୍ତସନ୍ତ ହେଉଛନ୍ତି । ଏଭଳି ନିଷ୍ପତି ଚାଷୀଙ୍କ ପ୍ରତି ଅତ୍ୟନ୍ତ ବେପରୁଆ ମନୋଭାବ ପୋଷଣ ସାଙ୍ଗକୁ ଘୋର ପ୍ରତାରଣା କହିଲେ ଭୁଲ ହେବନାହିଁ ବୋଲି ନବୀନ କହିଛନ୍ତି ।

## ୱିଣ୍ଡସ୍ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ କୃଷି ବିଭାଗ-ସ୍କାଇମେଟ୍ ମଧ୍ୟରେ ବୁଝାମଣାପତ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ (ୱିଣ୍ଡସ୍) ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ଆରମ୍ଭ କରିଛନ୍ତି । ଏହି ପଦକ୍ଷେପ କୃଷି, ବୀମା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପାଣିପାଗ ତଥ୍ୟର ସୁଗମ କରିବ ଏବଂ ବିପର୍ଯ୍ୟୟ ପରିଚାଳନା କରିବା ପାଇଁ ଉଦ୍ଦିଷ୍ଟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ସମୟୋଚିତ ଏବଂ ସଠିକ୍ ପାଣିପାଗ ତଥ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନଗଜ୍ ସ୍ଥାପନ କରାଯିବ । ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱୟଂଚାଳିତ ରେନ ଗଜ୍ ସ୍ଥାପନ କରାଯିବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ । ଏହି ପାଣ୍ଠି ସମବାୟ ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବଜେଟରୁ ଯୋଗାଇ ଦିଆଯିବ । କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଏବଂ ସ୍କାଇମେଟ୍ ପାଣିପାଗ ସେବା ପ୍ରାଇଭେଟ୍ ଲିମିଟେଡ୍ ସିଇଓ ଯୋଗେଶ ପାଟିଲ୍ ବୁଝାମଣାପତ୍ରରେ ସ୍ୱାକ୍ଷର ଏବଂ ଆଦାନ ପ୍ରଦାନ କରିଥିଲେ । ଅତିରିକ୍ତ ସଚିବ ଡକ୍ଟର ଗଣେଶ୍ୱର ଜେନା, ଡକ୍ଟର ରାଜେଶ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ପ୍ରକାଶ ପାଇଲା ପିଜି ତୃତୀୟ ପର୍ଯ୍ୟାୟ ମେଧା ତାଲିକା

## ୭୫୫୯ ଛାତ୍ରଛାତ୍ରୀ ମନୋନୀତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ୧୨୧ ଶିକ୍ଷାନୁଷ୍ଠାନରେ ୨୦୨୫-୨୬ ଶିକ୍ଷାବର୍ଷ ଲାଗି ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ଗୁରୁବାର ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି । ଏଥିରେ ୨୦ ବିଶ୍ୱବିଦ୍ୟାଳୟ ଏବଂ ୧୦୧ କଲେଜ ରହିଛି । ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ମୋଟ ୩୧ହଜାର ୧୫୪ ସିଟ୍ ଥିବାବେଳେ ୬୨୩୨୧ ଆବେଦନ କରିଥିଲେ । ତେବେ ପ୍ରଥମ ପର୍ଯ୍ୟାୟରେ ୨୨୨୨୬ ମନୋନିତ ହୋଇଥିବା ବେଳେ ସେଥିରୁ ୭୮୭୪ ନାମ ଲେଖାଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ୩୪୭୨ ନାମ ଲେଖାଇଛନ୍ତି । ବର୍ତ୍ତମାନ ସୁଦ୍ଧା ମୋଟ ୧୧୩୪୬ ନାମ ଲେଖାଇଥିବା ବେଳେ ତୃତୀୟ ପର୍ଯ୍ୟାୟରେ ନାମଲେଖା ପାଇଁ ୭୫୫୯ଜଣଙ୍କୁ ମନୋନୀତ କରାଯାଇଛି । ଛାତ୍ରଙ୍କ ସଂଖ୍ୟା ୨୧୫୦ ଥିବାବେଳେ ଛାତ୍ରୀଙ୍କ ସଂଖ୍ୟା ୫୪୦୯ ରହିଛନ୍ତି । ଏହି ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ୪, ୭ ଏବଂ ୮ତାରିଖ ସକାଳ ୧୦ରୁ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇ ପାରିବେ ।

## ଟ୍ରକ୍ ଧକ୍କାରେ ମହିଳା ହୋମଗାର୍ଡ ମୃତ

କଟକ(ଭାସ୍କର ନ୍ୟୁଜ): କଟକ ତାଳଦଣ୍ଡା କେନାଲ ଅର୍ବାନ ହାଟ ଯିବା ରାସ୍ତାରେ ଟ୍ରକ୍ ଧକ୍କାରେ ମହିଳା ହୋମଗାର୍ଡଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ହୋମଗାର୍ଡ ହେଲେ ମନୋରମା ପଣ୍ଡା । ଡ୍ୟୁଟି ସାରି ଘରକୁ ଫେରିବା ନେଇ ସାଇକେଲ ଯୋଗେ ଫେରିବା ସମୟରେ ପଛପଟୁ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ମନୋରମା ତଳେ ପଡ଼ିଯିବା ବେଳେ ଟ୍ରକ୍‌ଟି ତାଙ୍କ ଉପରେ ଚଢି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସସିବି ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣାସ୍ଥଳରେ କଟକ ଡିସିପିଙ୍କ ସହ ଅନ୍ୟ ପୁଲିସ ଅଧିକାରୀ ସ୍ଥିତି ଯାଞ୍ଚ କରିବା ସହ ଘଟଣାର ତଦନ୍ତ ହେବ ବୋଲି ଏସିପି ଅଶୋକ ଗିରି କହିଛନ୍ତି । ଦିନ ସମୟରେ ଭାରିଯାନ ପ୍ରବେଶ କଟକଣା ଥିବା ସତ୍ତ୍ୱେ ଭାରିଯାନ କିଭଳି ପ୍ରବେଶ କଲା ତାର ଯାଞ୍ଚ କରାଯିବ । ଦୁର୍ଘଟଣା ଘଟାଇ ଥିବା ଭାରିଯାନକୁ ପୁଲିସ ଥାନାରେ ଅଟକ ରଖିଥିବା ଜଣାପଡିଛି ।

## ବିଜେଡି ମିଥ୍ୟା ଅଭିଯୋଗରେ ପିଏଚ୍‌ଡି କରିଛି: ଅନିଲ ବିଶ୍ୱାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୀଳଗିରି ବିଧାୟକଙ୍କ ପ୍ରତି ମିଥ୍ୟା ଅଭିଯୋଗ ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ଦେଇ ବିଜେଡି ମିଥ୍ୟା ଅଭିଯୋଗରେ ପିଏଚ୍‌ଡି କରିଛି ବୋଲି ବିଜେପି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି । ସେ କହିଛନ୍ତି ଯେ, ଯେବେଠାରୁ ବିଜେଡି ବିରୋଧୀ ଦଳରେ ବସିଲାଣି କ୍ଷମତାରୁ ଦୂରେଇ ରହିବା କାରଣରୁ ସେମାନେ ରାଜନୈତିକ ସ୍ତରରେ ପ୍ରତିହିଂସା ପରାଣୟ ହୋଇ ସାରିଛନ୍ତି । ବିଜେପି ସରକାରକୁ ବଦ୍‌ନାମ କରିବା ପାଇଁ ମିଛ ପରେ ମିଛ କହି ଚାଲିଛନ୍ତି । କୁଲଡିହା ଅଭୟାରଣ୍ୟରେ ହୋଇଥିବା ହାତୀ ମୃତ୍ୟୁ ମାମଲାରେ ଅଦ୍ୟାବଧି ୪ଜଣ ଗିରଫ ହୋଇ ସାରିଲେଣି ଏବଂ ଯେଉଁମାନେ ଗିରଫ ହୋଇଛନ୍ତି ସେମାନେ ଅଭ୍ୟାସଗତ ଅପରାଧୀ । ଗିରଫ ଅଭିଯୁକ୍ତଙ୍କ ନାମରେ ୧୫ ବର୍ଷର ପୁରୁଣା ମାମଲା ମଧ୍ୟ ଅଛି । ରାଜ୍ୟରେ ବିଜେଡି ୨୪ ବର୍ଷ ଶାସନରେ ଥିଲା । ତେଣୁ ଘଟଣାରେ ବିଜେପିର ନୀଳଗିରି ବିଧାୟକଙ୍କୁ ଘଟଣାରେ ଅଯଥାରେ ଟାଣିବା ବିଜେଡିର ଏକ ଷଡଯନ୍ତ୍ର ବୋଲି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ବିଶ୍ୱାଳ କହିଛନ୍ତି ।

## ରାଜଧାନୀରେ ପ୍ରବଳ ବର୍ଷା, ତଳିଆ ଅଞ୍ଚଳ ଜଳମଗ୍ନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲଘୁଚାପଜନିତ ଲଗାଣବର୍ଷା ଗତ ତିନିଦିନ ହେବ ସାରା ରାଜ୍ୟରେ ବର୍ଷୁଛି । ଯାହାଫଳରେ ରାଜ୍ୟର ପ୍ରମୁଖ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ଲାଗିରହିଥିବା ବେଳେ ଗୁରୁବାର ରାଜଧାନୀରେ ପ୍ରବଳ ବର୍ଷା ହୋଇଛି । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି । ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ରାଜଧାନୀ ଆକାଶ ସ୍ୱାଭାବିକ ଥିବାବେଳେ ହଠାତ୍ ଅପରାହ୍ନରେ କଳାହାଣ୍ଡିଆ ମେଘ ଘୋଟିଆସିଥିଲା । ପରେ ମୁଷଳ ଧାରାରେ ବର୍ଷା ହୋଇଥିଲା । ଦୀର୍ଘ ସମୟ ଧରି ବର୍ଷା ହେବାରୁ ରାଜଧାନୀର କେତେକ ଅଞ୍ଚଳରେ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିଲା । ରାଜଧାନୀର ବଡ଼ଗଡ଼, ଲକ୍ଷ୍ମୀସାଗର, ରସୁଲଗଡ଼, ନୟାପଲ୍ଲୀ, ପଳାସୁଣୀରେ ପାଣିର ସୁଅ ଛୁଟିଥିଲା । ଯଦି ଆଗକୁ ବର୍ଷାର ମାତ୍ରା ବୃଦ୍ଧି ପାଏ ତେବେ ରାଜଧାନୀର ଅବସ୍ଥା ଶୋଚନୀୟ ହେବ ବୋଲି ସବୁଠି ଆଲୋଚନା ଜୋର ଧରିଛି ।

## ଜଳ ଓ ଜୀବାଣୁ ବାହିତ ରୋଗ ନିରାକରଣ ପାଇଁ ସ୍ୱତନ୍ତ୍ର ମିଳିତ ଅଭିଯାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷା ଋତୁରେ ସମ୍ଭାବ୍ୟ ଜଳବାହିତ ଏବଂ ଜୀବାଣୁ (ଭେକ୍ଟର) ବାହିତ ରୋଗର ପ୍ରତିରୋଧ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ସ୍ୱତନ୍ତ୍ର ମିଳିତ ଅଭିଯାନ ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଲୋକସଭା ଭବନ ସଭାଗୃହରେ ହାଇବ୍ରିଡ୍ ମୋଡ୍‌ରେ ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ବର୍ଷାକାଳୀନ ଜନସ୍ୱାସ୍ଥ୍ୟ ଜନିତ ରୋଗ ସମ୍ବନ୍ଧିତ ବିଷୟ ଉପସ୍ଥାପନ କରିଥିଲେ ଏବଂ ସମସ୍ତ ଜିଲ୍ଲାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀମାନେ କ୍ଷେତ୍ରସ୍ତରୀୟ ସ୍ଥିତି ଜଣାଇଥିଲେ । ବୈଠକରେ ମୁଖ୍ୟତଃ ଡାଇରିଆ, ମ୍ୟାଲେରିଆ ଓ ଡେଙ୍ଗୁ ଆଦି ରୋଗ ନିରାକରଣ ନିମନ୍ତେ ରୋଗ-ନିରୀକ୍ଷଣ, ସଚେତନତା, ରୋଗର ନିୟନ୍ତ୍ରଣ ଆଦି ବିଷୟରେ ଉଭୟ ସ୍ୱଳ୍ପ ଓ ଦୀର୍ଘସୂତ୍ରୀ ବିଷୟରେ ଆଲୋଚନା ହୋଇଥିଲା । ଏସବୁ ରୋଗର ଜିଲ୍ଲାୱାରୀ ସ୍ଥିତି ସମୀକ୍ଷା କରି ଚଳିତ ମାସ ୪ ଏବଂ ୧୧ରେ କ୍ଷେତ୍ର ସ୍ତରରେ ସ୍ୱତନ୍ତ୍ର ପରିମଳ ଓ ବିଶୋଧନ ଅଭିଯାନ କରିବା ନିମନ୍ତେ ଶାସନ ସଚିବ ଅଶ୍ୱତୀ ଏସ୍ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆଲୋଚନାରୁ ଜଣାପଡିଥିଲା ଯେ, କ୍ଷେତ୍ରସ୍ତରରେ ଅଧିକରୁ ଅଧିକ ସଚେତନତା ଓ ପ୍ରତିରୋଧ କାର୍ଯ୍ୟକ୍ରମ ଯୋଗୁ କେତେକ ଜାଗାରେ ଦେଖା ଯାଇଥିବା ଡାଇରିଆକୁ ପୂର୍ଣ୍ଣ ନିୟନ୍ତ୍ରଣାଧୀନ କରାଯାଇଛି । ବର୍ତ୍ତମାନ ରୋଗର ସଂକେତ ପାଇବା ମାତ୍ରେ ହିଁ ଲୋକେ ପ୍ରାଥମିକ ଅବସ୍ଥାରୁ ହସ୍ପିଟାଲକୁ ଆସୁଛନ୍ତି ଏବଂ ଆରୋଗ୍ୟ ଲାଭ କରୁଛନ୍ତି । ଫଳରେ ମୃତ୍ୟୁସଂଖ୍ୟା ୧୩ରେ ସ୍ଥିର ରହିଛି । ୫ ପ୍ରଭାବିତ ଜିଲ୍ଲାରେ ସମୁଦାୟ ୧୯୦ ରୋଗୀ ଚିକିତ୍ସାଧୀନ ଅଛନ୍ତି । ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି ଏବଂ ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖାଯାଇଛି । ସୁବର୍ଣ୍ଣରେଖା, ଜଳକା, ବୁଢାବଳଙ୍ଗ ନଦୀ ଉପକୂଳ ୫ ବ୍ଲକରେ ବନ୍ୟା ପାଣି କମିବା ଆରମ୍ଭ ହୋଇଥିବାରୁ ପ୍ରଭାବିତ ଗ୍ରାମରେ ବିଶୋଧନ ଓ ନମୁନା ପରୀକ୍ଷା, ଔଷଧ ଯୋଗାଣ ଆଦି ଅଧିକ ବ୍ୟାପକ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଏବଂ ବିଶେଷଜ୍ଞ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ନବନିର୍ବାଚିତ ଛାତ୍ର କ୍ୟାବିନେଟର ଶପଥ ଗ୍ରହଣ ଏବଂ ପ୍ରଖ୍ୟାତ ସାମ୍ବାଦିକ, ସ୍ନାୟୁ ବିବିଧତା ପ୍ରବକ୍ତା ଏବଂ ଲେଖିକା ମୁଗ୍ଧା କାଲରାଙ୍କ ପ୍ରେରଣାଦାୟକ ଅଭିଭାଷଣ ସହ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ମୁଗ୍ଧା କାଲରା କହିଲେ, ମୁଁ ଦେଶର ଅନେକ କ୍ୟାମ୍ପସକୁ ଯାଇଛି, କିନ୍ତୁ ଏହି କ୍ୟାମ୍ପସକୁ ଆସି ମୁଁ ଗର୍ବିତ । ସେ ସ୍କୁଲର ଭିତ୍ତିଭୂମି ଓ ଛାତ୍ର-ଅନୁକୂଳ ସୁବିଧାକୁ ପ୍ରଶଂସା କରି କହିଥିଲେ, କିଟ୍ ଏଭଳି ପରିବେଶ ସୃଷ୍ଟି କରିଛି ଯେଉଁଥି ପାଇଁ କିଟ୍ ଇଣ୍ଟର ନ୍ୟାସନାଲ୍ ସ୍କୁଲରେ ସ୍ୱତନ୍ତ୍ର ପିଲାଙ୍କ ସହ ଅନ୍ୟ ସାଧାରଣ ଛାତ୍ରମାନେ ଏକାଠି ପାଠ ପଢିପାରୁଛନ୍ତି । କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ ବାର୍ତ୍ତା ଜରିଆରେ କିଟ୍ ଏବଂ କିସ୍ ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇ ପିଲାଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଇଣ୍ଟର ନ୍ୟାସ୍‌ନାଲ୍ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ କହିଲେ, ଅନ୍ୟମାନଙ୍କଠାରୁ ନିଆରା ହେବା ପାଇଁ କେବେ ବି ଭୟ କରନାହିଁ ବୋଲି ପରାମର୍ଶ ଦେଇଥିଲେ । ସ୍କୁଲ୍ ଅଧ୍ୟକ୍ଷ ଡ ସଞ୍ଜୟ ସୁଆର ଛାତ୍ରଛାତ୍ରୀଙ୍କ ସର୍ଜନାତ୍ମକ ଚିନ୍ତାଧାରା ବୃଦ୍ଧି ସହ ଶିକ୍ଷାରେ କିଭଳି ଅଧିକ ଭଲ କରିବେ ସେ ନେଇ ପରାମର୍ଶ ଦେଇଥିଲେ ।

## ସରିଲା 'ଗୁହାରି' କାର୍ଯ୍ୟକ୍ରମ

# ଶ୍ରୀଜଗନ୍ନାଥଙ୍କୁ ଭକ୍ତିପୁତ ସଙ୍ଗୀତର ନୈବେଦ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି ୨୦୨୫'ର ଗୁରୁବାର ଥିଲା ଉଦ୍‌ଯାପନୀ ସଂଧ୍ୟା । ପୁରୀର ଶ୍ରୀମନ୍ଦିର ମୁକ୍ତିର ମାର୍ଗ ପ୍ରଦର୍ଶକ । ଏ ମନ୍ଦିର ଏକ ଅପୂର୍ବ ରହସ୍ୟମୟ ମନ୍ଦିର । ଶ୍ରୀବତ୍ସ ଖଣ୍ଡଶାଳ ପ୍ରସ୍ତରରେ ଗଠିତ ମନ୍ଦିରର ଗର୍ଭଗୃହ, ମୁଖଶାଳା, ଭୋଗ ମଣ୍ଡପ, ନାଟ୍ୟ ମଣ୍ଡପ ତଥା ବିଜେ ମଣ୍ଡପ ଅନିନ୍ଦ୍ୟ ଓ ଅପରୂପ ସୌନ୍ଦର୍ଯ୍ୟର ପରିପାଟୀରେ ସର୍ବାଦୌ ଅନତିକ୍ରମଣୀୟ । ଉଦ୍‌ଯାପନୀ ସଂଧ୍ୟାର ପ୍ରଥମ କଣ୍ଠଶିଳ୍ପୀ ଥିଲେ ବିଭୁ କିଶୋର, ସେ ପରିବେଷଣ କରିଥିଲେ ଭୀମଭୋଇଙ୍କ ରଚନାରୁ ସମର୍ପି ଦେଲି ଓ ବନମାଳୀଙ୍କ ରଚିତ ଦୀନବନ୍ଧୁ ଦୈତାରୀ । ପରେ ଦିପ୍ତିରେଖା ପାଢୀ ଭୀମଭୋଇଙ୍କ ରଚିତ ଜଗବନ୍ଧୁ ପରି ଜଣେ ସାମନ୍ତ ଓ ଦୀନବନ୍ଧୁ ଏହି ଅଳି ଶ୍ରୀ ଛାମୁରେ ଗାୟନ କରିଥିଲେ । ପରବର୍ତ୍ତୀ ଗାୟକ ଥିଲେ ଅଚ୍ୟୁତ ମହାରଣା, ସେ ପରିବେଷଣ କରିଥିଲେ ବନମାଳୀଙ୍କ ରଚିତ ଭୂଜତଳେ ମତେ ଓ ଲୋକନାଥ ପଟ୍ଟନାୟକଙ୍କ ରଚିତ ହେ ମଣିମା । ପରବର୍ତ୍ତୀ କଣ୍ଠଶିଳ୍ପୀ ଥିଲେ ଅନ୍ତରା ଚକ୍ରବର୍ତ୍ତୀ, ସେ ଜଗନ୍ନାଥ କଲେ ଯା ଅନାଥ ଓ ଜଗନ୍ନାଥ ହୋ କିଛି ମାଗୁ ନାହିଁ ତୋତେ ଗାୟନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ପରେ ରାଜେନ୍ଦ୍ର କୁମାର ସ୍ୱାଇଁ ଗାୟନ କରିଥିଲେ ଗୌରଚରଣ ଅଧିକାରୀଙ୍କ ରଚିତ ନୀଳଚକ୍ରେ ହୋ ଦେଖ ଉଡୁଛି ବାନା ଓ କୋଠ ଭୋଗ ଖିଆ । ଶଷରେ କେଶବ ସାହୁ ଘୋର ନବଘନ ଓ ନମସ୍ତେ ପ୍ରଭୁ ଜଗନ୍ନାଥ ଗାୟନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ସମସ୍ତ କଣ୍ଠଶିଳ୍ପୀ ଜଗନ୍ନାଥଙ୍କ ଉପରେ ସଙ୍ଗୀତ ପରିବେଷଣ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ଉଦ୍‌ଯାପନୀ ସଂଧ୍ୟାରେ ଅତିଥିମାନେ ଥିଲେ ପ୍ରଖ୍ୟାତ ଗାୟିକା ତୃପ୍ତି ଦାସ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ସମସ୍ତ ଗୁରୁ ଯଥା କଣ୍ଠ ସଙ୍ଗୀତ ବିଭାଗରେ ପଣ୍ଡିତ୍ କେଶବ ଚନ୍ଦ୍ର ରାଉତ, ମର୍ଦ୍ଦଳ ବିଭାଗରେ ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଗୁରୁ କାଳନ୍ଦୀ ଚରଣ ପରିଡ଼ା, ବେହେଲା ବିଭାଗରେ ଗୁରୁ ରମେଶ ଚନ୍ଦ୍ର ଦାଶ, ଓଡ଼ିଶୀ ନୃତ୍ୟ ବିଭାଗରେ ଗୁରୁ ଲୀନା ନନ୍ଦ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପ୍ରଭୁ ଜଗନ୍ନାଥଙ୍କୁ ଶ୍ରଦ୍ଧାଳି ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡ଼ଃ. ମୃତ୍ୟୁଞ୍ଜୟ ରଥ ।



୧୦ଟି ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ମଞ୍ଜୁରି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



୫ହଜାର ମୋବାଇଲ ଟାୱାର ପାଇପ୍ ଲାଇନରେ ହେବ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୪ Vol. 22 No-94 04 JULY 2025 FRIDAY, BHUBANESWAR ଶୁକ୍ରବାର, ୪ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୨୧ରୁ ସଂସଦର ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ,୩।୭: ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସଂସଦର ମୌସୁମୀ ଅଧିବେଶନ। ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ଦେଇଛନ୍ତି। ସଂସଦୀୟ ବ୍ୟାପାରମନ୍ତ୍ରୀ କିରଣ ରିଜିଜୁ ଏ ନେଇ ସୂଚନା ଦେଇଛନ୍ତି। ତେବେ ସ୍ୱାଧୀନତା ଦିବସ ପାଇଁ ୧୩ ଓ ୧୪ରେ ଅଧିବେଶନ ବନ୍ଦ ରହିବ।

## ୬ରେ ଖୋଲିବ ହୀରାକୁଦ ଡ୍ୟାମ୍ ଗେଟ୍

ବୁର୍ଲା,୩।୭(ଭାସ୍କର ନ୍ୟୁଜ): ଆସନ୍ତା ୬ ତାରିଖରେ ହୀରାକୁଦ ଡ୍ୟାମର ଗେଟ୍ ଖୋଲାଯାଇ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଏ ନେଇ ଡ୍ୟାମ ମୁଖ୍ୟଯନ୍ତ୍ରୀ ସୁଶିଲ କୁମାର ବେହେରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୬ ତାରିଖ ପୂର୍ବାହ୍ନ ୧୦ଟାରେ ପୂଜାର୍ଚ୍ଚନା କରାଯାଇ ଗେଟ୍ ଖୋଲାଯିବ। ତଳି ଅଞ୍ଚଳ ଲୋକଙ୍କୁ ୪୮ ଘଣ୍ଟା ପୂର୍ବରୁ ସୂଚନା ଦିଆଯିବ। ତେବେ କେତୋଟି ଗେଟ୍ ଖୋଲାଯିବ ସେହିଦିନ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ଗୁରୁବାର ଅପରାହ୍ନ ୩ଟା ସୁଦ୍ଧା ହୀରାକୁଦ ଡ୍ୟାମର ଜଳସ୍ତର ୬୦୩.୦୨ ଫୁଟ ରହିଥିଲା। ଉପରମୁଣ୍ଡରେ ହୋଇଥିବା ବର୍ଷାଜଳ ପ୍ରବେଶ କଲେ ଏହା ଶୁକ୍ରବାର ସୁଦ୍ଧା ୬୦୫ ଫୁଟରେ ପହଞ୍ଚିବ ବୋଲି ଆଶା କରାଯାଉଛି।

### ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

# ଜଗନ୍ନାଥ ପ୍ରଧାନ ଗିରଫ



- ଆତ୍ମ ସମର୍ପଣ ପରେ ଗିରଫ କଲା ପୋଲିସ
- ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ
- ଆକ୍ରମଣରେ ମୋର ସଂପୃକ୍ତି ନାହିଁ: ଜଗନ୍ନାଥ
- ବାଣୀବିହାର ଛକରେ ସମର୍ଥକଙ୍କ ଧାରଣା
- ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି
- ଆନ୍ଦୋଳନ ପ୍ରତ୍ୟାହାର କଲା ଓଏଏସ୍ ସଂଘ

ଭୁବନେଶ୍ୱର,୩।୭(ଭାସ୍କର ନ୍ୟୁଜ): ଗତ ସୋମବାର ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ କମିଶନରେଟ ପୋଲିସ ବିଜେପି ନେତା ତଥା ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରିଛି। ଗୁରୁବାର ରାତିରେ ଶ୍ରୀ ପ୍ରଧାନ ଡିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଗିରଫ ପରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତେବେ ଏସଡିଜେଏମ୍ କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ପୂର୍ବରୁ ୫ଜଣ ଗିରଫ ହୋଇଥିବାବେଳେ ଜଗନ୍ନାଥଙ୍କୁ ଗିରଫ ପରେ ଏହି ସଂଖ୍ୟା ୬ରେ ପହଞ୍ଚିଛି। ଜଗନ୍ନାଥ ଡିସିପିଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ ତାଙ୍କ ସମର୍ଥକମାନେ ସେଠାରେ ପହଞ୍ଚି ସାରିଥିଲେ। ପରେ ଜଗନ୍ନାଥ ପହଞ୍ଚି ଡିସିପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହି ଘଟଣାର ଜଗନ୍ନାଥଙ୍କ ସମର୍ଥକମାନେ ଡିସିପି କାର୍ଯ୍ୟାଳୟ ସମ୍ମୁଖ ଓ ବାଣୀବିହାର ଛକରେ ଧାରଣା ଦେଇଥିବା ସୂଚନା ମିଳିଛି। ଫଳରେ ଉଭୟପଟରେ ଶହଶହ ଗାଡ଼ିମୋଟର ଅଟକି ରହିଛି। ପୋଲିସ ଟ୍ରାଫିକ ଶୃଙ୍ଖଳିତ କରିବା ପାଇଁ ଉଦ୍ୟମ ଜାରି

**ଯଦି ମୋ ଗିରଫଦାରୀ ସମସ୍ୟାର ସମାଧାନ କରିବ, ତେବେ ମୁଁ ସହଯୋଗ କରିବାକୁ ରାଜି: ଜଗନ୍ନାଥ**

ରଖିଛି। ଗିରଫ ପୂର୍ବରୁ ଜଗନ୍ନାଥ କହିଥିଲେ ଯେ ମୁଁ ତଦନ୍ତରେ ସହଯୋଗ କରିବା ପାଇଁ ଆସିଛି। ଏହି ଆକ୍ରମଣ ପଛରେ ମୋର ସଂପୃକ୍ତି ନାହିଁ। ମୋ ଦଳ ଓ ଆମ ସରକାରକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ହୋଇଛି। ଓଏଏସ୍ ସଂଘ ଏହି ଷଡ଼ଯନ୍ତ୍ରର ଏକ ଅଂଶ ପାଲଟିଛି। ଅନ୍ୟପକ୍ଷରେ ଗୁରୁବାର ସକାଳେ ଓଏଏସ୍ ସଂଘ ପକ୍ଷରୁ ଏକ ବୈଠକରେ ଆଲୋଚନା କରାଯାଇ ସରକାରଙ୍କୁ ୩ ଦିନର ମହଲତ ଦିଆଯାଇଥିଲା। ସେମାନେ ମୁଖ୍ୟ • ପୃଷ୍ଠା ୫ ଦେଖନ୍ତୁ

### ଘାନା ସଂସଦରେ ମୋଦୀଙ୍କ ସମ୍ବୋଧନ

# ଆମ ପାଇଁ ଗଣତନ୍ତ୍ର ବ୍ୟବସ୍ଥା ନୁହେଁ, ଏକ ସଂସ୍କୃତି



ନୂଆଦିଲ୍ଲୀ,୩।୭: ଆମ ପାଇଁ ଗଣତନ୍ତ୍ର ଏକ ବ୍ୟବସ୍ଥା ନୁହେଁ, ବରଂ ଏକ ସଂସ୍କୃତି। ଗତ କିଛିବର୍ଷ ମଧ୍ୟରେ ଘାନାର ଦ୍ରୁତ ବିକାଶ ଘଟିଛି। ବର୍ତ୍ତମାନ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ପ୍ରଗତିଶୀଳ ଅର୍ଥନୀତି। ବିଶ୍ୱ ଏହି ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ଯେଉଁଥିରେ ଆତଙ୍କବାଦ ଓ ଜଳବାୟୁ ପରିବର୍ତ୍ତନ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏପରି ଏକ ପ୍ରତିକୂଳ ସମୟରେ ଭାରତର ଗଣତନ୍ତ୍ରରେ ଆଶାର କିରଣ ରହିଛି। ଭାରତର ଲୋକମାନେ ଶାନ୍ତି, ସୁରକ୍ଷା ଏବଂ ବିକାଶରେ ବିଶ୍ୱାସ କରନ୍ତି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘାନା ସଂସଦରେ ସମ୍ବୋଧିତ କରି ଏହା କହିଛନ୍ତି। ଏଥିପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ

**ମୋଦୀଙ୍କୁ ଘାନାର ସର୍ବୋଚ୍ଚ ସମ୍ମାନ 'ଦ ଅଫିସର ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର ଅଫ ଘାନା' ପ୍ରଦାନ**

ମୋଦୀଙ୍କୁ ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ ' ଦ ଅଫିସର ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର ଅଫ୍ ଘାନା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନିଜ ସମ୍ବୋଧନରେ ମୋଦୀ ଏହି ସର୍ବୋଚ୍ଚ ସମ୍ମାନ ପାଇଁ ଘାନାକୁ କୃତଜ୍ଞତା ଜଣାଇଥିଲେ। ଘାନା ସଂସଦକୁ ସମ୍ବୋଧିତ କରିବାରେ ଗତ ୩ ବର୍ଷରେ ମୋଦୀ ପ୍ରଥମ ଭାରତୀୟ। ମୋଦୀ କହିଥିଲେ, ଏହି ପ୍ରତିଷ୍ଠିତ ସଂସଦକୁ ସମ୍ବୋଧିତ କରି ମୁଁ ନିଜକୁ ଗୌରବ ମନେ କରୁଛି। ଘାନାକୁ ଆସିବା ମୋ ପାଇଁ ସୌଭାଗ୍ୟର କଥା। ଏହି ଭୂମି ଗଣତନ୍ତ୍ର ଭାବନାରେ ଜଡ଼ିତ। ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରର ପ୍ରତିନିଧି ରୂପେ ମୁଁ ମୋ ସହ ୧.୪ ବିଲିୟନ ଭାରତୀୟଙ୍କ ସଦ୍‌ଭାବନା ଓ ଶୁଭକାମନା ନେଇ ଆସିଛି। ଘାନାରୁ ମିଳିଥିବା ସର୍ବୋଚ୍ଚ • ପୃଷ୍ଠା ୫ ଦେଖନ୍ତୁ





Government of India

National Sample Survey
Celebrating 75 years of NSS

ଭାରତରେ ରୋଗର ପ୍ରାର୍ଦୁଭାବ ଏବଂ ସ୍ୱାସ୍ଥ୍ୟ ଯତ୍ନ ସେବାର ମୂଲ୍ୟାଙ୍କନ

ଆସନ୍ତୁ ଜାତୀୟ ପରିସଂଖ୍ୟାନ ପ୍ରଣାଳୀକୁ ମଜବୁତ କରିବା

ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ), ପରିସଂଖ୍ୟାନ ଏବଂ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଜାନୁଆରୀରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଏକ ଘରୋଇ ସ୍ୱାସ୍ଥ୍ୟ ଖର୍ଚ୍ଚ ଉପରେ ସର୍ବେକ୍ଷଣ କରାଯାଉଛି।



ସୂଚନା ସଂଗ୍ରହ କରାଯାଉଛି:

- ରୋଗର ପ୍ରକାର
- ପାଇଥିବା ଚିକିତ୍ସା ସେବା
- ଆରୋଗ୍ୟ, ଟିକାକରଣର ମୂଲ୍ୟ
- ସ୍ୱାସ୍ଥ୍ୟବୀମାର କଭରେଜ୍
- ପ୍ରସବ ପୂର୍ବ ଓ ପ୍ରସବ ପରବର୍ତ୍ତୀ ଯତ୍ନ



CBC 39101/13/0001/2526

ପରିବାରବର୍ଗଙ୍କୁ ଅନୁରୋଧ, ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଗଣନାକାରୀଙ୍କ ସହ ସହଯୋଗ କରନ୍ତୁ ଏବଂ ସଠିକ୍ ତଥ୍ୟ ପ୍ରଦାନ କରନ୍ତୁ। ସର୍ବେକ୍ଷଣରେ ଅଂଶଗ୍ରହଣ କରୁଥିବା ପରିବାର ନିକଟରେ ପହଞ୍ଚିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ସମସ୍ତ ରିପୋର୍ଟ/ମାଇକ୍ରୋ ଡାଟା ଗୋପନୀୟ ରଖାଯିବ।

www.mospi.gov.in @GoIStats /GoIStats GoIStats Ministry of Statistics & PI



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"

- ମହାତ୍ମା ଗାନ୍ଧୀ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍ ।"

-ବି.ଆର୍ ଆମ୍ବେଦକର



## କରୋନା ଟିକାର ପାର୍ଶ୍ୱ ପ୍ରତିକ୍ରିୟା

# ସନ୍ଦେହ ଦୂର ପାଇଁ ଉଦ୍ୟମ ଲୋଡ଼ା

ସମଗ୍ର ବିଶ୍ୱ ସହ ଆମ ଦେଶରେ ଗତ ୨୦୨୦ ଓ ୨୦୨୧ ମସିହାରେ ମହାମାରୀ କରୋନାର ଉଗ୍ରରୂପ ଦେଖିବାକୁ ମିଳିଥିଲା । କୋଭିଡ୍- ୧୯ ରୂପେ ପରିଚିତ ଏହି ଭୂତାଣୁ ଜନିତ ରୋଗରେ ଲକ୍ଷ ଲକ୍ଷ ଲୋକଙ୍କ ଅକାଳ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଥିଲା । ବିଭିନ୍ନ ରାଷ୍ଟ୍ରର ବାଣିଜ୍ୟ, ଅର୍ଥନୀତି ଓ ଶିକ୍ଷା ବ୍ୟବସ୍ଥାକୁ ଏହା ଭୀଷଣ ଭାବରେ ପ୍ରଭାବିତ କରିଥିଲା । ଚୀନ୍‌ର ଉହାନ୍ ସହର କୋଭିଡ୍- ୧୯ର ଉତ୍ପତ୍ତି ସ୍ଥଳ ହୋଇଥିଲେ ହେଁ କେଉଁ କାରଣରୁ ଏହି ମାରାତ୍ମକ ଭୂତାଣୁ ଜନ୍ମ ନେଲା, ତାହା ଏବେ ବି ଅସ୍ପଷ୍ଟ ରହିଛି । ମହାମାରୀର ପ୍ରଥମ ଲହର ପରେ ଭାରତ ସମେତ କେତେକ ଦେଶ ଏହାର ପ୍ରତିଷେଧକ ଟିକା ଉଦ୍ଭାବନ କରିବାକୁ ଜୋରସୋର ଉଦ୍ୟମ ଆରମ୍ଭ କରି ସେଥିରେ ସଫଳ ମଧ୍ୟ ହୋଇଥିଲେ । ଭୀତତ୍ରସ୍ତ ଜନସାଧାରଣ କରୋନା ଟିକା ନେବା ପାଇଁ ଲମ୍ବା ଧାଡ଼ିରେ ଅପେକ୍ଷା କରିବାକୁ ପଡିଥିଲା । ପରିଶେଷରେ ପ୍ରତିଷେଧକ ଟିକା ଏହି ଭୟଙ୍କର ବିଭୀଷିକାକୁ ରୋକିବାରେ ଅନେକାଂଶରେ ସଫଳ ହେଲା ଏବଂ ମହାମାରୀ ନିୟନ୍ତ୍ରଣକୁ ଆସି ପାରିଥିଲା । ତେବେ ମହାମାରୀ କରୋନା ପରେ ଆମ ଦେଶରେ ହୃଦ୍‌ଘାତଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବାର ଏକ ପରିସଂଖ୍ୟାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । କରୋନା ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ହୃଦ୍‌ଘାତ ଓ ଅନ୍ୟ ଜଟିଳ ରୋଗ କାୟା ବିସ୍ତାର କରୁଥିବାର ଏକ ଧାରଣା ଦୃଢ଼ୀଭୂତ ହୋଇଥିବା ବେଳେ ଏହାକୁ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇ.ସି.ଏମ୍.ଆର୍) ଏବଂ ଏମ୍ସ ପକ୍ଷରୁ ଏଥିନେଇ ହୋଇଥିବା ଗବେଷଣାର ରିପୋର୍ଟ ଏବେ ସାର୍ବଜନୀନ କରାଯାଇଛି । କରୋନା ଟିକା ନେବା ସହିତ ହୃଦ୍‌ଘାତର କୌଣସି ସମ୍ପର୍କ ନାହିଁ ବୋଲି ଏଥିରେ ସ୍ପଷ୍ଟ କରିଦିଆଯାଇଛି । ଜୀବନଶୈଳୀରେ ପରିବର୍ତ୍ତନ ଓ କରୋନା ପରବର୍ତ୍ତୀ ସମସ୍ୟା ଯୋଗୁଁ ଯୁବବର୍ଗଙ୍କ ମଧ୍ୟରେ ହୃଦ୍‌ଘାତ ଜନିତ ସମସ୍ୟା ମୁଣ୍ଡ ଟେକୁଥିବାର ରିପୋର୍ଟରେ ଦର୍ଶାଯାଇଛି । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ କରୋନା ଟିକାର ପାର୍ଶ୍ୱ ପ୍ରତିକ୍ରିୟା ନେଇ ବୁଧବାର ଦିନ ନିଜର ମତ ରଖିଛି ଏବଂ ଭାରତର କରୋନା ଟିକା ବେଶ୍ ସୁରକ୍ଷିତ ଓ ପ୍ରଭାବୀ ବୋଲି ଦାବି କରିଛି । ଏହି ଟିକା ଯୋଗୁଁ ଯେଉଁ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ, ତାହା ଅତ୍ୟନ୍ତ ନଗଣ୍ୟ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଆମ ଦେଶରେ କରୋନା ବ୍ୟାପିବା ସମୟରେ ଜନସାଧାରଣ କୋଭିସିଲ୍‌ଡ ଏବଂ କୋଭାକ୍‌ସିନ୍ ନାମରେ ଦୁଇ ପ୍ରକାର ଟିକା ନେଇଥିଲେ । କେତେକ ସ୍ଥାନରେ ବ୍ରିଟିଶ୍ କମ୍ପାନୀ ଆଷ୍ଟ୍ରୋଜେନିକା ଫର୍ମୁଲାରେ ପ୍ରସ୍ତୁତ କୋଭିସିଲ୍‌ଡ ଟିକା ଲୋକଙ୍କୁ ଦିଆଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଭାରତ ବାୟୋଟେକ୍‌ର କୋଭାକ୍‌ସିନ୍ ଟିକା ଦିଆଯାଇଥିଲା । ତେବେ କୋଭିସିଲ୍‌ଡ ଟିକା ନେଇଥିବା ଲୋକଙ୍କ ଠାରେ ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ ବୋଲି ଏହାର ଉତ୍ପାଦନକାରୀ କମ୍ପାନୀ ଅଦାଲତରେ ସ୍ୱୀକାର କରିଥିଲା । କୋଭିସିଲଡ୍ ଟିକା ମୃତ୍ୟୁର କାରଣ ପାଲଟିପାରେ ଓ ଲୋକଙ୍କୁ ଗୁରୁତର କରିପାରେ ବୋଲି ଅଭିଯୋଗ ମୁଣ୍ଡ ଟେକିବାରୁ ମାମଲାଟି ଅଦାଲତକୁ ଯାଇଥିଲା । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଗବେଷଣା ରିପୋର୍ଟ ଯେତେ ସ୍ପଷ୍ଟୀକରଣ ଦିଅନ୍ତୁ ନା କାହିଁକି କରୋନାର ଦୁଇଟି ଲହର ପରେ ଦେଶରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯେ ବଢ଼ି ଚାଲିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ । କେବଳ କର୍ଣ୍ଣାଟକରେ ଗତ ୪୦ ଦିନରେ ହୃଦ୍‌ଘାତରେ ୨୨ଜଣଙ୍କ ମୃତ୍ୟୁ ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରୁଛି । କେବଳ ଟିକାକୁ ନେଇ ନୁହେଁ, ସାମଗ୍ରିକ ଭାବରେ ଏହି ମହାମାରୀର ନକାରାତ୍ମକ ପ୍ରଭାବ ଯେ ଅନୁଭୂତ ହେଉଛି ଏଥିରେ ସନ୍ଦେହର ଅବକାଶ ନାହିଁ । ସେହି ଦୃଷ୍ଟିରୁ ଦେଶବାସୀଙ୍କ ମନରେ ଦାନା ବାନ୍ଧିଥିବା ସନ୍ଦେହ ଦୂର କରିବାକୁ ସବୁ ସ୍ତରରେ ଉଦ୍ୟମ ହେବା ଏକାନ୍ତ ଜରୁରି ।

# ତିନି ମାଙ୍କଡ଼ ଓ ବାନର ସେନା




ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫


ମହାତ୍ମା ଗାନ୍ଧୀଙ୍କ ତିନି ମାଙ୍କଡ଼ ଦେଶ ବିଦେଶରେ ବେଶ୍ ଚର୍ଚ୍ଚିତ । ଏମାନେ ସତସତିକା ମାଙ୍କଡ଼ ନୁହନ୍ତି, ତିନୋଟି ମାଙ୍କଡ଼ଙ୍କ ପ୍ରତିମୂର୍ତ୍ତି । ଏହା ଗାନ୍ଧୀଜୀଙ୍କ ଦ୍ୱାରା ନିର୍ମିତ ନୁହେଁ । ଜାପାନର ଦୁଇଜଣ ବୌଦ୍ଧ ସନ୍ୟାସୀ ୱାର୍ଦ୍ଧାରେ ଗାନ୍ଧୀଙ୍କୁ ଭେଟି ଏହି ତିନୋଟି ମାଙ୍କଡ଼ ମୂର୍ତ୍ତି ଉପହାର ଦେଇଥିଲେ ।

ଏହି ତିନି ମାଙ୍କଡ଼ଙ୍କ ଭିତରୁ ଯେଉଁଟି ଦୁଇ ଆଖି ବନ୍ଦ କରି ବସିଛି ତାହାର ନାମ 'ମିଜାରୁ' । ଖରାପ ଜିନିଷ ନଦେଖିବା ପାଇଁ ଏହି ମୂର୍ତ୍ତିଟି ସୂଚାଇଥାଏ । ଆଉ ଯେଉଁ ମାଙ୍କଡ଼ ମୂର୍ତ୍ତିଟି ଦୁଇ କାନକୁ ବନ୍ଦ କରି ବସିଛି ତାହାର ନାମ 'କିକାଜାରୁ' । ଏହି ମୂର୍ତ୍ତିଟି ଖରାପ କଥା ନଶୁଣିବା ଲାଗି ଚେତାଇ ଦେଇଥାଏ । ତୃତୀୟ ମାଙ୍କଡ଼ ମୂର୍ତ୍ତିଟି ପାଟି ବନ୍ଦ କରି ବସିଛି । ତାହାର ନାମ 'ଇୱାଜାରୁ' । ଖରାପ କଥା ନକହିବା ପାଇଁ ଏହି ମୂର୍ତ୍ତିଟି ସୂଚନା ଦିଏ । ଏ ତିନୋଟି ନାମ ହେଉଛି ଜାପାନୀ ଭାଷାର । ମହାତ୍ମା ଗାନ୍ଧୀଙ୍କ ଜନ୍ମର ବହୁ ଶହ ବର୍ଷ ପୂର୍ବରୁ ଜାପାନରେ ଏହି ତିନୋଟି ମୂର୍ତ୍ତି ବେଶ୍ ପରିଚିତ ଥିଲେ । ସତ୍ୟାଗ୍ରହୀ ଗାନ୍ଧୀଜୀଙ୍କ ବିଚାର ସହିତ ଏହି ମାଙ୍କଡ଼ ମୂର୍ତ୍ତି ତିନୋଟିର ସାମଞ୍ଜସ୍ୟ ଥିବାରୁ ବୌଦ୍ଧ ସନ୍ୟାସୀ ନିଚିଦାସୁ ଫୁଜି ତାଙ୍କୁ ୱାର୍ଦ୍ଧାରେ ଭେଟି ଏହି ମୂର୍ତ୍ତି ଉପହାର ଦେଇଥିଲେ । ସତ୍ୟ ଓ ଅହିଂସା ପଥର ପଥିକ ଗାନ୍ଧୀଜୀ ଶ୍ରଦ୍ଧା ଓ ସମ୍ମାନର ସହ ଏହି ତିନି ମାଙ୍କଡ଼ଙ୍କ ମୂର୍ତ୍ତି ଗ୍ରହଣ କରି ନିଜ ସହ ରଖିଲେ ।

ଏଠାରେ ଉଲ୍ଲେଖନୀୟ ଯେ ୧୯୩୦ ମାର୍ଚ୍ଚ ୧୨ ତାରିଖରେ ଲବଣ ସତ୍ୟାଗ୍ରହ ପାଇଁ ସାବରମତୀରୁ ଦାଣ୍ଡି ଅଭିଯାନ ଆରମ୍ଭ କରିବା ପୂର୍ବରୁ ଗାନ୍ଧୀଜୀ ଘୋଷଣା କରିଥିଲେ ଯେ ସ୍ୱରାଜ ନମିଳିବା ପର୍ଯ୍ୟନ୍ତ ସେ ଆଉ ସାବରମତୀ ଆଶ୍ରମକୁ ଫେରିବେ ନାହିଁ । ସତକୁ ସତ ବାପୁଜୀ ଆଉ କେବେ ପ୍ରସିଦ୍ଧ ସାବରମତୀ ଆଶ୍ରମକୁ ଫେରିନଥିଲେ । କାରାମୁକ୍ତ ହେବା ପରେ ତାଙ୍କର କିଛି ନିର୍ଦ୍ଦିଷ୍ଟ ଠିକଣା ନଥିଲା । ଦେଶ ସାରା ସେ ଘୁରି ବୁଲୁଥିଲେ । ଏହି ଭିତ୍ତିଭୂମିରେ ତାଙ୍କର ଅନ୍ୟତମ ଅନୁଗାମୀ ଜମୁନାଲାଲ ବଜାଜ ୱାର୍ଦ୍ଧାରେ ଅବସ୍ଥାନ ପାଇଁ ଗାନ୍ଧୀଜୀଙ୍କୁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହାକୁ ଗାନ୍ଧୀଜୀ ଗ୍ରହଣ କରିନେଇଥିଲେ । ପରବର୍ତ୍ତୀ ସମୟରେ ୧୯୩୬ ଏପ୍ରିଲ ୩୦ରେ ସେବାଗ୍ରାମ ଅଶ୍ରମ ନୂଆକରି ଗଢ଼ା ହେଲା ଓ ଗାନ୍ଧୀଜୀ ସେଠାକୁ ଆସିଲେ । ୱାର୍ଦ୍ଧା ଆଶ୍ରମରେ ରହଣୀ ବେଳେ ଗାନ୍ଧୀଜୀ ଉପହାର ପାଇଥିବା ତିନି ମାଙ୍କଡ଼ଙ୍କ ମୂର୍ତ୍ତି ପରବର୍ତ୍ତୀ ସମୟରେ ସାରା ଦେଶରେ ଗଢ଼ି ଉଠିଥିବା ସତ୍ୟାଗ୍ରହ ଆଶ୍ରମ ସମେତ ଅନେକ ଲୋକଙ୍କ ଘରେ ଦେଖିବାକୁ ମିଳିଲା ।

ଜାପାନରେ ଶହଶହ ବର୍ଷ ଧରି ଏହି ତିନି ମାଙ୍କଡ଼ ପ୍ରେରଣାର ଉତ୍ସ ହୋଇ ରହିଆସିଛନ୍ତି । କନ୍‌ଫୁସିୟସ୍‌ଙ୍କ ରଚନାବଳୀରେ ବି ଏହି ମାଙ୍କଡ଼ଙ୍କ ଅମୃତ ତତ୍ତ୍ୱର ସୂଚନା ଦେଖିବାକୁ ମିଳେ । ତାଓଇଜିମ୍ ଓ ଜାପାନୀଙ୍କ ସିନୋଟୋଜିମ୍‌ରେ ମଧ୍ୟ ଏମାନଙ୍କ ତତ୍ତ୍ୱ ସମ୍ପର୍କରେ ସୂଚନା ରହିଛି । ଜାପାନରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ମାଙ୍କଡ଼ଙ୍କୁ ନେଇ ଏହି ତିନି ମୂର୍ତ୍ତିଙ୍କ ପରିକଳ୍ପନା କରାଯାଇଥିବାରୁ ଏହାର ମୂଳ ହିଁ ଜାପାନର ବୋଲି କୁହାଯାଏ । ତେବେ ଏହି ତିନି ମାଙ୍କଡ଼ ଗାନ୍ଧୀଙ୍କ ବ୍ରାଣ୍ଡିଂରେ ସମଗ୍ର ବିଶ୍ୱରେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି ।

ମାର୍ଟିନ୍ ଲୁଥର କିଙ୍ଗ୍ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାରେ ଜନ୍ମିତ ଜଣେ ସଚ୍ଚା ଗାନ୍ଧୀ ମଣିଷ । ସତ୍ୟ ଓ ଅହିଂସା ମାର୍ଗରେ ସେ ଥିଲେ ସମର୍ପିତ ସତ୍ୟାଗ୍ରହୀ । ମାର୍ଟିନ ଲୁଥର କିଙ୍ଗ୍ ଲେଖିଛନ୍ତି ଯେ ଜାପାନରେ ଏହି ତିନି ମାଙ୍କଡ଼ଙ୍କର ଉତ୍ପତ୍ତି

**ଗାନ୍ଧୀ ବିଚାର**

ହୋଇଥିଲେ ମଧ୍ୟ ସେମାନେ ଗାନ୍ଧୀଜୀଙ୍କ ସଂସ୍ପର୍ଶରେ ଆସିବା ପରେ ସାରା ବିଶ୍ୱରେ ବେଶ୍ ପରିଚିତ ଓ ଆଦୃତ ହୋଇଥିଲେ । ଅତି ସରଳ ଭାବରେ ଖରାପ କଥା ଦେଖିବ ନାହିଁ, ଶୁଣିବ ନାହିଁ ଓ କହିବ ନାହିଁ ବୋଲି ଏହି ତିନି ମାଙ୍କଡ଼ ଯେଉଁ ବାଣୀ ଦେଉଛନ୍ତି ତାହା ସହଜରେ ମଣିଷର ମନ ଓ ହୃଦୟରେ ଛାପି ହୋଇ ରହିଯାଉଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତି ପରିବାରରେ ଏହି ତିନି ମାଙ୍କଡ଼ଙ୍କ ପ୍ରତିଛବି କିମ୍ବା ପ୍ରତିମୂର୍ତ୍ତି ରଖି ଛୋଟ ବେଳୁ ପିଲାଙ୍କୁ ଯଦି ଏମାନଙ୍କ ବାଣୀ ସହ ଅଭ୍ୟସ୍ତ କରାଯିବ ତେବେ ବିଶ୍ୱରୁ ଯୁଦ୍ଧ ଭୟ ଦୂର ହେବା ସହ ବହୁ ସମସ୍ୟାର ସରଳ ସମାଧାନ ହୋଇପାରିବ ବୋଲି ମାର୍ଟିନ ଲୁଥର କିଙ୍ଗ୍‌ଙ୍କ ବକ୍ତବ୍ୟ ଏବେ ବି ବେଶ୍ ପ୍ରସାଙ୍ଗିକ ।

"ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ/ଶରୀର ଶ୍ରମ, ଅସ୍ୱାଦ, ସର୍ବତ୍ର ଭୟ ବର୍ଜନ/ ସର୍ବଧର୍ମ ସମାନତ୍ୱ, ସ୍ୱଦେଶୀ, ସ୍ପର୍ଶ ଭାବନା / ବିନମ୍ର ବ୍ରତନିଷ୍ଠାସେ ଯେ ଏକାଦଶ ସେବ୍ୟ ହେଁ ।" ଏହି ଏକାଦଶ ବ୍ରତର ସଫଳ ସାଧକ ଗାନ୍ଧୀଜୀ ତାଙ୍କ ଆଶ୍ରମ ଭଜନର ସର୍ବଧର୍ମ ପ୍ରାର୍ଥନାରେ ସ୍ଥାନ ଦେଇଥିଲେ ଏକ ଜାପାନୀ ବୌଦ୍ଧ ମନ୍ତ୍ର, "ନମ୍ୟୋ ହୋ ରେଙ୍ଗେ କ୍ୟୋ" । ଏହାର ଅର୍ଥ ହେଉଛି ସତ୍ୟ ଧର୍ମର ପ୍ରବର୍ତ୍ତକ ବୁଦ୍ଧଙ୍କୁ ମୁଁ ପ୍ରଣାମ କରୁଛି । ତାଙ୍କ ସହ ପ୍ରାୟ ୪ବର୍ଷ ଧରି ଆଶ୍ରମରେ ରହିଥିବା ଜଣେ ଜାପାନୀ ବୌଦ୍ଧ ଭିକ୍ଷୁଙ୍କ ଠାରୁ ଏହା ପ୍ରାପ୍ତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ବୌଦ୍ଧ ଭିକ୍ଷୁଙ୍କୁ ସେବାଗ୍ରାମ ଆଶ୍ରମରୁ ବ୍ରିଟିଶ ପୋଲିସ ଗିରଫ କରି ନେବା ବେଳେ ସେ ଶାନ୍ତ ମନରେ ଶାନ୍ତିର ଭଜନ ବୋଲି ବୋଲି ଯାଉଥିଲେ । ଅପରିଗ୍ରହୀ ଓ ମିତବ୍ୟୟୀ ଗାନ୍ଧୀଙ୍କର ବ୍ୟକ୍ତିଗତ ଧନ ସମ୍ପତ୍ତି କହିଲେ ବୁଝାଏ କିଛି ଖଦି ବସ୍ତ୍ର, ଅରଟ, ଚଷମା, ହଳେ ଚପଲ, ଗୋଟିଏ ପକେଟ୍ ଘଣ୍ଟା, ଖଣ୍ଡେ ବାଡ଼ି, ଜେଲ୍‌ରୁ ପାଇଥିବା ଥାଳି, ଗିଲାସ, ଗିନା ଓ ଚାମଚ ଆଦି । ଏହାଛଡ଼ା ଗାନ୍ଧୀଜୀଙ୍କର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ଥିଲା ଏହି ତିନି ଦିବ୍ୟ ମାଙ୍କଡ଼ଙ୍କ ମୂର୍ତ୍ତି । ମିଜାରୁ, କିକାଜାରୁ ଓ ଇୱାଜାରୁ ଭଳି ଜାପାନୀ ନାଁରେ ନଡାକି ଭାରତୀୟମାନେ ଏମାନଙ୍କୁ ଗାନ୍ଧୀଜୀଙ୍କ ତିନି ମାଙ୍କଡ଼ ବୋଲି କହି ଆସୁଛନ୍ତି ।

ସତ୍ୟାଗ୍ରହ ସଂଗ୍ରାମରେ ଗାନ୍ଧୀଜୀଙ୍କର ସହ ଆଉ ପଲେ ମାଙ୍କଡ଼ ଥିଲେ । ଏମାନଙ୍କୁ କୁହାଯାଉଥିଲା ବାନର ସେନା । ୧୯୨୦ ଦଶକରେ ଅସହଯୋଗ ଆନ୍ଦୋଳନ ବେଳେ ସେ ଦେଶର ସ୍ୱରାଜ ପ୍ରାପ୍ତି ପାଇଁ ମାତୃଜାତିର ଆଶୀର୍ବାଦ ଭିକ୍ଷା କରି ଯେଉଁ ନିବେଦନ କଲେ ତାହାର ପ୍ରତିକ୍ରିୟା ସ୍ୱରୂପ ସେତେବେଳର ରକ୍ଷଣଶୀଳ ସମାଜ ବ୍ୟବସ୍ଥାର ବନ୍ଧନ ଛିଣ୍ଡାଇ ବହୁ ମହିଳା ମୁକ୍ତି ସଂଗ୍ରାମରେ ସାମିଲ ହେବା ଫଳରେ ଏହି ଆନ୍ଦୋଳନର ଗତି ବଢ଼ିଥିଲା । ଏହା ପରେପରେ କୌଣସି ପ୍ରାପ୍ତିର ପ୍ରତ୍ୟାଶା ନକରି ଛୋଟଛୋଟ ପିଲାମାନେ ସ୍ୱରାଜ ସଂଗ୍ରାମର ଯଜ୍ଞବେଦୀରେ ନିଜକୁ ଆହୂତି ଦେବା ପାଇଁ ଆଗେଇ ଆସିଲେ । ଏହି ସଂଗ୍ରାମୀମାନଙ୍କୁ କୁହାଗଲା ବାନର ସେନା । ଏମାନଙ୍କ ଭିତରୁ କିଏ ବିଦେଶୀ ଲୁଗା ପୋଡ଼ିଲା ତ ଆଉ କିଏ ମଦ ଦୋକାନ ଆଗରେ ପିକେଟିଂ କରି ମାଡ଼ ଖାଇଲା । ଅସହଯୋଗ ଆନ୍ଦୋଳନ ଠାରୁ ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ବହୁ ଛାତ୍ରଛାତ୍ରୀ ସ୍କୁଲ କଲେଜ୍ ଛାଡ଼ି ଦେଶମୁକ୍ତି ଯଜ୍ଞରେ ସାମିଲ ହୋଇଥିଲେ । ଏମାନଙ୍କ ଉପରେ ନିର୍ଦ୍ଦୟ ବ୍ରିଟିଶ ପୋଲିସ ଲାଠି ମାଡ଼ କରୁଥିଲା । ଏମିତିକି ବଣ ଜଙ୍ଗଲରେ ନେଇ ଛାଡ଼ିଦେଇ ଆସୁଥିଲେ । ବେତମାଡ଼ ଖାଇବା ବେଳେ ଏହି ଓଡ଼ିଶାର ବାନର ସେନାମାନେ ସାହସର ସହ ଗାଉଥିଲେ, "ମାର ଯେତେ ବେତ ମାରିବ/ମରଣକୁ ଆମେ ବରଣ କରିଛୁ ତମେ କି ଆମକୁ ପାରିବ ?" କଟକରେ ବାନର ସେନାର ଯେଉଁମାନଙ୍କ ଦେହ ବେତମାଡ଼ରେ ଫାଟି ଯାଉଥିଲା ସେମାନଙ୍କ ସେବା କରୁଥିଲେ ମା'ରମାଦେବୀ, ମାଳତୀ ଚୌଧୁରୀଙ୍କ ଭଳି ଅଗ୍ରଗଣ୍ୟାମାନେ । ମନମୋହନ ଚୌଧୁରୀ, ଅନ୍ନପୂର୍ଣ୍ଣା, କରୁଣା, ଉତ୍ତରା, ବୈକୁଣ୍ଠନାଥ ମହାନ୍ତି, ପୁରୁଷୋତ୍ତମ ସିଂହ, ବିନୋଦ କାନୁନ୍‌ଗୋଙ୍କ ଭଳି ବାନର ସେନାମାନେ ଯେଉଁଭଳି କାମ କରିଯାଇଛନ୍ତି ତାହା ଇତିହାସର ରୋମାଞ୍ଚକର ଅଧ୍ୟାୟ । କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ରଚନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମ ସ୍ୱରାଜ ଆଣିବା ପାଇଁ ବି ଏହି ବାନର ସେନା ସଂକଳ୍ପବଦ୍ଧ ହୋଇ କାମ କରୁଥିଲା । ଗଡ଼ଜାତ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଗଢ଼ା ଯାଇଥିବା ମରଣ ସେନାରେ ଅନେକ ଛୋଟ ପିଲା ସାମିଲ ଥିଲେ । ଢେଙ୍କାନାଳ ଗଡ଼ଜାତର ନୀଳକଣ୍ଠପୁର ନଦୀ ଘାଟ ଓ ଭୁବନ ଗାଁରେ ପୁଲିସ ଗୁଳିରେ ଶହୀଦ ହୋଇଥିବା ୬ଜଣଙ୍କ ଭିତରେ ଥିବା ୧୨ବର୍ଷର ଶିଶୁ ବାଜି ରାଉତଙ୍କୁ ସୁଯୋଗ ମିଳିଥିଲା ଦେଶର ସର୍ବ କନିଷ୍ଠ ଶହୀଦର ମାନ୍ୟତା ହାସଲ କରିବାକୁ ।

ସ୍ୱାଧୀନତାର ୭୫ବର୍ଷ ଠାରୁ ୧୦୦ ବର୍ଷ ପର୍ଯ୍ୟନ୍ତ କାଳଖଣ୍ଡକୁ ଅମୃତ ବେଳା ବୋଲି କୁହାଯାଉଛି । ତେବେ ସତ୍ୟ, ଅହିଂସା, ସେବା, ସ୍ନେହ, ପ୍ରେମ, ତ୍ୟାଗ, ଭାଇଚାରା, ସମର୍ପଣ ଆଦିର ସଦ୍‌ଭାବନା ପରିବର୍ତ୍ତେ ହିଂସା, ମିଥ୍ୟା, ଘୃଣା, ଦ୍ୱେଷ, ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି, ଶୋଷଣ, ଲୁଣ୍ଠନ, ଅପରାଧ ଆଦି ବଢ଼ି ଚାଲୁଥିବାରୁ ଆମ କଷ୍ଟଲବ୍ଧ ସ୍ୱାଧୀନତା ଉପରେ କଳା ବାଦଲ ଘୋଟୁଥିବା ବେଳେ ସମଗ୍ର ବିଶ୍ୱ ବି ଯୁଦ୍ଧ ଭୟରେ ଆତଙ୍କିତ । ଏହି ପୃଷ୍ଠଭୂମିରେ ବିଷ ବଳୟରୁ ମୁକ୍ତି ସହିତ ପୁଣି ଅମୃତମୟ ବାତାବରଣ ସୃଷ୍ଟି ଲାଗି ଲୋଡ଼ା ପଡୁଛନ୍ତି ଗାନ୍ଧୀଜୀଙ୍କ ତିନି ମାଙ୍କଡ଼ ସମେତ ସମର୍ପିତ ବାନର ସେନାମାନଙ୍କର । ଗାନ୍ଧୀଜୀଙ୍କ ଜୀବନ ଥିଲା ସତ୍ୟର ନିରନ୍ତର ପ୍ରୟୋଗଶାଳା । ଏହି ପ୍ରୟୋଗଶାଳାରେ ସେ ନୂଆ ନୂଆ ତତ୍ତ୍ୱମାନ ପାଉଥିଲେ ଏବଂ ତାହାକୁ ମଣିଷ ସମାଜର କଲ୍ୟାଣ ପାଇଁ ପ୍ରୟୋଗ କରୁଥିଲେ । ଏଥିପାଇଁ ତାଙ୍କ ବିଚାର ବି ବଦଳୁଥିଲା । ପ୍ରଥମେ ସେ କହୁଥିଲେ, ଈଶ୍ୱର ହିଁ ସତ୍ୟ । ପରବର୍ତ୍ତୀ ସମୟରେ ସେ ଏହା ବଦଳାଇ କହିଲେ, ସତ୍ୟ ହିଁ ଈଶ୍ୱର । ଏବେ ଯେଉଁଭଳି ଖରାପ ଚିନ୍ତା ଓ ଖରାପ କାମ ବଢୁଛି ସେ ପରିପ୍ରେକ୍ଷୀରେ ଖରାପ ଚିନ୍ତା କରିବ ନାହିଁ ଓ ଖରାପ କାମ କରିବ ନାହିଁ ଅଧିକ ପ୍ରାସଙ୍ଗିକ । ତେଣୁ ଏହି ତିନି ମାଙ୍କଡ଼ଙ୍କ ସହିତ ଆଉ ଦୁଇ ମାଙ୍କଡ଼ଙ୍କର ଆବଶ୍ୟକତା ପଡୁଛି । କେବଳ ୩ କିମ୍ବା ୫ଟି ମାଙ୍କଡ଼ଙ୍କ ଛବି ଅଥବା ପ୍ରତିମୂର୍ତ୍ତୀ ରଖିଦେଲେ କିମ୍ବା ତାହା ଉପରେ ଭାଷଣବାଜି କଲେ କିଛି ଲାଭ ହେବ ନାହିଁ । ଏହି ମାଙ୍କଡ଼ଗୁଡ଼ିକ ଯେଉଁସବୁ ତତ୍ତ୍ୱକୁ ସୂଚାଉଛନ୍ତି ତାହାକୁ ବ୍ୟକ୍ତି ଓ ରାଷ୍ଟ୍ର ଜୀବନରେ ପ୍ରୟୋଗ କରାଯାଇପାରିଲେ ଅମୃତ ବର୍ଷା ହେବ ହିଁ ହେବ । ତେବେ ଏଥିଲାଗି ଆବଶ୍ୟକ ପଡୁଛି କିଛି ସଂକଳ୍ପବଦ୍ଧ ସାଧକଙ୍କର ଯେଉଁମାନେ ସ୍ରୋତର ପ୍ରତିକୂଳ ଦିଗରେ ସନ୍ତରଣ କରି କଷ୍ଟଲବ୍ଧ ସ୍ୱରାଜକୁ ସ୍ୱର୍ଗ ରାଜ୍ୟରେ ପରିଣତ କରିପାରିବେ । ହଜାର ହଜାର ଶହୀଦଙ୍କ ବଳିଦାନ ଓ ଲକ୍ଷଲକ୍ଷ ସତ୍ୟାଗ୍ରହୀଙ୍କ କାରା ଓ ନିର୍ଯାତନା ବରଣ ପୃଷ୍ଠଭୂମିରେ ଆମେ ଯେଉଁ ସ୍ୱରାଜ ପାଇଛୁ ତାହାକୁ ସମୃଦ୍ଧ ଓ ସୁରକ୍ଷିତ କରି ରଖିବା ଲାଗି ଏହି ତିନି ମାଙ୍କଡ଼ଙ୍କ ଅମୃତ ତତ୍ତ୍ୱ ଆମ ସମସ୍ତଙ୍କୁ ଏବେବି ଡାକିଡାକି ଚେତାଇ ଦେଉଛି ।

# ଲଫାପା'ର ଲୁହ




ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭


ଉଦୁଉଦିଆ ଖରାବେଳେ ସାଇକେଲ ବେଲ୍‌କୁ – କ୍ରିଂ..କ୍ରିଂ ବଜାଇ ଡାକବାଲା ଡାକେ ଚିଠି ଆସିଛି ଚିଠି ... ଚିଠି, ଡାକଶୁଣି ଘରୁ ବାହାରିଆସି ଡାକବାଲାଙ୍କ ହାତରୁ ଲଫାପା ନେବାବେଳେ ମନରେ ବଢ଼ିଯାଏ ଆବେଗ ଓ ଉତ୍କଣ୍ଠା । ଏବେ ନା ଅଛି ସେ ସାଇକେଲ୍ ବେଲ୍, ନା ଡାକବାଲା, ନା ସେ ଡାକ 'ଚିଠି ଆସିଛି ଚିଠି' ।

କାଗଜ ଉପରେ କଲମରେ ଲେଖାଯାଇଥିବା ଚିଠି କେବଳ ଚିଠି ନୁହେଁ, ସମୟର ଦସ୍ତାବିଜ । ଯେଉଁଥିରେ ପ୍ରେମ, ଯନ୍ତ୍ରଣା, ଅନ୍ତରଙ୍ଗତା, ସ୍ମୃତି, ଆଶା, ବିଚ୍ଛେଦର ଦୁଃଖ, ସାକ୍ଷାତର ଆଶା, ସମସାମୟିକ ଲୋକ ସଂସ୍କୃତି ଭଳି ସବୁକିଛି ଥାଏ । ପ୍ରତ୍ୟେକ ଶବ୍ଦରେ ହଜାର ହଜାର ଭାବନା ବନ୍ଧା । ଦୂର ଦେଶରେ ରହୁଥିବା ପ୍ରିୟଜନଙ୍କ ଚିଠି ପଢ଼ିବା ସମୟରେ ଲାଗୁଥିଲା ସତେ ଯେପରି ସେମାନେ ସାମ୍ନାରେ ବସି ଆମ ସହିତ କଥା ହେଉଛନ୍ତି । ସେଥିପାଇଁ ନବବିବାହିତ ବଧୂମାନେ ବିଦେଶ ଯାଇଥିବା ପ୍ରିୟମାନଙ୍କ ଏବଂ ପ୍ରେମିକାମାନେ ସେମାନଙ୍କ ପ୍ରେମିକମାନଙ୍କ ଚିଠି ଗୁପ୍ତ ଭାବରେ ବାରମ୍ବାର ପଢୁଥିଲେ । ଯାହାଦ୍ୱାରା ଚିଠିରେ ଲେଖାଥିବା ସେମାନଙ୍କ ଗୁପ୍ତ ସାକ୍ଷାତର ଉତ୍ସାହ କେହି ଦେଖିପାରିବେ ନାହିଁ । ପୂର୍ବ ପିଢ଼ି ଜାଣିପାରିବେ ଯେ ଚିଠି ଅପେକ୍ଷାରେ କେତେ ନିଶା, କେତେ ରୋମାଞ୍ଚ ଏବଂ କେତେ ଆଗ୍ରହ । ଯେତେବେଳେ ଚିଠିଟିଏ ହାତରେ ଥାଏ, ସେତେବେଳେ ଅତ୍ୟଧିକ ଉତ୍ସାହରେ ଶରୀର ହାଲୁକା ହୋଇ ଆକାଶରେ ଭାସିବାକୁ ଲାଗେ । ଏହା ହେଉଛି ଚିଠି ଲେଖିବାର ଯାଦୁ ଏବଂ ଏହାକୁ ପାଇବାର ଆନନ୍ଦ । ହେଲେ ଦୁଃଖଦ, ମୋବାଇଲ୍ ଯୁଗରେ ଜନ୍ମ ହୋଇଥିବା ପିଢ଼ି କେବେ ଏହି ଯାଦୁକରୀ ଆନନ୍ଦ ଅନୁଭବ କରିପାରିଲେ ନାହିଁ ।

ଚିଠିରେ ହୃଦୟର କଥା ଲେଖାହୋଇ, ସ୍ମୃତିରେ ଗଭୀର ଭାବରେ ମୁଦ୍ରିତ ହୋଇଯାଏ । ଏହା 'ଚାଟ୍ ବାକ୍ସ'ରେ ଲେଖା ଅପେକ୍ଷା ବହୁତ ସ୍ଥାୟୀ ଏବଂ ପ୍ରଭାବଶାଳୀ ।

ହାତଲେଖା ପତ୍ର ମନକୁ ପ୍ରଭାବିତ କରେ । କାଗଜ କଲମ ଧରି ସଂଗଠିତ ଭାବରେ ଲେଖିବାକୁ ବସିବା ମାତ୍ରେ, ମନ ମଧ୍ୟ ନିଜ ଭିତରେ ଲେଖାଯାଉଥିବା ଜିନିଷକୁ ସଂଗଠିତ କରେ । ନୂତନ ପ୍ରଯୁକ୍ତିବିଦ୍ୟା ବଳରେ ଲେଖିବାରୁ ବିରତି ନେଇ ଆମେ ଖୁସି ଅନୁଭବ କରୁଛନ୍ତି । ଏହି ଛୁଟିର କିଛି ଲାଭ ଗଣନା କରାଯାଇପାରେ କିନ୍ତୁ ଦେଖାଯାଉଛି ଏହି ଛୁଟି ଆମକୁ ଭାବନାରୁ ଦୂରେଇ ନେଉଛି । ଲଫାପା'ରେ ଲେଖା ମାନନୀୟ, ସମ୍ମାନ, ଶ୍ରଦ୍ଧେୟ, ସ୍ନେହର, ପ୍ରିୟ, ଶେଷରେ ଇତି ତୁମର ... ଇତ୍ୟାଦି ଶବ୍ଦ ସଂଯୋଜନା ପରକୁ ଆପଣେଇବାର ଭାବ ସୃଷ୍ଟି କରୁଥିଲା । ଚିଠିପଢ଼ାରେ ଶବ୍ଦର ଉଚ୍ଚାରଣ ଶୁଣି ଅପେକ୍ଷାରତ ବ୍ୟକ୍ତି କୃତ୍ୟକୃତ୍ୟ ହୋଇପଡୁଥିଲେ । କାହାରି ମୁହଁରେ ହସ ତ କାହାର ଆଖି ଲୁହ ଛଳଛଳ ହୋଇପଡୁଥିଲା । ପୁଣି କିଏ ଅଭିମାନରେ ଲାଜେଇ ଯାଉଥିଲା । ଚିଠି କେତେ ନୀରବ ଗୋପନ ପରଶ ଘେନିଆସେ ତାହା ସେଇ ଚିଠିରୁ ହିଁ ଜଣାପଡ଼େ । ଏହିସବୁ ଭାବନା କ'ଣ ହ୍ୱାଟ୍ସଆପ୍ ମେସେଜରେ ପୂରଣ କରିପାରୁଛନ୍ତି ? ଡିଜିଟାଲ୍ ସନ୍ଦେଶ ଯେତେ ଶୀଘ୍ର ଲେଖାଯାଏ ମେସେଜଗୁଡ଼ିକର ପ୍ରଭାବ ସେତେ ଶୀଘ୍ର କମିଯାଏ । ହାତଲେଖା ଚିଠିର ଗୁରୁତ୍ୱ ବିଷୟରେ କହିବାକୁ ଗଲେ, ମହାନ ବ୍ୟକ୍ତିଙ୍କ ଚିଠିକୁ ଏବେ ବି ଦେଶର ଐତିହ୍ୟ ଭାବରେ ବିବେଚନା କରାଯାଏ । ସେଗୁଡ଼ିକ ଉପରେ ଅଧ୍ୟୟନ ଏବଂ ଚିନ୍ତନ ହୁଏ । ଯଦି ଜଣେ ମହାନ ବ୍ୟକ୍ତି ଜଣେ ସାଧାରଣ ଲୋକଙ୍କୁ ଚିଠି ଲେଖନ୍ତି, ତେବେ ସେହି ଚିଠି ଅମୂଲ୍ୟ ସମ୍ପତ୍ତିର ଏକ ଅଂଶ ପାଲଟେ । ମେସିନ୍ ଶବ୍ଦରେ ଜୀବନ୍ତ ଭାବନାର ଅଭାବ ରହିଛି । ଜବାହରଲାଲ ନେହେରୁ ଝିଅ ଇନ୍ଦିରା ଗାନ୍ଧୀଙ୍କୁ ଯେଉଁ ଚିଠି ଲେଖିଥିଲେ ତାହା କେବଳ ଏକ ସମୟର ଇତିହାସ ନୁହେଁ, ବରଂ ଭବିଷ୍ୟତ ପାଇଁ ଏକ ଟ୍ରଷ୍ଟ ମଧ୍ୟ ହୋଇଯାଇଥିଲା । ଆଜି ଡିଜିଟାଲ ଯୁଗରେ ଚିଠିର ତଳେ ଥିବା ଦସ୍ତଖତକୁ ଦେଖି ଆମକୁ ସନ୍ତୁଷ୍ଟ ହେବାକୁ ପଡ଼େ ।

ନବେ ଦଶକରେ ଟିଭି ଏବଂ ରେଡିଓରେ ଅନେକ କାର୍ଯ୍ୟକ୍ରମ ଥିଲା ଯେଉଁଥିରେ ଦର୍ଶକ ଏବଂ ଶ୍ରୋତାଙ୍କ ଠାରୁ ଚିଠି ମାଗୁଥିଲେ । ସୁରଭି କାର୍ଯ୍ୟକ୍ରମରେ ଉପସ୍ଥାପକଙ୍କ ପଛରେ ଥିବା ଚିଠିର ଗଦାକୁ କିଏ ଭୁଲିପାରିବ । ରେଡିଓରେ ଅନୁରୋଧିତ ଗୀତ ପାଇଁ ଚିଠି ଲେଖି, ଶ୍ରୋତାଟିଏ କାର୍ଯ୍ୟକ୍ରମ ଏବଂ ଉପସ୍ଥାପକଙ୍କ ପ୍ରତି ନିଜର ସ୍ନେହ ପ୍ରକାଶ କରୁଥିଲେ । ସୁନ୍ଦର ଏବଂ ମିଠା ଶବ୍ଦ ସବୁ ପଢ଼ିବା ସମୟରେ, ରେଡିଓ ଆଙ୍କରମାନେ ଆନନ୍ଦିତ ହୁଅନ୍ତି । ଡାଏରୀ ମଧ୍ୟ ନିଜକୁ ଲେଖାଯାଇଥିବା ଏକ ପ୍ରକାରର ଚିଠି । ଲେଖକ ଏହି ଚିଠିରେ ନିଜ ଜୀବନର ପ୍ରତ୍ୟେକଟି କ୍ଷଣ ଆଲୋକ, ସନ୍ଧ୍ୟାର ଅନ୍ଧାର, ସୂର୍ଯ୍ୟ, ଚନ୍ଦ୍ର, ସମୟ, ଯନ୍ତ୍ରଣା, ବନ୍ଧୁ, ଶତ୍ରୁ ଏବଂ ଦୃଷ୍ଟିକୁ ଆସୁଥିବା ସବୁକିଛି ଲେଖି ଦିଅନ୍ତି । ଯେପରି ସମସ୍ତେ ଜୀବିତ ଅଛନ୍ତି ଏବଂ ସାଙ୍ଗରେ ଚାଲୁଛନ୍ତି । ଏହା ହେଉଛି ଚିଠିର ଶକ୍ତି । ଯଦି ଚିଠିରେ ଲେଖାଯାଇଥିବା ଭାବନାର ଶକ୍ତିକୁ ବୁଝିବାକୁ ଚାହାଁନ୍ତି, ତେବେ 'ନାମ୍' ଫିଲ୍ମର ସେହି ଗଜଲ ଶୁଣିବା ଉଚିତ – ଚିଠି ଆୟୀ ହୈ, ଆୟୀ ହୈ ଚିଠି ଆୟୀ ହୈ । ଏହି ଗଜଲ ଗାଇବା ସମୟରେ ପଙ୍କଜ ଉଧାସ ଅନେକ ଥର କାନ୍ଦିଥିଲେ । ଆଜି ସବୁଠି ଡିଜିଟାଲ ମିଡିଆର କୋଳାହଳ, ଭିଡିଓ ଏବଂ ରିଲର ପ୍ରଦର୍ଶନ । ସତେ ଯେପରି ଡିଜିଟାଲ ଭୂମିରେ ଭାବନାର ଦୁର୍ଭିକ୍ଷ ଏବଂ ଠକେଇର ବନ୍ୟା ପରିସ୍ଥିତି । ହ୍ୱାଟ୍ସଆପ୍, ଚାଟବକ୍ସ, ଇମେଲ୍ ର ମେସେଜଗୁଡ଼ିକୁ ପଢ଼ି ପଢ଼ି ଚକ୍ଷୁ କ୍ଲାନ୍ତ ହୋଇଗଲାଣି, ଇଚ୍ଛା ହୁଏ ଭାବନାରେ ପରିପୂର୍ଣ୍ଣ, ସମ୍ଭାବନାରେ ସଜ୍ଜିତ, ସ୍ନେହରେ ଲେଖା ଚିଠିଟିଏ । କାମନା କରୁଛି କଲମରେ କାଗଜରେ ଚିଠି ଲେଖିବାର ଧାରା ପୁଣି ଥରେ ଫେରି ଆସିବ । ଇତି ତୁମର...

# ମହାଜ୍ୟୋତିର୍ମୟ ଚକ୍ରନାରାୟଣ ନୀଳଚକ୍ର




ସୌର ଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୦୦୪୪୬୬


ନୀଳଚକ୍ର, ନୀଳଗିରି, ନୀଳଶୈଳ, ନୀଳକନ୍ଦର, ନୀଳସିନ୍ଧୁ ଆଦି ଦେବତା ନୀଳମାଧବ ସବୁ ନୀଳ ପୁଣ୍ୟ ନୀଳାଚଳ ଧାମରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତୀକ । ନୀଳଚକ୍ର ପ୍ରକାରାନ୍ତ ଦେବାୟୁଧ ସୁଦର୍ଶନ । ନୀଳଚକ୍ର ପତିତପାବନ ବାନାର ଧାରକ । ନୀଳଚକ୍ର ହିଁ ଚକ୍ର ନାରାୟଣ । ଭକ୍ତ ଓ ଭଗବାନଙ୍କ ମିଳନର ସୂତ୍ରଧର ଭାବେ ଶ୍ରୀଜଗନ୍ନାଥ ସଂସ୍କୃତିରେ ନୀଳଚକ୍ରର ଏକ ବିଶେଷ ସ୍ଥାନ ରହିଛି । ପୁରୁଷୋତ୍ତମ କ୍ଷେତ୍ରକୁ ଆସୁଥିବା ଅଗଣିତ ଭକ୍ତମାନେ ବହୁ ଦୂରରୁ ସର୍ବ ପ୍ରଥମେ ମନ୍ଦିର ଚୂଡ଼ାରୁ ନୀଳଚକ୍ରଙ୍କୁ ଦେଖି ଭକ୍ତିପୂର୍ଣ୍ଣ ନୈବେଦ୍ୟ ଅର୍ପଣ କରି ପ୍ରଭୁଙ୍କ ଦର୍ଶନ ସୁଖ ପାଇଥାନ୍ତି । ରତ୍ନ ସିଂହାସନ ଉପରେ ଆସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପୂର୍ବରୁ ଭକ୍ତଗଣ ପ୍ରଥମେ ଚକ୍ରରାଜଙ୍କୁ ନିଜ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରିଥାନ୍ତି ।

ସନ୍ଥ କବି କବୀର ଦାସ ଶ୍ରୀମନ୍ଦିର ଶୀର୍ଷରେ ନୀଳଚକ୍ର ଓ ପତିତପାବନ ବାନାକୁ ଦେଖି ଆନନ୍ଦରେ ବିଭୋର ହୋଇ ଗାଇ ଉଠିଥିଲେ, ଚକ୍ର ଉପର ଧ୍ୱଜ ଫହରେ, ମାଥ ସୋହତ ହୀରା ହରି ଆଗେ ଦାସ ନାଚେ, କହତ ଦାସ କବୀର । ଶ୍ରୀଜଗନ୍ନାଥଙ୍କ ଶକ୍ତି ଓ ସାମର୍ଥ୍ୟର ପ୍ରତୀକ ଚକ୍ରରାଜ । ରୁକବେଦ ଚକ୍ରକୁ ଚିତ୍ରିତ କରେ ସୂର୍ଯ୍ୟ ଓ ସମୟ ଭାବରେ । ଚକ୍ରର ଆଦି ନାହିଁ, ଅନ୍ତ ନାହିଁ ଏବଂ ଏହାର ମୂଲ୍ୟ ଅପରିସୀମା । ଏହା ଅନ୍ତଃ କରଣର ଏକ ଉଚ୍ଛାସ, ପୂର୍ଣ୍ଣତାର ପ୍ରତିବିମ୍ବ, କ୍ରମନ୍ୱୟର ଧାରା ଓ ପ୍ରଗତିର ସଂକେତ ।

ନୀଳଚକ୍ର ବିଷ୍ଣୁଙ୍କର, ବାସୁଦେବଙ୍କର ଓ ଜଗନ୍ନାଥଙ୍କର ଆୟୁଧ ରୂପେ ଗ୍ରହଣ କରାଯାଏ । ଶ୍ରୀମନ୍ଦିରର ଚୂଡ଼ା ଉପରେ ନୀଳଚକ୍ର ଅଛି । ନୀଳାମ୍ବରଧର-ବିଷ୍ଣୁ ବା ନୀଳକାନ୍ତି ବିଗ୍ରହଙ୍କର ଚକ୍ର ମଧ୍ୟ ନୀଳ ଅଟେ । ଶାସନକାଳକୁ ଉତ୍ତମ ରୂପେ ଘୁରାଇ ପାରିଲେ ବା ପରିଚାଳନା କଲେ, ସ୍ୱୟଂ ବିଷ୍ଣୁ ସନ୍ତୁଷ୍ଟ ହୁଅନ୍ତି । ଏଣୁ ଶାସ୍ତ୍ର କହନ୍ତି – 'ଚକ୍ରସେବ୍ୟଂ ନୃପସେବ୍ୟଂ ନ ସେବ୍ୟଂ ନୃପକେବଳମ୍ ।' ନୀଳଚକ୍ର ଉପରେ ପତାକା ବା ବାନା ବା ଧ୍ୱଜ ଉଡୁଛି । ପଶମ ବା ପାଟବସ୍ତ୍ରର କନାକୁ ଭିତର ପୋଖରିଆ ପାଦୁକ କୁଣ୍ଡରେ ବୁଡ଼ାଇ ଯାତ୍ରୀମାନେ ଶ୍ରୀଜଗନ୍ନାଥଙ୍କ ଠାରେ ଅର୍ପଣ କରନ୍ତି ଓ ଉକ୍ତ ଦାନା ମହୋଦଧି ଆଡ଼କୁ ଉଡାଇବାର ନିୟମ ଅଛି । ନୀଳଚକ୍ରକୁ ଦର୍ଶନ କଲାମାତ୍ରେ, ବିପଦରୁ ରକ୍ଷାମିଳେ ଓ ମୁକ୍ତିଲାଭ ହୁଏ । ନୀଳଚକ୍ରକୁ 'ଉହାଡ଼' ବା ରକ୍ଷାକବଚ ମଧ୍ୟ କୁହନ୍ତି ।

ନୀଳଚକ୍ରଙ୍କର ଏକ ବିଶେଷତ୍ୱ ହେଉଛି ଦିନର ବିଭିନ୍ନ ସମୟରେ ଏହାଙ୍କର ରଙ୍ଗର ପରିବର୍ତ୍ତନ । ପ୍ରାତଃ କାଳରେ ସୂର୍ଯ୍ୟୋଦୟ ସମୟରେ ଏହାଙ୍କର ବର୍ଣ୍ଣ ଶ୍ୱେତ ହେବାବେଳେ ଦିବସର ଅଗ୍ରଗତି ସହିତ ଏହା କ୍ରମଶଃ ଅଧିକରୁ ଅଧିକ ନୀଳବର୍ଣ୍ଣ ହୋଇ ସୂର୍ଯ୍ୟାସ୍ତ ସମୟକୁ ଆକାଶର ଲୋହିତ ରଙ୍ଗ ନୀଳଚକ୍ରର ଗାଢ଼ ନୀଳ ରଙ୍ଗ ସହ ମିଶି ଅନିର୍ବଚନୀୟ ଶୋଭା ଧାରଣ କରେ । ନୀଳଚକ୍ରରେ ସଂଯୁକ୍ତ ପତାକାକୁ ପତିତପାବନ ବାନା କୁହାଯାଇଥାଏ । ଏହାର ପ୍ରତୀକାତ୍ମକ ଅର୍ଥ ହେଉଛି ପତିତ ଜନଗଣଙ୍କୁ ଉଦ୍ଧାର କରିବା ପାଇଁ ଶ୍ରୀଜଗନ୍ନାଥ ଚେତନା ଏହା ବାହ୍ୟ ପରିପ୍ରକାଶ । ଏହି ବାନା ପ୍ରତିଦିନ ସନ୍ଧ୍ୟାରେ ପରିବର୍ତ୍ତିତ ହୋଇଥାଏ । ବର୍ତ୍ତମାନ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପରାମର୍ଶ ଅନୁସାରେ ନୀଳଚକ୍ର ଓ ମନ୍ଦିର ଶୀର୍ଷଭାଗର ସୁରକ୍ଷା ଦୃଷ୍ଟିରୁ ବାନାର ଦୈର୍ଘ୍ୟ ୧୪ ଫୁଟରୁ ଅଧିକ ହେଉନାହିଁ ।

ଶ୍ରୀଜଗନ୍ନାଥ ସଂସ୍କୃତିର ବହୁମୁଖୀ ବିଚାରଧାରାକୁ ଦର୍ଶାଉଥିବା ସାମ୍ୟ, ମୈତ୍ରୀ, ସଂହତିର ପ୍ରତୀକ ପତିତପାବନ ବାନା ଏବଂ ମହାଜ୍ୟୋତିର୍ମୟ ଚକ୍ରନାରାୟଣ ନୀଳଚକ୍ର ଆଜି ମଧ୍ୟ ପତିତ ଜନତା ଏବଂ ପରଂବ୍ରହ୍ମଙ୍କ ମଧ୍ୟରେ ସଂଯୋଗର ସେତୁ ରୂପରେ ଶ୍ରୀପୁରୁଷୋତ୍ତମ ଧାମରେ ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି । ସ୍ୱାଭିମାନ ଓ ଗୌରବର ପ୍ରତୀକ, ସାହାସ ଓ ବୀରତ୍ୱର ପ୍ରତୀକ, ଭକ୍ତି ଓ ସମର୍ପଣର ପ୍ରତୀକ, ଶୌର୍ଯ୍ୟ ଓ ବୀର୍ଯ୍ୟର ପ୍ରତୀକ, ପ୍ରୀତି ଓ ମୈତ୍ରୀର ପ୍ରତୀକ, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣତାର ପ୍ରତୀକ, ଦୁଷ୍ଟ ବିନାଶନ ଓ ପାପ ସଂହାରଣର ପ୍ରତୀକ ଏବଂ ସର୍ବୋପରି ଜଗତର ନାଥ ଜଗନ୍ନାଥ ଦର୍ଶନର ପରିପୂର୍ଣ୍ଣତାର ପ୍ରତୀକ ଶ୍ରୀନୀଳଚକ୍ର । ଶ୍ରୀଜଗନ୍ନାଥଙ୍କ ପ୍ରିୟ ନୀଳଚକ୍ର ପତିତପାବନ ବାନା ଦର୍ଶନରେ ହିଁ ପରମ ତୃପ୍ତି ଓ ଶାନ୍ତି ମିଳେ ।

# ଶ୍ରୀ ଜଗନ୍ନାଥଙ୍କ କରୁଣା




ପ୍ରଭାତ କୁମାର ମହାପାତ୍ର
ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ,
ମୋ: ୭୮୯୪୦୦୫୪୫୫


ଓଡ଼ିଶାର ମଉଡମଣି ଶ୍ରୀଜଗନ୍ନାଥ । ତାଙ୍କ କରୁଣାରେ ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ପରିଚାଳିତ । ତାଙ୍କ ଲୀଳାର ପଟାନ୍ତର ନାହିଁ । ଗୀତଗୋବିନ୍ଦର ମହାକବି ଜୟଦେବ ଏକଦା ଶ୍ରୀ ଜଗନ୍ନାଥଙ୍କ ଗୀତ ଗାନ କରି କରି ଯାତ୍ରାରେ ଭ୍ରମଣ କରୁଥିବା ସମୟରେ ଜଣେ ରାଜା ତାଙ୍କର ଉପଦେଶବାଣୀ ତଥା ଶ୍ରୀଜଗନ୍ନାଥଙ୍କ ମହିମା ଶୁଣି ବିଶେଷ ରୂପେ ପ୍ରଭାବିତ ହୋଇ ତାଙ୍କୁ ଅନେକ ଦାନ ଦକ୍ଷିଣା ପ୍ରଦାନ କଲେ । ଜୟଦେବ ଖୁସି ମନରେ ଗ୍ରହଣ କରି ଶ୍ରୀ ଜଗନ୍ନାଥଙ୍କ ଗୀତ ଗାନ କରି ସେଠାରୁ ଫେରିବା ବାଟରେ କିଛି ଚୋର ତାଙ୍କ ଠାରୁ ରାଜା ପ୍ରଦାନ କରିଥିବା ସମସ୍ତ ଧନ ରତ୍ନ ସବୁ କିଛି ଛଡେଇ ନେଇ ଧରା ପଡ଼ିବା ଭୟରେ ଜୟଦେବଙ୍କ ହାତ ଗୋଡ ବାନ୍ଧି ତାଙ୍କୁ ଅକଥନୀୟ ଅତ୍ୟାଚାର କରି ଏକ କୂଅରେ ପକେଇ ଦେଇ ଚାଲିଗଲେ । କିନ୍ତୁ କଥାରେ ଅଛି, ରଖେ ହରି ମାରେ କିଏ, ମାରେ ହରି ରଖେ କିଏ ! ! ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ସେହି କୂଅଟି ଶୁଖିଲାଥିବାରୁ ସେ ନୂଆ ଜୀବନ ପାଇଲେ । ଜୟଦେବ ଏସବୁ ଶ୍ରୀଜଗନ୍ନାଥଙ୍କ ଲୀଳା ବୋଲି ଜାଣିପାରି ସେହି କୂଅ ଭିତରେ ହିଁ ମଧୁର ସ୍ୱରରେ ଜଗନ୍ନାଥଙ୍କ ଭଜନ ଗାନ କରିବାକୁ ଆରମ୍ଭ କରି ଦେଲେ । ସଂଯୋଗ ବଶତଃ ସେହି ସମୟରେ ରାଜା ଗନ୍ଧର୍ବ ସେନ ସେଇ ମାର୍ଗ ଦେଇ ଯାଉଥିଲେ । ହଠାତ୍ ସେହି ମଧୁର ଲଳିତ ସ୍ୱର ଶୁଣି ସେ ସେଠାରେ ଅଟକି ଗଲେ । ନିକଟକୁ ଯାଇ ଦେଖିଲେ ଯେ, ସେଠାରେ ମହାକବି ଜୟଦେବ ଶ୍ରୀଜଗନ୍ନାଥଙ୍କ ଭଜନ ଅତି ଭକ୍ତି ଭାବରେ ଗାନ କରୁଛନ୍ତି । ରାଜା ଗନ୍ଧର୍ବ ସେନ ସୈନ୍ୟମାନଙ୍କୁ ଡକାଇ ଜୟଦେବଙ୍କୁ କୂଅ ଭିତରୁ ବାହାରକରି ନିଜ ରାଜଧାନୀକୁ ନେଇଗଲେ । ଜୟଦେବଙ୍କ ବିଦ୍ୱତ୍ତା ତଥା ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ଭାବ ଦେଖି ଏତେ ପ୍ରଭାବିତ ହେଲେ ଯେ, ନିଜ ପଞ୍ଚ ସଭାରେ ପ୍ରଧାନ ସେବକ ଭାବେ ନିଯୁକ୍ତି କରି ଦେଲେ । ଏମିତି କିଛିଦିନ ଯିବା ପରେ ଦିନେ ରାଜା ଗନ୍ଧର୍ବ ସେନ ଏକ ଉତ୍ସବରେ ଭୀକ୍ଷୁମାନଙ୍କ ଲାଗି ଭୋଜନର ଆୟୋଜନ କଲେ । ଏହା ଶୁଣି ଅନେକ ଭୁକ୍ଷୁ ଆସି ଉପସ୍ଥିତ ହୋଇ ପରମାନନ୍ଦ ଲାଭ କଲେ । ଏହି ଭୋଜନ କଥା ସେହି ଚୋରମାନେ ମଧ୍ୟ ଜାଣିପାରି ବ୍ରାହ୍ମଣ ବେଶ ଧରି ସେଠାରେ ଉପସ୍ଥିତ ହେଲେ । କିନ୍ତୁ ପହଞ୍ଚିବା କ୍ଷଣି ସେଠାରେ ଜୟଦେବ ଥିବା ଜାଣି ତାଙ୍କ ପିଳେହି ପାଣି ହୋଇ ଗଲା । ଇତିମଧ୍ୟରେ ଜୟଦେବଙ୍କ ମଧ୍ୟ ସେହି ଚୋରମାନଙ୍କ ଉପରେ ଦୃଷ୍ଟି ନିକ୍ଷେପ ହେଲା । ସେ ରାଜାଙ୍କୁ କହି ଚୋର ରୁପି ବ୍ରାହ୍ମଣମାନଙ୍କୁ ଅଧିକ ଦାନ ଦକ୍ଷିଣା ଦେବା ପାଇଁ ଅନୁରୋଧ କଲେ । ରାଜା ଗନ୍ଧର୍ବ ସେନ ମଧ୍ୟ ଜୟଦେବଙ୍କ କଥା ରଖି ଅଧିକ ଦକ୍ଷିଣା ଦେବା ସହ ସସମ୍ମାନ ପହଞ୍ଚାଇବା ପାଇଁ ସୈନ୍ୟମାନଙ୍କୁ ଆଦେଶ ଦେଲେ । ଯିବା ବାଟରେ ସେହି ସୈନ୍ୟମାନେ ପ୍ରଧାନ ସେବକଙ୍କୁ କିଭଳି ଜାଣନ୍ତି ବୋଲି ବ୍ରାହ୍ମଣ ବେଶଧାରୀ ଚୋରମାନଙ୍କୁ ପଚାରିଲେ । ସେହି ଚୋରମାନଙ୍କ ମୁଖ୍ୟ ଯିଏ ଥିଲା ସେ ପୁଣି ମିଛ କହିବାକୁ ଲାଗିଲା, ଆରେ ଭାଇ, ସେ ବ୍ୟକ୍ତି ମହାଧୂର୍ତ୍ତ ଅଟେ । ସେ ବ୍ୟକ୍ତି ଆମ ଭଳି ରାଜ କର୍ମଚାରୀ ଥିଲା । କିନ୍ତୁ ତା'ଦ୍ୱାରା ରାଜକୋଷ ଖାଲି ହେବା ଯୋଗୁ ରାଜା ତାକୁ ମୃତ୍ୟୁଦଣ୍ଡ ଦେଲେ । ଆମର ଅନେକ ଅନୁନୟ ବିନୟ ପରେ ରାଜା ତା'ର ମୃତ୍ୟୁଦଣ୍ଡ କୋହଳ କରି ହାତ ଗୋଡ ଭାଙ୍ଗି ବାହାରେ ଫିଙ୍ଗି ଦେଇ ଆସିବାକୁ ଆଦେଶ ଦେଲେ । ଆମକୁ ଦେଖି ଜାଣିପାରି ଆମର ଉପକାର କରିବା ବଦଳରେ ଆମକୁ ଅଧିକ ଯତ୍ନ ନେବା ପାଇଁ ରାଜାଙ୍କୁ କହିଥିବ । ଚୋରମାନଙ୍କ ମୁଖ୍ୟର କଥା ନସରୁଣୁ ହଠାତ୍ ଭୂମି ଫାଟି ଗଲା ଏବଂ ସମସ୍ତ ଚୋର ସେହି ଭୂମି ତଳେ ଚାପି ହୋଇ ମୃତ୍ୟୁବରଣ କଲେ । ସୈନ୍ୟମାନେ ସେଠାରୁ ଫେରି ଆସି ସବୁ କଥା ରାଜା ଓ ଜୟଦେବଙ୍କ ସାମ୍ନାରେ କହିବାରୁ ଜୟଦେବ ଖୁବ୍ ଦୁଃଖ ପ୍ରକାଶ କଲେ । ସେ କହିଲେ, ମୁଁ ସେମାନଙ୍କୁ ପାପ କର୍ମରୁ ନିବୃତ୍ତ ରହିବା ପାଇଁ ଚେଷ୍ଟା କରିଥିଲି । କିନ୍ତୁ ଭଗବାନଙ୍କୁ ଏତିକି ପ୍ରାର୍ଥନା କରିବି ଯେ, ସେମାନଙ୍କ ଦୋଷକୁ କ୍ଷମା କରି ସଦ୍‌ଗତି ପ୍ରଦାନ କରନ୍ତୁ । ଏହି ଶବ୍ଦ ଶୁଣିବା ମାତ୍ରେ ରାଜମହଲର ସମସ୍ତ କର୍ମଚାରୀମାନଙ୍କ ମୁଖରୁ ଆପେ ଆପେ ବାହାରି ପଡ଼ିଲା, ଜୟ ଜଗନ୍ନାଥ ସ୍ୱାମୀ କୀ ଜୟ ! ! ମହାକବି ଜୟଦେବଜି କି ଜୟ ! ! ଜୟ ଜଗନ୍ନାଥ ! ! !



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଦାନ ହୁଣ୍ଡିରୁ ମୋଟ ୩୩ ଲକ୍ଷ ୮୩ ହଜାର ୪୩୫ ଟଙ୍କା ଆୟ ହୋଇଛି । ଗତ ମଙ୍ଗଳବାର ଠାରୁ ୩ଦିନ ବ୍ୟାପି ଗଣତିରେ ୪୦ ଜଣ ବ୍ୟକ୍ତି ନିୟୋଜିତ ଥିଲେ। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଗଣତି କାର୍ଯ୍ୟରେ ଜିଲ୍ଲାପାଳ ଓ ତହସିଲ କାର୍ଯ୍ୟାଳୟର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ସମାଜ ବିକାଶ ମିଶନର ୧୭ ଜଣ ସଦସ୍ୟ ସାମିଲ ଥିଲେ। ଏହାଛଡ଼ା ତିର୍ତ୍ତୋଲ ପୋଲିସ ସୁରକ୍ଷା ବାଇଦ୍ରରେ ରହିଥିଲେ। ଆଗକୁ ଶ୍ରାବଣ ମାସ ଜଳାଭିଷେକ ଭିଡ଼କୁ ଦୃଷ୍ଟିରେ ରଖି ଛୋଟବଡ଼ ୯ଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ହୁଣ୍ଡିରୁ ମିଳିଥିବା ସମସ୍ତ ଟଙ୍କାକୁ ତିର୍ତ୍ତୋଲ ୟୁକୋ ବ୍ୟାଙ୍କରେ ଥିବା ପ୍ରଭୁଙ୍କ ଆକାଉଣ୍ଟରେ ଡିପୋଜିଟ୍ କରାଯାଇଛି। ଗଣତି ସମୟରେ ଦେବତ୍ର ନିରୀକ୍ଷକ ପ୍ରଦୀପ୍ତ କୁମାର ସାହୁ, ପୀଠ କିରାଣୀ ସରୋଜ କୁମାର ସାହାଣୀ, ଉପଦେଷ୍ଟା କମିଟି ପକ୍ଷରୁ ପ୍ରମୋଦ ମହାନ୍ତି, ଶୁଶାନ୍ତ ଦାଶ ଓ ରମେଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।



### ନିମାପଡ଼ା ଏନ୍ଏସିରେ ମହାଦୁର୍ନୀତି

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଲେ ଠିକାଦାର-ଜନସାଧାରଣ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଏନ୍ଏସିରେ ମହାଦୁର୍ନୀତି ହୋଇଥିବା ବାରି ହୋଇପଡୁଛି । ବିଭିନ୍ନ ଯୋଜନାରେ ଦୀର୍ଘବର୍ଷ ହେବ ଦୁର୍ନୀତିର ଗନ୍ଧ ବାହାରୁ ଥିବା ବେଳେ ତାହାକୁ ଚାପି ଦିଆଯାଉଛି । ଡ୍ରେନେଜ ଠାରୁ ଆରମ୍ଭ କରି ଟେଣ୍ଡର ଫିକ୍ସିଂ ପର୍ଯ୍ୟନ୍ତ ମହାଦୁର୍ନୀତି ଘଟୁଥିବା ବେଳେ କ'ଣ ପାଇଁ ଏହି ଘଟଣାକୁ ଘଣ୍ଡ ଘୋଡ଼ା ଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହାକୁ ବିରୋଧ କରି ଶତାଧିକ ଠିକାଦାର ଓ ଜନସାଧାରଣ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କଥାରେ ଟାଳଟୋଳ ଉତ୍ତରଥିବା କାରଣରୁ ଘଟଣା ଆହୁରି ଜଟିଳ ହୋଇଛି । ଏପରି ଘଟଣା ଦେଖି ଅନ୍ୟ କେତେକଣ କର୍ମଚାରୀ ଭୟରେ କାର୍ଯ୍ୟାଳୟ ଛାଡ଼ି ପଳାଇଛନ୍ତି । ଏପରି ଘଟଣା ଘଟିଥିବା ବେଳେ ଅଧକ୍ଷାଙ୍କ ଦେଖା ମିଳୁନାହିଁ । ମିଳିମିଶି ଅର୍ଥ ଚଳୁ କରୁଥିବା ଦୁର୍ଗନ୍ଧ ବାହାରୁଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଧକ୍ଷାଙ୍କୁ ଦୋଷ ଦେଉଥିବା ବେଳେ ଅଧକ୍ଷା ମଧ୍ୟ କହୁଛନ୍ତି ମୁଁ ଏ ବିଷୟରେ କିଛି ଜାଣ ନାହିଁ ବୋଲି ଶୁଣିବାକୁ ମିଳିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଏନ୍ଏସିରେ ଟେଣ୍ଡର ଫିକ୍ସିଂ



ମାମଲାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଛନ୍ତି ଠିକାଦାର ଓ ଜନସାଧାରଣ । ଅଧିକାରୀ କିଛି ନ କହିପାରି ତଦନ୍ତ ହେବ କହୁଥିବା ବେଳେ ସରକାରଙ୍କ ନିୟମ ଅନୁଯାୟୀ, ଟେଣ୍ଡର କରାଯାଇ ନାହିଁ । ନିର୍ଦ୍ଦିଷ୍ଟ ଏକ ଠିକାଦାର ନୟାଗଡ଼ କାକଟପୁରରେ ହୋଇଥିବା ବେଳେ ସେହି ବ୍ୟକ୍ତି କିପରି ଠିକା କାର୍ଯ୍ୟ ପାଇଲେ ତାହା ଏବେ ଆଲୋଚନାର ଖୋରାକ୍ ଯୋଗାଇଛି । ନିମାପଡ଼ାରେ ଥିବା ଠିକାଦାରମାନେ କାର୍ଯ୍ୟନିର୍ବାହୀଙ୍କୁ ପ୍ରଶ୍ନ କରି ଘାଇଲା କରିଛନ୍ତି । କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ମଧ୍ୟ କରିଛନ୍ତି । କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋମୁଖୀ କାର୍ଯ୍ୟ କରୁଥିବା ଠିକାଦାର ଓ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ପ୍ରଶାସନ ଜାଣିଶୁଣି ପରିଷଦର ଲକ୍ଷ ଲକ୍ଷ ଟଙ୍କା ତଛ୍ରୁ କରୁଛି । ଏପରି ଘଟଣା ହେଉଁ ଉପାସ ଅଞ୍ଚଳ ନୂଙ୍କେ ଖୋଜ ନିମାପଡ଼ାର ହୋଇଥିବା ବେଳେ ଦୀର୍ଘଦିନ ହେବ ଏହି କାର୍ଯ୍ୟାଳୟରେ ମହାଦୁର୍ନୀତି ଘଟୁଛି । ଜନସାଧାରଣ ଓ ଠିକାଦାର ହୋହାଲ୍ଲା କରିବା ସମୟରେ କେତେ ଜଣ କର୍ମଚାରୀ ସିଟ୍ ଛାଡ଼ି କେଉଁଆଡ଼େ ପଳାଇ ଯାଇଛନ୍ତି । ସେମାନଙ୍କୁ ଖୋଜିଲେ ମଧ୍ୟ ତାଙ୍କର ପତ୍ତା ମିଳୁ ନାହିଁ । ଡ୍ରେନେଜ୍ ଠାରୁ ଆରମ୍ଭ କରି ଜଳ ନିଷ୍କାସନ ସାନିଟାଇଜ୍ ଆଦି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଘଟିଛି । ଯାହାକି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କଥାରେ ସାମସ୍ୟ ରହୁ ନଥିବାରୁ ଦୁର୍ନୀତି ବାରି ହୋଇପଡୁଛି । ଏ ସଂପର୍କରେ ସ୍ଥାନୀୟ ଲୋକମାନେ ନଗର ଉନ୍ନୟନ ବିଭାଗ, ଜିଲ୍ଲାପାଳ ପୁରୀ, ଉପ-ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି । ସେହିପରି ଅନେକ କାର୍ଯ୍ୟାଳୟରେ ମଧ୍ୟ ଚିଠା ଦ୍ୱାରା କାର୍ଯ୍ୟ ଚାଲିଥିବା ବେଳେ ଟେଣ୍ଡର ଡ଼କା ନହୋଇ ସରକାରଙ୍କ ବ୍ୟାପକ ପରିମାଣରେ ରାଜସ୍ୱ କ୍ଷତି ଘଟୁଛି । ଘଟଣାର ତଦନ୍ତ ଆବଶ୍ୟକ ଅଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ପ୍ରକାଶ ଥାଉକି, ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅନୁକମ୍ପା ଦେଖାଇ ସରକାରଙ୍କ ରାଜସ୍ୱହାନୀ କରିବା, ପରିଷଦର ସଭ୍ୟଙ୍କ ଅଗୋଚରରେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅର୍ଥ ପ୍ରଦାନ କରିବା, ସ୍ୱଚ୍ଛ ଭାରତ ଯୋଜନାରେ ଅନିୟମିତତା, ପରିଷଦରେ ବିନୋଦି ପ୍ରକଳ୍ପର କାର୍ଯ୍ୟାଦେଶ ଦେଇ ନୀତି ନିୟମକୁ ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ କରଗତ ହୋଇ କାର୍ଯ୍ୟ କରିବା, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁଆରେ ପକାଉଛି । ପରିଷଦ ନିର୍ବାଚିତ ସଭ୍ୟଙ୍କ ଅଗୋଚରରେ ୩୦ ପ୍ରତିଶତ ଅର୍ଥ ପ୍ରଦାନ କରିଥିବା ଘଟଣାକୁ ନେଇ ଠିକାଦାର ସଂଘର ସଭାପତି ବିଶ୍ୱଜିତ କାନୁନ୍‌ଗୋ, ସଂପାଦକ ଜ୍ୟୋତି ରଂଜନ ମହାନ୍ତି, କ୍ଷୀତିଶ ପ୍ରସାଦ ମହାନ୍ତି, ଅକ୍ଷୟ ବେହେରା, ବ୍ରହ୍ମାନନ୍ଦ ସାସମଲ ପ୍ରମୁଖ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଥିଲେ ।

# ରାତି ଅଧରେ ନଦୀବନ୍ଧ ମରାମତି କାର୍ଯ୍ୟ ଦେଖିଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ଧାମନଗର(ଭାସ୍କର ନ୍ୟୁଜ): ବୈତରଣୀର ଶାଖା କୋଚିଲାର ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ଧସିଥିବା ସ୍ଥାନ ପଧାନି ପଞ୍ଚାୟତ ସଇଲୋରେ ପହଞ୍ଚି ମରାମତି କାର୍ଯ୍ୟର ଅନୁଧାନ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଖବର ପାଇ ବୁଧବାର ରାତି ୧୦ଟା ବେଳେ ମନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏହାସହ ଜଳ ସଂପଦ ବିଭାଗର ଅଧିକାରୀଙ୍କୁ ଡାକି ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ସମୟ ହୋଇଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ମରାମତି କରିବାକୁ କହିଥିଲେ। ତା' ସହ ବନ୍ୟା ପରେ ଏ ସ୍ଥାନର ସ୍ଥାୟୀ ସମାଧାନ କିପରି କରାଯାଇ ପାରିବ ତାହାର ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରି ଦେବାକୁ ପରାମର୍ଶ ଦେଇଥିଲେ। ଏହାପରେ ପ୍ରାଶାସନିକ ଅନୁମୋଦନ କରାଇ ସ୍ଥାୟୀ ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଧାମନଗରବାସୀ ଆଗକୁ ଯେପରି ବନ୍ୟା ଯନ୍ତ୍ରଣା ନ ଭୋଗିବେ, ସେଥିଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ ଜୋର୍ ଦେଇଛନ୍ତି। ମନ୍ତ୍ରୀଙ୍କ ଗସ୍ତ ପରେ ଗୁରୁବାର ସକାଳୁ ବିଜେଡିର ଏକ ପ୍ରତିନିଧି ଦଳ ମଧ୍ୟ ସଇଲୋରେ ସ୍ଥିତି ଅନୁଧାନ କରିଛନ୍ତି। ବିଧାନସଭା ପ୍ରାର୍ଥୀ ସଞ୍ଜୟ ଦାସ, ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଶାରଦା ପ୍ରସନ୍ନ ସାହୁ, ଧାମନଗର ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ ଆଜି ଘଟଣା ସ୍ଥଳରେ ପହଞ୍ଚି ବନ୍ଧ ଧସିଥିବା ସ୍ଥାନ ବୁଲି ଦେଖିଛନ୍ତି। ଏହାସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ବିଜେଡି ପ୍ରତିନିଧି ଦଳର ଅଭିଯୋଗ ଯେ, କିଛି ମାସ ପୂର୍ବରୁ ୨୬ ଲକ୍ଷ ଟଙ୍କା ବ୍ୟୟରେ ବନ୍ଧ ମରାମତି ହୋଇଥିଲା। ନିମ୍ନମାନର କାମ ଓ ଅଫିସରଙ୍କ ଆତ୍ମସାତ ମନୋବୃତ୍ତି ଯୋଗୁଁ ବନ୍ଧ ଧସିଲା ବୋଲି ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ କହିଛନ୍ତି। ଏହାସହ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ମଧ୍ୟ ସେ ଦାବି କରିଛନ୍ତି। ସେପଟେ ସ୍ଥାନୀୟ ଲୋକ ମଧ୍ୟ ବନ୍ଧ ଧସିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ନଦୀର ଭୌଗଳିକ ସ୍ଥିତି ଯୋଗୁଁ ପ୍ରତିବର୍ଷ ଏଠାରେ ଅତଡ଼ା ଖସୁଛି। ବନ୍ଧ ଓ ଜନବସତି ବହୁ ଉପରେ ଥିବାବେଳେ ନଦୀର ଗଭୀରତା ଏଠାରେ ଖୁବ୍ ଅଧିକ। ବୈତରଣୀରୁ ଯେଉଁ ବନ୍ୟା ଜଳ କୋଚିଲା ମୁହଁରେ ପ୍ରବେଶ କରୁଛି, ତାହା କୋଚିଲାକୁ ଗଭୀର କରି କରି ଆସୁଛି। ତା ସହିତ ସଇଲୋଠାରେ ନଦୀ ଗାଁ ଆଡ଼କୁ ମୋଡ଼ି ହୋଇ ସିଛି। ଯାହା ଫଳରେ ବନ୍ଧ ପାଖରେ ଆଉ ପଠା ନାହିଁ। ଏଣୁ ଏ ସ୍ଥାନରେ ନଦୀ ଗର୍ଭରେ ପ୍ରଥମେ କଂକ୍ରିଟ ବେସ୍ କରି ତା ଉପରେ ପଥର ପିଚିଂ କରାଗଲେ କିମ୍ବା କଂକ୍ରିଟ କାନ୍ଥ କରି ସୁରକ୍ଷା ଦେଲେ ବନ୍ଧ ଧସନ୍ତା ନାହିଁ ବୋଲି ଗାଁ ଲୋକେ କହିଛନ୍ତି। ଦୁଇଦିନ ତଳେ ବନ୍ୟା ଆସିବାରୁ କୋଚିଲା ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ପ୍ରାୟ ୫୦ ଫୁଟ ଧସି ଯାଇଥିଲା। ସ୍ଥାନୀୟ ସରପଞ୍ଚ ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଜଳ ସଂପଦ ବିଭାଗ ଏସଡିଓ କିଶୋର ଦାସ ଲୋକଙ୍କ ସହାୟତାରେ ବାଉଁଶ ଓ ବାଲିବସ୍ତା ମାଧ୍ୟମରେ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଅପରାହ୍ନରୁ ମରାମତି କାର୍ଯ୍ୟ ଆମ୍ଭ ହୋଇଥିଲେ ହେଁ, ରାତି ଯାଏ ଚାଲିଥିଲା। ମନ୍ତ୍ରୀ ପହଞ୍ଚିବାରୁ ମରାମତି କାର୍ଯ୍ୟ ଜୋର ଧରିଥିଲା।

## ବେକାର ଯୁବକ-ଯୁବତୀ କମ୍ପାନୀ ଚାକିରି ଲୋଭରେ ଠକାମୀର ଶିକାର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ନିର୍ଦ୍ଧିଷ୍ଟ କେତେକ ବେନାମି ସଂସ୍ଥା ଆଦିବାସୀ, ବେକାର ଯୁବକ, ଯୁବତୀଙ୍କୁ ମୋଟା ଅଙ୍କରେ ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ଅର୍ଥ ଆଦାୟ କରି ବିଭିନ୍ନ ପ୍ରଡ଼କ୍ଟ ବିକିବା କାର୍ଯ୍ୟରେ ନିୟୋଜିତ କରୁଥିବା ଘଟଣା ଏବେ ପଦାରେ ପଡ଼ିଛି । ଜଣେ ଯୁବକ ଏପରି ସଂସ୍ଥାର ଜାଲରେ ପଡ଼ି ଛଟପଟ ହୋଇ ଶେଷରେ ପୋଲିସର ଆଶ୍ରୟ ନେବା ପରେ ଉତ୍କୋଚ ଟଙ୍କା ଫେରି ପାଇଥିବା ବେଳେ ନିଜ ଘରକୁ ଫେରିଯାଇଛନ୍ତି । ଦୀର୍ଘଦିନ ହେବ ନିମାପଡ଼ାରେ ଏପରି ସଂସ୍ଥା ଚାଲୁଛି । ସୂଚନା ଅନୁଯାୟୀ, ନିମାପଡ଼ାରେ କେତେକ ବେନାମୀ ସଂସ୍ଥା ବିଭିନ୍ନ କମ୍ପାନୀ ନାମରେ ଆଦିବାସୀ, ଗରିବ, ନିରୀହ, ବେକାର ଯୁବକ, ଯୁବତୀଙ୍କୁ ଚାକିରିର ଲୋଭ ଦେଖାଇ ସେମାନଙ୍କ ଠାରୁ ଅଗ୍ରୀମ ଟଙ୍କା ଆଦାୟ କରି ଠକୁଥିବା ଘଟଣା ଏବେ ପଦାରେ ପଡ଼ିଛି । ଏପରି ସଂସ୍ଥାର ଶୀକାର ହୋଇଛନ୍ତି ନୟାଗଡ଼ ଜିଲ୍ଲା ସରଣକୂଳ ଥାନା ଡ଼ିମିସର ଗ୍ରାମର ବିଭୂତି ଭୂଷଣ ସ୍ୱାଇଁ । ନିମାପଡ଼ାରେ ଏକ ସଂସ୍ଥାରେ ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ୧୮ ହଜାର ଟଙ୍କା ବିଭୂତି ଭୂଷଣଙ୍କୁ ମଗା ଯାଇଥିଲା । ଅଗ୍ରୀମ ୮ ହଜାର ଟଙ୍କା ଦେଇ ଚାକିରିରେ ରଖିଥିଲା ବେନାମୀ କମ୍ପାନୀ । ବିଭୂତି ଭୂଷଣ ଜାଣିବାକୁ ପାଇଲେ ଏହା ଏକ ଫ୍ରଡ୍ ସଂସ୍ଥା । ଟଙ୍କା ଫେରସ୍ତ ମାଗିବା ସହ ଏଠାରୁ ଚାଲିଯିବା ପାଇଁ କହିବାରୁ ଧମକ ଚମକ ମିଳିଥିଲା ଓ ଶ୍ରୀ ସ୍ୱାଇଁଙ୍କୁ କର୍ମଚାରୀମାନେ ଛାଡ଼ି ନଥିଲେ । କୌଶଳ କ୍ରମେ ବିଭୂତି ଭୂଷଣ ସେଠାରୁ ଖସି ଆସି ନିମାପଡ଼ା ଥାନାରେ ଜଣାଇବା ପରେ ଥାନା କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁ ବିଭୂତି ଭୂଷଣଙ୍କୁ ତାଙ୍କ ଫୋନ୍ ପେ'ରେ ଟଙ୍କା ଫେରସ୍ତ ଦିଆଯାଇଥିବା ବେଳେ ନିଜ ପରିବାର ଲୋକଙ୍କୁ ଡ଼କାଇ ପୋଲିସ ତାଙ୍କୁ ଘରକୁ ପଠାଇଛି । ଏପରି ସଂସ୍ଥା ବିରୋଧରେ ତଦନ୍ତ ଆବଶ୍ୟକ ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## କ୍ଷେପଣାସ୍ତ୍ର ପରୀକ୍ଷଣ ନେଇ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା



ପାରାଦୀପ(ଭାସ୍କର ନ୍ୟୁଜ): ଆସନ୍ତା ଜୁଲାଇ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଡିଆରଡିଓ ପକ୍ଷରୁ ଚାନ୍ଦିପୁରଠାରେ କ୍ଷେପଣାସ୍ତ୍ର ପରୀକ୍ଷଣକୁ ନେଇ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ତରଫରୁ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ପାରାଦୀପଠାରେ ରହିଥିବା ନେହେରୁ ବଙ୍ଗଳା ମାଛଧରା ବନ୍ଦର, ବାଲିଫ୍ଲଟ୍, ନୂଆବଜାର, ଷଣ୍ଢକୁଦ ଅଞ୍ଚଳରେ ମତ୍ସ୍ୟଜୀବୀମାନେ ରହୁଥିବା ଅଞ୍ଚଳରେ ଏହି ସତର୍କ ସୂଚନା ଜାରି କରାଯାଇଛି । ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ କ୍ଷେପଣାସ୍ତ୍ର ପରୀକ୍ଷଣ ସମୟରେ ସମୁଦ୍ର ଅଶାନ୍ତ ରହିବା ସହିତ ବିରାଟ ଲହଡି ସୃଷ୍ଟି ହେବା କାରଣରୁ ସମୁଦ୍ରରେ ମାଛ ଧରିବା ବିପଜ୍ଜନକ ହେବ। ତେଣୁ ଜୁଲାଇ ୧୭ ଓ ୧୮ ତାରିଖ ଦୁଇଦିନ ସମୁଦ୍ର ମଧ୍ୟରେ ମାଛ ଧରିବା ବାରଣ କରାଯାଇଥିବା ବେଳେ ସୁମୁଦ୍ରରେ ଥିବା ମତ୍ସ୍ୟଜୀବିମାନେ ଉପକୂଳକୁ ଫେରି ଆସିବାକୁ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ତରଫରୁ ସତର୍କତା ମୂଳକ ଚେତାବନୀ ଜାରି କରାଯାଇଛି ।

## ଅଙ୍ଗନବାଡି କର୍ମୀ ଓ ଲୋକଙ୍କ ମଧ୍ୟରେ ତୁତୁମେଁମେଁ



ଝିଙ୍କାରପୁର(ଭାସ୍କର ନ୍ୟୁଜ): ସାବୁନ ବଣ୍ଟନକୁ ନେଇ ଅଙ୍ଗନବାଡି କର୍ମୀ ଓ ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ଏବେ ସବୁଠି। ଲୋକେ ଘର ପିଛା ୨ ଖଣ୍ଡ ସାବୁନ ଦାବି କରୁଛନ୍ତି। ମାତ୍ର ସାବୁନ ବଣ୍ଟନ ଦାୟିତ୍ୱରେ ଥିବା ଅଙ୍ଗନବାଡି କର୍ମୀ ୨ ଖଣ୍ଡ ଲାଇଫ ବୟ ସାବୁନ ଦେବାକୁ ନିଜର ଅସହାୟତା ପ୍ରକାଶ କରି ଖଣ୍ଡିଏ ଲେଖାଏଁ ଦେଉଛନ୍ତି। ଏହାକୁ ନେଇ ସବୁଠି ଦ୍ୱନ୍ଦ୍ୱ। ଜରୀ ଗ୍ରାମ ଗୋଖା ସାହି କେନ୍ଦ୍ର କର୍ମୀ ମଞ୍ଜୁଲତା ମଲ୍ଲିକ ଘର ଘର ବୁଲି ସାବୁନ୍ ବଣ୍ଟନ କରୁଥିବା ବେଳେ ଲୋକଙ୍କ ପ୍ରଶ୍ନ ବାଣରେ ଆକ୍ରାମାକ୍ରା ହୋଇପଡ଼ିଥିଲେ। ସରପଞ୍ଚ ନନ୍ଦ କିଶୋର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ। ପ୍ରଶାସନ ପକ୍ଷରୁ ୫ଟଙ୍କା ମୂଲ୍ୟର ୨ଟି ଲେଖାଏଁ ଲାଇଫ ବୟ ସାବୁନ ପ୍ରତି ଘରେ ଦେବାକୁ କୁହାଯାଇଛି। ମାତ୍ର ବଜାରରେ ପ୍ରତି ଲାଇଫବୟ ସାବୁନ୍ ଦାମ ଅତିକମ୍‌ରେ ୧୦ ଟଙ୍କା ପଡୁଛି। ଏଣୁ କର୍ମୀ ବାଧ ହୋଇ ଖଣ୍ଡିଏ ଲେଖାଏଁ ସାବୁନ ଦେଉଛି। ଏଥିରେ କିଛି ଅନିୟମିତତା ନାହିଁ କହି ସରପଞ୍ଚ ସୃଷ୍ଟି ସମସ୍ୟାର ସମାଧାନ କରିଥିଲେ।

## ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ବନ ମହୋତ୍ସବ ପାଳିତ



ବ୍ୟାସନଗର(ଭାସ୍କର ନ୍ୟୁଜ): ବନ ମହୋତ୍ସବ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ୍, ଟାଟା ଷ୍ଟିଲ କଳିଙ୍ଗନଗରର ଲଜିଷ୍ଟିକ୍ସ ଅପରେସନ୍ସ ଏବଂ ପରିବେଶ ବିଭାଗ ସହ ମିଶି ଗୁରୁବାର ବ୍ରାହ୍ମଣୀ ନଦୀ କୂଳରେ ଏକ ବିଶାଳ ଚାରାରୋପଣ ଏବଂ ନଦୀକୂଳ ସଫେଇ ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଳିଙ୍ଗନଗରସ୍ଥିତ ବ୍ରାହ୍ମଣୀ ନଦୀକୂଳ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଟାଟା ଷ୍ଟିଲ କଳିଙ୍ଗନଗରର ବିଭିନ୍ନ ବିଭାଗରୁ ଆସିଥିବା ୭୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ଅଂଶଗ୍ରହଣ କରି ୩୦୦ ଚାରାରୋପଣ କରିଥିଲେ। ଏହି ଅଭିଯାନରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସବୁଜବଳୟ ବୃଦ୍ଧି କରିବା, ମୃତ୍ତିକା କ୍ଷୟ ରୋକିବା ଏବଂ ସ୍ଥାନୀୟ ଜୈବବିବିଧତାକୁ ସମର୍ଥନ କରିବା। ଚାରା ରୋପଣ ସହ ପ୍ଲାଷ୍ଟିକ୍ ବର୍ଜ୍ୟ ପଦାର୍ଥ ପରିଷ୍କାର ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। ଯାହାଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ନଦୀ ପରିବେଶର ପ୍ରାକୃତିକ ସଂଗଠନ ପୁନଃସ୍ଥାପିତ ହେବାରେ ସହାୟକ ହେବ । ଏହି ବନ ମହୋତ୍ସବ ଉତ୍ସବ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶ ସଂରକ୍ଷଣ ଏବଂ ସାମୂହିକ ଦାୟିତ୍ୱକୁ ଦର୍ଶାଉଛି ।

## ୧୦ରେ ରେଳ ଓଭରବ୍ରିଜ୍ ଆଲୋକୀକରଣ ପାଇଁ ଗଣଧାରଣା



ଜଳେଶ୍ୱର(ଭାସ୍କର ନ୍ୟୁଜ): ନୂଆବଜାର ରେଳ ଓଭରବ୍ରିଜ ଲୋକାର୍ପିତ ହେବାର ଦୀର୍ଘ ୧୬ ମାସ ବିତିଯାଇ ଥିଲେ ବି ପୋଲ ଯେଉଁ ଅନ୍ଧକାରକୁ ସେଇ ଅନ୍ଧକାରରେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଧାରଣା-ଧର୍ମଘଟ କରାଯିବା ସହ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଲଗାତାର ଯୋଗାଯୋଗ କରାଯାଇଛି। ସୁଚନାନୁଯାୟୀ ମାସେରୁ ଉର୍ଦ୍ଧ୍ୱ ହେବ ଆଲୋକୀକରଣ ପାଇଁ ବିଭାଗୀୟ ପ୍ରକ୍ରିୟାକରଣ ସମ୍ପୂର୍ଣ୍ଣ ହୋଇଥିଲେ ବି ଏଯାବତ କାର୍ଯ୍ୟ ଆରମ୍ଭ ହୋଇ ନ ପାରିବା ଘୋର ପରିତାପର ବିଷୟ। ତେଣୁ ଜଳେଶ୍ୱରବାସୀଙ୍କ ସମ୍ପୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ କମିଟି ବୈଠକ ନୂଆବଜାରସ୍ଥିତ ଭଞ୍ଜ ଭବନରେ ଡକ୍ଟର ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି କ୍ରମେ ଜୁଲାଇ ୧୦ ପୂର୍ବରୁ ଆଲୋକୀକରଣ କାର୍ଯ୍ୟ ଆରମ୍ଭ ନ ହେଲେ ମଞ୍ଚ ତରଫରୁ ୧୦ରେ ଜଳେଶ୍ୱର ପୂର୍ତ୍ତବିଭାଗ ଉପଖଣ୍ଡ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଗଣଧାରଣା ହେବ। ଏ ସମ୍ପର୍କରେ ମଞ୍ଚ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୈଠକରେ ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପସଭାପତି କପିଳେଶ୍ୱର ମହାନ୍ତି, ସହସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ଉପଦେଷ୍ଟା କ୍ଷେତ୍ରମୋହନ ଗିରି, ଶିକ୍ଷାବିତ ରାଜାରାମ କରଶର୍ମା, ଖଗେନ୍ଦ୍ର ନାଥ ସାହୁ, ଶ୍ୟାମାଚରଣ ଦାସ, ଜିତାରାମ ଦେ, ସୁନିଲ କୁମାର ନାୟକ, ସମାଜସେବୀ କମଳ କୁମାର ଚକ୍ରବର୍ତ୍ତୀ, ବରିଷ୍ଠ ସଦସ୍ୟ ପ୍ରମୁଖ ଆନ୍ଦୋଳନ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

## ସୀମା ନିର୍ଦ୍ଧରଣରେ ଏକତରଫା କାର୍ଯ୍ୟାନୁଷ୍ଠାନ୍ନୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ତରଭା ରାଜସ୍ୱ ମୌଜାରୁ ପ୍ରସ୍ତାବିତ ନୂତନ ରାଜସ୍ୱ ମୌଜା ଖଳିବନ୍ଧର ସୀମା ନିର୍ଦ୍ଧାରଣରେ ତହସିଲ କାର୍ଯ୍ୟାଳୟ ଦ୍ୱାରା ଏକତରଫା ନକ୍ସାକୁ ନେଇ ତରଭା ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି । ପ୍ରକାଶ ଯେ, ତରଭା ଗ୍ରାମ କମିଟି ତରଫରୁ ପ୍ରସ୍ତାବିତ ନୂତନ ଖଳିବନ୍ଧ ରାଜସ୍ୱ ମୌଜାର ସୀମା ନିର୍ଦ୍ଧାରଣ ତରଭା ଗ୍ରାମବାସୀଙ୍କ ଅଗୋଚରରେ ତହସିଲ କାର୍ଯ୍ୟାଳୟ ଢେଙ୍କାନାଳ ଦ୍ୱାରା ଏକତରଫା ଭାବେ କରାଯାଇଥିବା ବିଷୟ ଗତ ଜୁନ୍ ୯ରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଥିଲେ । ତଦନୁଯାଇ ଉଭୟ ଗ୍ରାମର କମିଟି ମେମ୍ବରଙ୍କ ଉପସ୍ଥିତିରେ ପୁନଃ ତଦନ୍ତ ପାଇଁ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ବଡ ଦୁଃଖ ଓ ପରିତାପର ବିଷୟ, ପୁନର୍ବାର ଅଜ୍ଞାତରେ ଏକତରଫା ଭାବେ କେବଳ ଖଳିବନ୍ଧପଡା ଲୋକଙ୍କୁ ନେଇ ଗତ ୩୦ ତାରିଖରେ ତହସିଲଦାର ଡକାଇ ପୂର୍ବ ପ୍ରସ୍ତୁତି ନକ୍ସାକୁ ନେଇ ଅନୁମୋଦନ କରାଯାଇଥିବାର ତରଭା ଗ୍ରାମବାସୀ ଜାଣିବାକୁ ପାଇଛନ୍ତି । କେଉଁ କାରଣ ଓ କାହା ସ୍ୱାର୍ଥରେ ତହସିଲ୍‌ଦାର ଏକତରଫା ଭାବେ କାର୍ଯ୍ୟ କରାଉଛନ୍ତି ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ଉଭୟ ଗ୍ରାମ କମିଟି ସଦସ୍ୟଙ୍କ ଉପସ୍ଥିତିରେ ସରଜମିନ୍ ତଦନ୍ତ କରାଯାଇ ପୁନଃ କାର୍ଯ୍ୟ କରିବା ପାଇଁ ତରଭା ଗ୍ରାମବାସୀମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ପତ୍ର ପ୍ରଦାନ ବେଳେ ତରଭା ଗ୍ରାମ କମିଟିର ସଭାପତି ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ପ୍ରସନ୍ନ ମଲ୍ଲିକ, ମାୟାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଡାଲମିଆ ଭାରତ ପକ୍ଷରୁ ରଥଯାତ୍ରାରେ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ଚତୁର୍ଥ ସଂସ୍କରଣ




ପୁରୀ(ଭାସ୍କର ନ୍ୟୁଜ): ଭାରତର ପ୍ରମୁଖ ସିମେଂଟ ଉତ୍ପାଦନକାରୀ ଡାଲମିଆ ଭାରତ ଲିମିଟେଡ (ଡିବିଏଲ) ପକ୍ଷରୁ ଡିଏସପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ୪ର୍ଥ ସଂସ୍କରଣ ପାଳନ କରାଯାଇଛି। ଜୁନ ୨୭ରୁ ଜୁଲାଇ ୫ ତାରିଖ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ରଥଯାତ୍ରାରେ ଏହି ବାର୍ଷିକ ଉତ୍ସବ ହେଉଛି କମ୍ପାନୀର ପ୍ରମୁଖ ଅଭିଯାନ ସାଲ୍ୟୁଟିଙ୍ଗ ଦି ଏକ୍ସପର୍ଟର ଏକ ପ୍ରମୁଖ ଅଂଶ। ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ପ୍ରତିଷ୍ଠିତ ଶିଳ୍ପକାରଙ୍କର ଅସାଧାରଣ କାରିଗରୀକୁ ସ୍ୱୀକୃତି ପ୍ରଦାନ କରିଥାଏ, ଯାହା ସେମାନଙ୍କୁ ରଥ ନିର୍ମାଣ ଓ କାରିଗରୀର ସମ୍ମାନିତ କ୍ଷେତ୍ରରେ ପ୍ରକୃତ ବିଶେଷଜ୍ଞ ଭାବେ ମାନ୍ୟତା ଦେଇଥାଏ। ଓଡିଶା ଓ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତି ନିଜର ଦୀର୍ଘକାଳିନ ପ୍ରତିବଦ୍ଧତାକୁ ବଜାୟ ରଖି ଚଳିତ ବର୍ଷ ଡାଲମିଆ ଭାରତ ପକ୍ଷରୁ ୪ ବିଶିଷ୍ଟ ଶିଳ୍ପକାର ରଘୁନାଥ ସୁବୁଦ୍ଧି, ରମେଶ ମହାପାତ୍ର, ବାବନା ମହାରଣା ଓ କାର୍ତ୍ତିକ ଭୋଇଙ୍କୁ ତାଙ୍କର ଚମତ୍କାର କାରିଗରୀ ଓ ଏହି ପବିତ୍ର ପରମ୍ପରା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ବରିଷ୍ଠ କାରିଗର ଓ ସାଂସ୍କୃତିକ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ସମ୍ମାନିତ ଜୁରୀ ଦ୍ୱାରା ଏହି ଦକ୍ଷ କାରିଗରଙ୍କର ଚୟନ କରାଯାଇଥିଲା। ଏହି ଜୁରୀରେ ମୁଖ୍ୟ ଶିଳ୍ପକାର ବିଜୟ ମହାପାତ୍ର, ନୃରୁସିଂହ ମହାପାତ୍ର ଓ ନାରାୟଣ ମହାରଣା ସାମିଲ ଥିଲେ । ଏହି ଅବସରରେ କମ୍ପାନୀର ପ୍ରବକ୍ତା କହିଛନ୍ତି, ଡାଲମିଆ ଭାରତରେ ଆମେ ବିଶ୍ୱାସ କରୁ ଯେ, ପ୍ରକୃତ ପାରଦର୍ଶିତା ଗର୍ବର ସହ ପରମ୍ପରାକୁ ସଂରକ୍ଷିତ ରଖିବାରେ ଅନ୍ତର୍ନିହିତ ଥାଏ। ପବିତ୍ର ରଥଗୁଡିକ ହେଉଛି ଓଡିଶାର କଳା, ଭକ୍ତି ଓ ଓଡିଆ କାରିଗରୀର ଏକ ପ୍ରକୃତ ଅଭିବ୍ୟକ୍ତିର ଏକ ଜୀବନ୍ତ ପ୍ରତୀକ। ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ମାଧ୍ୟମରେ ଆମେ ଏହି ନୀରବ ନାୟକମାନଙ୍କୁ ସମ୍ମାନ ଜଣାଉଛୁ ଯେଉଁମାନେ ଦେଶର ପୁରାତନ ପରମ୍ପରାକୁ ରୂପ ଦେଇଛନ୍ତି।

## ଆଳିରେ ପୁଣି ଲୁଟେରା ସକ୍ରିୟ, ଲୋକେ ଆତଙ୍କିତ

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନରେ କିଛିଦିନ ଅନ୍ତରରେ ଗୁରୁବାର ଲୁଟେରାମାନେ ପୁଣିଥରେ ସକ୍ରିୟ ହୋଇ ଉଠିଛନ୍ତି । ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଆଳି ଥାନା ସିଙ୍ଗିରି ପଞ୍ଚାୟତ ବାଙ୍କେଶ୍ୱର ଗ୍ରାମର ତିନିଟି ସ୍ଥାନରୁ ସିରିଜ ଚୋରି ହୋଇଥିବା ଜଣାପଡିଛି । ଆଳି ଥାନା ଅନ୍ତର୍ଗତ ବାଙ୍କେଶ୍ୱର ହରିଜନ ସାହିର ଲକ୍ଷ୍ମୀଧର ମଲିକଙ୍କ ପତ୍ନୀ ଅଞ୍ଜଳି ମଲିକଙ୍କ ଥାନାରେ ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଅଞ୍ଜଳି ତାଙ୍କ ବୋହୁ ଏବଂ ଦୁଇ ନାତୁଣୀଙ୍କ ସହ ରାତ୍ରିଭୋଜନ ପରେ ଶୋଇବାକୁ ଯାଇଥିଲେ । ଘରେ କେହି ପୁରୁଷ ନ ଥିବା ଏବଂ ଅନ୍ଧାର ରାତିର ସୁଯୋଗ ନେଇ ଲୁଟେରାମାନେ ଘର ଭିତରକୁ ପଶିଥିଲେ । ପରେ ସମସ୍ତେ ଶୋଇଥିବା ଘରକୁ ବାହାର ପଟୁ ଶିକୁଳି ପକାଇ ଦେଇଥିଲେ । ଅଞ୍ଜଳିଙ୍କ ଘରୁ ଏକ ଦସ୍ତା ବାକ୍ସରେ ଥିବା ସୁନା ହାର ୧ଟି, ସୁନା ମଙ୍ଗଳସୂତ୍ର ୨ଟି, ସୁନା ବାହୁଟି ୨ ହଳ, ସୁନା ମୁଦି ୫ଟି, ସୁନା କାନଫୁଲ ୩ ହଳ, ସୁନା ନାକ ଫୁଟୁକି ୯ଟି, ରୁପା ପାଉଁଜି ୩ ହଳ, ସୁନାଚେନ୍ ୧ଟା ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ତତସହିତ ନଗଦ ୧୦ ହଜାର ଟଙ୍କା ଲୁଟେରା ମାନେ ଲୁଟି ନେଇଥିବା ନେଇ ଆଳି ଥାନାରେ ଅଞ୍ଜଳି ଅଭିଯୋଗରେ ଦର୍ଶାଇଛନ୍ତି । ଅଞ୍ଜଳିଙ୍କ କହିବା ଅନୁଯାୟୀ ଗ୍ରାମର ଅନ୍ୟ ଜାଗାରେ ଚୋରି ହେଉଥିବା ଖବର ଫୋନ ଯୋଗେ ପାଇ ଦେଖନ୍ତି ତ ତାଙ୍କୁ ମଧ୍ୟ ବାହାରପଟୁ କବାଟ ଦିଆଯାଇଛି । ଏହା ଦେଖି ସେ ଚିତ୍କାର କରି ଡାକିବାରୁ ପଡୋଶୀ କବାଟ ଖୋଲିବା ପରେ ସେ ଚୋରି ହୋଇଥିବା ଜାଣି ଫୋନ ଯୋଗେ ପୋଲିସକୁ ଖବର ଦେଇଥିଲେ । ପରେ ଗୁରୁବାର ସକାଳୁ ସେ ଆଳି ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅପରପକ୍ଷେ ଉକ୍ତ ଗ୍ରାମର ଅଶୋକ ମଲିକଙ୍କ ଘର ଭିତରକୁ ଲୁଟେରା ମାନେ ତାଲା ତାଡ଼ି ଭିତରକୁ ପଶିଥିବା ବେଳେ କିଛି ନ ପାଇ ଏକ ଲୁଗାପଟା ଥିବା ବାକ୍ସକୁ ଆଣି ବାହାରେ ଫିଙ୍ଗିଦେଇଥିବା ଦେଖିବାକୁ ମିଳିଛି । ସେହିପରି ସୁରେଶ ମଲିକଙ୍କ ଘର ତାଲା ପଡ଼ିଥିବା ଘରର କବାଟକୁ ତାଡ଼ି ଭିତରେ କିଛି ନ ପାଇ ଫେରିଯାଇଥିଲେ । ଘଟଣା ପରେ ଆଳି ପୋଲିସ ଏତଲା ଆଧାରରେ ତଦନ୍ତ ଚଳାଇଥିବା ନେଇ ସୂଚନା ମିଳିଛି ।


### ବର୍ଷେ ପରେ ବି ହରିଶ୍ଚନ୍ଦ୍ର ଯୋଜନାରେ ମିଳିଲାନି ପ୍ରାପ୍ୟ

## ସରପଞ୍ଚ ଓ ବ୍ଲକ୍ ଅଧିକାରୀଙ୍କ ଉତ୍ତର ନାହିଁ ଟଙ୍କା

ନିଆଳି(ଭାସ୍କର ନ୍ୟୁଜ): କେଉଁଠି ସର୍କାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ତ ଆଉ କେଉଁଠି ୩ ହଜାର ଟଙ୍କା ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଛି। ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନା ଗରିବ ଲୋକେ ମଲାପରେ ସଙ୍ଗେ ସଙ୍ଗେ ଯୋଗାଇ ଦେବା ନିମନ୍ତେ ଓଡିଶାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ୧୫ ହଜାର ଲେଖା ଟଙ୍କା କ୍ରାନ୍ତି ପାଣ୍ଠି ଭାବେ ମହଜୁଦ ରହିବାକୁ ନିୟମ ରହିଛି। ଏହି ପାଣ୍ଠିରୁ ସରପଞ୍ଚ ମାନେ ଯୋଗ୍ୟ ହିତାଧିକାରୀଙ୍କୁ ଯୋଗେଇ ଦେବାକୁ ସରକାରଙ୍କ ନିୟମ ରହିଛି କାରଣ ସେମାନେ ସଙ୍ଗେ ସଙ୍ଗେ ଶବ ସତ୍କାର କରିବା ସହ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବେ । କିନ୍ତୁ ଏହି ଯୋଜନା ଏବେ ଅନିଶ୍ଚିତତା ଭିତରେ ଏବେ ଠେଲି ହୋଇଯାଇଛି। ମୃତକଙ୍କ ପରିବାର ପଞ୍ଚାୟତ କାର୍ଯ୍ୟାଳୟ ଠୁ ବ୍ଲକ କାର୍ଯ୍ୟାଳୟ ମାସ ମାସ ଦୌଡିଲେ ବି ପ୍ରାପ୍ୟ ମିଳୁପାରିନାହିଁ। ୩ ହଜାର ଟଙ୍କା ବଦଳରେ ଦୈନିକ ମଜୁରୀ ୫୦୦ ଟଙ୍କା ଲେଖା ହରାଇ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନିଆଳି ବ୍ଲକ ରାଣୀଓଳା ପଂଚାୟତ ଅଳ ତଳଙ୍ଗ ଗ୍ରାମରେ। ଉକ୍ତ ଗ୍ରାମର ଲକ୍ଷ୍ମୀ ପ୍ରିୟା ପାତ୍ର ୧୪.୮. ୨୦୨୪ ରେ ମୃତ୍ୟୁବରଣ କରିଥିଲେ ବି ଏଯାବତ ୧୧ ମାସ ହେବ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ରାଶି ପାଇପାରି ନାହାନ୍ତି। ସେହିଭଳି ସମାନ ଅଭିଯୋଗ ଆସିଛି ଅଁଳ, ପହଂଗା, ବାହାରଣା, ବିଳାଶୁଣୀ ଓ ନିଆଳି ପଞ୍ଚାୟତରୁ। ନିଆଳି ବ୍ଲକ୍‌ରେ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ରାଶି ପାଇବା ପାଇଁ ୧୦୦ରୁ ଉର୍ଦ୍ଧ୍ୱ ମୃତକଙ୍କ ପରିବାର ଅପେକ୍ଷା କରିବସିଛନ୍ତି। ହେଲେ ସରପଞ୍ଚ ଓ ବ୍ଲକ ଅଧିକାରୀଙ୍କ ଉତ୍ତର ଉକ୍ତ ଯୋଜନାରେ ନାହିଁ ଟଙ୍କା ଆସିଲେ ଦିଆଯିବ। ସର୍କାର ଅନ୍ୟ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ହରିଶ୍ଚନ୍ଦ୍ର ଯୋଜନାରେ ଗରିବ ପରିବାରଙ୍କୁ କାହିଁକି ଅର୍ଥ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଅଗ୍ନିକାଣ୍ଡରେ ଘର, ଗାଈବାଛୁରୀ ସମେତ ଆସବାବପତ୍ର ଭସ୍ମ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଗତକାଲି ବିଳମ୍ବିତ ରାତ୍ରିରେ ଅକସ୍ମାତ ଅଗ୍ନିକାଣ୍ଡ ଘଟି ସମଙ୍ଗ ଗ୍ରାମ ପଞ୍ଚାୟତ ୭ନଂ ୱାର୍ଡର ବାବାଜୀ ଦାସଙ୍କର ଦୁଇ ବଖରା ଚାଳଘର ସମେତ ଗାଈ ବାଛୁରୀ, ସିମେଣ୍ଟ ଓ ଘରର ସମସ୍ତ ଆସବାବପତ୍ର ଓ ଧାନ ଚାଉଳ ଇତ୍ୟାଦି ଜଳି



ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚିଲା ବେଳକୁ ସବୁ ଜଳି ଭସ୍ମୀଭୂତ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ସଠିକ ତଥ୍ୟ ମିଳିନଥିବା ବେଳେ ବର ରୋଷଣୀର ବାଣ ନିଆଁରୁ ଅଗ୍ନିକାଣ୍ଡ ସଂଗଠିତ ହୋଇଥିବା ସନ୍ଦେହ କରାଯାଉଛି। ତୁରନ୍ତ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟକ ଯୋଗାଇ ଦେବାକୁ ଗ୍ରାମବାସୀ ଓ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

# ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅରଗଳ ପଞ୍ଚାୟତର ଅରଗଳ ଶାସନାରୁ କଣ୍ଡିଆ ପୋଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘଦିନ ଧରି ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଗୁହାରି କରି ଆସିଛନ୍ତି । କିନ୍ତୁ ବଡ଼ ଦୁର୍ଭାଗ୍ୟର କଥା ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଅରଗଳବାସୀ ରାସ୍ତା ଖଣ୍ଡିଏ ପାଇପାରି ନାହାନ୍ତି । ଏହି ପଞ୍ଚାୟତରେ ପ୍ରାୟ ୫୦୦୦ ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଏହି ପଞ୍ଚାୟତଟି ବନ୍ୟା ପ୍ରବଣିତ ଅଞ୍ଚଳ ହୋଇଥିବାରୁ ବର୍ଷାଦିନ ଆସିଲେ ରାସ୍ତା ନ ଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମଠାରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଏହି ରାସ୍ତାଟି ଦୀର୍ଘଦିନ ହେବ ଶୋଚନୀୟ ଭାବେ ପଡ଼ି ରହିଛି । କଣ୍ଡିଆ ପୋଲର ଆରପଟେ ଶିକ୍ଷାଠାରୁ ସ୍ୱାସ୍ଥ୍ୟ ସମସ୍ତ ସୁବିଧା ରହିଥିବା ବେଳେ ଖଣ୍ଡିଏ ରାସ୍ତା ନ ଥିବାରୁ ଅରଗଳ



ପଞ୍ଚାୟତର ଲୋକେ ଦୁର୍ଦ୍ଦଶାର ଶିକାର ହେଉଛନ୍ତି । କଣ୍ଡିଆ ପୋଲ ଗ୍ରାମରୁ ମାତ୍ର ୨ କିମି ଦୂର ହୋଇଥିବା ବେଳେ ରାସ୍ତା ଖଣ୍ଡେ ନ ଥିବାରୁ ସାଧାରଣ ଲୋକେ ଅତ୍ୟଆବଶ୍ୟ କାର୍ଯ୍ୟ ପାଇଁ ସୁଦୂର ଆଳି କିମ୍ବା ସିଂହପୁର ବଜାର ଉପରେ ନିର୍ଭର କରନ୍ତି । ଗ୍ରାମରେ କୌଣସି ବ୍ୟକ୍ତି ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହେଲେ ଗ୍ରାମ ମଧ୍ୟକୁ ଆମ୍ବୁଲାନ୍ସଟିଏ ପଶି ପାରେ ନାହିଁ । ତତ୍‌ସହିତ ଯାତାୟାତରେ ଅସୁବିଧା ହେତୁ ରୋଗୀଙ୍କୁ କାନ୍ଧରେ ବୋହି ନେଇ କଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ପଡିଥାଏ । ଫଳରେ ରୋଗୀଟିଏ ସଠିକ୍ ସମୟରେ ମେଡିକାଲରେ ପହଞ୍ଚି ନ ପାରି ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ଖରାଦିନେ କଷ୍ଟେମଷ୍ଟେ ଆରପଟରେ ଥିବା ହାଇସ୍କୁଲ, କଲେଜକୁ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଯାଉଥିବା ବେଳେ ବର୍ଷା ଚାରି ମାସ ଯାତାୟାତ ଅସୁବିଧା ହେତୁ ସ୍କୁଲ ଓ କଲେଜକୁ ଯାଇ ପାରୁନାହାନ୍ତି । କେବଳ ନିର୍ବାଚନ ସମୟରେ ନେତାମାନେ ଭୋଟ ପାଇଁ ଆସି ପ୍ରତିଶୃତି ଦେଇ ଯାଆନ୍ତି ହେଲେ ନିର୍ବାଚନ ସରିଲେ ଅରଗଳ ପଞ୍ଚାୟତ କଥା ଭୁଲିଯାଆନ୍ତି । ସରକାର ସବୁ ଗାଁକୁ କଂକ୍ରିଟ ରାସ୍ତା ନିର୍ମାଣ କରୁଛନ୍ତି । କିନ୍ତୁ ଦୁଃଖ ଓ ପରୀତାପର ବିଷୟ ଯେ, ଅରଗଳ ପଞ୍ଚାୟତବାସୀ ବାରମ୍ବାର ପ୍ରଶାସନକୁ ଗୁହାରି ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗାଁକୁ ସବୁଦିନିଆ ତଥା ସ୍ଥାୟୀ ରାସ୍ତାଟିଏ ହୋଇ ପାରିନାହିଁ । ଶେଷରେ ଗ୍ରାମବାସୀ ନିରୁପାୟ ହୋଇ ସମାଜସେବୀ ଆଶିଷ କୁମାର ଦାସ, ଚନ୍ଦ୍ରକାନ୍ତ ନାୟକ, ଶୁକଦେବ ଦାସ, ଅରୂପ ଦାସ, ହୃଷିକେଶ ବେହେରା, ସାରଦା ଦାସ, ପତିତପାବନ ନାୟକ, ଜଗବନ୍ଧୁ ବେହେରା ଓ ପ୍ରଦୀପ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି ।



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ସ୍ଥିତ ଦେଉଳି ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ ତଥା କଲେଜ ଅଧକ୍ଷ ଡଃ ତପନ କୁମାର ଜେନାଙ୍କ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା କଲେଜ ସମ୍ମିଳନୀ କକ୍ଷରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କଲେଜର ଅଧକ୍ଷ ରାମଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବୋଲଗଡ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ୬୬୨ ବର୍ଗ ସଙ୍ଘର ସଭାପତି ଅଧାପକ ଗୋଲକ ନାୟକ ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାରବାରିକ, କଲେଜ ପ୍ରତିଷ୍ଠାତା ଭାଗିରଥି ସାହୁ, ଦେଉଳି ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ବଟକୃଷ୍ଣ ସାହୁ, ବେଗୁନିଆ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଗଗନ ବେଉରା ସତବୁଦ୍ଦିନ ଅହମ୍ମଦ, ପ୍ରମୁଖ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ମହାବିଦ୍ୟାଳୟର ଛାତ୍ରୀମାନେ ଅଧକ୍ଷଙ୍କ ଉଦେଶ୍ୟରେ ବିଦାୟୀ ସଂଗୀତ ଗାନ କରିଥିଲେ । ଦେଉଳି ଗ୍ରାମର ସମସ୍ତ ଗ୍ରାମବାସୀ ମାନେ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା ଦେଇ ଦେଉଳି ଗ୍ରାମ ପରିକ୍ରମା କରି ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ । ଦେଉଳି ଗ୍ରାମବାସୀ ଓ ଅଞ୍ଚଳ ବାସୀ ଅଧକ୍ଷଙ୍କ ଅବସର ବିଦାୟୀ ପାଇଁ ମର୍ମାହତ ହୋଇଥିଲା ବେଳେ ସମସ୍ତ ଛାତ୍ର ଛାତ୍ରୀମାନେ କୋହଭରା ଲୁହରେ କାନ୍ଦି କାନ୍ଦି ଅଧକ୍ଷଙ୍କୁ ବିଦାୟୀ ଜଣାଇଥିଲେ । ପରିଶେଷରେ ଦର୍ଶନ ଶାସ୍ତ୍ରର ଅଧାପକ ପ୍ରତାପ କିଶୋର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଜଣା ରୋଗରେ ପଞ୍ଚମ ଶ୍ରେଣୀ ଛାତ୍ରର ମୃତ୍ୟୁ

- ପରିବାର ସଦସ୍ୟ ମାଲେରିଆ ଜ୍ୱରରେ ପୀଡ଼ିତ
- ୨ଶିଶୁ କୋରାପୁଟ ଜିଲ୍ଲା ମେଡ଼ିକାଲରେ
- ଆଉ ୩ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାପୁଲୋଡା ପଞ୍ଚାୟତ ଟିକରପଡା ଗାଁରେ ପଞ୍ଚମ ଶ୍ରେଣୀର ଛାତ୍ରର ଅଜଣା ରୋଗରେ ମୃତ୍ୟୁ ହୋଇଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଗତ ସୋମବାର ଦିନ ମୃତ ଶିଶୁ ଈଶ୍ୱର ମେଲେକାଙ୍କୁ ଜ୍ୱର ହୋଇଥିଲା । ଚିକିତ୍ସା ପାଇଁ ଆଲମଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ପାର୍ବତୀପୁର ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡ଼ାକ୍ତର ଚିକିତ୍ସା ପାଇଁ ପିଲାର ରକ୍ତ ପରୀକ୍ଷା କରାଯିବା ଅବସ୍ଥାରେ ଈଶ୍ୱର ଅଚେତ ହୋଇ ଯାଇଥିଲେ । ଡ଼ାକ୍ତର ପିଲାର ଚିକିତ୍ସା ହେବ ନାହିଁ କହି ଘରକୁ ନେଇ ଯିବା ପାଇଁ କହିଥିଲେ । ଈଶ୍ୱର ଘରକୁ ଫେରିବା ପରେ ମଙ୍ଗଳବାର ଦିନ ରାତ୍ରରେ ମୃତ୍ୟୁ ହୋଇଥିଲା । ଏଥିସହିତ ପରିବାରର ସମସ୍ତେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ିଥିଲେ । ଗାଁ ଲୋକଙ୍କ ଦ୍ୱାରା ଜିଲ୍ଲା ସିଡ଼ିଏମ୍‌ଓଙ୍କୁ ଫୋନ ଜରିଆରେ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଅବଗତ କରିଥିଲେ । ସିଡ଼ିଏମ୍‌ଓଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର ରାତ୍ର ଏକ ଘଣ୍ଟା ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡ଼ା ପରିବେଶଙ୍କ ଟିମ ପହଞ୍ଚି ଜ୍ୱରରେ ପୀଡ଼ିତ ଥିବା ଯମୁନା ମେଲେକା ୬ ବର୍ଷ ଓ ଶିବୁ ମେଲେକା ୪ ବର୍ଷଙ୍କୁ ଚିକିତ୍ସା ପାଇଁ କୋରାପୁଟ ଜିଲ୍ଲା ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲେ । ପୁଣି ମୃତ ଶିଶୁର ପିତା ମୁଢେଲା ମେଲେକା, ମାଆ କାମସେଲି ମେଲେକା ଓ ଛୋଟ ଝିଅ ଏମୁନା ମେଲେକା ୧ ବର୍ଷଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ୨ ଜଣ ଶିଶୁ ଓ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ୩ ଜଣ ମଧ୍ୟ ମାଲେରିଆ ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ଜାଣିବାକୁ ମିଳିଛି । ବର୍ତ୍ତମାନ ଯେଉଁ ମାନେ ମାଲେରିଆ ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି ସମସ୍ତେ ଭଲରେ ଥିବା ଜାଣିବାକୁ ମିଳିଛି । ବନ୍ଧୁଗାଁ ବ୍ଲକରେ ଥିବା ସମସ୍ତ ଗାଁରେ ପ୍ରାୟ ଏକ ମାସ ହେବ ଘରେ ଘରେ ଜ୍ୱର ରୋଗୀ ଥିବା ଜଣାପଡ଼ିଛି । ଆଶ୍ରମ ସ୍କୁଲ ଗୁଡ଼ିକରେ ଥିବା ପିଲାଙ୍କୁ ମଧ୍ୟ ଜ୍ୱର ହୋଇଥିବା ଦେଖିବାକୁ ମିଳିଛି । ଗାଁରେ ଥିବା ଆଶା ଦିଦି ଓ ମେଡ଼ିକାଲ ଗୁଡ଼ିକରେ ରକ୍ତ ପରୀକ୍ଷା କରାଯିବା ପରେ ପ୍ରାୟ ୯୦ ପ୍ରତିଶତ ମାଲେରିଆ ଜ୍ୱର ହୋଇଥିବା ଦେଖିବାକୁ ମିଳୁଛି । ମେଡିକାଲ ଓ ଆଶା ଦିଦିଙ୍କ ପାଖକୁ ଗଲେ ମାଲେରିଆ ପୀଡ଼ିତ ଲୋକଙ୍କୁ କେବଳ ବଟିକା ଖାଇବାକୁ ଦେଇ ପଠାଇ ଦେଉଛନ୍ତି । ରୋଗୀ ବଟିକା ଖାଇବା ପରେ ଚିକିତ୍ସିତ ନ ହେଲେ ବନ୍ଧୁଗାଁ ବ୍ଲକ ପ୍ରତି ପଞ୍ଚାୟତରେ ଥିବା କ୍ୱାକ୍‌ମାନଙ୍କ ପାଖରେ ଟଙ୍କା ଦେଇ ଇଞ୍ଜେକସନ ଓ ସାଲାଇନ ନେଇ କିଛି ଦିନ ପାଇଁ ସୁସ୍ଥ ହେଉଛନ୍ତି । ପରେ ପୁନର୍ବାର ଜ୍ୱର ହେଲେ ବ୍ରେନ୍ ମାଲେରିଆ ଓ ଅନ୍ୟାନ୍ୟ ଜ୍ୱରରେ ପୀଡ଼ିତ ହୋଇ ଏହି ପ୍ରକାର ପ୍ରାଣ ହରାଉଥିବା ଦେଖିବାକୁ ମିଳୁଛି ।

## ଛୋଟି-ଇନ୍ଦୁପୁର ବିରୁପା ନଦୀବନ୍ଧ ରାସ୍ତାରେ ବିରାଟ ଗର୍ତ୍ତ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଛୋଟି ପଂଚାୟତ ଅନ୍ତର୍ଗତ ବିରୁପା ନଦୀ ବନ୍ଧ ରାସ୍ତାରେ ଛୋଟି ଠାରେ ଏକ ବିରାଟ ଗର୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛ । ଏହି ନଦୀ ବନ୍ଧ ରାସ୍ତାଟି ଛୋଟି ଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ଯାଇଥିବା ବେଳେ ଦୈନିକ ଶହଶହ ବାଇକ୍, ଚାରିଚକିଆ ଯାନ ଚଳଚଳ କରିଥାଏ । ଚଳିତ ଲଘୁଚାପ ଜନିତ ବର୍ଷାରେ ନଦୀବନ୍ଧର ଏହି ସ୍ଥାନରେ ବନ୍ଧରୁ ବର୍ଷା ପାଣି ଗଡ଼ି ଏଭଳି ଗର୍ତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି । ତେବେ ଏହି ଗାତଟି ରାସ୍ତା ଉପରେ ହୋଇଥିବା ବେଳେ ଏହା ଗଭୀରତା ପାଖାପାଖି ୨ରୁ ଅଢ଼େଇ ମିଟର ହୋଇଥିବା ବେଳେ ପ୍ରସ୍ଥ ପାଖାପାଖି ୧ ମିଟର ରହିଛି । ଯଦି କୌଣସି ବାଇକ୍ ଆରୋହୀ କିମ୍ବା ଚାରିଚକିଆ ଚାଳକ ସାମାନ୍ୟ ଅସାବଧାନ ହୁଅନ୍ତି ତେବେ ସେମାନଙ୍କ ଗାଡ଼ି ଏହି ଖାଲରେ ପଡ଼ି ଦୁର୍ଘଟଣା ଗ୍ରସ୍ତ ହେବା ସହିତ ନଦୀବନ୍ଧ ତଳକୁ ଖସିଯିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଖାଲ ହେବା ଫଳରେ ନଦୀ ବନ୍ଧ ରାସ୍ତା ଦୁର୍ବଳ ହୋଇପଡୁଛି । ତେଣୁ ଜଳସେଚନ ବିଭାଗ ପକ୍ଷରୁ ତୁରନ୍ତ ଏହି ବଡ଼ ଗାତଟିକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କିରଣ୍ଡୁଲ-କୋରାପୁଟ ରେଳ ଲାଇନରେ ଭୂସ୍ଖଳନ



କୋରାପୁଟ, (ଭାସ୍କର ନ୍ୟୁଜ) କିରଣ୍ଡୁଲ-କୋରାପୁଟ ରେଳ ଲାଇନରେ ମାଳିଗୁଡା-ଜରଟି ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଘଟିଛି । ମାଟି ଅତଡା ରେଳ ଧାରଣା ଉପରେ ପଡିବା ଯୋଗୁଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ, ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଏବଂ କିରଣ୍ଡୁଲ-ବିଶାଖାପଟଣା ନାଇଟ୍ ଏକ୍ସପ୍ରେସ ଚଳାଚଳକୁ ବାତିଲ କରାଯାଇଛି । ସେହିପରି ଜଗଦଲପୁର-ରାଉଲକେଲା ଇଣ୍ଟରସିଟି ଏକ୍ସପ୍ରେସ ମାଳିଗୁଡା ଷ୍ଟେସନରେ ଅଟକି ରହିବା ପରେ ପୁଣି ଜଗଦଲପୁର ଅଭିମୁଖେ ଫେରିଯାଇଛି । ଏପଟେ ରେଳ ଚଳାଚଳ ସ୍ୱାଭାବିକ କରିବା ପାଇଁ ନିୟୋଜିତ ହୋଇଛନ୍ତି ଟିମ୍ । କୋରାପୁଟ ଓ ଜୟପୁରରେ ରହୁଥିବା ରେଳେ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି । କୋରାପୁଟ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା କାରଣରୁ ଅପରାହ୍ନ ୩ଟାରେ ମାଳିଗୁଡା-ଜରଟି ଷ୍ଟେସନ ନିକଟରେ ରେଳ ଲାଇନର ପାର୍ଶ୍ୱରେ ଥିବା ପାହାଡ ଧସିଥିଲା । ପାହାଡର ମାଟି ରେଳ ଧାରଣା ଉପରେ ପଡିବା ଯୋଗୁଁ ରେଳ ଚଳାଚଳ ବ୍ୟାହତ ହୋଇଛି । ପାହାଡରୁ ମାଟି ଅତଡା ଧସିବା ପରେ ସୁରକ୍ଷା ଦାୟିତ୍ୱରେ ଥିବା ଗାର୍ଡ ତୁରନ୍ତ ଷ୍ଟେସନ ମ୍ୟାନେଜରଙ୍କୁ ଅବଗତ କରିଥିଲେ । ଏହି ସମୟରେ ଜଗଦଲପୁରରୁ ରାଉଲକେଲା ଅଭିମୁଖେ ଯାତ୍ରା କରୁଥିବା ଇଣ୍ଟରସିଟି ଏକ୍ସପ୍ରେସ୍ ଜଗଦଲପୁରରୁ ବାହାରି ମାଳିଗୁଡା ପର୍ଯ୍ୟନ୍ତ ଆସିଥିଲା । ରାତି ସୁଦ୍ଧା ଉଦ୍ଧାର କାର୍ଯ୍ୟ ଶେଷ ହେବା ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ଟ୍ରେନ ଜଗଦଲପୁର ଅଭିମୁଖେ ଫେରିଯାଇଥିଲା । ଟ୍ରେନ ଚଳାଚଳ ସ୍ୱାଭାବିକ କରିବାକୁ ଯୁଦ୍ଧକାଳୀ ଭିତିରେ କାର୍ଯ୍ୟ ଚାଲିଛି ।

## ସୁନା ଲୁଟ ଘଟଣା: ୧୭ ଦିନ ପରେ ବି ପୋଲିସ ହାତ ଖାଲି

ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଗୁଳି ଫୁଟାଇ ଏବଂ ଠେଙ୍ଗାରେ ଆକ୍ରମଣ କରି ସବୁ ସୁନା ରୁପା ଲୁଟି ନେଲେ ମୁଖା ପିନ୍ଧା ଦୁର୍ବୃତ୍ତ । ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହାକୁମା କଦଭାଟାରେ ରହୁଥିବା ସୁନା ବ୍ୟବସାୟୀ ରାମ ଡାକୁଆ ରାଇଘର ମେଡିକାଲ ଛକରେ ଏକ ସୁନା ଦୋକାନ କରିଥିଲେ ଦୋକାନରେ ଥିବା ସୁନା, ରୁପାକୁ ଧରି ନିଜ ସ୍ତ୍ରୀ ସହ ଘରକୁ ଯାଉଥିବା କିଛି ମୁଖା ପିନ୍ଧା ଦୁର୍ବୃତ୍ତ ରାମ ଡାକୁଆଙ୍କୁ ବନ୍ଧୁକ ଦେଖାଇ ଗୁଳି କରିଥିଲେ । ଏବଂ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଠେଙ୍ଗାରେ ମାଡ଼ ମାରି ସୁନା ରୁପା ଲୁଟି ନେଇଯାଇଥିଲେ ଏହି ଘଟଣାକୁ ନେଇ ରାମ ଡାକୁଆ ରାଇଘର ଥାନାରେ ଲିଖିତ ଅଭିଯୋଗ କରିବାପରେ ଆଜିକୁ ୧୭ ଦିନ ବିତିଗଲା କିନ୍ତୁ ଆଜିଯାଏ ଦୁର୍ବୃତ୍ତ ଧରା ପଡିନଥିବାରୁ ରାମ ଡାକୁଆଙ୍କ ସହ ସାହିବାସି ରାଇଘର ଥାନାକୁ ଯାଇ ଥାନା ଅଧିକାରୀଙ୍କୁ ମିଶି ଦୋଷୀକୁ ଧରି କଠୋର ଦଣ୍ଡଦେବାକୁ ଥାନା ଅଧିକାରୀଙ୍କୁ ଜଣାଇବା ଦେଖିବାକୁ ମିଳିଛି ।

# ସିଭିଲକୋର୍ଟ କମ୍ପ୍ଲେକ୍ସରେ ଚାରାରୋପଣ କାର୍ଯ୍ୟକ୍ରମ



ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀ ସିଭିଲକୋର୍ଟ କମ୍ପ୍ଲେକ୍ସରେ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ପରିଚାଳିତ ୭୬ତମ ବନ ମହୋତ୍ସବ-୨୦୨୫ ଉପଲକ୍ଷେ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଲେ ବେତନଟୀ ଜେଏଏଫସି କୋର୍ଟର ମାନ୍ୟବର ବିଚାରପତି ରଶ୍ମି ନାରାୟଣୀ ମିଶ୍ର । ଏହି ଅବସରରେ ନୂଆକରି ନିର୍ମାଣ କରାଯାଇଥିବା ବେତନଟୀ ସିଭିଲକୋର୍ଟ କମ୍ପ୍ଲେକ୍ସରେ ବିଭିନ୍ନ କିସମର ଫଳଗଛ ସମେତ ଚାରାଗଛ ରୋପଣ କରାଯାଇଥିଲା । ବନ ବିଭାଗ ପକ୍ଷରୁ ବେତନଟୀ ରେଞ୍ଜର ମନୁଓ୍ୱର ଖାଁ, ବନପାଳ ପ୍ରଦୀପ ଦଦେହୁରୀ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ -୨ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ରତିକାନ୍ତ ବେହୁରାଙ୍କ ସମେତ ପାରାବନ କର୍ମଚାରୀ ଉପସ୍ଥିତ ରହିଥିଲେ । ସିଭିଲ କୋର୍ଟ କମ୍ପ୍ଲେକ୍ସରେ ରୋପଣ କରାଯାଇଥିବା ଚାରାଗଛ ଗୁଡିକର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ କ୍ୟାଡର ଏପିପି ନିହାର ରଞ୍ଜନ ଜେନାଙ୍କ ସମେତ ବେତନଟୀ ବାର ଏସୋସିଏସନ ସଭାପତି ଦେବବ୍ରତ ପରିଡା, ଉପସଭାପତି ରବିନାରାୟଣ ମହାପାତ୍ର, ସମ୍ପାଦକ ପ୍ରବୀର ବାରିକ, ରଣଜିତ ଗନ୍ତାୟତ, ମନୋଜ ଦଳେଇ, ଲମ୍ବୋଦର ନାୟକ, ଦୁଃଖିଆ ମୁର୍ମୁ, ସଚ୍ଚିଦାନନ୍ଦ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଆଇନଜୀବୀ ଏବଂ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ ।

## ମାଟ୍ରିକ ଏକ୍ସ ରେଗୁଲାର ପରୀକ୍ଷାରେ ୨ ନକଲି ପରୀକ୍ଷାର୍ଥୀ ଗିରଫ



ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଧରମପୁରା ସରକାରୀ ଉଚ୍ଚବିଦ୍ୟାଳୟ ପରୀକ୍ଷା ସେଣ୍ଟରରେ ୨ଜଣ ନକଲି ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ମଙ୍ଗଳବାର ଧରାପଡ଼ି ଗିରଫ ହୋଇଛନ୍ତି । ସୂଚନା ମୁତାବକ ଶୁଳିଆପଦା ଥାନା ଅଧୀନ ଧରମପୁରା ସରକାରୀ ଉଚ୍ଚବିଦ୍ୟାଳୟ ପରୀକ୍ଷା ସେଣ୍ଟରରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ମେଟ୍ରିକ ଏକ୍ସ ରେଗୁଲାର ପରୀକ୍ଷା ଚାଲିଥିବା ବେଳେ ଡେସକ୍ରିପଟିଭ ରୋଲ ଖାତାରେ ସ୍ୱାକ୍ଷର ସମୟରେ ଦୁଇ ଜଣଙ୍କ ଦସ୍ତଖତ ଏବଂ ବୟସରେ ତାଳମେଳ ଖାଇଲା ନାହିଁ । ଯାହାଫଳରେ ସନ୍ଦେହ ଉପୁଜିଥିଲା । ଯାଞ୍ଚ ବେଳେ ଦୁଇ ଜଣ ଯାକ ନକଲି ପରୀକ୍ଷାର୍ଥୀ ବୋଲି ଜଣାପଡିଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଗିରିଙ୍କ ଏତଲା ଅନୁଯାୟୀ ଶୁଳିଆପଦା ପୁଲିସ ଦୁଇ ଜଣଙ୍କୁ ଅଟକ ରଖିବା ସହ ୧୦୯/୨୫ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ସତ୍ୟ ନାରାୟଣ ବଳ ସୂଚନା ଦେଇଛନ୍ତି । ଦୁଇଜଣ ଯାକ ବେତନଟୀ ଥାନା ଅଞ୍ଚଳର । ସେମାନଙ୍କ ମଧ୍ୟରୁ ଜଣେ କାହ୍ନୁ ମୁର୍ମୁଙ୍କ ପୁଅ ଦୁଲା ମୁର୍ମୁ (୨୧) ଏବଂ ଅନ୍ୟ ଜଣକ ନାବାଳକ ।ସେମାନେ ଭବାନୀ ଶଙ୍କର ପାତ୍ର ଓ ଗୌରହରି ନାଏକ ନାମରେ ନକଲି ପରୀକ୍ଷାର୍ଥୀ ଭାବରେ ପରୀକ୍ଷା ଦେଉଥିଲେ ।

# ଡାକ୍ତର ଦିବସରେ ଡାକ୍ତରଙ୍କୁ ସମ୍ମାନିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଜାତୀୟ ଡାକ୍ତର ଦିବସରେ ମାଲକାନଗିରି ଜିଲା ରୋଟାରି କ୍ଲବ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ୫୦ ଡାକ୍ତରଙ୍କୁ ରୋଟାରୀ କ୍ଲବ୍ ତରଫରୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଏବଂ କନିଷ୍ଠ ଡାକ୍ତରମାନଙ୍କୁ ରୋଗୀ ସେବାରେ ନିଜକୁ ନିୟୋଜିତ କରିବା ସହ ଏହି ଡାକ୍ତରଖାନା ବିଗତ ୩ ବର୍ଷ ଧରି କେନ୍ଦ୍ର ସରକାରଙ୍କ ତରଫରୁ କାୟାକଳ୍ପ ପୁରସ୍କାର ପାଇ ଆସଛି । ଆଜି ପରି ଦିବସରେ ଡାକ୍ତରଙ୍କ ଭୂମିକାକୁ ସମସ୍ତେ ମନେରଖିବା ଓ ଉତ୍ସାହିତ କରିବା ପାଇଁ କ୍ଲବ୍ ତରଫରୁ ଏପରି ପଦକ୍ଷେପ ନିଆଯାଇଥିଲା । ସମସ୍ତ ଡାକ୍ତରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମେମେଣ୍ଟୋ ଦିଆଯାଇଥିଲା । କ୍ଲବ ତରଫରୁ ନୂତନ ସଭାପତି ଲବ ସାହୁ, ସମ୍ପାଦକ ଦିଲୀପ କୁମାର ସମାନି, ସୁଶାନ୍ତ ସାମଲ, ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପାଢୀ, ସମ୍ପାଦକ ଜି. ଶ୍ୟାମବାବୁ ଦୋରା, ରୋଟାରିଆନ ଦୁର୍ଯ୍ୟୋଧନ ପାତ୍ର ଓ ଈଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଙ୍ଗା ଆଜବେଷ୍ଟସ୍ ଘରେ ବିତୁଛି ୧୩ ଜୀବନ



ନିଆଳି, (ଭାସ୍କର ନ୍ୟୁଜ୍) : ରାଜ୍ୟ ରାଜଧାନୀରୁ ମାତ୍ର ୫୦ କିଲୋମିଟର ଦୂର ନିଆଳି ବ୍ଲକ କୃଷ୍ଣ ପ୍ରସାଦ ପଞ୍ଚାୟତ କୂଳ ପିତାପଡା ଗ୍ରାମର ଶ୍ରୀଚରଣ ରାଉତଙ୍କ ପାଇଁ ଆବାସ ଯୋଜନା ସାତ ସ୍ୱପ୍ନ ପାଲଟିଛି । ସତେ ଯେମିତି ସରକାରଙ୍କ ସାବତ ପୁଅ ପାଲଟିଛନ୍ତି ଶ୍ରୀଚରଣ ରାଉତ । ତାଙ୍କର ତିନି ପୁଅ ବୋହୁ ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ମିଶାଇ ୧୩ ଜଣ ଭଙ୍ଗା ଆଜବେଷ୍ଟସ୍ ଘରେ ବିତାଉଛନ୍ତି ଜୀବନ । ଯେଉଁ ଘରେ ଦେଢଶୁର ଭାଇବୋହୁ ଶାଶୁ ଶ୍ୱଶୁର ଏକାଠି ଗୋଟିଏ ଘରେ କରୁଛନ୍ତି ବସବାସ । ଦିନରେ ଖରା ରାତିରେ ତରା ଦେଖିବାକୁ ପଦାକୁ ଯିବାକୁ ପଡ଼େନି । ସାମାନ୍ୟ ଟିକେ ବର୍ଷା ହେଲେ ଘରେ ଖେଳେ ପାଣିର ଲହଡି । ସାମାନ୍ୟ ବର୍ଷା ହେଲେ ପିଲାଙ୍କ ପାଠ ପଢା ତ ଦୂରର କଥା ରୋଷେଇ କରିବାକୁ ମଧ୍ୟ ସାମାନ୍ୟ ଜାଗା ମିଳେନି । ଆବାସ ଟିଏ ପାଇଁ ସେ ଜିଲ୍ଲାପାଳଙ୍କ ଜଣ ଶୁଣାଣି ହେଉ କି ବ୍ଲକ କାର୍ଯ୍ୟାଳୟ, ସବୁଠିକୁ ଦୌଡ଼ି ଦୌଡ଼ି ଶ୍ରୀଚରଣ ଓ ତାଙ୍କ ତିନି ପୁଅ ହେଲେଣି ନିରାଶ । ପର ବିଲ ଭାଗ ଆଣି ତିନି ପୁଅ ଚାଷ କରି ଚଳୁଥିବା ବେଳେ ସାନ ପୁଅ ଅଜୟ କୁମାର ରାଉତଙ୍କ ରାସନ ଟିଏ ନାହିଁ । ରାସନ ପାଇଁ ବ୍ଲକ ବିଭାଗ ଯୋଗାଣ ଅଧିକାରୀଙ୍କ ପାଖକୁ ଗଲେ ସେଠାରେ ଉତ୍ତର ମିଳୁଛି ତମର ତିନି ବଖରା ଛାତ ଘର ଅଛି । ମୁଣ୍ଡ ଗୁଞ୍ଜିବାକୁ ପରିବାରର ୧୩ ଜଣ ସଦସ୍ୟଙ୍କ ପାଇଁ ଏକ ମାତ୍ର ଭଙ୍ଗା ଆଜବେଷ୍ଟସ୍ ଘର ହୋଇଥିବା ବେଳେ ଯୋଗାଣ ବିଭାଗ କେଉଁଠୁ ଆଣିଲା ଛାତ ଘର ! ଖରାରୁ ରକ୍ଷା ପାଇବା ପାଇଁ ପରିବାର ଲୋକେ ଲୁଗା ଟାଙ୍ଗୁଥିବା ବେଳେ ବର୍ଷାରୁ ରକ୍ଷା ପାଇବା ପାଇଁ ଚୋକଡ଼ ଅଖା ହିଁ ଭରଷା । ଏଭଳି ଦୟନୀୟ ଅବସ୍ଥାରେ ଶ୍ରୀ ଚରଣଙ୍କ ପରିବାର ଦିନ କାଟୁଥିବା ବେଳେ କେବେ ପ୍ରଶାସନ ରାସନ ଓ ଆବାସ ଘର ଯୋଗାଉଛି ତାହା ଦେଖିବାକୁ ଅନାଇ ବସିଛନ୍ତି ପରିବାର । ଏ ନେଇ ନିଆଳି ଯୋଗାଣ ବିଭାଗ ଅଧିକାରୀ ଓ ବ୍ଲକପ୍ରଶାସନ କେହି ବି ମୁହଁ ଖୋଲୁ ନାହାନ୍ତି ।

## ଯୋଗ୍ୟ ହିତାଧକାରୀଙ୍କୁ ଭିନ୍ନକ୍ଷମ ସାଇକେଲ ବଣ୍ଟନ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ମାନଙ୍କୁ ଜଳେଶ୍ୱର ବ୍ଲକ ତରଫରୁ ଟ୍ରାୟ ସାଇକେଲ ପ୍ରଦାନ କରାଯାଇଛି ।ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମପୁର ଗ୍ରାମର ବେଣୁଧର ମଲ୍ଲିକ (୭୮), ସୁଭଦ୍ରା ମଲ୍ଲିକ (୭୨), କୋଟସାହି ପଞ୍ଚାୟତର ବାସୁଦେବ ବେହେରା (୭୬), ପାଇକସିଦା ପଞ୍ଚାୟତର ବାସନ୍ତୀ ମହାନ୍ତି(୭୫)ଙ୍କୁ ଏହି ଟ୍ରାୟ ସାଇକେଲ ପ୍ରଦାନ କରାଯାଇଛି । ବିଭିନ୍ନ ପଞ୍ଚାୟତରେ ବହୁ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ମହିଳା ଓ ପୁରୁଷ ମାନେ ଚାଲିବା ବୁଲିବାରେ ଅସୁବିଧାର ସମ୍ମୁଖୀନ ହେବା ସହିତ ଏହି ଟ୍ରାୟ ସାଇକେଲ ପାଇବା ପାଇଁ ଆବେଦନ କରିଥିଲେ । ବୁଧବାର ଜଳେଶ୍ୱର ବ୍ଲକର ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ସଲିମା ରାଉତ ଏହି ବୃଦ୍ଧବୃଦ୍ଧା ମାନଙ୍କୁ ଟ୍ରାୟ ସାଇକେଲ ପ୍ରଦାନ କରିଛନ୍ତି । ପରବର୍ତୀ ସମୟରେ ବିଭିନ୍ନ ପଞ୍ଚାୟତରେ ରହିଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କାରାଯାଇ ବିଭିନ୍ନ ଉପକରଣ ଯୋଗାଇ ଦିଆଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ସୂଚନା ଦେଇଛନ୍ତି ।

# କର୍କଟ ପୀଡ଼ିତ ଜ୍ଞାନଚାନ୍ଦଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଜଣେ ବିଶିଷ୍ଟ ବସ୍ ଚାଳକ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାର ଜଣାଯାଇଛି । ତାଙ୍କର ଚିକିତ୍ସାରେ ଅର୍ଥ ବାଧକ ସାଜିଥିବାର ଅଭିଯୋଗ ହୋଇଛି । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ଗ୍ରାମପଞ୍ଚାୟତ ଓଥକା ଗ୍ରାମର ଜ୍ଞାନଚାନ୍ଦ ମହାନ୍ତି(ଦିଲୁ ଭାଇ) (୬୮)ସ୍ଥାନୀୟ ଅଞ୍ଚଳରେ ଜଣେ ବସ ଚାଳକ ହିସାବରେ ବେଶ ସୁନାମ ଅର୍ଜନ କରିଥିଲେ । ଦିଲୁ ଭାଇ ଘରୋଇ ବସ ଚାଳନା କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଥିଲେ । ତେବେ ବାର୍ଦ୍ଧକ୍ୟରେ ଉପନୀତ ହେବା ଯୋଗୁ ଶ୍ରୀ ମହାନ୍ତି ଗାଡି ଚାଳନା ଗତ କିଛି ଦିନ ହେଲା ଛାଡି ଦେଇଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କର ପତ୍ନୀ ବିଷ୍ଣୁପ୍ରିୟା ମହାନ୍ତି ତାଙ୍କୁ ବିଭିନ୍ନ ସ୍ଥାନରେ ଚିକିତ୍ସା କରାଇଥିଲେ । ତେବେ ଦେହ ଭଲ ନହେବା କାରଣରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା । ପରୀକ୍ଷା ନିରୀକ୍ଷା ପରେ ଶ୍ରୀ ମହାନ୍ତି କର୍କଟ ଜନିତ ରୋଗରେ ଆକ୍ରାନ୍ତ ହୋଇଥିବାର ଡାକ୍ତର ରିପୋର୍ଟ ପ୍ରଦାନ କରିଥିଲେ । ତେବେ ତାଙ୍କର ପତ୍ନୀ ବିଷ୍ଣୁପ୍ରିୟା ସ୍ୱାମୀକୁ ଭଲ କରିବା ନିମନ୍ତେ ଘରେ ଥିବା ସମସ୍ତ ଆସବାପତ୍ର, ସୁନା ଗହଣା ବିକ୍ରୟ କରି ସର୍ବଶ୍ୱ ହରାଇ ସାରିଲେଣି । କିନ୍ତୁ ତାଙ୍କର ଦେହ ଭଲ ହେଉନାହିଁ । ତାଙ୍କର ଚିକିତ୍ସାରେ ଅର୍ଥ ବାଧକ ସାଜିଥିବାର ଅଭିଯୋଗ ହୋଇଛି । ଶ୍ରୀ ମହାନ୍ତିଙ୍କର କୌଣସି ପୋଷଣାହାରୀ ପୁତ୍ର ସନ୍ତାନ କିମ୍ବା କନ୍ୟା ନାହାନ୍ତି । ପତି ପତ୍ନୀ ବହୁ କଷ୍ଟରେ କାଳାତିପାତ କରୁଛନ୍ତି । ତାଙ୍କର ଚିକିତ୍ସା ନିମନ୍ତେ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଥିବାର ଡାକ୍ତର ପ୍ରକାଶ କରିଛନ୍ତି । ଏତେ ପରିମାଣର ଟଙ୍କା କେଉଁଠୁ ଆଣିବେ ସେଥିନେଇ ତାଙ୍କର ପତ୍ନୀ ବିଷ୍ଣୁପ୍ରିୟା ଚିନ୍ତାରେ ଭାଙ୍ଗି ପଡିଛନ୍ତି । ଏପରିସ୍ଥଳେ ସରକାରଙ୍କ ତରଫରୁ ତାଙ୍କୁ ପ୍ରଦାନ କରାଯାଉଥିବା ବାର୍ଦ୍ଧକ୍ୟ ଭତା ଏବଂ ମାସିକ ୧୦କେଜି ଚାଉଳ ସମୁଦ୍ରକୁ ଶଙ୍ଖେ ସଦୃଶ । ଶ୍ରୀ ମହାନ୍ତିଙ୍କ ଚିକିତ୍ସା ନିମନ୍ତେ କୌଣସି ସରକାରୀ ସହାୟତା ଏପର୍ଯ୍ୟନ୍ତ ଯୋଗାଇ ଦିଆଯାଇ ନାହିଁ । ଏପରିକି କୌଣସି ସ୍ୱେଚ୍ଛାସେବୀ ସଙ୍ଗଠନ କିମ୍ବା ବଦାନ୍ୟବ୍ୟକ୍ତି ମାନେ ମଧ ତାଙ୍କ ପ୍ରତି ସହଯୋଗର ହାତ ବଢାଇ ନାହାନ୍ତି । ଶ୍ରୀ ମହାନ୍ତିଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ପରିବାର ସ୍ୱେଚ୍ଛାସେବୀ ସଙ୍ଗଠନର ସଭାପତି ବଲ୍ଲଭ ଚରଣ ପଲେଇ, ସମ୍ପାଦକ ପ୍ରମୋଦ କୁମାର ନାୟକ, ପୂର୍ବତନ ସରପଂଚ କ୍ଷୀରୋଦ କୁମାର ପଣ୍ଡା,ରବିନ୍ଦ୍ରନାଥ ସେଠୀ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲ ପ୍ରମୁଖ ଦୃଢ ଦାବି କରିଛନ୍ତି । କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ସଙ୍ଗଠନ ଶ୍ରୀ ମହାନ୍ତିଙ୍କ ପ୍ରତି ଆର୍ଥୀକ ସହଯୋଗର ହାତ ବଢାଇବା ପାଇଁ ଚାହୁଁଥିଲେ ଓଥକା କାନାରା ବ୍ୟାଙ୍କ ଜମା ଖାତା ନଂ୮୦୯୮୨୨୦୦୦୧୦୦୮୨. ଆଇଏଫସି- ସିଏନଆରବି-୦୦୧୮୦୯୮ ଏବଂ ତାଙ୍କର ମୋବାଇଲ ନମ୍ବର ୭୩୭୭୨୧୦୩୯୭ରେ ଯୋଗାଯୋଗ କରିବା ନିମନ୍ତେ ତାଙ୍କ ପରିବାର ତରଫରୁ ଅନୁରୋଧ କରାଯାଇଛି ।

## ପରିବା ଦର ବୃଦ୍ଧି, ଚିନ୍ତାରେ ଖାଉଟି

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକର ବଦଘୁମୁରୀ ଅଞ୍ଚଳ ଏକ କୃଷି ପ୍ରଧାନ ଅଞ୍ଚଳ ଭାବେ ପରିଚିତ । ନଦୀପଠା ଅଞ୍ଚଳରେ ୮୦ ପ୍ରତିଶତ ଚାଷୀ ସାଧାରଣତଃ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରନ୍ତି । ଲଗାଣ ବର୍ଷା ଯୋଗୁଁ ଚାଷୀକୁଳ ଏବେ ହତାଶ ହୋଇପଡ଼ିଛନ୍ତି । ତାହା ସଙ୍ଗେ ପନିପରିବା ଅମଳ କମିବା କାରଣରୁ ବଜାର ଦର ବଢ଼ିବାରେ ଲାଗିଛି । ଯାହାକୁ ନେଇ ଖାଉଟି ଏବେ ଚିନ୍ତାରେ । ଏହି ଚାଷ ପାଇଁ ଚାଷୀମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରି ବିଭିନ୍ନ ଚାଷ କାର୍ଯ୍ୟ କରିଆସୁଛନ୍ତି । ଲଘୁଚାପ ବିଲରେ ପାଣି ଜମି ରହିବା କାରଣରୁ ବର୍ଷା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଗଛରୁ ଫଳ କମୁଛି ଓ ଅମଳ ମଧ୍ୟ କମୁଛି । ଏଥିପାଇଁ ପନିପରିବା ବଜାର ଦର ବଢ଼ିଛି । ବଜାରରେ ସବୁ ପନିପରିବା ଦର ଏବେ ୫୦ ଟଙ୍କା ଉପରେ ରହିଛି ଓ ଅମଳ କମିବାରୁ ଚିନ୍ତାରେ ଚାଷୀ ଓ ବଜାର ଦର ବଢ଼ିବାରୁ ଗ୍ରାହକ ମହଲରେ ଅସନ୍ତୋଷ ଦେଖାଦେଇଛି ।

## ଜରାଜୀର୍ଣ୍ଣ ଅବସ୍ଥାରେ କୁଆଁପାଳ ବସ୍‌ଷ୍ଟାଣ୍ଡ: ସୃଷ୍ଟି କରୁଛି କୃତ୍ରିମ ହ୍ରଦର ଭ୍ରମ



ମାହାଙ୍ଗା, (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ମାହାଙ୍ଗା ବ୍ଲକର ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ଯାତ୍ରୀ ମାନଙ୍କ ଗମନାଗମନର କେନ୍ଦ୍ର ହେଉଛି କୁଆଁପାଳ ବସ୍ ଷ୍ଟାଣ୍ଡ । ଏହି ବସ୍‌ଷ୍ଟାଣ୍ଡଟିର ରକ୍ଷଣାବେକ୍ଷଣ ଦୀର୍ଘ ଦିନ ହେବ ହୋଇ ପାରିନଥିବାରୁ ଏହା ଜରାଜୀର୍ଣ୍ଣ ହୋଇପଡିଛି । ବିଶେଷ କରି ଏଠାରେ ଖାଲ ଖମା ସୃଷ୍ଟି ହୋଇ ଲଗାଣ ବର୍ଷାରେ ବର୍ଷା ପାଣି ଜମି ରହି କୃତିମ ହ୍ରଦର ଭ୍ରମ ସୃଷ୍ଟି କରୁଛି । ଏହି ସ୍ଥାନଟି ମାହାଙ୍ଗା ବ୍ଲକ, ତହସିଲ, ଜେ.ଏନ୍ କଲେଜ, ସ୍ୱାସ୍ଥ୍ୟ କେନ୍ଦ୍ର, ଥାନା, ଅଗ୍ନିଶମ ବିଭାଗ, ଉପ ନିବନ୍ଧକ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ ଆଦି ସ୍ଥାନକୁ ସଂଯୋଗ କରୁଛି । ବିଶେଷ କରି ଏହି ଷ୍ଟାଣ୍ଡ ପାଖରେ ପ୍ରଥମ ଶ୍ରେଣୀର ଅଦାଲତ ରହିଥିବାରୁ ଏଥି ସ୍ଥାନକୁ ମାହାଙ୍ଗା ଓ ଆଖ ପାଖ ଅଞ୍ଚଳର ଶତାଧିକ ଜନସାଧାରଣ ଗାଡି ମଟରରେ ଯା ଆସ କରିବା ପାଇଁ ନିର୍ଭର କରିଥାନ୍ତି । ଏଠାରେ ବିଶେଷ କରି ଏଠାରେ ଶୌଚାଳୟ ଟିଏ ନ ଥିବାରୁ ମହିଳା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାରେ ଛିଡା ହେବା ପାଇଁ ସେଭଳି ଘରଟିଏ ମଧ୍ୟ ଏଠାରେ ନାହିଁ । ପୂର୍ବ ସରକାର ସମୟରେ ଏକ ଲକ୍ଷ୍ମୀ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇଥିଲେ ମଧ୍ୟ ତାହା ଏଠାକାର ଜନସାଧାରଣଙ୍କ ନିମନ୍ତେ ପର୍ଯ୍ୟାପ୍ତ ନୁହେଁ । ତେଣୁ ଏହାକୁ ମରାମତି ସହ ଏହାର ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ୫୩ ନଂ ଜାତୀୟ ରାଜପଥ କାମ ନିମ୍ନମାନର

# ଭିଜିଲାନ୍ସ ତଦନ୍ତ ଦାବିକଲା ଜନଶକ୍ତି ପାର୍ଟି

ଡେରାବିଶ, (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥ ଚାରିଆକିଆ ରାସ୍ତା ନିର୍ମାଣ ଚାଲିଛି । ତେବେ ଏହି ରାସ୍ତାର ଡେରାବିଶ ବ୍ଲକ ଅନ୍ତର୍ଗତ ପଂଚୁପାଣ୍ଡବ ଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ରାସ୍ତା ନିମ୍ନମାନର ହେଉଥିବା ଓ ନିର୍ମାଣ କାର୍ଯ୍ୟରେ ଠିକାସଂସ୍ଥା ଦ୍ୱାରା ନିୟୋଜିତ ଶ୍ରମିକମାନେ ବିନା ସୁରକ୍ଷା ଉପକରଣରେ ବିପଦଜନକ ଭାବେ କାର୍ଯ୍ୟକରୁଥିବା ନେଇ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ ଅଭିଯୋଗ କରିବା ସହିତ ଏହାର ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବା ପାଇଁ ଶ୍ରୀ ଦାଶ ଦାବି କରିଛନ୍ତି । ନିର୍ମାଣଧୀନ ଏହି ରାସ୍ତାଟି ଏବେ ମରଣଜନ୍ତାରେ ପରିଣତ ହୋଇଥିବା ବେଳେ ଦୈନିକ ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ଶହଶହ ଧନଜୀବନ ହାନି ହେଉଛି । ଏଥିସହିତ ଏହି ରାସ୍ତାର ଉଭୟ କଡ଼ରେ ବସବାସ କରୁଥିବା ଡେରାବିଶ ବ୍ଲକ ଅଂଚଳର ବହୁ ଜନସାଧାରଣଙ୍କ ସମେତ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀମାନେ ଯାତାୟତ ପାଇଁ ନାହିଁନଥିବା ହୀନସ୍ତା ଭୋଗ କରୁଛନ୍ତି । ଏଥିସହିତ ଏହି ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା ଖାଲଖମା ସୃଷ୍ଟି ହୋଇ ହୋଇ ଅସରାଏ ବର୍ଷା ହେଲେ ଏଥିରେ ପାଣି ଜମି ଲୋକମାନେ ଅକଥନୀୟ ଯାତନା ଭୋଗୁଛନ୍ତି । ଏପରିକି ବହୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଏହି ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ି ଅଟକି ରହୁଛି । ବହୁ ସମୟରେ ବର୍ଷା ହେଲେ ରାସ୍ତା କଡ଼ରେ ଥିବା ଗ୍ରାମମାନଙ୍କରେ ଜାତୀୟ ରାଜପଥରୁ ମାଟି କାଦୁଅ ଧୋଇ କାଦୁଅ ପାଣି ପଶିଯାଉଥିବା ନେଇ ମଧ୍ୟ ଅଭିଯୋଗ ହେଉଛି । ଏଥିସହିତ ଏହି ରାସ୍ତା କାର୍ଯ୍ୟରେ ଠିକାଦାର ଯେଉଁ ଶ୍ରମିକମାନଙ୍କୁ ନିୟୋଜିତ କରିଛନ୍ତି ସେମାନଙ୍କୁ ନିର୍ମାଣ କାର୍ଯ୍ୟବେଳେ ସୁରକ୍ଷା ଉପକରଣ ଦେଉନଥିବାରୁ ସେମାନେ ବିପଦସଙ୍କୁଳ ଅବସ୍ଥାରେ ନିର୍ମାଣ କାର୍ଯ୍ୟ କରୁଛନ୍ତି । ଯଦି କୌଣସି କାରଣରୁ ଏହି ବିପଦ ଜନକ କାର୍ଯ୍ୟରେ ନିୟୋଜିତ ଶ୍ରମିକ ଜଣଙ୍କର କୌଣସି ଅଘଟଣ ଘଟେ ସେଥିପାଇଁ ଠିକାସଂସ୍ଥା ଦାୟୀ ହେବ ବୋଲି ଶ୍ରୀ ଦାଶ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି । ଦରକାର ପଡ଼ିଲେ ଶ୍ରୀ ଦାଶ ଏହି ଅମାନବୀୟ କାର୍ଯ୍ୟ ନିମନ୍ତେ ମାନବିକ ଅଧିକାର କମିଶନରଙ୍କ ଆଶ୍ରୟ ନେବେ ବୋଲି କହିଛନ୍ତି ।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ତିଳପୁର ସ୍ଥିତ କଲ୍ୟାଣ ମଣ୍ଡପରେ ଆଜି ବ୍ଲକସ୍ତରୀୟ ଉଦ୍ୟାନକୃଷି ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଉଦ୍ୟାନ ଅଧିଦର୍ଶକ ଆଶାଲତା ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଦକ୍ଷତା ବିକାଶ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସହକାରୀ ଉଦ୍ୟାନ ଉପନିର୍ଦ୍ଦେଶକ ଦେବଦାସ ଦତ୍ତ ଯୋଗଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ମଲିକ, ହେମନ୍ତ କୁମାର ସାମଲ ଯୋଗଦେଇଥିଲେ। ଏଥିରେ ଅତିଥିମାନେ ଉପସ୍ଥିତ ଚାଷୀଙ୍କୁ ସେମାନଙ୍କ ବାଡ଼ିବଗିଚାରେ ମହୁଚାଷ କରିବା ନିମନ୍ତେ କହିବା ସହିତ ଏହାର ପ୍ରଣାଳୀ, ଉପକାରିତା ଓ ଲାଭଦାୟକ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ସରକାରଙ୍କ ପକ୍ଷରୁ ବିଭିନ୍ନ ଉଦ୍ୟାନ କୃଷି ନିମନ୍ତେ ପ୍ରଦାନ କରାଯାଉଥିବା ସହାୟତା ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ ଅଂଚଳର ବିଭିନ୍ନ ପଂଚାୟତରୁ ୨୦୦ ଚାଷୀ ଯୋଗ ଦେଇଥିଲେ। ପରେ ଉପସ୍ଥିତ ଚାଷୀମାନଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ଆମ୍ବ, କାଜୁ ଓ ପଣସା ଚାରା ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍ୟାନ ଅଧିଦର୍ଶକ କେଦାରନାଥ ବାରିକ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ଷ୍ଟ୍ରିଟ୍ ଲାଇଟ୍ ନ ଲଗାଇ ୧୦ ଲକ୍ଷ ଟଙ୍କା ଚଳୁ !




ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍) : ରାସ୍ତା ଆଲୋକୀକରଣ ପ୍ରକଳ୍ପ ନାମରେ ୧୦ ଲକ୍ଷ ଚଳୁ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଅଭଯୋଗ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ଜନୈକ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଆସିଛି। ଦିନକୁ ଦିନ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ଉକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଲମ୍ବି ଚାଲିଛି ଦୁର୍ନୀତି ଅଭିଯୋଗର ଫର୍ଦ୍ଦ। କେତେବେଳେ ଗୋଟିଏ ରାସ୍ତାର ଦୁଇଟି ନାଆଁରେ ସରକାରୀ ଅନୁଦାନ ଅର୍ଥ ବାଟମାରଣା ତ ପୁଣି, କେତେବେଳେ ଫଳକ ନଥାଇ ପ୍ରକଳ୍ପ କାମକୁ ନେଇ ଉଠିଛି ଅଭିଯୋଗ। ଏପରି ସ୍ଥଳେ ପୁଣି ଏକ ଅଭିଯୋଗ ସାମ୍ନାକୁ ଆସିଛି। ପ୍ରକଳ୍ପ ଆରମ୍ଭ ନକରି ବିଲ୍ କରି ସରକାରୀ ଅନୁଦାନ ଅର୍ଥକୁ ହଡପ କରି ନେଇଥିବାର ପୁଣି ଏବେ ଆଉ ଗୋଟିଏ ନୂଆ ଅଭିଯୋଗ ଫର୍ଦ୍ଦ ଯୋଡି ହୋଇଯାଇଛି। ଘଟଣାରୁ ପ୍ରକାଶ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ରାଜନଗର ବନ୍ୟା ବନ୍ଧ ରାସ୍ତାରେ ପଟ୍ଟାମୁଣ୍ଡାଇ ଠାରୁ ନିମପୁର ପୋଖରୀସାହି ପର୍ଯ୍ୟନ୍ତ ରାସ୍ତାକୁ ପୂର୍ବରୁ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଆଲୋକୀକରଣ ଯୋଜନାରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇ ଆଲୋକୀକରଣ କରି ସାରିଥିଲା। ପରବର୍ତ୍ତୀ ସମୟରେ ପଞ୍ଚାୟତ ସମିତି ତରଫରୁ ନିମପୁର ଠାରୁ ଦିଆନପୁର ପର୍ଯ୍ୟନ୍ତ ଏବଂ ଶାସନ ଠାରୁ ମାଳିପୁର ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଇ ଆଲୋକୀକରଣ ପାଇଁ ଦୁଇଟି ଯୋଜନା ପ୍ରସ୍ତୁତ କରାଯାଇଥିଲା। ଦୁଇଟି ଯୋଜନା ମଧ୍ୟରୁ ପ୍ରଥମ ଯୋଜନାରେ ନିମପୁର ଠାରୁ ଶାସନ ପର୍ଯ୍ୟନ୍ତ ଅଞ୍ଚଳରେ ଯେନତେନ ପ୍ରକାରେ ଅତି ନିମ୍ନମାନର ଖୁଣ୍ଟ ଏବଂ ଲାଇଟ ଲଗାଇ କାମ ସାରି ଦିଆଯାଇଥିଲା। ଅତି ନିମ୍ନମାନର ଖୁଣ୍ଟ ବ୍ୟବହାର କରାଯାଇଥିବାରୁ ସେଥିମଧ୍ୟରୁ ଅନେକ ଖୁଣ୍ଟ ଅତି କମ୍‌ଦିନ ଭିତରେ ପାର୍ଶ୍ୱକୁ ଢଳି ପଡ଼ିଲାଣି। କିନ୍ତୁ ଦ୍ୱିତୀୟ ଯୋଜନାରେ ଶାସନ ଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଥିବା ଆଲୋକୀକରଣ ବ୍ୟବସ୍ଥାରେ ଗୋଟିଏ ମଧ ଲାଇଟ୍ ଖୁଣ୍ଟ ଲଗା ନଯାଇ ବିଲ୍ କରି ୯ ଲକ୍ଷ ୭୦୦୦୦ ଟଙ୍କା ପଞ୍ଚାୟତ ସମିତିର କନିଷ୍ଠ ଯନ୍ତ୍ରୀ ରତନେଶ ପାଣ୍ଡେ ନିଜ ଆକାଉଣ୍ଟକୁ ପୈଠ କରି ଉଠାଇ ନେଇଥିବା ୩୧/୦୩/୨୦୨୫ ରେ ପ୍ରସ୍ତୁତ କରାଯାଇଥିବା ସିସିଆର /୨୦୨୪-୨୫/ଆର /୧ ଭାଉଚର ନଂରୁ ଜାଣିବାକୁ ମିଳିଛି। ପ୍ରକଳ୍ପ କେଉଁଠି କାର୍ଯ୍ୟକାରୀ ହୋଇଛି ବୋଲି ପଚାରିବାରୁ ଦୁଇଟି ପ୍ରକଳ୍ପ ବାବଦକୁ ଆସିଥିବା ଅର୍ଥ ଗୋଟିଏ ପ୍ରକଳ୍ପରେ ଖର୍ଚ୍ଚ ହୋଇଗଲା ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ଉତ୍ତର ଦେଇଥିଲେ । ପ୍ରତି ଷ୍ଟ୍ରିଟ୍ ଲାଇଟ୍ ପାଇଁ କେତେ ଖର୍ଚ୍ଚ କରାଯାଇଥବା ନେଇ ପଚାରିବାରୁ ଏହାର ଉତ୍ତରରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ପ୍ରତି ଷ୍ଟ୍ରିଟ୍ ଲାଇଟ୍ ପାଇଁ ୫୦୦୦୦ ତ କେତେବେଳେ ୬୫୦୦୦ ଖର୍ଚ୍ଚ ହୋଇଛି ବୋଲି କହିଛନ୍ତି । ତେବେ ପ୍ରତି ଷ୍ଟ୍ରିଟ ଲାଇଟ ପାଇଁ ବାହାରୁ ବୁଝିବାରୁ ଜଣାଯାଇଛି ଯେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ୧୫୦୦୦ରୁ ସର୍ବାଧିକ ୩୦୦୦୦ ପର୍ଯ୍ୟନ୍ତ ଖର୍ଚ୍ଚ ହେଉଥିବା ବେଳେ କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ଅଧିକ ମୂଲ୍ୟ ଦେଖାଇ ବିଲ୍ କରି ନେଇଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଏହି ଯୋଜନାର ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଉକ୍ତ ଆଲୋକୀକରଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଉତ୍କଳ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି, ଆଶିଷ ମଲିକ, ରମାକାନ୍ତ ଦାସ, ଅର୍ଜୁନ ସାହୁ, ସର୍ବେଶ୍ୱର ସେଠୀ, ବିଚିତ୍ର ସେନାପତି, ପ୍ରମୋଦ ମଲିକ, ଗଣେଷ ସେନାପତି, ବୃନ୍ଦାବନ ପରିଡା ପ୍ରମୁଖ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

### ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

# ‘ଶିକ୍ଷକତା ହେଉଛି ଏକ ପବିତ୍ର ବୃତ୍ତି’





ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ୍) : ବଡଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡା ଓ ସହକାରୀ ଶିକ୍ଷକ ବିଜୟ କୁମାର ପରିଡାଙ୍କ ଅସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବୈଦିକ ବିଦ୍ୱାନ ଆଧ୍ୟାତ୍ମିକ ପ୍ରବଚକ ତଥା ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିକ୍ଷକତା ହେଉଛି ଏକ ପବିତ୍ର ବୃତ୍ତି। ଏହି ବୃତ୍ତିରେ ଦୀର୍ଘବର୍ଷ ଧରି ଦାୟିତ୍ୱ ଲିଭାଇ ଆଜି ଦୁଇ ଶିକ୍ଷକ ଅବସର ନେଉଛନ୍ତି। ସେମାନଙ୍କର ଅବସର ଜୀବନ ସୁଖ ଓ ଶାନ୍ତିମୟ ହେବାକୁ ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଦ୍ୱୟ ଦୀର୍ଘ ୩୭ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରି କେତେ ଯେ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ କରିପାରିଛନ୍ତି ତାହାର ଉଚ୍ଚ ପ୍ରଶଂସା କରିଥିଲେ। ବର୍ତ୍ତମାନର ବିପଥଗାମୀ ସମାଜକୁ ଭଲ ବାଟକୁ ଆଣିବା କ୍ଷେତ୍ରରେ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡଚଣା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ପ୍ରାଧ୍ୟାପକ ଯତିନ୍ଦ୍ର କୁମାର ରାଉତ, ପତରାଜପୁର ସରପଞ୍ଚ ତନୁଶ୍ରୀ ଦାସ ଓ ସମିତିସଭ୍ୟ କୁଳମଣି ବାରିକ ପ୍ରମୁଖ ଯୋଗଦେଇ ଏହି ବିଦ୍ୟାଳୟ ପାଇଁ ଉଭୟ ଶିକ୍ଷକଙ୍କର ଅବଦାନ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାମ୍ବାଦିକ ରାକେଶ କୁମାର ବାରିକ, ପଞ୍ଚସଖା ଶିକ୍ଷା ସମିତିର ସଭାପତି ଜ୍ଞାନ ରଞ୍ଜନ ଦାସ, ପୂର୍ବତନ ଶିକ୍ଷକ ଚନ୍ଦ୍ରମଣି ସାମଲ, ଓସ୍ତା ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ବ୍ଲକ ଓସ୍ତା ସଭାପତି ଦୟାନିଧି ସାମଲ, ବଡ଼ଚଣା ବ୍ଲକର ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ମୁଖ୍ୟ ସ୍ମୃତି ରଞ୍ଜନ ଆଚାର୍ଯ୍ୟ, ଓସ୍ତାର ବ୍ଲକ ସମ୍ପାଦକ ସତ୍ୟବାଦୀ ପଣ୍ଡା, ସମାଜସେବୀ ଗଦାଧର ଦାସ ପ୍ରମୁଖ ଯୋଗଦେଇ ଦୁଇ ସାର୍‌ଙ୍କ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରର ମୁଖ୍ୟ ପତ୍ର "ବୈଜୟନ୍ତୀ"କୁ ଅତିଥିମାନେ ଉନ୍ମୋଚିତ କରିବା ସହିତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଦୁହିଁଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ। ଶିକ୍ଷୟିତ୍ରୀ ନର୍ମଦା ମହାନ୍ତି ଓ ଶିକ୍ଷକ ବିଘ୍ନେଶ୍ୱର ସିଂହ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ଅମ୍ରିତା ସିଂହ। ଶିକ୍ଷୟିତ୍ରୀ ମଧୁସ୍ମିତା ପଣ୍ଡା ମାନପତ୍ର ପାଠ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷକ ମରୁତ କୁମାର ସାମଲ। ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ବେହେରା ଓ ପ୍ରଭାସିନୀ ବେହେରା ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ, ବିଦ୍ୟାଳୟ କର୍ମକର୍ତ୍ତା ସମେତ ବହୁ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡା ଓ ସହକାରୀ ଶିକ୍ଷକ ବିଜୟ କୁମାର ପରିଡାଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ବାଜା, ବାଣ ମାଧ୍ୟମରେ ଗାଁକୁ ଗାଁ ବୁଲାଇ ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲେ। ପ୍ରତି ସାହିରେ ଶିକ୍ଷକ ଦ୍ୱୟଙ୍କୁ ଅଟକାଇ ଫୁଲ ଚନ୍ଦନ ଓ ଉତ୍ତରୀୟ ଦେଇ ଗ୍ରାମବାସୀ କାନ୍ଦବୋବାଳି କରିଥିବାର ଦେଖିବାକୁ ମିଳିଥିଲା।

## ପୋଲ ଉପରେ ସ୍ୱାଭାବିକ ହେଲା ଯାତାୟାତ

ଉମରକୋଟ, (ଭାସ୍କର ନ୍ୟୁଜ୍): ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଯାହାର ପ୍ରଭାବରେ ଗତକାଲି ଉମରକୋଟ ଠାରୁ ନବରଙ୍ଗପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଉମରକୋଟ ଠାରୁ ନବରଙ୍ଗପୁର ଯିବା ରାସ୍ତାର ଧୋଡରା ନିକଟରେ ଥିବା ନାଗି ନଦୀ ଉପରେ ଥିବା ଅସ୍ଥାୟୀ ପୋଲଟି ଧୋଇ ହୋଇ ଯାଇଛି। ଏଠାରେ ଯେଉଁ ପୁରୁଣା ପୋଲଟି ଥିଲା ତାହା ରାସ୍ତା ପ୍ରଶସ୍ତିକରଣ ଯୋଗୁଁ ଏଠାରେ ନୂତନ ପୋଲଟିଏ ନିର୍ମାଣ ଚାଲିଛି। ଗତକାଲି ୩୯ ନମ୍ବର ରାଜ୍ୟ ରାଜପଥରେ ନାଗି ନଦୀର ଅସ୍ଥାୟୀ ପୋଲ ଭାଙ୍ଗି ଯିବା ଯୋଗୁଁ ନିର୍ମାଣାଧୀନ ଥିବା ପୋଲକୁ ଯୁଦ୍ଧକାଳୀନ ଭିତ୍ତିରେ ସଜଡାଯାଉଛି। ପୋଲ ନିର୍ମାଣ ଶେଷ ହୋଇଯାଇଥିବା ବେଳେ ବ୍ରିଜର ଆପ୍ରଚ ରୋଡ଼କୁ ମାଟି ଭର୍ତ୍ତି କରାଯାଉଛି। ଗୁରୁବାର ରାତି ମଧ୍ୟରେ କାମ ସମ୍ପୂର୍ଣ୍ଣ ହେବ ଓ ଛୋଟ ଯାନବାହାନ ଚଳାଚଳ କରିବ। ଆଉ କିଛିଦିନ ପରେ ବଡ଼ ଗାଡି ଛଡ଼ାଯିବ ବୋଲି ବିଭାଗପକ୍ଷରୁ ସୂଚନା ମିଳିଛି। ବନ୍ୟା ଜଳ ଅସ୍ଥାୟୀ ପୋଲ ଉପରୁ ବୋହିବାରୁ ଅଘଟଣ ଆଶଙ୍କା କରି ଅସ୍ଥାୟୀ ପୋଲକୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଥିଲା। ବନ୍ୟା ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଥିଲା। ତେଣୁ ଏହି ରାସ୍ତାରେ ଯାତାୟତ କରୁଥିବା ଯାନବାହନକୁ ବିକଳ୍ପ ରାସ୍ତା ଦେଇ ଯିବା ନିମନ୍ତେ ପରାମର୍ଶ ଦିଆଯାଇଛି। ଉମରକୋଟ ଆଡୁ ଆସୁଥିବା ଯାନବାହାନକୁ ବଡ଼ଭରଣ୍ଡୀ, ମହୁଲି, ଧୋଡ୍ର ଦେଇ ନବରଙ୍ଗପୁର ଯିବେ ଓ ନବରଙ୍ଗପୁର ପଟୁ ଆସୁଥିବା ଯାନବାହାନ ପୂର୍ଲା ଛକ ହୋଇ ଗରମ୍ବା ଦେଇ ଉମରକୋଟକୁ ବିକଳ୍ପ ରାସ୍ତାରେ ଯାତାୟତ କରିବା ସକାଶେ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। କିନ୍ତୁ ଉମରକୋଟ ଠାରୁ ଦୂରକୁ ଯାଉଥିବା ଦୂରଗାମୀ ଓ ସରକାରୀ ବସ ଗୁଡ଼ିକ ୨୦ କିଲୋମିଟର ଅଧିକା ଝରିଗାଁ, ଡାବୁଗାଁ ଦେଇ ମାଇଦଲପୁର ହୋଇ ନବରଙ୍ଗପୁର ଯାଉଛି। ଉମରକୋଟ ଠାରୁ ଯାଉଥିବା ଯାନବାହାନଗୁଡିକ ବର୍ତ୍ତମାନ ଉକ୍ତ ବିକଳ୍ପ ରାସ୍ତାଦେଇ ଯାତାୟାତ କରୁଛି।

### ସମୂହ ଛୁଟିରେ ଓଏଏସ୍-ଓଆର୍ଏସ୍

# ଅଫିସ ଖୋଲା, କାମ ଠପ୍





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) :ରାଜ୍ୟରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ଆକ୍ରମଣ ଘଟଣାରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ନିକଟରେ ଅତିରିକ୍ତ ବିଏମ୍‌ସି କମିଶନରଙ୍କୁ ତାଙ୍କୁ କାର୍ଯ୍ୟାଳୟରୁ ଘୋଷାଡ଼ି ଆଣି ମାଡ଼ ମରାଗଲା। ଅଧିକାରୀମାନଙ୍କ ଉପରେ ଏଭଳି ଆକ୍ରମଣକୁ ନେଇ ରାଜ୍ୟ ବ୍ୟାପି ପ୍ରତିବାଦର ସ୍ୱର ଉଠିଛି। ରାଜ୍ୟ ସଂଘ ନିଷ୍ପତିକୁ ସମର୍ଥନ ଜଣାଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଓଏଏସ୍ ଓ ଓଆର୍‌ଏସ ଅଧିକାରୀ, ଅଧିକାରିଣୀ ମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିଛନ୍ତି। ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନହେବା ଯାଏଁ ରାଜ୍ୟ ସଙ୍ଘର ଆନ୍ଦୋଳନ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଅବଗତ କରାଇଛି ସଂଘ। ତେବେ ଅସ୍ତରଙ୍ଗ ବ୍ଲକ ହେଉ ଅବା ତହସିଲରେ କାର୍ଯ୍ୟରତ ଓଏଏସ୍ ଅଧିକାରୀ ୨ଦିନ ହେବ ଛୁଟିରେ ଥିବାରୁ କାର୍ଯ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାମ ଏକପ୍ରକାର ଠପ୍ ହୋଇଯାଇଛି। ତହସିଲରୁ ବ୍ଲକ କାର୍ଯ୍ୟାଳୟ ଯାଏଁ ସବୁଠି ଅଧିକାରୀଙ୍କ ଚେୟାର ଖାଲି ପଡିଛି। ବିନା ଅଧିକାରୀଙ୍କ ଦସ୍ତଖତରେ ଆଗକୁ ବଢିପାରୁନି ଫାଇଲ୍। କେବଳ ଯେ ସରକାରୀ କାମ ଅଟକିଛି ତାହା ନୁହେଁ ସାଧାରଣ ଲୋକେ ମଧ ଜରୁରି କାମରେ ଆସି ନିରାଶ ହୋଇ ଫେରୁଛନ୍ତି।

# ସମ୍ପତ୍ତି ପାଇଁ ଭଉଣୀଙ୍କୁ ମୃତ ଘୋଷଣା

### ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବଡ଼ଚଣା (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା ପଞ୍ଚାୟତ ନିଶିମଳା ଗ୍ରାମର ହେନା ରାଉତଙ୍କ ଦୁଇ ଭାଇ ସମ୍ପତ୍ତି ଲୋଭରେ ନିଜ ଭଉଣୀମାନଙ୍କୁ ପର କରିବା ସହିତ ସରକାରୀ କାଗଜ ଦସ୍ତାବିଜ୍‌ରେ ମୃତ ଘୋଷଣା କରି ମୂଲ୍ୟବାନ ପୈତୃକ ସମ୍ପତ୍ତିକୁ ବିକ୍ରି କରିବା ଯାଜପୁର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନାଯୋଗ୍ୟ, ଯାଜପୁର ଜିଲ୍ଲା ବ୍ୟାସନଗରସ୍ଥିତ କୋପଣ୍ଡ ଗ୍ରାମରେ ହେନା ରାଉତଙ୍କ ବାପଘର। ସେ ତିନି ଭଉଣୀ ୧. କାମିନୀ ମଲ୍ଲିକ କେନ୍ଦୁଝର ଜିଲ୍ଲାର ଅଳିଙ୍ଗା ଗ୍ରାମରେ ବିଭାଘର ହୋଇଛନ୍ତି, ୨.ଚନ୍ଦ୍ରିକା ରାଉତ ପାଟରଙ୍ଗା ନୂଆ ସାହି ରଗଡ଼ିରେ ବିଭା ହୋଇଥିବା ବେଳେ ଏହି ଦୁଇ ଜଣଙ୍କୁ ସେ ବାପର ଝିଅ ନୁହଁନ୍ତି ଏବଂ ହେନା ରାଉତଙ୍କୁ ମୃତ ଦର୍ଶାଇ ତାଙ୍କର ଥିବା ଦୁଇ ପୁତ୍ରଙ୍କ ନାମ ଦିଆହୋଇଛି, ଦୁଇ ଭାଇ ଏଭଳି ଚଞ୍ଚକତା କରି ଉତ୍ତରାଧିକାରୀ ପ୍ରମାଣପତ୍ର ହାତେଇଛନ୍ତି । ବାପାଙ୍କ ମୃତ୍ୟୁ ପରେ ସେଠାରେ ଥିବା ସମ୍ପତ୍ତିରୁ ଭଉଣୀମାନେ ହକ୍‌ଦାର୍ ହେଉନାହାନ୍ତି ବଡ଼ଭାଇ ଉପେନ୍ଦ୍ର ପ୍ରଧାନ ଓ ସାନଭାଇ ଜିତେନ୍ଦ୍ର ପ୍ରଧାନ ବ୍ୟାସନଗର ତହସିଲରେ ଉତ୍ତରାଧିକାରୀ ପ୍ରମାଣପତ୍ର (ଲିଗାଲ ହେୟାର ସାଟିଫିକେଟ) ପାଇଁ ଆବେଦନ କରିଥିଲେ। ଦେଖିବାକୁ ମିଳୁଛି ବ୍ୟାସନଗର ତହସିଲଦାର ଓ ରାଜସ୍ୱ ନୀରିକ୍ଷକ ସେ ଅଞ୍ଚଳର କାଉନସିଲର ଚଞ୍ଚକତା କରି ହେନା ରାଉତଙ୍କୁ ମୃତ ଦେଖାଇ ଓ ଅନ୍ୟ ଦୁଇ ଭଉଣୀଙ୍କ ନାମ ନରଖି ଲିଗାଲ ହେୟାର ସାଟିଫିକେଟ୍ ଦିଆଯାଇଛି। ବ୍ୟାସନଗରରେ ଥିବା ସମ୍ପତିକୁ ଦୁଇଭାଇ ବିକ୍ରି କରି ତିନି ଭଉଣୀ ମାନଙ୍କୁ ଉପେକ୍ଷା କରିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ସମ୍ପର୍କରେ ହେନା ରାଉତ ଯାଜପୁର ଜିଲ୍ଲାପାଳଙ୍କୁ ତିନିଥର ଦରଖାସ୍ତ କରିଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ବିଚାରକୁ ନିଆଯାଇ ନାହିଁ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ରାଜସ୍ୱ ମନ୍ତ୍ରୀ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ନିବେଦନ କରିଛନ୍ତି ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଉକ୍ତ ଲିଗାଲ ହେୟାର ସାଟିଫିକେଟରେ ତିନି ଭଉଣୀଙ୍କ ନାମ ରଖିବାକୁ ଏବଂ ଏଭଳି ବେନିୟମ କାର୍ଯ୍ୟ କରିଥିବା ସରକାରୀ ବାବୁ ଓ ଜନ ପ୍ରତିନିଧିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଏହିଭଳି କାର୍ଯ୍ୟକୁ ଜନସାଧାରଣରେ ନାପସନ୍ଦ ହୋଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଜମାଲପୁର ଗ୍ରାମର ଯୁବକ ବାଇକ୍ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଜମାଲପୁର ଗ୍ରାମର ହରିପଦ ପାତ୍ରଙ୍କ ସାନପୁଅ ତାପସ ପାତ୍ର(୨୬) ଓରଫ କଟ ବୁଧବାର ପୂର୍ବାହ୍ନରେ ହାଇଦ୍ରାବାଦରୁ ଟ୍ରେନ୍ ଯୋଗେ ଜଳେଶ୍ୱରରେ ପହଞ୍ଚି ଥିଲେ। ଘରକୁ ନଯାଇ ସୋରୁମରୁ ଏକ ନୂତନ ରେସିଂ ବାଇକ୍ କିଣି ଅପରାହ୍ନରେ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଫୁଲାଡି ଛକ ଠାରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ଧକ୍କାଦେବା ଫଳରେ ଦୁର୍ଘଟଣାର ଶିକାର ହୋଇ ସଙ୍କଟାପନ୍ନ ଭାବେ ତାଙ୍କୁ ବାଲେଶ୍ୱର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପ୍ରସାରିତ ହେବା ପରେ, ରାଜୀବ ଲୋଚନ ପରିଡ଼ା, ଆଶୋକ ପରିଡ଼ା, କାଳିଚରଣ ଦାସ, କମଳ ଲୋଚନ ପରିଡ଼ା, ପ୍ରବିର ଦାସ, ମଳୟ ପରିଡ଼ା ପ୍ରମୁଖ ବାଲେଶ୍ୱର ପହଞ୍ଚି ଶୋକ ବ୍ୟକ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରୁଛନ୍ତି। ମୃତକଙ୍କ ବଡ଼ଭାଇ ମାନସ ପାତ୍ର ଜଳେଶ୍ୱର ବ୍ଲକରେ ଡାଟାଏଣ୍ଟ୍ରି ଭାବେ କାର୍ଯ୍ୟରତ ଅଛନ୍ତି। ଅବିବାହିତ ଯୁବକର ଅକାଳ ବିୟୋଗରେ ବିଡ଼ିଓ ଗୌରଙ୍ଗ ଚରଣ ଘୋଷ, ଜିପିଓ ସଲିମା ରାଉତ୍ ସମସ୍ତ କର୍ମଚାରୀ, ବ୍ରଜମୋହନ ପ୍ରଧାନ, ଖଗେନ୍ଦ୍ର ନାଥ ସାହୁ, ସପନ ଦାସ, ଗୌତମ ପାତ୍ର, ସାମ୍ବାଦିକ ଦୁର୍ଗା ଶଙ୍କର ଗିରି ଓ ଭୂପତି କୁମାର ପରିଡ଼ା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ବଡ଼ଚଣାରେ ନାହିଁ ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡ଼ଚଣା ବ୍ଲକ୍‌ରେ ନାହିଁ ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ । ଶ୍ରମ ବିଭାଗ ପକ୍ଷରୁ ପ୍ରତି ବ୍ଲକରେ ସହକାରୀ ଶ୍ରମ ଅଧିକାରୀ ନିଯୁକ୍ତି ବ୍ୟବସ୍ଥା ଥିବାବେଳେ ବଡ଼ଚଣା ବ୍ଲକ୍‌ରେ ଏଯାଏ କାହିଁକି ଖୋଲାଯାଇ ନାହିଁ ତାହା ବିସ୍ମୟ ସୃଷ୍ଟି କରିଛି। ଏଠାରେ ଶ୍ରମ ବିଭାଗର କାର୍ଯ୍ୟାଳୟ ନଥିବାରୁ ନିର୍ମାଣ ଶ୍ରମିକମାନେ ବର୍ଷ ବର୍ଷ ଧରି ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ଏଠାରେ ସହକାରୀ ଶ୍ରମ ଅଧିକାରୀ ଯୋଗଦେବା ପରିବର୍ତ୍ତେ ସେମାନେ ଯାଜପୁର ରୋଡ୍‌ରେ ଥିବା ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ବସୁଛନ୍ତି। ଫଳସ୍ୱରୂପ ବଡ଼ଚଣା ଅଞ୍ଚଳର ନିର୍ମାଣ ଶ୍ରମିକମାନେ ନିଜର ସମସ୍ୟା ଜଣାଇବାକୁ ଯାଜପୁରରୋଡ୍‌ସ୍ଥିତ କାର୍ଯ୍ୟାଳୟକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ବିଭାଗ ପକ୍ଷରୁ ଶ୍ରମିକମାନଙ୍କୁ ଉପକରଣ, ପରିଚୟ ପତ୍ର ପ୍ରଦାନ, ନୂତନ ପଞ୍ଜୀକରଣ, ଝିଅ ବିବାହ ପ୍ରୋତ୍ସାହନ ରାଶି, ଦୁର୍ଘଟଣାରେ ଗୁରୁତରଙ୍କୁ ଆର୍ଥିକ ସହାୟତା, ସେମାନଙ୍କ ପିଲାମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ ଓ ସେମାନଙ୍କର ବିଭିନ ଆଇନଗତ ସମସ୍ୟାର ସମାଧାନ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ବ୍ଲକ୍‌ରେ ଏହି କାର୍ଯ୍ୟାଳୟ ନଥିବାରୁ ସେମାନେ ବାଧ ହୋଇ ଦଲାଲଙ୍କ ଦ୍ୱାରା ଠକାମିର ଶିକାର ହେଉଥିବା ନେଇ କେତେକ ନିର୍ମାଣ ଶ୍ରମିକ ନିଜର ନାମ ଗୋପନ ରଖି କହିଛନ୍ତି। ତେଣୁ ତୁରନ୍ତ ବଡ଼ଚଣା ବ୍ଲକ୍‌ରେ ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲି ନିର୍ମାଣ ଶ୍ରମିକଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ପୂର୍ବତନ ସରପଞ୍ଚ ଚାଚାଳିନ ସ୍ୱାଇଁ, ୱାର୍ଡ ସଭ୍ୟ ସଭ୍ୟା ବୈକୁଣ୍ଠ ସାହୁ, ମମତା ବିଶ୍ୱାଳ, ବିଜୟଲକ୍ଷ୍ମୀ ରାଉତ ପ୍ରମୁଖ ଦାବି କରିଛନ୍ତି।

## ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ

### ୮୬ବର୍ଷୀୟ ଅସୁସ୍ଥ ବୁଲେଇଙ୍କୁ ବର୍ଦ୍ଧିତ ଭତ୍ତା ମିଳିବ କେବେ !



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ୮୦ବର୍ଷ ହୋଇଥିବା ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ଦେବା ପାଇଁ ନୂତନ ନିୟମ ଲାଗୁ କରିଛନ୍ତି। ଏହି ନିୟମ ମୁତାବକ ରାଜ୍ୟର ସବୁ ବ୍ଲକରେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉଛି। ଏହି ପରିପେକ୍ଷୀରେ ରଘୁନାଥପୁର ବ୍ଲକରେ ମଧ୍ୟ ଅନେକ ଲୋକଙ୍କୁ ବର୍ଦ୍ଧିତ ପ୍ରଦାନ କରାଯାଇଥିବା ବେଳେ ଏହି ବ୍ଲକ ଅଧିନ ଗୁଆଳିପୁର ଗ୍ରାମର ରୋଗାକ୍ରାନ୍ତ ଅସୁସ୍ଥ ବୁଲେଇ ଦାସଙ୍କୁ ୮୬ବର୍ଷ ହୋଇଥିଲେ ବି ସେ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି। ସରକାରଙ୍କ ନୂତନ ବର୍ଦ୍ଧିତ ୩୫୦୦ଟଙ୍କା ତାଙ୍କୁ ମିଳିନଥିବାରୁ ସେ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବୃଦ୍ଧାବସ୍ଥାରେ ବାରମ୍ବାର ଦୌଡିଦୌଡି ନୟାନ୍ତ ହୋଇ ହୋଇପଡିଲେଣି, ତଥାପି ବ୍ଲକ ପ୍ରଶାସନ ଘୋରନିଦ୍ରାରେ। ଏହାକୁ ନେଇ ସମାଜସେବୀ ତଥା ଗଣମାଧ୍ୟମ ପ୍ରତିନିଧି ଜ୍ୟୋତିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ଏଠାରେ ପ୍ରକାଶ ଥାଉକି ଏହି ବ୍ଲକର ଅନେକ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗମାନେ ବର୍ଦ୍ଧିତ ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ସେମାନଙ୍କ ଭତ୍ତା ହୋଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି।

## ଅଗ୍ନି ନିରାପତ୍ତା ସଚେତନତା ପ୍ରଶିକ୍ଷଣ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୁଆଳସିଂ ପଂଚାୟତ ଅନ୍ତର୍ଗତ ଉଦୟନଗର ସ୍ଥିତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପରିସରରେ ଅଗ୍ନିନିରାପତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଗ୍ନି ନିରାପତ୍ତା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅଗ୍ନିଶମ ବିଭାଗ ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲ୍ଲା ସହକାରୀ ଅଗ୍ନିଶମ ଅଧିକାରୀ ଶଶି ଶେଖର ପଣ୍ଡାଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଦ୍ୟାଳୟ ପରିସରରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କିଭଳି ଆକସ୍ମିକ ଅଗ୍ନିକାଣ୍ଡକୁ ରୋକି ହେବ ଓ ଅଗ୍ନିକାଣ୍ଡ ସମୟରେ କି କି ପଦକ୍ଷେପ ଗ୍ରହଣ କରିହେବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରାଧାପକ ଅଜୟ କୁମାର ରାଉତ, ବିଦ୍ୟାଳୟ ଅଧକ୍ଷ ସରୋଜକାନ୍ତ ନାୟକ, ଜଗନ୍ନାଥ ନାୟକ, ରଞ୍ଜନ କୁମାର ଦାସ ଓ ସମୀର ମଲ୍ଲ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ।

## ରାଶିଫଳ

ଶୁକ୍ରବାର, ୦୪ ଜୁଲାଇ ୨୦୨୫



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ। ଶୀଘ୍ର ଶୀଘ୍ର କାମପୂରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। କାମ ଶିଘ୍ର ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ। ମନର ଅସ୍ଥିରତାକୁ ନିୟନ୍ତ୍ରଣ କରନ୍ତୁ।




**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ। ପ୍ରତିଦ୍ୱନ୍ଦ୍ୱିତା ହେବ। ଆୟ ବୃଦ୍ଧି ପାଇବ। ଆଘାତ ଏବଂ ରୋଗ ବାଧା ଦେଇପାରେ।



**ମିଥୁନ:** ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର।



**କର୍କଟ:** ବ୍ୟବସାୟରେ କୈଣସି ସନ୍ତୋଷ ରହିବ ନାହିଁ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବ୍ୟସ୍ତ ହୁଅ ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ।




**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ। ଚାକିରିରେ ସୁସଙ୍ଗତତା ରହିବ। ବିନିଯୋଗ ଭଲ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟ କରନ୍ତୁ ନାହିଁ।




**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ। ଲାଭ ସୁଯୋଗ ଆସିବ। ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ। ଜିନିଷଗୁଡିକ ସହଜ ରଖନ୍ତୁ।



**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବ୍ୟବସାୟ ଭଲ ହେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ। ବିନିଯୋଗ ଭଲ ହେବ। ପ୍ରଲୋଭିତ ହୁଅ ନାହିଁ।



**ବିଛା:** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଳାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ। ଚିନ୍ତା ଏବଂ ଟେନସନ ହେବ।




**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ। ଯାତ୍ରା ସଫଳ ହେବ। ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ। ସୁଖର ପରିବେଶ ରହିବ। ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ:** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ପୁରୁଣା ରୋଗ ଅବରୋଧର କାରଣ ହେବ। ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ । ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ।



ଲେଖକ ଶ୍ରୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡିଶା
# ଭାସ୍କର
ODISHA BHASKAR
# ରାଜ୍ୟ ଖବର





ମାଲକାନଗିରି (ଭାସ୍କର ନ୍ୟୁଜ): ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ପ୍ରତିବାଦରେ ଅନୁସୂଚିତ ଜାତି/ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଆଜି ମାଲକାନଗିରି ସଦର ଅନ୍ତର୍ଗତ ଏମ୍‌ଭି- ୦୨ ରେ ସଭାପତି ଜାରାଶବର ମାଡ଼ିଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁ ନିୟମିତ ଜନ ଅଭିଯୋଗ ଶୁଣାଣି ବୈଠକରେ ଅଧ୍ୟକ୍ଷତା କରୁଥିବାବେଳେ ହଠାତ କିଛି ଅଜଣା ଅସାମାଜିକ ଲୋକ ବିନା ଅନୁମତିରେ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରି ତାଙ୍କୁ ମରଣାନ୍ତକ ଆକ୍ରମଣର ଘଟଣାକୁ ତୀବ୍ର ନିନ୍ଦା କରିଛି ଜିଲ୍ଲା ଅନୁସୂଚିତ ଜାତି/ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି। ଖୋଦ ରାଜଧାନୀ ଭୁବନେଶ୍ୱରରେ ଯଦି ବରିଷ୍ଠ ଅଧିକାରୀ କିମ୍ବା ସରକାରୀ କର୍ମଚାରୀମାନେ ଦିନ ଦି'ପହରରେ ଅସୁରକ୍ଷିତ, ତା'ହେଲେ ଉପାନ୍ତ ମାଓବାଦୀ ଇଲାକାରେ ସାଧାରଣ ନାଗରିକମାନେ କେତେ ସୁରକ୍ଷିତ ତାହା ଏଥିରୁ ଅନୁମେୟ ବୋଲି କହିଛନ୍ତି ମିଳିତ କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳ। ଏପ୍ରକାର ଘଟଣା ଘଟିଲେ ସମଗ୍ର ଓଡ଼ିଶାରେ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟିହେବ। ଏଣୁ ଏ ସଂକ୍ରାନ୍ତରେ ଏକ ସ୍ଥାୟୀ ସମାଧାନ ନିମନ୍ତେ ତୁରନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଅନୁରୋଧ କରିଛି। ଆଜିର ଏ ସାମ୍ବାଦିକ ସମ୍ମିଳନୀରେ ସଭାପତି ଜାରାଶବର ମାଡ଼ି, ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳ, ସାଂଗଠନିକ ସମ୍ପାଦକ ଡମ୍ବରୁ ବାଘ, ଗୁରୁଚାନ୍ଦ ଆମ୍ବେଦକର ଚେତନା ପରିଷଦର ସଭାପତି ଲକ୍ଷ୍ମଣ ଚନ୍ଦ୍ର ଘରାମି, ସମ୍ପାଦକ କେ, ଦେଶୀରାଜୁ ଆଚାରି ପ୍ରମୁଖ ମଞ୍ଚାସୀନ ଥିଲେ।

# ବାଲିମେଳା-ବ୍ରହ୍ମପୁର ଓଏସ୍ଆରଟିସି ବସ୍‌ଛାତରୁ ଗଳୁଛି ପାଣି

■ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ
■ତୁରନ୍ତ ପଦକ୍ଷେପ ନେବାକୁ ଦାବି



ମାଲକାନଗିରି (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲାର ବାଲିମେଲା ସହରରୁ ବ୍ରହ୍ମପୁରକୁ ଦୈନିକ ଯାତାୟାତ ନିମନ୍ତେ ଏକ ରାତ୍ରିକାଳୀନ ଦ୍ରୁତଗାମୀ ଓଏସଆରଟିସି ହାଇଟେକ୍ ବସ ଯାଉଥିବା ବେଳେ ଉକ୍ତ ବସ ଛାତରୁ ଗଳୁଛି ବର୍ଷାଜଳ, ସିଟରେ ବର୍ଷା ପାଣି ଟୋପା ଟୋପା ହୋଇ ପଡିବା ଫଳରେ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି। ତେବେ ଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଗତକାଲି ଏହି ବସରେ ଆସୁଥିବା ଯାତ୍ରୀମାନଙ୍କ ସିଟରେ ବର୍ଷାପାଣି ପଡିବା ଫଳରେ ରାସ୍ତାରେ କିଛି ଯାତ୍ରୀ କଣ୍ଡକ୍ଟରଙ୍କୁ ଏପରି ରାତ୍ରିକାଳୀନ ବସ କିଭଳି ଭାବେ ଏତେ ଦୂର ଯାତ୍ରା ନିମନ୍ତେ ନେଉଥିବା ନେଇ ପ୍ରଶ୍ନ କରିଥିଲେ। ଏଥିସହ ଆଜି ସକାଳୁ ଓଡ଼ି ୦୭ ଏକେ ୨୨୬୦ଟି ସକାଳୁ ଆସି ବାଲିମେଳା ବସଷ୍ଟାଣ୍ଡରେ ପହଞ୍ଚିବା ପରେ ପୁନର୍ବାର କିଛି ଯାତ୍ରୀମାନେ ଅସନ୍ତୋଷ ହୋଇ ଗାଡି କର୍ମଚାରୀଙ୍କ ସହ ପାଟିତୁଣ୍ଡ କରିଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଦିନ ବପହରି ଦିନ ୨ଟା ସମୟରେ ବାଲିମେଳାରୁ ବାହାରି ରାୟଗଡା ଦେଇ ବ୍ରହ୍ମପୁରରେ ସକାଳ ୫ଟା ରେ ପହଞ୍ଚିଥାଏ। ତେବେ ୬୦୦ ଟଙ୍କା ମୂଲ୍ୟ ଦେଇ ଯାତ୍ରୀ ଢଳକ ୧୫ ଘଣ୍ଟାର ଯାତ୍ରାରେ ସାରା ରାତି ଟିକେ ଶୋଇବା ବଦଳରେ ବର୍ଷା ଜଳରେ ସମ୍ପୂର୍ଣ୍ଣ ଭିଜି ନିଜ ନିଜ ସିଟରେ ନବସି ଛିଡା ହୋଇ ଆସିଥିବା କହିଛନ୍ତି। ସେମାନଙ୍କର ଲଗେଜ ଗୁଡିକ ବର୍ଷା ଜଳରେ ଭିଜି ଯାଇଥିବା ନେଇ ସେମାନେ ପ୍ରକାଶ କରିଛନ୍ତି। ତେବେ ଏ ନେଇ ଯାତ୍ରୀମାନେ ବାରମ୍ବାର ଅଭିଯୋଗ କରିବା ପରେ ମଧ ବସ କଣ୍ଡକ୍ଟର କିମ୍ବା ଡ୍ରାଇଭର ଆଦୌ କର୍ଣ୍ଣପାତ କରୁନାହାନ୍ତି। ବରଂ ଆମେ କିଛି କରିପାରିବୁ ନାହିଁ ବୋଲି ଓଲଟା ଉତ୍ତର ଦେଉଥିବା ଯାତ୍ରୀମାନେ କହିଛନ୍ତି। ତେବେ ଏନେଇ ଆପଣମାନେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ବସ କର୍ମଚାରୀମାନେ ଯାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ତେବେ ସରକାରୀ ବସର ଏପରି ଅବସ୍ଥା ହେତୁ ଲୋକେ ବେସରକାରୀ ବସରେ ଅଧିକ ମୂଲ୍ୟ ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଦେଖିବାକୁ ମିଳୁଛି। ଏଥିସହ କିଛି ଡ୍ରାଇଭର ଏବଂ କଣ୍ଡକ୍ଟର ଦୈନିକ ବ୍ରହ୍ମପୁରରୁ କିଛି ବ୍ୟବସାୟୀଙ୍କ ବିପୁଳ ପରିମାଣର ସାମଗ୍ରୀ ଗୁଡିକୁ ବସ୍ତାରେ ଭରି ବସରେ ପକାଇ ଉପୁରି ଭଲ ଟଙ୍କା କରୁଥିବା ଦେଖିବାକୁ ମିଳୁଛି। ତେବେ ଏନେଇ ଆମେ ବ୍ରହ୍ମପୁର ଡିଟିଏମ୍ ଅରବିନ୍ଦ ମହାନ୍ତିଙ୍କୁ ପଚାରିବାରୁ ସେ ତୁରନ୍ତ ଉକ୍ତ ବସରେ ଏଭଳି ପତଳା ସ୍ତରର ପିଚୁଡ଼ରେ ଦେଇ ମରାମତି କରିଦେବୁ ବୋଲି କହିଥିଲେ।ଆସନ୍ତା କାଲି ଠାରୁ ସେହି ବସ ପରିବର୍ତ୍ତେ ଅନ୍ୟ ଏକ ବସ ବାଲିମେଳାକୁ ପଠାଯିବ ବୋଲି କହିବା ସହ ଯେଉଁ ଡ୍ରାଇଭର ଏବଂ କଣ୍ଡକ୍ଟର ଯାତ୍ରୀମାନଙ୍କ ସହ ଦୁର୍ବ୍ୟବହାର କରିଛନ୍ତି ଏବଂ ଯାତ୍ରୀବାହୀ ବସରେ ବେଆଇନ ଭାବେ ବିଭିନ୍ନ ପ୍ରକାର ସାମଗ୍ରୀ ଗୁଡିକୁ ବସରେ ଆଣୁଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ରହ୍ମପୁର ଡିଟିଏମ ଶ୍ରୀ ମହାନ୍ତି କହିଛନ୍ତି।

# ଲୋକସଂପର୍କ ଓ ସୂଚନା ପାଠାଗାର କାର୍ଯ୍ୟାଳୟ ପାଇଁ ନାହିଁ ସ୍ଥାନ

## ବନ୍ଦହୋଇ ପଡ଼ିଥିବା ପୁରୁଣା ତହସିଲ ଅଫିସରେ ପାଠାଗାର ଖୋଲିବାକୁ ଦାବି



କୁଚିଣ୍ଡା (ଭାସ୍କର ନ୍ୟୁଜ): କୁଚିଣ୍ଡା ସବ୍ ଡିଭିଜନ ଲୋକସଂପର୍କ ଓ ସୂଚନା ପାଠାଗାର ସ୍ଥାୟୀ କାର୍ଯ୍ୟାଳୟ ନାହିଁ। ଅସ୍ଥାୟୀ ଭାବେ କଳା ପରିଷଦର ଏକ କୋଠାରୀରେ ଅନେକ ଦିନ ହେଲା ଚାଲିଆସୁଛି। ସେହି କାର୍ଯ୍ୟାଳୟକୁ ପ୍ରାୟ ୩ ବର୍ଷ ହେଲା ବନ୍ଦ କରିଆସାଯାଇଛି। ଏହି କାର୍ଯ୍ୟାଳୟ ବନ୍ଦ ପରେ, କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନଙ୍କୁ ମଧ୍ୟ ଆଣି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିଯୁକ୍ତ ଦେଇଥାଯାଇଛି। ଏଣେ ଏଠାକାର ଏସ୍‌ଡିପିଆରଓଙ୍କ ବଦଳି ପରେ ସରକାର ନୂତନ ଅଧିକାରୀଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ଦେଇନାହାନ୍ତି। ଫଳରେ ସରକାରୀ ସୂଚନା ସାମ୍ବାଦିକଙ୍କୁ ମିଳୁନାହିଁ। ଅନ୍ଧାରରେ ପ୍ରଶାସନ ଚାଲିଛି। ଅନ୍ତତଃ ପିଅନ ଏହି କାର୍ଯ୍ୟାଳୟରେ ଥିବାବେଳେ, କାର୍ଯ୍ୟାଳୟ ସହ ସୂଚନା ଆଦାନ ପ୍ରଦାନ ସହ, ପାଠାଗାର ମଧ୍ୟ ଚାଲିଥିଲା। ଏବେ ପାଠକ ସେହି ସୁଯୋଗରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଏଣେ ସୂଚନା ଓ ପାଠାଗାର ନିମନ୍ତେ ସ୍ଥାୟୀ କୋଠା ନିମନ୍ତେ ଏନ୍‌ଏସି ବିଭଗ ଅଫିସ ପାର୍ଶ୍ୱ ଛକଠାରେ ଦିଆଯିବାକୁ ସ୍ଥିର ହେଲା। ପରବର୍ତ୍ତୀ କାଳରେ ସେଇ କୋଠାକୁ ବରିଷ୍ଠ ନାଗରିକ ମାନଙ୍କୁ ଦେଇଦିଆଗଲା। ଲୋକସମ୍ପର୍କ ବିଭାଗକୁ ଉପେକ୍ଷା କରାଗଲା। ଅବଶ୍ୟ ସେଠାରେ ପାଠାଗାର ପାଇଁ ସ୍ଥାନ ଉପଯୁକ୍ତ ନଥିଲା। କିନ୍ତୁ କୁଚିଣ୍ଡା ଉପଜିଲ୍ଲାପାଳଙ୍କ ପରିସର ମଧ୍ୟରେ ପୁରୁଣା ଏକ ବିରାଟ ତହସିଲ ଅଫିସ ନୂତନ କୋଠାକୁ ସ୍ଥାନାନ୍ତର ପରଠାରୁ ପ୍ରାୟ ୨ବର୍ଷ ହେଲା ଏହି କୋଠା ବନ୍ଦ ରହିଛି। ସେହି କୋଠାର ତସିଲଦାରଙ୍କ କେବଳ ଗୋଟିଏ କୋଠରୀକୁ ଏସ୍‌ଡିପିଆରଓ କାର୍ଯ୍ୟାଳୟ ଓ ପାଠାଗାରକୁ ହସ୍ତାନ୍ତର କରାଯାଇଥିଲେ ଏଠାରେ କାର୍ଯ୍ୟାଳୟଟି ସୁଚାରୁ ରୂପେ ଚାଲିପାରିବ। କୁଚିଣ୍ଡାର ମଧ୍ୟସ୍ଥଳୀ ଉପଜିଲ୍ଲାପାଳ ଓ ସରକାରୀ ବାସଭବନ ମଧ୍ୟଭାଗରେ ପୁରୁଣା ତହସିଲ ରହିଛି। ଏହି ପୁରାତନ ତହସିଲ କାର୍ଯ୍ୟାଳୟ କୋଠାରେ ଅତିକମରେ ୪ ରୁ ୫ ବିଭାଗ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରିବ। ଏହି କୋଠା ଏବେ ମୂଲ୍ୟାୟନ କରାଗଲେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ସେହି କୋଠା ଏବେ ବନ୍ଦ ଓ ଜରାଜୀର୍ଣ୍ଣ ଅବସ୍ଥାକୁ ଯାଉଛି। ଏବେ ଏହି କାର୍ଯ୍ୟାଳୟଟି ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରାତ୍ରୀରେ ଏଠାରେ ଅନୈତିକ କାର୍ଯ୍ୟ ମଧ୍ୟ ଚାଲିଛି। ୨ବର୍ଷରୁ ଊର୍ଦ୍ଧ୍ୱ ହେଲା ଏସ୍‌ଡିପିଆରଓ ପଦବୀ ଖାଲି ନେଇ ଉପଜିଲ୍ଲାପାଳ, ଜିଲ୍ଲାପାଳ ଏବଂ ମନ୍ତ୍ରୀ ଙ୍କୁ ଦାବି ପରେ ମଧ୍ୟ ସରକାର ନିଯୁକ୍ତି ଦେବାକୁ କୁଣ୍ଠିତ। ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସାମ୍ବାଦିକଗଣ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାପରେ, ଯଥାଶୀଘ୍ର ନିଯୁକ୍ତି ପ୍ରତିଶ୍ରୁତି ପ୍ରଶାସନ ଠାରୁ ପାଇବା ପରେ, ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ତାହା କାର୍ଯ୍ୟକାରୀ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଏସ୍‌ଡିପିଆରଓ ନିଯୁକ୍ତି ପୂର୍ବରୁ କାର୍ଯ୍ୟାଳୟ ସ୍ଥାୟୀ ସ୍ଥାନରେ ଖୋଲିବା ସହ ଲୋକସଂପର୍କ ପିଅନକୁ ଫେରସ୍ତ କରିବା ଓ କାର୍ଯ୍ୟାଳୟ ଖୋଲିବାକୁ ବୁଦ୍ଧିଜୀବୀ ଓ ସାଧାରଣ ରେ ଦୃଢ଼ ଦାବି କରିଛନ୍ତି।

# ଉଠାଜଳସେଚନ ବିଭାଗର ମାସିକ ସମୀକ୍ଷା ବୈଠକ



ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉଠାଜଳସେଚନ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଠାଜଳସେଚନ ବିଭାଗର ସମସ୍ତ ଯନ୍ତ୍ରୀ, ବିଦ୍ୟୁତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉପସ୍ଥିତ ଥିଲେ। ନୂତନ ଭାବରେ ସ୍ଥାପିତ ୧୪ ଗୋଟି ଓ ପୁନରୁଦ୍ଧାର ହୋଇଥିବା ୩୦ଗୋଟି ଉଠାଜଳସେଚନ ପ୍ରକଳ୍ପକୁ ଜୁଲାଇ ଶେଷ ସୁଦ୍ଧା ବିଦ୍ୟୁତ ବିଭାଗର ସମନ୍ୱୟରେ ଚାଲୁ କରିବା ପାଇଁ ସ୍ଥିର ହୋଇଥିଲା। କୋମନା ବ୍ଲକରେ ୧୪୩ ଗୋଟି ବୋରୱେଲକୁ ୧୫ ଦିନ ଭିତରେ ଚାଲୁ କରିବା ପାଇଁ ନିଷ୍ପତ୍ତି ନିଆଗଲା। ବିଗତ ୩ମାସ ଭିତରେ ୧୦୦୦ ଗୋଟି ସୌର ଚାଳିତ ସୌର ପ୍ୟାନେଲ ବସାଇବା ସମ୍ବନ୍ଧେ ଜିଲ୍ଲାପାଳ ପରିଚାଳନା ନିର୍ଦ୍ଦେଶିକ, ଉଠାଜଳସେଚନଙ୍କୁ ଟେଲିଫୋନ ମାଧ୍ୟମରେ ଅବଗତ କରାଇଥିଲେ। ସମସ୍ତ ଅଧିକାରୀମାନଙ୍କୁ ସମର୍ପିତ ଭାବରେ କାମ କରି କୃଷକମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶେଷରେ କେତୋଟି ସଫଳ ଉଠାଜଳସେଚନ ପ୍ରକଳ୍ପର ପାୱାର ପଏଣ୍ଟ ପ୍ରଦର୍ଶନ କରାଯାଇଥିଲା ।

# ମ୍ୟୁନିସିପାଲ କ୍ୟାଡର୍ ରୁଲ୍‌ରେ ପଦୋନ୍ନତି ବିଳମ୍ବ

ବରଗଡ(ଭାସ୍କର ନ୍ୟୁଜ୍):): ୧୯୯୮ ମସିହାରେ ପୌର ପରିଷଦ କ୍ୟାଡର୍‌କୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ ହେବା କଥା। ୨୦୨୦ ରେ ତତ୍କାଳୀନ ସରକାର ଏଥିରେ ସ୍ୱଚ୍ଛତା ଆଣିଥିଲେ । ଓପିଏସସି ମାଧ୍ୟମରେ ୨୨ଜଣ ପଦୋନ୍ନତି ପାଇଥିଲେ । ୨୨ଜଣ ପ୍ରକୃତ କର୍ମଚାରୀ ୨୦୨୩ ମସିହାରୁ ପଦୋନ୍ନତି ପାଇବା କଥା, କିନ୍ତୁ କର୍ମଚାରୀଙ୍କୁ ପଦୋନ୍ନତି ଦେଇ ବାକି କର୍ମଚାରୀ ପଦୋନ୍ନତି ପାଇଲେ ନାହିଁ ( ଯେଉଁ ମାନଙ୍କର ପ୍ରକୃତ ପୌର ପରିଷଦ ପରିଚାଳନା ଦକ୍ଷତା ଅଛି ) । ଏହି ବିଭାଗରେ ଓଆରଏସ ଅନଭିଜ୍ଞ ଙ୍କୁ ରାଜସ୍ୱ ବିଭାଗର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ ଦେଇ ତତ୍କାଳୀନ ସରକାର ଚୁପ ରହିଲେ । ବର୍ତ୍ତମାନ ସୁଦ୍ଧା ପୌର ବିଭାଗର ଅଭିଜ୍ଞ ମୁଖ୍ୟ କିରାଣୀଙ୍କ ଅଭିଜ୍ଞତା ଥିବା ସତ୍ତ୍ୱେ ସେମାନଙ୍କୁ ବର୍ତ୍ତମାନର ସରକାର କ୍ୟାଡର ଭିତ୍ତିକ ନିଯୁକ୍ତି ନ ଦେଇ ଅଯଥା ବଦଳି କରୁଥିବା ଅଭିଯୋଗ ହୁଏ । ସମସ୍ୟାର ସମାଧାନ ତୁରନ୍ତ କରିବାକୁ ଦାବି ହେଉଛି।

# ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ଚୌକି ଖାଲି, କର୍ମଚାରୀଙ୍କ ଦେଖାନାହିଁ

## ଲୋକେ ହନ୍ତସନ୍ତ



ବନ୍ଧୁଗାଁ (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ମିନତୀ ଜଗଦେବ ଭୁବନେଶ୍ୱର ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ଓଏଏସ ସଂଘ ପ୍ରତିବାଦରେ ଯୋଗଦେଇ ଥିବାରୁ ଚୌକି ଖାଲି ପଡ଼ିଥିବା ଦେଖିବାକୁ ମିଳିଛି। ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଦଣ୍ଡ ଦେବା ପାଇଁ ସଂଘ ଦାବି କରିଥିଲା। ଏଥିପାଇଁ ସମସ୍ତ ଓଏଏସ ଅଫିସର ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାର ପ୍ରଭାବରେ ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ମିନତୀ ଜଗଦେବ ନ ଥିବାରୁ ଚୌକି ଖାଲି ପଡ଼ିଛି। ଫଳରେ ଅଫିସରେ ଜଣେ ମଧ୍ୟ କର୍ମଚାରୀ ନ ଥିବାରୁ ଲୋକେ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଘରକୁ ରେ ଘରକୁ ଫେରୁଥିବା ଦେଖିବାକୁ ମିଳିଛି।

# ଖ୍ରୀଷ୍ଟିୟାନ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର




ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ଥାନା ଅନ୍ତର୍ଗତ ମାଟାପାକା ପଂଚାୟତର କତାମାଟେରୁ ଗ୍ରାମରେ ଗତ ଜୁନ ୨୧ ତାରିଖ ସନ୍ଧ୍ୟାରେ କୌଣସି ଏକ କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ୭ଜଣ ଗୁରୁତର ଆହତ ଓ ୩୦ ଜଣ ଆହତ ହୋଇଥିଲେ। ତେବେ ଏହି ଆହତଙ୍କ ମଧ୍ୟରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ରହିଥିବା ବେଳେ ଏହାକୁ ନେଇ ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ ପକ୍ଷରୁ ମାଲକାନଗିରି ଥାନାରେ ଏକ ଏତଲା ଦେବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଆଜି ଏକ ବିଶାଳ ଶୋଭାଯାତ୍ରାରେ ଯାଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ। ଆକ୍ରୋଶ ମୂଳକ ଭାବେ ମାଡ ମାରିବା ଓ ପରେ ଏନେଇ ଏତଲା ଦେଇ ମଧ୍ୟ କୌଣସି ସୁଫଳ ପାଇ ନଥିବା ଅଭିଯୋଗ କରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଉପରେ ଗରଜିଛନ୍ତି ମାଲକାନଗିରି ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ। ଶହ ଶହ ସଂଖ୍ୟାରେ ଖ୍ରୀଷ୍ଟିୟାନ ମଞ୍ଚର ସଦସ୍ୟ ଓ କର୍ମକର୍ତ୍ତା ଜିଲ୍ଲା ସଦର ବସଷ୍ଟାଣ୍ଡରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନେକ ସମୟ ଧରି ଅପେକ୍ଷା ପରେ ଜିଲ୍ଲାପାଳ ଆସି ନଥିବାରୁ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିବା ପରେ ପୋଲିସ ଲୋକଙ୍କୁ ବୁଝାସୁଝା କରାଇ ଜିଲ୍ଲାପାଳଙ୍କ ନିକଟକୁ ଛାଡି ଥିଲା। ଏହାପରେ ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦିଆଯାଇଛି। ସୂଚନାଥାଉକି ମାଲକାନଗିରି ଜିଲ୍ଲା କତାମାଟେରୁ ଗ୍ରାମରେ ଗତ ୨୧ ତାରିଖରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର କିଛି ଲୋକେ ନିଜର କୌଣସି ଏକ କାର୍ଯ୍ୟରେ ଯାଇଥିବା ବେଳେ ସେଠାରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା। ତେବେ ଘଟଣାକୁ ନେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ବିନୋଦ ପାଟିଲ, ଏଚ. ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ପୋଲିସ ସଦଳ ବଳ ପହଁଚି ଲୋକଙ୍କୁ ବୁଝାସୁଝା ସହ ପରିସ୍ଥିତିକୁ ଆୟତ୍ତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟପଟେ ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ସମସ୍ତଙ୍କ ଚିକିତ୍ସା କରଯାଇଥିବା ବେଳେ ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚ ପକ୍ଷରୁ ଏନେଇ ଥାନାରେ ଲିଖିତ ଅଭିଯୋଗ କରଯାଇଥିଲା। ଏହାସହ ଏନେଇ ମାଲକାନଗରି ଏସ୍ପି ଓ କୋରାପୁଟ ଡିଆଇଜିଙ୍କୁ ମଧ୍ୟ ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ବର୍ତ୍ତମାନ ଯାଏଁ କୌଣସି କାର୍ଯ୍ୟନୁଷ୍ଠାନ ନେଇନି ପୋଲିସ। ଯାହାକୁ ନେଇ ମଞ୍ଚ ପକ୍ଷରୁ କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଚାପରେ ପୋଲିସ କୌଣସି କାର୍ଯ୍ୟନୁଷ୍ଠାନ ନେଉନଥିବା ଅଭିଯୋଗ କରାଯାଇଛି। ତେବେ ଆଜି ଜିଲ୍ଲାପାଳ କାର୍ଯ୍ୟନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ପ୍ରତିଶ୍ରୁତି ପୂରଣ ନହେଲେ ମଞ୍ଚ ପକ୍ଷରୁ ଆଗାମୀ ଦିନରେ ବିକ୍ଷୋଭକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଶୋଭାଯାତ୍ରାରେ ଖ୍ରୀଷ୍ଟିୟାନ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପଲ୍ଲବ କୁମାର ଲିମା, ଭଏସ ଏଗେନେଷ୍ଟ କ୍ଷେତର ରାଜ୍ୟ ସଭାପତି ମାନସ ଚୌଧୁରୀ, ଅମିୟ ପାଣ୍ଡବ, ଜିଲ୍ଲା ଖ୍ରୀଷ୍ଟିୟାନ ମଞ୍ଚର ସଭାପତି ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁର୍ଘଟଣା ଆଶଙ୍କାରେ ଭାଙ୍ଗିଦିଆଗଲା ଅସ୍ଥାୟୀ ପୋଲ

## ଉମରକୋଟ - ନବରଙ୍ଗପୁର ଯୋଗାଯୋଗ ବିଚ୍ଛିନ୍ନ



ଉମରକୋଟ (ଭାସ୍କର ନ୍ୟୁଜ): ଅସ୍ଥାୟୀ ପୋଲ ଉପରେ ପାଣି, ଉମରକୋଟ - ନବରଙ୍ଗପୁର ଯୋଗାଯୋଗ ବିଚ୍ଛିନ୍ନ । ଉମରକୋଟ ଠାରୁ ନବରଙ୍ଗପୁରକୁ ସଂଯୋଗ କରୁଥିବା ୩୯ ନମ୍ବର ରାଜ୍ୟ ରାଜପଥ ଝରିଗାଁ ବ୍ଲକ ଧୋଡ୍ରା ନିକଟସ୍ଥ ନାଗି ନଦୀ ଉପରେ ଥିବା ଅସ୍ଥାୟୀ ପୋଲ ଉପର ଦେଇ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ପୋଲ ଉପର ଦେଇ ଯାତାୟାତ ବନ୍ଦ ରହିଥିଲା । ଫଳରେ ଉକ୍ତ ରାସ୍ତା ଦେଇ ଉମରକୋଟରୁ ନବରଙ୍ଗପୁର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡି ଅଟକି ରହିଛି । ତେବେ କେହି ଗାଡି କିମ୍ବା ଯାତ୍ରୀ ଉକ୍ତ ପୋଲ ଉପରେ ଯାତାୟାତ ନ କରି ଦୁର୍ଘଟଣା ର ଶିକାର ହେବାର ଆଶଙ୍କା ପ୍ରକାଶ କରି ଅସ୍ଥାୟୀ ପୋଲକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି । ତେଣୁ ଏହି ରାସ୍ତା ରେ ଯାତାୟତ କରୁଥିବା ଯାନ ବାହାନକୁ ବିକଳ୍ପ ରାସ୍ତା ଦେଇ ଯିବା ନିମନ୍ତେ କୁହାଯାଇଛି । ବଡ଼ଭରଣ୍ଡୀ ମହୁଲି ଦେଇ ଧୋଡ୍ରା ଉମରକୋଟ ଗରମ୍ଭା ପୂର୍ଲା ଛକ ଦେଇ ବିକଳ୍ପ ରାସ୍ତାରେ ଯାତାୟତ ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଉମରକୋଟ ଠାରୁ ଯାଉଥିବା ଦୂରଗାମୀ ବସ ଗୁଡିକ ବର୍ତ୍ତମାନ ଉକ୍ତ ବିକଳ୍ପ ରାସ୍ତାଦେଇ ଯାତାୟାତ କରୁଛି ।

# ଉଜାଡ଼ିଦେଲା ଲଗାଣ ବର୍ଷା, ଭଙ୍ଗାଘରେ ମୁଣ୍ଡ ଗୁଞ୍ଜିଛନ୍ତି ଜଗବନ୍ଧୁ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ଗାଦିଆଗୁଡା ପଞ୍ଚାୟତ ଅନ୍ତର୍ଗତ ବାଲିଘାଟ ଗ୍ରାମର କମାର ସାହି ରେ ରହୁଥିବା ଜଗ ବନ୍ଧୁ କମାରଙ୍କର ଘର ଲଘୁଚାପ ଜନିତ ବର୍ଷାରେ ଭାଙ୍ଗି ପଡିଛି। ବର୍ଷା ପାଣିରେ ଅନେକ ଆସବାବ ପତ୍ର ସହ ଖାଦ୍ୟ ଜିନିଷ ମଧ୍ୟ ନଷ୍ଟ ହୋଇ ପଡିଛି ।ଏନେଇ ସିଏ ନିଜ ପରିବାର ସହ ଅନ୍ୟ ଜଣଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ରାଜସ୍ୱ ବିଭାଗ ତରଫରୁ କୌଣସି ସାହାଯ୍ୟ ମିଳି ପାରିନଥିବା କହିଛନ୍ତି ।ପ୍ରକାଶ ଥାଉକି ଜଗବନ୍ଧୁ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି ।ଦୁଇ ପୁଅ ଝିଅ ଓ ସ୍ତ୍ରୀ ଙ୍କୁ ନେଇ ଏକ କୁଡ଼ିଆ ଘରେ ରହି ଆସୁଥିବା ବେଳେ ତାଙ୍କୁ ଖଣ୍ଡିଏ ଆବାସ ଯୋଜନାରେ ଘର ଖଣ୍ଡେ ଆଜିଯାଏଁ ମିଳି ପାରିନି ।ତେଣୁ ଏଇ ଗରିବ ପରିବାରକୁ ବ୍ଲକ ପ୍ରଶାସନ ତରଫରୁ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମ ବାସୀ ଅନୁରୋଧ କରିଛନ୍ତି।

# ପୋଲିସ ଅଧିକାରୀ ସ୍ତରରେ ଅଦଳବଦଳ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ମନମୁଣ୍ଡା, ଘଣ୍ଟାପଡା ଓ ବାଉଁଶୁଣି ଥାନା ସମେତ ଶଗଡା ଫାଣ୍ଡିର ପୋଲିସ ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟର ପତ୍ର ଅନୁସାରେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ମହେନ୍ଦ୍ର ବେହେରାଙ୍କୁ ଶଗଡା ଫାଣ୍ଡି ଅଧିକାରୀ ଭାବରେ ବଦଳି କରାଯାଇଥିବା ବେଳେ ଇନ୍ସପେକ୍ଟର ବାଲ୍ମୀକି ପ୍ରଧାନଙ୍କୁ ଘଣ୍ଟାପଡା ଥାନା ଅଧିକାରୀ ଭାବରେ ବଦଳି କରାଯାଇଛି ।ସେହିପରି ଏସ ଆଇ ସୌମ୍ୟରଂଜନ ପାତ୍ରଙ୍କୁ ଶଗଡାରୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି ।ସେହିପରି ଏସ ଆଇ ଧରଣୀଧର ମହାକୁଡ଼ଙ୍କୁ ମନମୁଣ୍ଡାରୁ ବୌଦ୍ଧ ଆଦର୍ଶ ଥାନା,ଏ ଏସ ଆଇ ମଧୁସୂଦନ କହଁରଙ୍କୁ ଆଦର୍ଶ ଥାନାରୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି ।ଏଏସ ଆଇ ସୁରେଶ ମଲ୍ଲିକଙ୍କୁ ଶଗଡା ଫାଣ୍ଡିରୁ ବାଉଁଶୁଣି ଥାନାକୁ ବଦଳି କରାଯାଇଥିବା ସୂଚନା ମିଳିଛି ।

## ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଦାଖଲ ପ୍ରସଙ୍ଗ ||||||||||||||

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପାରୀକ୍ଷିତି ପଞ୍ଚାୟତର ୱାର୍ଡ ମେମ୍ବର




ରାମନାଗୁଡା(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ପାରୀକ୍ଷିତି ଗ୍ରାମ ପଞ୍ଚାୟତରେ ୧୬ ଗୋଟି ୱାର୍ଡକୁ ନେଇ ପାରୀକ୍ଷିତି ପଞ୍ଚାୟତ ଗଠିତ କରାଯାଇଛି। ସେଥିମଧ୍ୟରୁ ୧୧ ଟି ୱାର୍ଡ ସଭ୍ୟସଭ୍ୟା ମାନଙ୍କର ଦସ୍ତଖତ ଥାଇ ଗୁଣୁପୁର ଉପଜିଲ୍ଲାପାଳଙ୍କୁ ମିଥ୍ୟା କଥା କହି ପାରୀକ୍ଷିତି ଗ୍ରାମ ପଞ୍ଚାୟତର ସରପଞ୍ଚ ଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଥିବା ପ୍ରସଙ୍ଗରେ ବୁଧବାର ଦିନ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବି ଗମାଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ଗୌତମ ଉଲ୍ଲାକା କିଛି ୱାର୍ଡ ସଭ୍ୟଙ୍କୁ ନେଇ ଆମ ମାନଙ୍କ ନିକଟରେ ପହଁଚି ଆମ ୱାର୍ଡ ଏବଂ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ହେବ କହିଥିଲେ। ତେଣୁ ମାସିକ ସଭାର ଆବଶ୍ୟକ ନାହିଁ, ଆପଣମାନେ ଏହି ଧଳା କାଗଜରେ ଦସ୍ତଖତ ଦେଲେ ଆମେ ଆପଣମାନଙ୍କ ୱାର୍ଡର କାର୍ଯ୍ୟଗୁଡିକ ଲେଖି ପରବର୍ତ୍ତୀ ପର୍ଯ୍ୟାୟରେ ରିଜୁଲେସନ କରି ପରେ କାର୍ଯ୍ୟାଦେଶ ଦେଇ କାର୍ଯ୍ୟଗୁଡାକୁ ତ୍ୱରାନିତ କରିବା ପାଇଁ କହିବା ସହିତ ଆମେ ରବି ଗମାଙ୍ଗଙ୍କ ନିର୍ଦ୍ଦେଶରେ ଆସିଥିବା ଗୌତମ ଉଲ୍ଲାକା କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଆମେ ଆମର ସ୍ୱାକ୍ଷର ଗୁଡାକ ଦେଲୁ ।ଉକ୍ତ ସ୍ୱାକ୍ଷର ଗୁଡାକ ହୋଇଯିବା ପରେ ବ୍ଲକ ଅଧ୍ୟକ୍ଷ ଗୌତମ ଉଲ୍ଲାକା ଓ ତାଙ୍କ ସହ କେତେକ ବ୍ୟକ୍ତି ଗୁଣୁପୁର ଉପଜିଲ୍ଲାପାଳଙ୍କୁ ପାରୀକ୍ଷିତି ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଦାଖଲ କରିଛନ୍ତି। ଆମକୁ ଉନ୍ନତିମୂଳକ କାର୍ଯ୍ୟ କରିବା ବାହାନାରେ ଦସ୍ତଖତ କରି ଏପରି କାର୍ଯ୍ୟ କାହିଁକି କରିଲ ବୋଲି ପଚାରିବାରୁ ଆମେ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପାଇଁ ଉପଜିଲ୍ଲାପାଳ ଗୁଣୁପୁର ନିକଟରେ ଦାଖଲ କରିଛୁ । ତୁମ ହାତରେ ଯାହା ହେବ ତାହା କର ବୋଲି ଆମକୁ ଧମକ ଦେଇଥିବା ନେଇ ସ୍ମାରକପତ୍ର ଉଲ୍ଲେଖ କରିଛନ୍ତି। ଏହି ଘଟଣା ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ ମୁଁ କିଛି ଜାଣିନାହିଁ ଏବଂ ପାରୀକ୍ଷିତି ସରପଞ୍ଚଙ୍କୁ ବିରୁଦ୍ଧ କରିବା କିମ୍ବା ଅନାସ୍ଥା ପ୍ରସ୍ତାବ ନେଇ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଅଭିଯୋଗକୁ ଖଣ୍ଡନ କରିଥିଲେ।

# ବିଲ୍‌କୁ ନେଇ ଧମକ, ଥାନା ଦ୍ୱାରସ୍ଥ ହେଲେ ତହସିଲଦାର

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ତହସିଲଦାର ନରସିଂ ଗଡ଼ବା ଙ୍କୁ ଧମକ। ଥାନାରେ ମାମଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ ବୁଧବାର ଦିନ ୨.୪୦ ମିନିଟ ସମୟରେ ଜଣେ ବ୍ୟକ୍ତି ମୋର ଠିକା କାର୍ଯ୍ୟର ବିଲ୍ କାହିଁକି କରୁନାହିଁ ବୋଲି କହିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଖଡ଼ିଆଳ ଅଫିସରୁ ଦେଖିଦେବି ବୋଲି ଧମକ ଦେଇଥିବା ଅଭିଯୋଗ କରିଥିଲେ। ଧମକ ପାଇଁ ତହସିଲଦାର ଭୟଭୀତ ହେବା ସହିତ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ୧୯୯/ ୨୫ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଧିକ ତଦନ୍ତ କରୁଛି । ଏନେଇ ମାମଲା ରୁଜୁ ହୋଇଛି ବୋଲି ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି।

# ରାସ୍ତା ସମ୍ପ୍ରସାରଣକୁ ନେଇ ପୂର୍ତ୍ତବିଭାଗ ଅଧିକାରୀଙ୍କୁ ଭେଟିଲେ ବିଜେପି କର୍ମୀ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ନକରାଯାଇ ଆଜି ପର୍ଯ୍ୟନ୍ତ ସେମିତି ପଡ଼ିରହିଛି। ପୂର୍ବ ସମୟରେ ଜନ ସାଧାରଣଙ୍କ ଗମନାଗମନ ପାଇଁ ଯେଉଁ ରାସ୍ତାରେ ବ୍ୟବସ୍ଥା କରିଥିଲେ ବର୍ତ୍ତମାନ ତାହା ହିଁ ପଡ଼ିରହିଛି । ପାରଳାଖେମୁଣ୍ଡିରେ ପାୟ ୪୦ ହଜାର ରୁ ଅଧିକ ଲୋକ ବସବାସ କରୁଥିବାବେଳେ ସାତଟି ବ୍ଲକର ଜନସଂଖ୍ୟା ନିର୍ଭର କରନ୍ତି । ଫଳରେ ପ୍ରତ୍ୟେକ ଦିନ ସହରରେ ଟ୍ରାଫିକ ସମସ୍ୟା ଲାଗି ରହିଛି। ପୂର୍ବରୁ ୨୪ ବର୍ଷ ସରକାର ପାରଳାଖେମୁଣ୍ଡିକୁ ଅଣଦେଖା କରୁଛନ୍ତି । ତେଣୁ ସ୍ଥିତି ଯେମିତିକୁ ସେମିତି ହିଁ ରହିଛି । ପୂର୍ବରୁ ଏହି ରାସ୍ତା ସମ୍ପ୍ରସାରଣ ନିମନ୍ତେ ଜିଲ୍ଲାପାଳ ଏବଂ ପୂର୍ତ୍ତବିଭାଗର ଅଧିକାରୀଙ୍କୁ ଦଳ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଥାପି ଅଣଦେଖା କରି ଆଜି ସେହି ପୁରୁଣା କାମକୁ ପୁଣି ଆରମ୍ଭ କରିଥିବାବେଳେ ଆଜି ପାରଳାଖେମୁଣ୍ଡିର ବହୁ ବିଜେପି କର୍ମୀ ପୂର୍ତ୍ତବିଭାଗ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ବର୍ଷେ ହେଲା ଜଳୁନି ହାଇମାକ୍ସ ଲାଇଟ୍ , ଅନ୍ଧାରରେ ମଳିକୁଦ ଛକ

କନ୍ଧମାଳ(ଭାସ୍କର ନ୍ୟୁଜ୍): ସରକାର ପ୍ରତ୍ୟେକ ଛକ ସହ ଗ୍ରାମକୁ ଆଲୋକିତ କରିବା ପାଇଁ ଅନେକ ଯୋଜନା କରି ଗଳିକନ୍ଦିରେ ଷ୍ଟ୍ରିଟ ଲାଇଟ୍ ଲଗାଇଛନ୍ତି । ହେଲେ ରକ୍ଷଣା ବେକ୍ଷଣ ଅଭାବରୁ ଲାଇଟ୍ ଗୁଡ଼ିକ ଜଳୁ ନଥିବା ଅଭିଯୋଗ ହୋଇଛି। ଅନେକ ଅଚଳ ଲାଇଟ୍‌କୁ ମରାମତି କରିବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କେହି ତାଙ୍କର କଥାକୁ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ,ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ମଳିକୁଦ ଗ୍ରାମର ଛକ ନିକଟରେ ଥିବା ହାଇମାକ୍ସ ଲାଇଟ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଜଳୁ ନ ଥିବା ଦେଖିବାକୁ ମିଳିଛି ।ଗ୍ରାମର ପାଖାପାଖି ଏକ ହଜାର ଲୋକ ସହ ଆଖପାଖ ୩୦ ଖଣ୍ଡ ଗ୍ରାମର ଲୋକେ ଏହି ଛକ ଉପରେ ନିର୍ଭର କରିଥାନ୍ତି । ଲାଇଟ୍ ଜଳୁ ନ ଥିବାବେଳେ ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଅନ୍ଧାରର ସୁଯୋଗ ନେଇ ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ମଧ୍ୟ ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ ।ଅଞ୍ଚଳବାସୀ ଉକ୍ତ ଲାଇଟକୁ ମରାମତି କରିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା ମରାମତି କରାଯାଇ ପାରି ନାହିଁ ।ଗ୍ରାମବାସୀଙ୍କ ସହ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଅଚଳ ହାଇମାସ୍କ ଲାଇଟ୍ ଗୁଡ଼ିକୁ ଖୁବ୍ ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ସ୍ଥିତ ସାନପଦର ଗ୍ରାମପଞ୍ଚାୟତର ରାସୋଳ ଗ୍ରାମରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ବିଦ୍ୟୁତ ଖୁଣ୍ଟକୁ ଧକା ଦେଇଛି ଆଇଚର ଟ୍ରକ କ୍ଷ ଯାହା ଫଳରେ ବିଦ୍ୟୁତ ଖୁଣ୍ଟଟି ଟ୍ରକ ଉପରେ ପଡ଼ିରହିଛି । ସୂଚନାଅନୁଯାୟୀ ଗତ କାଲି ରାତ୍ରିରେ ରାସୋଳ ଗ୍ରାମର ଜଣେ ବ୍ୟକ୍ତିଙ୍କର ବିଭାଘରର ସଜ ଏହି ଟ୍ରକରେ ଆସିଥିଲା । ସଜ ଦେଇ ଟ୍ରକ ଟି ଫେରିଲାବେଳେ ରାସୋଳ ଗ୍ରାମର ହରିଜନ ଆଦିବାସୀ ସାହିଠାରେ ଏକ ବ୍ୟକ୍ତି ସରକାରୀ ରାସ୍ତା ଉପରେ ମାଟି ଗଦାଇ ବଡ଼ କରିଥିବାରୁ ରାସ୍ତାଟି ସଂକୀର୍ଣ୍ଣ ହୋଇଯାଇଛି । ଅପର ପକ୍ଷେ ମୁକୁଳା ଡ୍ରେନ ଥିବାରୁ ଯାହା ଫଳରେ ଗାଡି ଡ୍ରାଇଭର ଜଣକ ଜାଣିନପାରି ବିଦ୍ୟୁତ ଖୁଣ୍ଟରେ ଟ୍ରକ ଗାଡି ପଛପଟ ପିଟି ହୋଇ ଖୁଣ୍ଟଟି ଭାଙ୍ଗିଯାଇ ଟ୍ରକ ଉପରେ ଲାଗିରହିଛି । ଯାହାଫଳରେ ଗତ କାଲି ବିଳମ୍ବିତ ରାତ୍ରିଠାରୁ ଆଜି ଗୁରୁବାର ମଧ୍ୟାନ ସମୟ ପର୍ଯ୍ୟନ୍ତ ବିଜୁଳି ଆସିନଥିଲା । ଗ୍ରାମର ସଭାପତି ପ୍ରଦୀପ କୁମାର ପାଲଟାସିଂହଙ୍କ ଯୋଗାଯୋଗକ୍ରମେ ବୁଦ୍ୟତ ବିଭାଗ କର୍ମଚାରୀ ପହଞ୍ଚି ବିଦ୍ୟୁତ ମରାମତି କରି ଅପରାହ୍ନ ସମୟରେ ଗ୍ରାମକୁ ବିଜୁଳି ଆସିଥିଲା । ସରକାରୀ ରାସ୍ତାରୁ ମାଟି ଓ ବାଡ଼ ହଟାଇବା ପାଇଁ ବୋଲଗଡ ତହସିଲଦାର ଙ୍କୁ ରାସୋଳ ଗ୍ରାମବାସୀ ଅନୁରୋଧ କରିଅଛନ୍ତି । ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳରେ ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ଘଟଣାସ୍ଥଳରୁ ଟ୍ରକ୍‌ଟି ଉଠିପାରି ନାହିଁ। ଫଳରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଛି ଓ ଲୋକମାନେ ହଇରାଣ ହରକତ ହେଉଛନ୍ତି।

# ନାକଚଣା ଦ୍ୱାରରେ ମହାପ୍ରଭୁଙ୍କ ତିନି ରଥ



ପୁରୀ (ଭାସ୍କର ନ୍ୟୁଜ) : ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ସରି ସରି ଆସୁଛି ମହାପ୍ରଭୁଙ୍କ ଲୀଳା ଖେଳା। ଆଉ ଦିନକ ପରେ ଆଡପ ମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡିବେ ଚତୁର୍ଦ୍ଧାମୂରତି । ଏଥିପାଇଁ ତିନି ରଥର ଦକ୍ଷିଣ ମୋଡ ଶେଷ ହୋଇଥିବା ବେଳେ ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି ତିନି ରଥ। ଶୁକ୍ରବାର ନବମୀ ସନ୍ଧ୍ୟା ଦର୍ଶନ ଥିବାରୁ ପ୍ରବଳ ଭକ୍ତଙ୍କ ସମାଗମ ହେବ ଗୁଣ୍ଡିଚା ମନ୍ଦିରରେ। ଭକ୍ତମାନେ କେତେ ସମୟ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନର ସୁଯୋଗ ପାଇବେ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ନିଷ୍ପତ୍ତି ନିଆଯାଇ ସୂଚନା ଦିଆଯିବ। ସେହିପରି ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ବ୍ୟାରିକେଡ଼ ସମ୍ପ୍ରସାରଣ ସହ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନାକଚଣା ଦ୍ୱାରରେ ମହାପ୍ରଭୁଙ୍କ ତିନି ରଥ। ହେରାପଞ୍ଚମୀରେ ମା ଲକ୍ଷ୍ମୀ ଠାକୁରାଣୀ ଅଭିମାନରେ ଶ୍ରୀମନ୍ଦିର ଫେରିଯିବା ପରେ ବାହୁଡା ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ତିନି ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାରରେ ପହଞ୍ଚିଛନ୍ତି। ଆଡପ ମଣ୍ଡପରୁ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ଗତକାଲି ସର୍ବ ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ, ପରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ କରାଯାଇଥିଲା। ତେବେ ଆଜି ନନ୍ଦିଘୋଷ ରଥର ଦକ୍ଷିଣ ମୋଡ ଶେଷ ହୋଇଛି। ଆଉ ଦିନକ ପରେ ଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ଶ୍ରୀମନ୍ଦିର ଅଭିମୁଖେ ବାହୁଡି ଯିବେ ମହାବାହୁ। ଆସନ୍ତାକାଲି ନବମୀ ସନ୍ଧ୍ୟା ଦର୍ଶନ ଆଡ଼ପ ମଣ୍ଡପରେ ଭକ୍ତମାନେ କରିବେ। ସକାଳୁ ସକାଳୁ ଏହି ଦର୍ଶନ ଆରମ୍ଭ ହେବାକୁ ଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଏହା ଚାଲିବ। ଏହା ପରେ ଦର୍ଶନ ବନ୍ଦ ରଖାଯାଇ ବାହୁଡ଼ା ଯାତ୍ରା ପାଇଁ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ।? ନବମୀ ସନ୍ଧ୍ୟା ଦର୍ଶନରେ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ଼ ସମ୍ପ୍ରସାରଣ କରାଯିବ। ଭକ୍ତ ଶ୍ରଦ୍ଧାଳୁ ମାନେ ବ୍ୟାରିକେଡ଼ ଭିତରେ ପ୍ରବେଶ କରି ଦର୍ଶନ ପାଇଁ ଯିବେ।? ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। ଆଜି ଉଭୟ ଜିଲ୍ଲାପାଳ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଅନୁଧ୍ୟାନ କରିଛନ୍ତି। ସେହିପରି ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ। ଆସନ୍ତାକାଳି ନବମୀ ସନ୍ଧ୍ୟା ଦର୍ଶନ ସରିବା ପରେ ରାତିରେ ସେନାପଟା ଲାଗି ଓ ବାହୁଟକଣ୍ଠ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତିକାନ୍ତି କରାଯିବ।ନବ ଦିନାତ୍ମକ ଯାତ୍ରାରେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥ ଗୁଣ୍ଡିଚା ମନ୍ଦିର ଜନ୍ମବେଦୀକୁ ଆସିଥିବା ବେଳେ ଆସନ୍ତା କାଲି ଅନୁଷ୍ଠିତ ହେବ ନବମୀ ସନ୍ଧ୍ୟା ଦର୍ଶନ। ଏହି ଅବସରରେ ଭକ୍ତମାନେ ଯେଭଳି ଶୃଙ୍ଖଳିତ ଭାବେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶ କରିବା ସହ ନାକଚଣା ଦ୍ୱାର ପଟେ ପ୍ରସ୍ଥାନ କରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଭିତରେ ମଧ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମହିଳା ଓ ବରିଷ୍ଠ ନାଗରିକ ମାନଙ୍କ ପାଇଁ ମଧ ବିଶେଷ ଧ୍ୟାନ ଦିଆଯାଇଛି ବୋଲି କହିଛନ୍ତି ଜିଲ୍ଲାପାଳ। ସଂନ୍ଧ୍ୟା ଦର୍ଶନର ପରଦିନ ଅର୍ଥାତ ୫ ତାରିଖରେ ବାହୁଡ଼ା ଯାତ୍ରା। ଭକ୍ତମାନେ କିଭଳି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ତାହା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି ବୋଲି କହିଛନ୍ତି ପୁରୀ ଏସପି ଓ ଜିଲ୍ଲାପାଳ। ସଂନ୍ଧ୍ୟା ଦର୍ଶନ ଥିବା ବେଳେ ଶନିବାର ମହାପ୍ରଭୁଙ୍କର ରହିଛି ବାହୁଡ଼ା ଯାତ୍ରା। ସେଥିପାଇଁ ଆଜିଠାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଭିଡ଼ ଆରମ୍ଭ ହୋଇଯାଇଛି। ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁ ଅନେକ ଶ୍ରଦ୍ଧାଳୁମାନେ ଅଣନିଃଶ୍ୱାସୀ ହୋଇ ପଡୁଥିବା ବେଳେ ଚିକିତ୍ସା ପାଇଁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି। ସେପଟେ ଅଗ୍ନିଶମ ବିଭାଗ ପକ୍ଷରୁ ମଧ ଜଳ ସିଞ୍ଚନ କରାଯାଉଛି।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଗୃହ ପାଇଁ ଭୂମିପୂଜନ କଲେ ଧର୍ମେନ୍ଦ୍ର



ଛେଣ୍ଡିପଦା (ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଅନୁଗୋଳ ଛେଣ୍ଡିପଦା ସ୍ଥିତ 'ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ'(ଡିଆଇଇଟି)ର ନୂତନ ଗୃହ ନିର୍ମାଣ ନିମନ୍ତେ ଭୂମିପୂଜନ କରିବା ସହ ଅନୁଷ୍ଠାନର ଶିକ୍ଷକ ଓ ପ୍ରଶିକ୍ଷକମାନଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟରେ ଅନେକ ଦକ୍ଷତା ସମ୍ପନ୍ନ ଶିକ୍ଷକ ସୃଷ୍ଟି କରି ଗୁଣାତ୍ମକ ଶିକ୍ଷାର ବିକାଶରେ ଏହି ଅନୁଷ୍ଠାନ ମୁଖ୍ୟ ଭୂମିକା ନିର୍ବାହ କରିଆସୁଛି । ବର୍ତ୍ତମାନ ସମୟରେ ଟେକ୍ନୋଲୋଜି ମନୁଷ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଣୀତ ଜାତୀୟ ଶିକ୍ଷା ନୀତିରେ ଶିକ୍ଷକଙ୍କ କାପାସିଟି ବଲଡିଂକୁ ମଜଭୂତ୍ କରିବା ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ପ୍ରାଥମିକତା ଦିଆଯାଉଛି । ଶିକ୍ଷା ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧିରେ ଏଆଇର ଉପଯୋଗ ବର୍ତ୍ତମାନ ସମୟର ଆବଶ୍ୟକତା । ଶିକ୍ଷକଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରିବା ଦିଗରେ ଏଆଇ ଟେକ୍ନୋଲୋଜିର ବ୍ୟବହାର ଉପରେ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଅନୁଷ୍ଠାନ ପରିସରରେ ଥିବା ପ୍ରଥିତଯଶା କବି ପଦ୍ମଶ୍ରୀ ରାଧାନାଥ ଗଡ଼ନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।"ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନ ଅଧୀନରେ ବୃକ୍ଷରୋପଣ କରିବା ସହ ଗଛ ଲଗାଇବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ ।

# କ୍ଷୟକ୍ଷତି ରିପୋର୍ଟ ଆସିବା ପରେ କ୍ଷତିପୂରଣ: ସୁରେଶ ପୂଜାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱରରେ ବନ୍ୟା ସ୍ଥିତି ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ଦିନେ ଦୁଇ ଦିନ ଭିତରେ ଛାଡିବ ବନ୍ୟା ପାଣି । ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ବିପଦ ସଂକେତ ତଳେ ରହିଛି । ପାଣି ଆଉ ବଢୁନି । ଜଳ ନିଷ୍କାସନରେ ସମୟ ଲାଗୁଛି । ବୈତରଣୀ ବନ୍ୟା ପ୍ରଭାବରେ ଗୁଡିଏ ପଞ୍ଚାୟତ ପାଣି ଘେରରେ ଥିଲା । କେନ୍ଦୁଝର ଜିଲ୍ଲା ଆଂଶିକ ପ୍ରଭାବିତ ହେଉଛି । ଯେଉଁ ମାନେ ରିଲିଫ ସେଣ୍ଟରରେ ଅଛନ୍ତି, ସେମାନଙ୍କ ପାଇଁ ୭ ଦିନ ରନ୍ଧା ଖାଦ୍ୟ ବ୍ୟବସ୍ଥା ହୋଇଛି । ଆବଶ୍ୟକ ପଡିଲେ ବଢ଼ାଯିବ । କ୍ଷୟକ୍ଷତି ଆକଳନ ଆରମ୍ଭ ହେଲାଣି । ପାଣି ଛାଡ଼ିବା ପରେ ଘର କ୍ଷୟକ୍ଷତି ରିପୋର୍ଟ ଆସିବ । ଯେତେ ଶୀଘ୍ର ହୋଇ ପାରିବ କ୍ଷତିପୂରଣ ଦିଆଯିବ ।

# ପଞ୍ଚମୁଖୀ ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଜୟଦେବ ବିହାର ଲେନ୍-ନଂ-୫ ଠାରେ ପଞ୍ଚମୁଖୀ ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଅଖଣ୍ଡ ଦୀପ ସ୍ଥାପନ, ଘଣ୍ଟ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ବିଗ୍ରହସ୍ନାନ, ଷୋଡ଼ଶ ଉପଚାର ପୂଜା, ଅଗ୍ନିସ୍ଥାପନ, ମଣ୍ଡଳପୂଜା, ହୋମ, ହନୁମାନ ଚାଳିଶା ପଠନ, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୟଦେବ ବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ମନୋଜ୍ଞ ଉତ୍ସବରେ ବୃନ୍ଦାବନରୁ ଆସିଥିବା ଆଜନ୍ମ ବ୍ରହ୍ମଚାରୀ ବାବା ବନମାଳି ଦାସ ଓ ମୁଖ୍ୟ ପୂଜକ ଧୀରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ପୂଜକ ବିଜୟ ଦାଶ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ତଥା ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡଃ ଶକ୍ତିରାଜ ଜାମଲା, ସମାଜସେବୀ ଯୁଧିଷ୍ଠିର ସାହୁ ଓ ମନୋଜ ରଥ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଣା ବଣ୍ଟନ କରାଯିବା ସହିତ ପ୍ରସାଦ ସେବନ କରାଯାଇଥିଲା। ତୁଳସୀ ଭଜନ ସନ୍ଧ୍ୟା ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ଆଶ ମୁକୁଳ ବାରିକଙ୍କ ନେତୃତ୍ୱରେ କଣ୍ଠଶିଳ୍ପୀ ଗୋପାଳକୃଷ୍ଣ, ଇତିଶ୍ରୀ, ସୁଜାତା ଓ ସ୍ନେହାଶ୍ରୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ।

# ସୁରକ୍ଷିତ ବିଦ୍ୟୁତ ଭିତ୍ତିଭୂମି ଆମର ପ୍ରାଥମିକତା: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁବାର ଲୋକସେବା ଭବନରେ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ରାଜ୍ୟର ୩୦ ପ୍ରତିଶତରୁ ଅଧିକ ଲୋଡ଼ର ଚାହିଦା ପୂରଣ କରି ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ । ଏହାସହ, ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମଧ କରିଥାଏ । ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ତଥ୍ୟ ପରିଚାଳନା, କାର୍ଯ୍ୟାବଳୀର ସୁରକ୍ଷା ଭିତ୍ତିଭୂମି ସୁଦୃଢ଼ ଓ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ଅପଗ୍ରେଡ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । କ୍ଲାଉଡ଼ କମ୍ପ୍ୟୁଟିଙ୍ଗ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଉଚ୍ଚମାନର ବୈଷୟିକ ଜ୍ଞାନ କୌଶଳ ଜରିଆରେ ଏହାର ସୁରକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ବୈଷୟିକ ସୁରକ୍ଷା ପ୍ରଦାନକାରୀ ସଂସ୍ଥା ମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରାଯାଉଛି । ରେଲଟେଲ ନାମକ ସଂସ୍ଥା ଏନେଇ ଆଜି ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ପ୍ରଦର୍ଶିତ କରିଥିଲେ । ଏହି ଉପସ୍ଥାପନା ପ୍ରଦର୍ଶନବେଳେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ, ବିତ୍ତ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ଦେବୀଦତ୍ତ ତ୍ରିପାଠୀ, ରେଲଟେଲର ରେଳ ଅଧିକାରୀ ମାନେ ଯୋଗଦେଇଥିଲେ ।

# ପ୍ରଥମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା ଫଳ ପ୍ରକାଶ

କଟକ(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା (ଅଷ୍ଟମ ଷ୍ଟାଣ୍ଡାର୍ଡ) ଫଳ ପ୍ରକାଶିତ ହୋଇଛି। ଏଥିରେ ୭୯.୨୨% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ବୋର୍ଡ ପକ୍ଷରୁ ଆଜି ସୂଚନା ଦିଆଯାଇଛି । ପ୍ରକାଶଥାଉକି ଗତ ମଇ ମାସ ୨୧ ତାରିଖରେ ସମଗ୍ର ରାଜ୍ୟର ୮ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ମୋଟ ୧୫୨୫ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବାବେଳେ ୧୨୦୮ ଜଣ ପରୀକ୍ଷା ଦେଇଥିଲେ । ସେହିପରି ୭୮ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଏଥିସହ ୨୩୯ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ ନଂ ଓ ନାମ ପ୍ରଦାନ କରି ନିଜ ଫଳ ଜାଣିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଇଜଡ୍ ସାର୍ଟିଫିକେଟ ବୋର୍ଡ ୱେବସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।

# ଜାନୁଆରୀ ସୁଦ୍ଧା ଆସିବ ସମବାୟ ପଲିସି: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ସହ ସବୁ ରାଜ୍ୟର ସମବାୟ ମନ୍ତ୍ରୀଙ୍କ ବୈଠକ ପରେ ଓଡ଼ିଶା ଫେରିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଦିଲ୍ଲୀରେ ଆୟୋଜିତ 'ମନ୍ଥନ ବୈଠକ'ରେ ଯୋଗ ଦେଇ ଫେରିବା ପରେ ମନ୍ତ୍ରୀ କହିଛନ୍ତି ଯେ ସମବାୟ ସମିତି ଉନ୍ନତି ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେଲା। ୩୧ ଜାନୁଆରୀ ୨୦୨୬ ସୁଦ୍ଧା ସମବାୟ ପଲିସି ଆସିବ। ରାଜ୍ୟର ସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ହେବ। ସମିତିରେ ହେବ ମଲ୍ଟିପୁଲ ବ୍ୟବସାୟ। ଏଲପିଜି ଗ୍ୟାସ ବିତରଣ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ଜନ ସେବା କେନ୍ଦ୍ର, ଡ଼ାଇରି ଫାର୍ମ, ଦୁଗ୍ଧ ବିତରଣ କେନ୍ଦ୍ର ଭଳି ବିଭିନ୍ନ ବ୍ୟବସ୍ଥା ସମିତି ଜରିଆରେ ହେବା ପାଇଁ ପ୍ଲାନ ପ୍ରସ୍ତୁତ ହୋଇଛି। ଲୋକଙ୍କୁ ଘର ପାଖରେ ସୁବିଧା ସୁଯୋଗ ପହଂଚାଇବା ପାଇଁ ସମବାୟ ସମିତି ସବୁ ପ୍ରକାର ବ୍ୟବସାୟ କରିବ। ଲାଭ ନୁହେଁ ସେବା ଆଶାରେ କାମ କରିବ ସମବାୟ ସମିତି। ଆସନ୍ତା ମାସରେ ପ୍ରତି ରାଜ୍ୟରେ ବୈଠକ ବସି କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ ଅମିତ ଶାହଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ପାଖରେ ପହଞ୍ଚିବ ସମବାୟ। ଏଥିସହ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା ହେବ ବ୍ୟାଙ୍କ। ଚାଷୀ ୩ ଲକ୍ଷ ଋଣ ନେଲେ ବାର୍ଷିକ ଦୁଇ ପ୍ରତିଶତ ସୁଧ ରହିଛି। ବର୍ତ୍ତମାନ ଋଣ ୫ ଲକ୍ଷ କରିବେ ସରକାର। କେତେ ପ୍ରତିଶତ ସୁଧ ରହିବ ଖୁବଶୀଘ୍ର ନିଷ୍ପତି ହେବ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆମପାଇଁ ଗଣତନ୍ତ୍ର...


ସମ୍ମାନ ପାଇଁ ମୁଁ ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ କୃତଜ୍ଞତା ଜଣାଉଛି। ଘାନା ହେଉଛି ସୁନାର ଭୂମି। ଏହା କେବଳ ଆପଣଙ୍କ ମାଟିତଳେ ଥିବା ଖଣିଜ ପାଇଁ ନୁହେଁ, ବରଂ ଆପଣଙ୍କ ହୃଦୟର ଭାବନା ଓ ଶକ୍ତିପାଇଁ ମଧ୍ୟ। ମୋଦୀ ଆହୁରି କହିଥିଲେ ଯେ ଭାରତରେ ୨୫ଶହ ରାଜନୈତିକ ଦଳ ଅଛନ୍ତି। ୨୦ଟି ଭିନ୍ନ ଭିନ୍ନ ଦଳ ବିଭିନ୍ନ ରାଜ୍ୟରେ ସରକାର ଚଳାଉଛନ୍ତି। ଚା'ରେ ଚିନି ମିଶାଯିବା ପରି ଭାରତର ଲୋକେ ଘାନାରେ ମିଶିଯାଇଥାନ୍ତି। ମୋଦୀ କହିଥିଲେ, ଆମ ନଜରରେ ଘାନା ହେଉଛି ଏକ ସଶକ୍ତ ରାଷ୍ଟ୍ର। ସାମଗ୍ରିକ ପ୍ରଗତି ପାଇଁ ଆପଣଙ୍କ ପ୍ରତିବଦ୍ଧତା ଘାନାକୁ ପୁରା ଆଫ୍ରିକା ମହାଦେଶ ପାଇଁ ପ୍ରେରଣାର କେନ୍ଦ୍ର କରିଛି। ମୋଦୀ ଆହୁରି କହିଥିଲେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ, ମହାମାରୀ, ଆତଙ୍କବାଦ ଏବଂ ସାଇବର ସୁରକ୍ଷା ଭଳି ନୂତନ ଏବଂ ଜଟିଳ ସଂକଟର ସମ୍ମୁଖୀନ ହେଉଛି। ଏଥିପାଇଁ ପ୍ରଭାବଶାଳୀ ସଂସ୍କାର ଆବଶ୍ୟକ ବୋଲି ସେ କହିଥିଲେ।

### ଜଗନ୍ନାଥ ପ୍ରଧାନ...

ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି କରିବା ସହିତ କାର୍ଯ୍ୟରତ ଅଧିକାରୀମାନଙ୍କୁ ସୁରକ୍ଷା ଦେବାକୁ ଦାବି କରିଥିଲେ। ଡିସିପି ଅଫିସରେ ପହଞ୍ଚିବା ପରେ ଜଗନ୍ନାଥ କହିଥିଲେ ଯେ ଯଦି ମୋ ଗିରଫଦାରୀ ସମସ୍ୟାର ସମାଧାନ କରିବ, ତେବେ ମୁଁ ସହଯୋଗ କରିବାକୁ ରାଜି ଅଛି। ସୂଚନାଯୋଗ୍ୟ ଯେ ଆକ୍ରମଣ ଘଟଣା ପରେ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଛନ୍ତି। ରାଜ୍ୟର ପ୍ରାୟ ୧୫ କର୍ମଚାରୀ ସଂଘ ପକ୍ଷରୁ ଏହି ଆକ୍ରମଣକୁ ନିନ୍ଦା କରାଯାଇଛି। ଅଫିସରମାନେ ଅଫିସକୁ ଯାଉନଥିବାରୁ ସବୁ ଅଫିସ ଖାଁ ଖାଁ ଲାଗୁଛି। ଗତ ତିନିଦିନ ହେବ ରାଜ୍ୟର ସବୁ କାର୍ଯ୍ୟାଳୟରେ ଏଭଳି ସ୍ଥିତି ଉପୁଜିଛି। ବିଭିନ୍ନ କାମ ପାଇଁ ଅଫିସ ଆଗରେ ଲୋକଙ୍କ ଗହଳି ଲାଗୁଛି। ମାତ୍ର ଶାସନ ବ୍ୟବସ୍ଥା ଠପ୍ ହୋଇପଡ଼ିଛି। ରାଜ୍ୟ ରାଜସ୍ୱ ଅମଲାସଂଘ ମଧ୍ୟ ଏହି ପ୍ରସଙ୍ଗରେ ଓଏଏସ୍ ସଂଘକୁ ସମର୍ଥନ କରିଛି। ଅନ୍ୟପକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓଏଏସ୍ ଅଧିକାରୀଙ୍କୁ ଆନ୍ଦୋଳନ ଛାଡ଼ି କାର୍ଯ୍ୟରେ ଯୋଗ ଦେବାପାଇଁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ସବୁ ସମସ୍ୟାର ସମାଧାନ ପାଇଁ ସରକାରଙ୍କର ପ୍ଲାନ୍ ୧,୨ ଓ ୩ ରହିଥାଏ। ଆମ ଉପରେ ଅଧିକାରୀମାନେ ଭରସା ରଖନ୍ତୁ। ଯେଉଁ ଅଫିସରମାନେ ଧର୍ମଘଟରେ ସାମିଲ ହୋଇଛନ୍ତି ସେମାନଙ୍କ କଷ୍ଟ ଓ ଭାବନା ସହ ସରକାର ମଧ୍ୟ ରହିଛନ୍ତି। ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯିବା ସହ ଦଳରୁ ନିଲମ୍ବିତ କରାଯାଇଛି। ଯେଉଁମାନଙ୍କର ଭିଡିଓ ଫୁଟେଜ ମିଳିଛି ସେହିମାନଙ୍କୁ ହିଁ ଗିରଫ କରାଯାଇଛି। ପ୍ରଚ୍ଛଦପଟରେ କିଏ ରହିଛନ୍ତି ତାଙ୍କୁ ଖୋଜିବାକୁ ସମୟ ଲାଗିବ ବୋଲି ମନ୍ତ୍ରୀ କହିଥିଲେ। ଆଇନ ଆଖିରୁ କିଏ ବର୍ତ୍ତିପାରିବେ ନାହିଁ । ରାଜ୍ୟରେ ଏବେ ବର୍ଷାସହ ବନ୍ୟା ପରିସ୍ଥିତି ଓ ରଥଯାତ୍ରା ଅନୁଷ୍ଠିତ ହେଉଛି। ତେଣୁ ଅଧିକାରୀମାନେ ଆନ୍ଦୋଳନ ସ୍ଥଗିତ ରଖି କାର୍ଯ୍ୟରେ ଯୋଗ ଦେବାକୁ ସେ ନିବେଦନ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେତେକ ଓଏଏସ୍ ଅଧିକାରୀ କାର୍ଯ୍ୟରେ ଯୋଗ ଦେଇଥିବା ସୂଚନା ମିଳିଛି। ଏମଏସଏମଇ, ଜଳସମ୍ପଦ, ସାଧାରଣ ପ୍ରଶାସନ, ଅର୍ଥ ବିଭାଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ କେତେକ ଓଏଏସ୍ ଅଧିକାରୀ କାମ କରୁଥିବା ସୂଚନା ମିଳିଛି। ସେହିପରି ଜିଲ୍ଲାସ୍ତରରେ ବି ଅନେକ ଅଧିକାରୀ କାମ କରୁଥିବା ସୂଚନା ଦିଆଯାଇଛି। ଜଗନ୍ନାଥଙ୍କ ଗିରଫଦାରୀ ପରେ ଓଏଏସ୍ ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଥିବା ନେଇ ସଂଘର ସଭାପତି ସୂଚନା ଦେଇଛନ୍ତି।

# ପେନ୍‌ସନ୍ ଲେନ୍ ମହଲ୍ଲା ନୌଯାଓ୍ୱାନ କମିଟି ପକ୍ଷରୁ ସହାୟତା

କଟକ(ଭାସ୍କର ନ୍ୟୁଜ୍): ଗୁରୁବାର ମଧ୍ୟାହ୍ନରେ ପେନ୍‌ସନ୍ ଲେନ ମହଲ୍ଲା ନୌଯାଓ୍ୱାନ କମିଟି ସଂପାଦକ ସମାଜସେବୀ ସେକ ଗୁଲାମ ମୋଇଦ୍ଦିନଙ୍କ ଆହ୍ୱାନ କ୍ରମେ ଏକ ଜରୁରୀ ବୈଠକ ସ୍ଥାନୀୟ ପେନସନ ଲେନ୍‌ଠାରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ କିପରି ଆମ କମିଟି ଗରିବ ଅସହାୟଙ୍କୁ ସାହାଯ୍ୟ କରିବା ସହିତ ବିଭିନ୍ନ ଜନହିତକର କାର୍ଯ୍ୟ କରିବ ସେଥିପାଇଁ କମିଟି କାମ କରିବା ବୋଲି ଶ୍ରୀ




ମୋଇଦ୍ଦିନ କହିଥିଲେ । ଏହି ଅବସରରେ ପେନସନ ଲେନ ସାହିରେ ବସବାସ କରୁଥିବା ଦୃଷ୍ଟିହୀନ ବି. ରାଜୁଙ୍କୁ କିଛି ଆର୍ଥିକ ସହାୟତା କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ପେନସନ ଲେନ ମହଲ୍ଲା କମିଟି ସଭାପତି ଜାବେଦ ଇକବାଲ, ଉପ ସଭାପତି ଇମ୍ରାନ ଖାନ, ଯୁଗ୍ମ ସଂପାଦକ ଅବଦୁଲ ସାହିଦ, କୋଷାଧକ୍ଷ ସେକ ଖାଲିଲଉଲ୍ଲ ରହେମାନ, ସେକ ଜାବିର, ମୌଷର ଅଲି, ସେକ ଜାବିର ବକ୍ସ, ଉସ୍ମାନ ଖାନ, ସେକ ନସିମ, ସେକ ରମଯାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦାୟକାଳୀନ ସମ୍ବର୍ଦ୍ଧନା

ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଫାସୀଓଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୀସାହି ଗ୍ରାମ ସ୍ଥିତ ରଘୁନାଥ ମଧୁସୂଦନ ନୋଡାଲ ଉଚ୍ଚ ବିଦ୍ୟାଳୟର କିରାଣୀ ଭୋଳଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇ ଅଛି । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଦାୟ କାଳୀନ ସଂଗୀତ ପରିବେଷଣ କରିଥଲେ । ବିଦ୍ୟାଳୟର ଶିକ୍ଷକ ମୁନା ଖଟୁଆ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥିଭାବେ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା ଓ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର, ପୂର୍ବତନ ବୋଲଗଡ ବ୍ଲକ ଅଧକ୍ଷ ବାନାମ୍ବର ମାଝୀ,ବିଦ୍ୟାଳୟ ପଞ୍ଚସଖା ସେତୁ ସଭାପତି ବାସୁଦେବ ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶେଷଦେବ ସ୍ୱାଇଁ, ବିଦ୍ୟାଳୟ ପୂର୍ବତନ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ନିମନ୍ତ୍ରିତ ଅତିଥିମାନେ ବିଦାୟୀ କିରାଣୀ ବୁଧିବାମନ ଭୋଳଙ୍କ ଛାତ୍ର ବତ୍ସ୍ୟଳ ସମୟାନୁବର୍ତ୍ତିତା କର୍ତ୍ତବ୍ୟ ନିଷ୍ଠା, ପରୋପକାରିତା, ଆଦର୍ଶ ଶିକ୍ଷାଦାନ ଓ ଧର୍ମ ପରାୟଣତା ସମ୍ପର୍କରେ ଗୁଣଗାନ କରିବା ସଙ୍ଗେ ସଙ୍ଗେ ତାଙ୍କର ଅବସର ଜୀବନ ସୁଖମୟ ହେଉ ବୋଲି ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଶ୍ରୀ ଭୋଳ ଉକ୍ତ ବିଦ୍ୟାଳୟରେ ଚାକିରୀ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ୪୨ବର୍ଷ ଧରି ଏହି ବିଦ୍ୟାଳୟରେ ଚାକିରୀ ଜୀବନ କରାଇଛନ୍ତି । ବିଦ୍ୟାଳୟରୁ ବିଦାୟ ନେଲା ବେଳେ ବିଦାୟୀ ଶିକ୍ଷା କର୍ମଚାରୀଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ । ବିଦାୟୀ କର୍ମଚାରୀଙ୍କୁ ଟାଙ୍ଗୀସାହି ଗ୍ରାମବାସୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସମ୍ପାଦକ, ସମସ୍ତ ସଦସ୍ୟମାନଙ୍କ ଓ ବିଦ୍ୟାଳୟ ତରଫରୁ ବିଦାୟୀ କିରାଣୀ ବୁଧିବାମନ ଭୋଳଙ୍କୁ ମାନ ପତ୍ର, ଉତ୍ତରୀୟ, ପୁରସ୍କାର ଓ ଫୁଲ ତୋଡ଼ା ଦେଇ ମୁଖ୍ୟ ଅତିଥି ଶ୍ରୀ ବଳବନ୍ତରାୟ ସମ୍ବର୍ଦ୍ଧିତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । ପରିଶେଷରେ ଶିକ୍ଷୟିତ୍ରୀ ହିମାଦ୍ରୀ ମହାପାତ୍ର ସମସ୍ତଙ୍କୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଂହପୁରରେ 'ଓଡ଼ିଶା ଭାସ୍କର'ର ଶୁଭାରମ୍ଭ ସମ୍ବାଦପତ୍ର ଲୋକଙ୍କ ସ୍ୱର ହେଉ : ଡକ୍ଟର ପି ସି ଧଳ




ବିଞ୍ଝାରପୁର ୩/୭ (ସ ପ୍ର) ସମ୍ବାଦ ପତ୍ର ସାଧାରଣ ଲୋକଙ୍କ ସ୍ୱର ହେଉ। ସାମ୍ବାଦିକ ଜାଗ୍ରତ ପ୍ରହରୀ ଭାବେ ସମାଜରେ ଘଟୁଥିବା ଘଟଣା,ଦୁର୍ଘଟଣା ଲୋକ ଲୋଚନକୁ ଆଣିବା ସହିତ ପ୍ରଶାସନର ଦୋଷ ତ୍ରୁଟି ପରିପ୍ରକାଶ କରନ୍ତୁ। ଏଭଳି ହେଲେ ସୁସ୍ଥ ଦୁର୍ନୀତିମୁକ୍ତ ସମାଜ ସମ୍ଭବ ବୋଲି ଡକ୍ଟର ପଦ୍ମଚରଣ ଧଳ କହିଛନ୍ତି । ଆଜି ବିଞ୍ଝାରପୁର ବ୍ଲକ୍‌ର ସିଂହପୁର ବଜାରରେ ଦୈନିକ ଖବରକାଗଜ 'ଓଡ଼ିଶା ଭାସ୍କର'ର ଶୁଭାରମ୍ଭ କରି ପ୍ରାକ୍ତନ ଅଧକ୍ଷ ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ପି.ସି. ଧଳ କହିଛନ୍ତି। ଓଡ଼ିଶା ଭାସ୍କର ବିଞ୍ଝାରପୁର ପ୍ରତିନିଧି ଦୀପକ କୁମାର ସାମଲ, ସାମ୍ବାଦିକ ପ୍ରଦୀପ କୁମାର ମଲ୍ଲିକ, ଶ୍ରୀରାମ ସୁଇଟ୍ସ ମଲ୍ଲିକ, ବସନ୍ତ କୁମାର ମହାଳିକ, ଅଭୟ କୁମାର ଧଳ ଯୁବ ଚେହେରା ପ୍ରଦୀପ କୁମାର ସାମଲ, ଦିଗାମ୍ବର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଓଡ଼ିଶା ଭାସ୍କର ପ୍ୟାକେଟ ଖୋଲି ଡକ୍ଟର ଧଳ ଶୁଭ ବିକ୍ରି ଆରମ୍ଭ କରିଥିଲେ।

Mail ID: - sepwdsbp@rediffmail.com

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE SAMBALPUR**
**e - Procurement**
**BID IDENTIFICATION No CCENC (R AND B) /03/ 2025-26**

**B-252**

**No. 2224 Dtd. 25.06.2025**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Road Work and Bridge work** as detailed in the DTCN from the eligible class of contractors.
2. No of works= **06 (SIX) (Road Works)**
3. Tender Cost: **Rs. 10,000/-**
4. Class of contractor: **"B" Class, "A" Class and "Special" Class**
5. Date & Time of available in web site & receipt of Bids From **04.07.2025** to **17.00 Hours of 21.07.2025.**
6. Date of opening of Technical Bid **22.07.2025 at 11.00 Hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

**OIPR 34035/11/0028/2526**

Sd/- Chief Construction Engineer
Northern (R&B) Circle, Sambalpur



ନୂଆଦିଲ୍ଲୀ: ଦିଲ୍ଲୀରେ ଲାଗୁ ହେବନି ପୁରୁଣା ଗାଡିକୁ ପେଟ୍ରୋଲ ମନା ନିୟମ। ପୁରୁଣା ଯାନବାହନ ଉପରୁ ଲଗାଯାଇଥିବା ପ୍ରତିବନ୍ଧକ ନିୟମକୁ ସ୍ଥଗିତ ରଖାଯାଇଛି। ଦିଲ୍ଲୀ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ପ୍ରବେଶ ବର୍ମା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ବୟସ ନୁହେଁ ବରଂ ଗାଡିର ପଲ୍ୟୁସନ ଷ୍ଟାଟସ୍ ଦେଖିବାକୁ ହେବ। ଜୁଲାଇ ୧ରୁ ଦିଲ୍ଲୀରେ ଲାଗୁ ହୋଇଥିବା 'ଏଣ୍ଡ-ଅଫ୍-ଲାଇଫ୍ ଯାନ' (ଇଏଲ୍‌ଭି) ନିୟମ ସମ୍ପର୍କରେ ଜନସାଧାରଣଙ୍କ ସମସ୍ୟାର ପ୍ରସଙ୍ଗ ଉଠାଇଛନ୍ତି। ଏହି ନୀତି ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ ଟ୍ରାଫିକ୍ ଏବଂ ପ୍ରଦୂଷଣ ଯୋଗୁଁ ଦିଲ୍ଲୀର ଲୋକମାନେ ପୂର୍ବରୁ ଚାପରେ ଅଛନ୍ତି।ପ୍ରବେଶ ବର୍ମା କହିଛନ୍ତି ଯେ ଯାନବାହାନଗୁଡ଼ିକୁ ବୟସ ନୁହେଁ ବରଂ ପଲ୍ୟୁସନ ଷ୍ଟାଟସ ଆଧାରରେ ବନ୍ଦ କରାଯିବା ଉଚିତ। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବର୍ତ୍ତମାନ ଏହି ନିୟମ ଗୁରୁଗ୍ରାମ ଏବଂ ନୋଏଡା ଭଳି ଏନସିଆର ଅଞ୍ଚଳରେ ଲାଗୁ ହେଉନାହିଁ, ତେବେ ହଠାତ୍ କେବଳ ଦିଲ୍ଲୀରେ କାହିଁକି ଏହାକୁ ଲାଗୁ କରାଯାଇଛି।

# ଦଶ ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ମଞ୍ଜୁରି, ମଜବୁତ ହେବ ଭାରତର ଡିଫେନ୍ସ



ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ବୈଠକରେ ପ୍ରାୟ ୧.୦୫ ଲକ୍ଷ କୋଟି ଟଙ୍କାର ୧୦ଟି ପ୍ରମୁଖ ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏହି ସମସ୍ତ ପ୍ରସ୍ତାବ 'କ୍ରୟ (ଭାରତୀୟ-ଆଇଡିଡିଏମ୍)' ଅର୍ଥାତ୍ ସ୍ୱଦେଶୀ ଭାବରେ ଡିଜାଇନ୍, ବିକଶିତ ଏବଂ ନିର୍ମିତ ବର୍ଗ ଅନ୍ତର୍ଭୁକ୍ତ । ଏହି ନିଷ୍ପତ୍ତି କେବଳ ସଶସ୍ତ୍ର ବାହିନୀର କ୍ଷମତା ବୃଦ୍ଧି ଦିଗରେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ମଧ୍ୟ ମଜଭୁତ କରିବ। ସଶସ୍ତ୍ର ପୁନରୁଦ୍ଧାର ଯାନ, ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀ,ସମନ୍ୱିତ ସାଧାରଣ ଇନଭେଣ୍ଟରି ପରିଚାଳନା ପ୍ରଣାଳୀ, ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରୁଥିବା କ୍ଷେପଣାସ୍ତ୍ର। ସେହିପରି ନୌସେନା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ମଞ୍ଜୁରୀ ମଧ୍ୟ ଦିଆଯାଇଛି। ନୌସେନାର କ୍ଷମତା ବୃଦ୍ଧି କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ରୟକୁ ଅନୁମୋଦନ କରାଯାଇଛି । ଏଥିରେ ମୁର୍ଡ ମାଇନ୍ସ - ଜାହାଜକୁ ସୁରକ୍ଷା ଦେବା ପାଇଁ ସମୁଦ୍ରରେ ରଖାଯାଇଥିବା ବିସ୍ଫୋରକ ଉପକରଣ ଏବଂ ମାଇନ୍ କାଉଣ୍ଟର ମେଜର ଭେସଲ୍ସ, ସମୁଦ୍ରରେ ରଖାଯାଇଥିବା ଶତ୍ରୁ ମାଇନ୍ସକୁ ନିଷ୍କ୍ରିୟ କରୁଥିବା ଜାହାଜ ସାମିଲ ଅଛି । ସୁପର ରାପିଡ୍ ଗନ୍ ମାଉଣ୍ଟ – ରାପିଡ୍ ଫାୟରିଂ ଗନ୍, ସବମର୍ସିବଲ୍ ଅଟୋନୋମସ୍ ଭସେଲ୍ସ, ବିନା ଡ୍ରାଇଭରରେ ପାଣି ତଳେ ଚାଲୁଥିବା ଡଙ୍ଗା, ଯାହା ନୀରିକ୍ଷଣ ଗୁପ୍ତ ସୂଚନା ସଂଗ୍ରହରେ ସହାୟକ ହେବ। ଏହି ସମସ୍ତ ପ୍ରତିରକ୍ଷା ଉପକରଣ ଭାରତୀୟ ପ୍ରତିରକ୍ଷା ଉଦ୍ୟୋଗ ଦ୍ୱାରା ଡିଜାଇନ୍, ବିକଶିତ ଏବଂ ନିର୍ମାଣ କରାଯିବ। ଏହା ମେକ୍ ଇନ୍ ଇଣ୍ଡିଆ ଅଧୀନରେ ଘରୋଇ ପ୍ରତିରକ୍ଷା ଉତ୍ପାଦନକୁ ଏକ ବଡ଼ ପ୍ରୋତ୍ସାହନ ଦେବ। ଏହା ବିଦେଶୀ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ମଧ୍ୟ ହ୍ରାସ କରିବ।

## ଘାନା ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ପର୍ସ ଉପହାର ଦେଲେ ମୋଦୀ



ନୂଆଦିଲ୍ଲୀ: ଘାନା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘାନା ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ଏକ ମୂଲ୍ୟବାନ ଉପହାର ଦେଇଛନ୍ତି। ଏହି ଉପହାରର ଓଡ଼ିଶା ସହ ସମ୍ପର୍କ ରହିଛି। ଉପହାରଟି ହେଉଛି କଟକରେ ନିର୍ମିତ ଏକ ସୁନ୍ଦର ରୁପା ତାରକସୀର ପର୍ସ। ରୁପା ତାରକସୀ ହସ୍ତଶିଳ୍ପ ପାଇଁ ସାରା ବିଶ୍ୱରେ କଟକର ପ୍ରସିଦ୍ଧି ରହିଛି। ଏଠାକାର କାରିଗରମାନେ ୫୦୦ ବର୍ଷରୁ ଅଧିକ ସମୟ ଧରି ନିଖୁଣ ରୁପା ତାରକସୀ କାମ କରି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଦେଇଥିବା ଉପହାରଟି କୁଶଳୀ କାରୀଗରଙ୍କ ଦ୍ୱାରା ଅତ୍ୟନ୍ତ ନିଖୁଣ ଭାବେ ପ୍ରସ୍ତୁତ କରାଯାଇଛି। ଏଥିରେ ଅତି ପତଳା ରୁପା ତାରରେ ତିଆରି ହୋଇଥିବା ସୂକ୍ଷ୍ମ ଫୁଲ ଏବଂ ସୁନ୍ଦର ଡିଜାଇନ କରାଯାଇଛି। ପର୍ସଟି ଖୁବ୍ ହାଲୁକା ଓ ଦୀର୍ଘସ୍ଥାୟୀ ହେବା ସହିତ ଏହାର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋହର। କଟକର ତାରକସୀ କାରିଗରୀକୁ ପାରମ୍ପରିକ ଭାବେ ଗହଣାରେ ଉପଯୋଗ କରାଯାଇଥାଏ। ବର୍ତ୍ତମାନ ଏହାକୁ ପର୍ସ ଭଳି ଆଧୁନିକ ଉପକରଣରେ ଉପଯୋଗ କରାଯାଉଛି ଯାହା ଐତିହ୍ୟ ଏବଂ ସମସାମୟିକ ଶୈଳୀର ମିଶ୍ରଣ ଅଟେ। ତାରକସୀ କାମ ସୌନ୍ଦର୍ଯ୍ୟ, ସାଂସ୍କୃତିକ ଗୌରବ ଏବଂ କାରିଗରୀ କୌଶଳର ପ୍ରତୀକ। ଏହା ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ପରମ୍ପରାର ଏକ କାଳଜୟୀ ସ୍ମୃତିଚିହ୍ନ ଭାବେ ଉଜ୍ଜୀବିତ ହୋଇରହିଛି।

# ୫ହଜାର ମୋବାଇଲ ଟାୱାର ପାଇପ୍ ଲାଇନ୍‌ରେ କାର୍ଯ୍ୟ କରିବ: ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର କହିଛନ୍ତି ଯେ, ରାଜ୍ୟରେ ଡିଜିଟାଲ ବ୍ୟବସ୍ଥାର ବିକାଶ ପାଇଁ ମୋ ସରକାର ପ୍ରୟାସ ଜାରି ରଖିଛି। ବସ୍ତରଠାରୁ ସରଗୁଜା ପର୍ଯ୍ୟନ୍ତ ଆଇଟି ପ୍ରୋତ୍ସାହନରେ ଡିଜିଟାଲ ପାଇଁ ପଦକ୍ଷେପ ନିଆଯିବ। ଏଥିସହ ପାଇପ୍ ଲାଇନ୍ ମାଧ୍ୟମରେ ୫ହଜାର ମୋବାଇଲ ଟାୱାର ସ୍ଥାପନ କରାଯିବ। ସେ ନେଇ କହିଥିଲେ ବିକାଶିତ ଛତିଶଗଡ ୨୦୪୭କୁ ଦୃଷ୍ଟିରେ ରଖି ଏହା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ଅନୁଯାୟୀ ଏଥିନେଇ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଶ୍ରୀ ସାଏ ଆହୁରି କହିଥିଲେ ଯେ, ସୂଚନା ଏବଂ ବୈଷୟିକ ବିଭାଗ ପକ୍ଷରୁ ମହାନଦୀ ଭବନଠାରେ ଏକ ସମୀକ୍ଷା ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଯୋଗଦେଇ କହିଥିଲେ ଯେ, ଡିଜିଟାଲ କ୍ଷେତ୍ରର ବିକାଶ ପାଇଁ ଛତିଶଗଡ ସରକାର ଖୁବ୍ ଶୀଘ୍ର ମୋବାଇଲ ଟାୱାରମାନ ସ୍ଥାପନ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହି ବୈଠକରେ ଅଟଳ ମନିଟରିଂ ପୋର୍ଟାଲ, ନୀଳଦ ନେଲର, ଏଲ୍‌ଡବ୍ଲୁଇ ଫେଜ୍୨ ଉପରେ ମୋ ସରକାର କାର୍ଯ୍ୟ ଆରମ୍ଭ କରିଛି। ବୈଠକରେ ବିଭାଗୀୟ ପ୍ରମୁଖ ସଚିବ ନିହାରିକା ବାରିକ ଡିଜିଟାଲ ପଦକ୍ଷେପର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେ କହିଥିଲେ ୪ବର୍ଷ ପରେ ଛତିଶଗଡରେ ଡିଜିଟାଲ କ୍ଷେତ୍ରର ବିକାଶ ଏକ ନୂଆ ମାଇଲଷ୍ଟୋନ ହେବ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ ସିଂ, ମୁଖ୍ୟମନ୍ତ୍ରୀଙ୍କ ସଚିବ ରାହୁଲ ଭଗଦ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମଲ୍ଲିକ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ଦିଲ୍ଲୀ ଏମ୍ସରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ: ଦିଲ୍ଲୀ ଏମ୍ସରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଟ୍ରାନ୍ସଫର୍ମର ବିସ୍ଫୋରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏମ୍ସର ଟ୍ରମା ସେଣ୍ଟରରେ ଲାଗିଥିବା ଟ୍ରାନ୍ସଫର୍ମର ବିସ୍ଫୋରଣ ହୋଇଛି। ଖବର ପାଇ ୮ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିବା ଜଣାପଡ଼ିଛି। ତେବେ ଅଗ୍ନିକାଣ୍ଡରେ ମୃତାହତ ନେଇ କୌଣସି ସୂଚନା ନାହିଁ।

# ବିହାରରେ ଏକାକୀ ଲଢ଼ିବ ଆପ୍



ନୂଆଦିଲ୍ଲୀ : ନିକଟରେ ଗୁଜରାଟ ଓ ପଞ୍ଜାବର କେତେକ ଆସନରେ ହୋଇଥିବା ଉପନିର୍ବାଚନରେ ଆମ ଆଦମୀ ପାର୍ଟି (ଆପ୍ ) ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇ ଉତ୍ସାହିତ ହୋଇଯାଇଛି। ଏବେ ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ବିହାର ଉପରେ ଆଖି ପକାଇଛନ୍ତି । ସେ ଘୋଷଣା କରିଛନ୍ତି ଯେ ଆଗାମୀ ବିହାର ବିଧାନସଭା ନିର୍ବାଚନରେ ତାଙ୍କ ଦଳ ଏକାକୀ ଲଢ଼ିବ। ବିହାରରେ ଏକାକୀ ଲଢ଼ିବାକୁ ଆପ୍ର ନିଷ୍ପତ୍ତି କେତେକ ରାଜନୈତିକ ଦଳଙ୍କ ଖେଳ ଗୋଳମାଳ କରିପାରେ। କାରଣ ବିହାରରେ ଆପ୍ର ଉପସ୍ଥିତି ନଗଣ୍ୟ କହିଲେ ଚଳେ। ରାଜ୍ୟରେ ଦଳର ସଂଗଠନ ନାହିଁ, ସେପରି କୌଣସି ଚିହ୍ନା ଚେହେରା ନାହାନ୍ତି। ଏହା ସତ୍ତ୍ୱେ ଦଳ ଏକାକୀ ଲଢ଼ିଲେ ତାହାର ପ୍ରଭାବ କଣ ରହିବ ଏହାର ଉତ୍ତର ହେଉଛି, ଏହି ନିର୍ବାଚନରେ ଆପ୍ ସେପରି କୌଣସି ବଡ଼ ସଫଳତା ନ ପାଇଲେ ବି ଅନ୍ୟମାନଙ୍କ ଖେଳ ଖରାପ କରିପାରେ, ଠିକେ ଯେପରି ଅସଦୁଦ୍ଦିନ ଓୱେସୀଙ୍କ ଦଳ ଏଆଇଏମଆଇଏମ ପୂର୍ବ ବିହାର ନିର୍ବାଚନରେ କରିଥିଲା । ଏଥର ବିହାର ନିର୍ବାଚନରେ ଉଭୟ ଆପ୍ ଓ ଏଆଇଏମଆଇଏମ ଏକାକୀ ଲଢୁଥିବାରୁ ତାହା ଅନ୍ୟ ମୁଖ୍ୟ ଦଳମାନଙ୍କ ଖେଳ ବିଗାଡ଼ିବାର ସମ୍ଭାବନା ରହିଛି । କାରଣ ଉଭୟ ଦଳଙ୍କର କିଛି ନିଜସ୍ୱ ଭୋଟବ୍ୟାଙ୍କ ରହିଛନ୍ତି ।

# ପାକ୍ ବାୟୁସେନା ମୁଖ୍ୟଙ୍କ ଆମେରିକା ଗସ୍ତ

ଇସଲାମାବାଦ: ଅପରେସନ ସିନ୍ଦୂର ବେଳେ ଭାରତଠାରୁ ଶୋଚନୀୟ ପରାଜୟ ପରେ ପାକିସ୍ତାନର ବରିଷ୍ଠ ସୈନ୍ୟ ଅଧିକାରୀମାନେ ଲଗାତାର ଭାବେ ଆମେରିକା ଗସ୍ତ କରୁଛନ୍ତି। ପ୍ରଥମେ ସେନା ମୁଖ୍ୟ ଅସିମ ମୁନିର ଆମେରିକା ଗସ୍ତ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ। ଏବେ ପାକ୍ ବାୟୁସେନା ମୁଖ୍ୟ ଜାହୀର ଅହମଦ ବାବର ସିଦ୍ଧୁ ଆମେରିକା ପହଞ୍ଚିଛନ୍ତି। ପାକିସ୍ତାନର ବାୟୁସେନା ମୁଖ୍ୟଙ୍କ ଆମେରିକା ଗସ୍ତ ସ୍ପଷ୍ଟ କରୁଛି ଯେ ଉଭୟ ଦେଶ ମଧ୍ୟରେ ନିଶ୍ଚିତ ଭାବେ କିଛି ଗୁପ୍ତ ଯୋଜନା ଚାଲୁଛି। ଏହାର କାରଣ ହୋଇପାରେ ଯେ ଭାରତର ଆକ୍ରମଣରେ ଚୀନୀ ଅସ୍ତ୍ରଶସ୍ତ୍ରର ଅସଫଳତା ଉଜାଗର ହୋଇଛି, ଯାହା ପରେ ପାକିସ୍ତାନକୁ ପୁଣି ଆମେରିକାର ସହାୟତା ଆବଶ୍ୟକ ହୋଇପଡ଼ିଛି। ଏହି ଗସ୍ତ ସମ୍ପର୍କରେ ପାକିସ୍ତାନ ବାୟୁସେନା ଏକ ବିବୃତିରେ କହିଛି, 'ପାକିସ୍ତାନ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁ ଆମେରିକାର ଏକ ସରକାରୀ ଗସ୍ତ କରିଛନ୍ତି। ଏହା ଏକ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ କୌଣସି କାର୍ଯ୍ୟରତ ବାୟୁସେନା ମୁଖ୍ୟଙ୍କ ପ୍ରଥମ ଗସ୍ତ। ଏହା ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ଏବଂ ପାରସ୍ପରିକ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବ।'

# ବାଣିଜ୍ୟ

BIRLA opus PAINTS


ନୂଆଦିଲ୍ଲୀ: ଆଦିତ୍ୟ ବିର୍ଲା ଗ୍ରୁପର ଗ୍ରାସିମ ଇଣ୍ଡଷ୍ଟ୍ରୀଜ, ଅଧିନସ୍ଥ ବିରଲା ଓପସ ପେଂଟସ୍ ଏହାର ମୂଳ ଦର୍ଶନ 'ଦୁନିଆ କୋ ରଙ୍ଗ୍ ଦୋ' ଉପରେ ଆଧାର କରି ଏକ ନୂଆ ବ୍ରାଣ୍ଡ କ୍ୟାମ୍ପେନ ଉନ୍ମୋଚନ କରିଛି । ଆନିମେଟେଡ୍ ପଦ୍ଧତି ସହିତ ଜାରି ରଖି, ଏହି ହୃଦୟସ୍ପର୍ଶୀ ଫିଲ୍ମଟି ଓପସ୍ ବୟକୁ ପୁନଃ ପରିଚିତ କରାଇଛି। ଏହି ଫିଲ୍ମର ଶୁଭାରମ୍ଭ ସମ୍ପର୍କରେ ବିର୍ଲା ଓପସ୍ ପେଂଟ୍‌ସର ସିଇଓ ରକ୍ଷିତ ହର୍‌ଗଭେ କହିଛନ୍ତି, ' ଆମର ପୂର୍ବ କ୍ୟାମ୍ପେନଗୁଡିକରୁ ମିଳିଥିବା ପ୍ରଭାବଶାଳୀ ବାର୍ତା ଓ ଦର୍ଶକଙ୍କ ପ୍ରତିକ୍ରିୟାକୁ ଅନୁସରଣ କରି ଆମେ ଗର୍ବର ସହିତ ଆମର ନୂଆ କ୍ୟାମ୍ପେନକୁ ଶୁଭାରମ୍ଭ କରିଛୁ ଯାହା ଜୀବ' ରଙ୍ଗ ଓ ଶୈଳୀଗୁଡିକ ମାଧ୍ୟମରେ ପରିବର୍ତନର ସମ୍ଭାବନାକୁ ପରିକଳ୍ପନା କରି ଭାରତର ଐତିହ୍ୟକୁ ପାଳନ କରିଛି।' ସେହିପରି ବିର୍‌ଲା ଓପସ୍ ପେଂଟସ୍‌ର ମାର୍କେଟିଙ୍ଗ ବିଭାଗର ମୁଖ୍ୟ ଇନ୍ଦରପ୍ରିତ ସିଂହ କହିଛନ୍ତି, 'ଜାତୀୟ ଐତିହାସିକ ସ୍ଥାନ ଓ ଗଭୀର ସାଂସ୍କୃତିକ ମହତ୍ୱ ସହ ଆମର ପେଂଟ୍‌ଗୁଡିକର ସମ୍ଭାବନାକୁ ପ୍ରଦର୍ଶିତ କରି, ଆମେ ଆଶାର ଏକ ଶକ୍ତିଶାଳୀ କାହାଣୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

# ୧୩ରେ ସରିବ ଜୟଆଲୁକ୍କାସ୍‌ର ଅଫର




ନୂଆଦିଲ୍ଲୀ: ଖ୍ୟାତନାମା ଅଳଙ୍କାର ବିକ୍ରୟକାରୀ ଜୟଆଲୁକ୍କାସ୍‌ର ତା'ର ରିହାତି ୧୩ତାରିଖରେ ସମାପ୍ତ କରିବ। ଏବେ ଅଳଙ୍କାର ମେକିଂ ଚାର୍ଜ ଉପରେ ୫୦ ପ୍ରତିଶତ ରିହାତି ରହିଛି। ସମଗ୍ର ଦେଶର ଅଳଙ୍କାର ପ୍ରେମୀଙ୍କୁ ଆକର୍ଷିତ କରି ଏହି ମେଗା ସେଲ୍‌ରେ ସୁନା, ହୀରା (କଟ୍ ଓ ଅନକଟ୍), ପ୍ଲାଟିନମ୍, ରୂପା ଏବଂ ମୂଲ୍ୟବାନ ପଥରରେ ଉତ୍କୃଷ୍ଟ ଡିଜାଇନର ଏକ ବିସ୍ତୃତ ପରିସର ରହିଛି। ପାରମ୍ପରିକ କଳାକୃତିକୁ ଆଧୁନିକ ସ୍ୱାଦ ସହିତ ମିଶ୍ରଣ କରୁଥିବା ଦଶ ଲକ୍ଷରୁ ଅଧିକ ହସ୍ତ ନିର୍ମିତ ସ୍ୱତନ୍ତ୍ର ଅଳଙ୍କାର ସହିତ ଜୟଆଲୁକ୍କାସ୍‌ର ଶୋ'ରୁମ୍‌ଗୁଡିକ ଏହି ସମୟରେ ନିଶ୍ଚିତ ପରିଦର୍ଶନ ଯୋଗ୍ୟ ସ୍ଥାନ ଭାବରେ ପରିଣତ ହୋଇପାରିଛି। ଅଭିଯାନର ଶେଷ ଦିନଗୁଡିକରେ ଜୟଆଲୁକ୍କାସ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ଜୟ ଆଲୁକ୍କାସ କହିଛନ୍ତି, ଏହି ବର୍ଷର ବିକ୍ରୟ ଏବଂ ଗ୍ରାହକମାନଙ୍କର ଉତ୍କଣ୍ଠା ଦେଖି ଆମେ ଅଭିଭୂତ। ଆମର ଶୋ'ରୁମ୍ ଗୁଡିକରେ ଗ୍ରାହକମାନେ କାଳଜୟୀ ଧନ ଆବିଷ୍କାର କରୁଥିବା ଦେଖିବା ଏକ ଆନନ୍ଦର କଥା ଆଉ ମାତ୍ର କିଛି ଦିନ ବାକି ଥିବାରୁ, ଆମେ ସମସ୍ତଙ୍କୁ ସେମାନଙ୍କ ନିକଟତମ ଶୋ'ରୁମ୍ ପରିଦର୍ଶନ କରିବାକୁ ଏବଂ ଏହି ଅତୁଳନୀୟ ଅଫର ଶେଷ ହେବା ପୂର୍ବରୁ ଏହାର ସୁଯୋଗ ନେବାକୁ ଆମନ୍ତ୍ରଣ କରୁଛୁ।

# କାର୍ତ୍ତିକ ଆର୍ଯ୍ୟନ ଏସ୍‌ଜିଇଏଲ୍‌ର ବ୍ରାଣ୍ଡ୍ ଆମ୍ବାସାଡର




ନୂଆଦିଲ୍ଲୀ: ସାତ୍ୱିକ ଗ୍ରିନ୍ ଏନର୍ଜି ଲିମିଟେଡ୍ (ଏସ୍‌ଜିଇଏଲ୍) ପକ୍ଷରୁ ବଲିଉଡ୍ ସୁପରଷ୍ଟାର୍ କାର୍ତ୍ତିକ ଆର୍ଯ୍ୟନଙ୍କୁ ଅଫିସିଆଲ୍ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ ପ୍ରଦାନ କରିଛି। ଏସ୍‌ଜିଇଏଲ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ନୀଲେଶ ଗର୍ଗ, ପରିଚାଳନା ନିର୍ଦ୍ଦେଶକ ମାଣିକ ଗର୍ଗ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ମାଥୁରଙ୍କ ସହ ଆଲୋଚନାରୁ ଏହି କଥାବାର୍ତା ଆରମ୍ଭ ହୋଇଥିଲା। ଏକ ସାଧାରଣ କଥାବାର୍ତା ଭାବେ ଏହା ଆରମ୍ଭ ହୋଇଥିବା ବେଳେ ତାହା ଏକ ଉଦ୍ଦେଶ୍ୟ ଆଧାରିତ ନିଷ୍ପତିରେ ପରିଣତ ହୋଇଛି। କାତିର୍କ ଆର୍ଯ୍ୟନ ନିଜର ବ୍ୟକ୍ତିତ୍ୱ, ପ୍ରାସଙ୍ଗିକ କାହାଣୀ ବର୍ଣ୍ଣନା ଏବଂ ଅଭିଳାଷ ପାଇଁ ପରିଚିତ ଯାହା ସାତ୍ୱିକ ସହିତ ବେଶ୍ ଭଲ ଭାବେ ଖାପଖାଉଛି। ସଚ୍ଚୋଟତା ସାତ୍ୱିକ୍ ଗ୍ରିନ୍ ଏନର୍ଜି ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ନୀଲେଶ ଗର୍ଗ କହିଛନ୍ତି ଯେ, 'କ୍ୱାଲିୟର୍‌ରୁ ବିଶ୍ୱସ୍ତରୀୟ ତାରକା ପର୍ଯ୍ୟନ୍ତ କାର୍ତିକଙ୍କ ଯାତ୍ରାରେ ଆମେ ସମାନ ସଚ୍ଚୋଟତା, କଠିନ ପରିଶ୍ରମ ଓ ବିନମ୍ର ଭାବ ଦେଖୁଛୁ। ସେତେବେଳେ ଆମେ ଜାଣିପାରିଲୁ ଯେ ଏହା ଏକ ପ୍ରସ୍ତାବ ନୁହେଁ, ବରଂ ଏକ ଉଦ୍ଦେଶ୍ୟ ଥିଲା।' ସାତ୍ୱିକ ଗ୍ରିନ୍ ଏନର୍ଜି ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମାଣିକ ଗର୍ଗ କହିଛନ୍ତି ଯେ, 'ଆମ ଯାତ୍ରାର ନୂଆ ଦଶନ୍ଧିରେ ପ୍ରବେଶ କରୁଥିବା ବେଳେ କାର୍ତିକ ଆର୍ଯ୍ୟନ କେବଳ ଏକ ବ୍ରାଣ୍ଡ୍ ଚେହେରା ନୁହନ୍ତି, ବରଂ ବିଶ୍ୱାସର ସ୍ୱରୂପ। କାର୍ତିକଙ୍କ ସହିତ ଏକ ସ୍ୱଚ୍ଛ, ଉତମ ଓ ଅଧିକ ସ୍ୱାବଲମ୍ବୀ ଭବିଷ୍ୟତ ଚୟନ କରିବା ପାଇଁ ଲୋକମାନଙ୍କୁ ଅନୁପ୍ରାଣିତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ।' ବଲିଉଡ୍ ସୁପରଷ୍ଟାର୍ କାର୍ତ୍ତିକ ଆର୍ଯ୍ୟନ କହିଛନ୍ତି ଯେ, 'ସାତ୍ୱିକ୍ ବ୍ରାଣ୍ଡର ଅଂଶ ହୋଇଥିବାରୁ ମୁଁ ବେଶ୍ ଉଲ୍ଲସିତ୍। ଜୀବନ ହେଉ କିମ୍ବା କାମ, ଯେଉଁଠାରେ ଜଣେ ଦାୟିତ୍ୱବାନ ପସନ୍ଦ ଉପରେ ବିଶ୍ୱାସ ପରେ, ଏହି ସହଯୋଗିତା ସେଠାରେ ସ୍ୱାଭାବିକ ମନେ ହେଉଛି। ସ୍ୱଚ୍ଛ ଶକ୍ତି କେବଳ ଏକ ଆବଶ୍ୟକତା ନୁହେଁ, ଏହା ହେଉଛି ଏକ ମିଳିତ ଦାୟିତ୍ୱ। 'କାର୍ତିକ ଏକ ନୂଆ ଭାରତର ପ୍ରତିନିଧିତ୍ୱ କରୁଛନ୍ତି ଯାହା ଅଭିଳାଷୀ ହୋଇଥିବା ବେଳେ ଅସଲି ମଧ୍ୟ। ସେ କେବଳ ଜଣେ ଯୁବ ଆଇକନ୍ ନୁହନ୍ତି, ସେ ଜଣେ ବିଶ୍ୱାସୀ ଯିଏ ମୂଲ୍ୟବୋଧ, ଉଦ୍ୟମ ଓ କରୁଣା ଉପରେ ବିଶ୍ୱାସ କରନ୍ତି ବୋଲି ଏସ୍‌ଜିଇଏଲ୍‌ର ସିଇଓ ପ୍ରଶାନ୍ତ ମାଥୁର କହିଛନ୍ତି।'

# ଏସ୍‌ବିଆଇ ସ୍କଲାର କୁଇଜ ପ୍ରତିଯୋଗିତା ସମାପ୍ତ

ନୂଆଦିଲ୍ଲୀ: ଦେଶର ସର୍ବବୃହତ ବ୍ୟାଙ୍କ-ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏସବିଆଇ ସ୍କଲାର କୁଇଜ ସମାପନ ହୋଇଛି। ଏଥିରେ ସାରା ଦେଶର ୧୬ଟି ସହରରୁ ୪୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ଲକ୍ଷ୍ୟ ଥିଲା ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରତିଭା ପ୍ରଦର୍ଶନ କରିବା ଏବଂ ଶିକ୍ଷା ପ୍ରତି ଏସବିଆଇର ଦୃଢ଼ ସାମାଜିକ ପ୍ରତିବଦ୍ଧତା ଦର୍ଶାଇବା। ବ୍ୟାଙ୍କର ୭୦ ବର୍ଷର ବିଶ୍ୱାସ ଓ ରୂପାଂରଣ ପରମ୍ପରାରେ ଏହି କାର୍ଯ୍ୟକ୍ରମ ଏକ ମାଇଲଖୁଂଟ। ଏଥିରେ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଓ ସାର୍ଟିଫିକେଟ ସହିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନ୍ୟତା ପ୍ରଦାନ କରାଯାଇଥିଲା। କୋଲକାତାର ଦିଲ୍ଲୀ ପବ୍ଲିକ ସ୍କୁଲ, ହାଇଦ୍ରାବାଦର ଆର୍ମି ପବ୍ଲିକ ସ୍କୁଲ ଓ ଭୁବନେଶ୍ୱରର ଡିଏଭି ପବ୍ଲିକ ସ୍କୁଲରେ ବିଜେତାମାନଙ୍କୁ ଏସବିଆଇର ଅଧ୍ୟକ୍ଷ ସି ଏସ ସେଟ୍ଟି ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ପୁରସ୍କାର ବିଜେତାଙ୍କୁ ୫ ଲକ୍ଷ ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ବିଜେତାଙ୍କ ଯଥାକ୍ରମେ ୩ ଲକ୍ଷ ଟଙ୍କା ଓ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏସବିଆଇର ଅଧ୍ୟକ୍ଷ ସି ଏସ ସେଟ୍ଟି କହିଛନ୍ତି ଯେ, 'ଏସବିଆଇ ସ୍କଲାର କୁଇଜ ଭଳି ଶିକ୍ଷାଗତ ଅଭିଯାନରେ ନିବେଶ କରିବା ହେଉଛି ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସମୃଦ୍ଧି କରିବାଠାରୁ ଅଧିକ ଏବଂ ଏହା ହେଉଛି ଏକ ସୂଚିତ ଓ ସଶକ୍ତ ଭବିଷ୍ୟତ ଲାଗି ମୂଳଦୁଆ ଗଠନ କରିବା। ଏକ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ପ୍ରସ୍ତୁତ ସଂସ୍ଥା ଗଠନ କରିବା ଲାଗି ଆମେ ପରିଚାଳନାକୁ ସଂଗଠିତ କରିଥିବା ବେଳେ ଗ୍ରାହକ ସେବାରେ ଉନ୍ନତି ଆଣିଛୁ ଏବଂ ଆମ ଲୋକଙ୍କୁ ସୁଦୃଢ଼ କରିଛୁ। ଡିଜିଟାଲ ଟୁଲ, ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ଓ ଡାଟା ପ୍ରେରିତ ଅଭିବୃଦ୍ଧିକୁ ଗ୍ରହଣ କରି ଆମେ ବଜାରରେ ଅଗ୍ରଣୀ ରହିବା।

DSPL-159



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ କେତେକ ଜାଣିବା କଥା

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡ଼େଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚେମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

OIPR 10003/13/0224/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

# ଖେଳ ଖବର



ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ଦଳର ଦ୍ରୁତତମ ବୋଲର ମହମ୍ମଦ ଶାମି ଓ ତାଙ୍କ ପତ୍ନୀ ହସିନ ଜାହାଁ ପୁଣିଥରେ ଚର୍ଚ୍ଚାରେ ଅଛନ୍ତି। କୋଲକତା ହାଇକୋର୍ଟ ହସିନଙ୍କ ଆବେଦନର ଶୁଣାଣି କରି କହିଛନ୍ତି ମହମ୍ମଦ ଶାମି ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ମାସିକ ୪ ଲକ୍ଷ ଟଙ୍କା ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ କୋର୍ଟର ଏହି ନିଷ୍ପତ୍ତି ଉପରେ ଶାମିଙ୍କ ପତ୍ନୀ ହସିନଙ୍କ ବୟାନ ଆସିଛି। କୋଲକତା ହାଇକୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ, ଭାରତୀୟ କ୍ରିକେଟର ମହମ୍ମଦ ଶାମିଙ୍କ ଠାରୁ ଅଲଗା ରହୁଥିବା ପତ୍ନୀ ହସିନ କହିଛନ୍ତି ଯେ 'ଭରଣପୋଷଣର ପରିମାଣ ସ୍ୱାମୀଙ୍କ ଆୟ ଏବଂ ତାଙ୍କର ସାମାଜିକ ସ୍ଥିତି ଆଧାରରେ ସ୍ଥିର କରାଯାଏ। ସୁପ୍ରିମକୋର୍ଟର କଠୋର ନିର୍ଦ୍ଦେଶ ଅନୁଯାୟୀ, ଜଣେ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କୁ ବିଳାସପୂର୍ଣ୍ଣ ଜୀବନଶୈଳୀ ଦେବାକୁ ପଡିବ ଯାହା ସେ ଉପଭୋଗ କରନ୍ତି। ତେଣୁ ଶାମିଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ବିଚାର କରି, ମୁଁ ବିଶ୍ୱାସ କରେ ଯେ ୪ ଲକ୍ଷ ଟଙ୍କା ବହୁତ କମ୍। ଆମେ ପ୍ରଥମେ ୧୦ ଲକ୍ଷ ଟଙ୍କା ଦାବି କରିଥିଲୁ, ଏବଂ ତାହା ମଧ୍ୟ ସାତ ବର୍ଷ ଚାରି ମାସ ପୂର୍ବେ। କହିବାକୁ ଗଲେ ମାର୍ଚ୍ଚ ୨୦୧୮ରେ ହସିନ ମହମ୍ମଦ ଶାମିଙ୍କ ଉପରେ ଘରୋଇ ହିଂସା, ମ୍ୟାଚ୍ ଫିକ୍ସିଂ ଏବଂ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିବାର ଅଭିଯୋଗ ଲଗାଇଥିଲେ। କିନ୍ତୁ, ଏପର୍ଯ୍ୟନ୍ତ ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ କିଛି ବି ପ୍ରମାଣିତ ହୋଇନାହିଁ। ଶାମି ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପୂର୍ବରୁ ଏକ ସେସନ୍ସ କୋର୍ଟ ହସିନଙ୍କୁ ୫୦ ହଜାର ଟଙ୍କା ଏବଂ ତାଙ୍କ ଝିଅକୁ ପ୍ରତି ମାସରେ ୮୦ ହଜାର ଟଙ୍କା ଦେବାକୁ ଶାମିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନ

## ଭାରତର ପ୍ରଥମପାଳି ୫୮୭

ବର୍ମିହାମ ଟେଷ୍ଟ : ଭାରତ ପ୍ରଥମ ଇନିଂସରେ ୫୮୭ ରନରେ ଅଲଆଉଟ, ଶୁବମନଙ୍କ ଦ୍ୱିଶତକ



ବର୍ମିଂହାମ : ବର୍ମିଂହାମରେ ଖେଳାଯାଉଥିବା ଭାରତ-ଇଂଲଣ୍ଡ ୨ୟ ଟେଷ୍ଟର ୨ୟ ଦିନରେ ଭାରତ ୫୮୭ ରନରେ ଅଲଆଉଟ ହୋଇଯାଇଛି। ଏହି ମ୍ୟାଚରେ ଶୁବମନ ଗିଲ୍ ତାଙ୍କର ଅଧିନାୟକତ୍ୱରେ ପ୍ରଥମ ଦ୍ୱିଶତକ କରିଥିଲେ। ସେ ୨୬୯ କରିଥିଲେ। ଶୁଭମନ ଗିଲ୍ ଗତ କାଲି ଅର୍ଥାତ ମ୍ୟାଚର ପ୍ରଥମ ଦିନରେ ନିଜର ଶତକ ପୂରଣ କରିଥିଲେ । ତେବେ ଆଜି ସେ ନିଜର ଇନିଂସକୁ ଆହୁରି ଆଗକୁ ନେଇ ଦ୍ୱିଶତକ ପୂରଣ କରିଥିଲେ ଓ ଭାରତୀୟ ସ୍କୋରକୁ ଏକ ସୁଦୃଢ ସ୍ଥିତିକୁ ନେଇଯାଇଥିଲେ। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପକ୍ଷରୁ କେଏଲ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଭଲ ଆରମ୍ଭ କରିଥିଲେ ବି ରାହୁଲ ମାତ୍ର ୨ ରନ କରି ଆଉଟ ହୋଇଥିଲେ । କରୁନ ନାୟାର ୩୧ ରନ କରିଥିଲେ । ତେବେ ଜୟସ୍ୱାଲ ଲଢୁଆ ବ୍ୟାଟିଂ କରି ୮୭ ରନ କରିଥିଲେ । ମାତ୍ର ଋଷଭ ପନ୍ତ ୨୫ ରନ ଓ ନୀତୀଶ ରେଡ୍ଡି ୧ ରନ କରି ଆଉଟ ହୋଇଥିଲେ । ତେବେ ଗିଲ୍ ଓ ରବୀନ୍ଦ୍ର ଜାଦେଜାଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ଜାଦେଜା ୮୯ ରନ ଓ ୱାସିଂଟନ ସୁନ୍ଦର ୪୨ ରନ କରିଥିଲେ । ଇଂଲଣ୍ଡ ପକ୍ଷରୁ ସୋଏବ ବସିର ୩ଟି ୱିକେଟ ନେଇଥିବାବେଳେ କ୍ରିସ ଓକ୍ସ ଓ ଜୋସ୍ ଟଙ୍ଗ ୨ଟି ଲେଖାଏଁ ୱିକେଟ ନେଇଥିଲେ। ୫୮୭ରନ୍‌ର ଟାର୍ଗେଟ ନେଇ ଇଂଲଣ୍ଡ ମୈଦାନକୁ ଓହ୍ଲାଇଥିଲା। ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟ ଘଟି ୩ୱିକେଟ ବିନିମୟରେ ୭୭ରନ୍ କରିଛି। ଦଳ ପକ୍ଷରୁ ଜାକ୍ କ୍ରେୱେଲ ୧୯, ବେନ୍ ଡକେଟ୍ ଏବଂ ଓଲାଇ ପୋପ୍ ଉଭୟ ଖାତା ଖୋଲି ପାରିନଥିଲେ। ସେହିପରି ଜୋ ରୁଟ୍ ୧୮ ଓ ହାରି ବ୍ରୋକ୍ ୩୦ରନ୍ କରି ବ୍ୟାଟିଂ ଜାରି ରଖିଛନ୍ତି। ଭାରତ ପକ୍ଷରୁ ଆକାଶ ଦୀପ୍ ୨ୱିକେଟ୍ ଅକ୍ତିଆର କରିଛନ୍ତି।

## ହସ୍ପିଟାଲରେ ପୂର୍ବତନ ହକି ଖେଳାଳି

ରାଞ୍ଚି: ଭାରତର ପୂର୍ବତନ ହକି ଖେଳାଳି ବିମଲ ଲାକ୍ରା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ଗୁରୁବାର ବିମଲଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହିତ ସେ ବିମଲଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ କଥା ହେବା ସହିତ ତାଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ଲାକ୍ରା ହକି ଫିଲ୍ଡରେ ଦେଶ ତଥା ରାଜ୍ୟ ପାଇଁ ଅନେକ ଗୌରବ ଆଣିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପୂରା ରାଜ୍ୟ ଚିନ୍ତିତ ଏବଂ ତାଙ୍କ ଆଶୁ ଆରୋଗ୍ୟ ଲାଗି ମୁଁ ପ୍ରାର୍ଥନା କରୁଛି ବୋଲି ଗଙ୍ଗୱାର କହିଛନ୍ତି। ଗତ ୩୦ ତାରିଖରେ ସିମଡେଗା ଜିଲାରେ ଥିବା ପୈତୃକ ଘର ନିକଟସ୍ଥ ଫାର୍ମରେ ଅଚେତ ଅବସ୍ଥାରେ ୪୫ ବର୍ଷୀୟ ଲାକ୍ରାଙ୍କୁ ଠାବ କରାଯାଇଥିଲା। ତାଙ୍କୁ ସିମଡେଗା ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସିଟି ସ୍କାନରୁ ତାଙ୍କ ମୁଣ୍ଡରେ ରକ୍ତ ଜମାଟ ବାନ୍ଧି ଥିବା ଜଣାପଡ଼ିଥିଲା।



## ଭାରତ ଆସିବ ପାକିସ୍ତାନ ହକି ଟିମ୍




ନୂଆଦିଲ୍ଲୀ: ପାକିସ୍ତାନର ହକି ଟିମ୍ ଆସନ୍ତା ମାସରେ ଭାରତରେ ହେବାକୁ ଥିବା ଏସିଆ କପରେ ଅଂଶଗ୍ରହଣ କରିବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ତା'ପରେ ଅପରେଶନ ସିନ୍ଦୂର ପରେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ପୁଣି ଥରେ କ୍ରୀଡା ଇଭେଣ୍ଟ ଆରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ, ପାକିସ୍ତାନ ଦଳକୁ ଏକ ବଡ଼ ଟୁର୍ନାମେଣ୍ଟ ପାଇଁ ଭାରତ ଆସିବାକୁ ଅନୁମତି ମିଳୁଥିବା ଜଣାପଡ଼ିଛି। ଆସନ୍ତା ମାସରେ ଭାରତରେ ହକି ଏସିଆ କପ ଆୟୋଜନ ହେବାକୁ ଯାଉଛି ଏବଂ ଏଥିପାଇଁ ପାକିସ୍ତାନୀ ଦଳକୁ ଭାରତ ଆସିବାରୁ ବାରଣ କରାଯିବ ନାହିଁ। ଅଗଷ୍ଟ-ସେପ୍ଟେମ୍ବରରେ ବିହାରରେ ଅନୁଷ୍ଠିତ ହେବାକୁ ଥିବା ହକି ଏସିଆ କପ ପାଇଁ ପାକିସ୍ତାନୀ ଦଳକୁ ଭାରତ ଆସିବାରୁ ବାରଣ କରାଯିବ ନାହିଁ। ଅନ୍ତର୍ଜାତୀୟ କ୍ରୀଡାର ଆବଶ୍ୟକତାକୁ ବିଚାରକୁ ନେଇ କ୍ରୀଡ଼ାରେ ଅଂଶଗ୍ରହଣକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସରକାର ଭାରତରେ ଅନୁଷ୍ଠିତ ହେବାକୁ ଥିବା ବହୁ-ରାଷ୍ଟ୍ରୀୟ ଇଭେଣ୍ଟରେ କୌଣସି ଦଳ ଅଂଶଗ୍ରହଣ କରିବା ବିରୋଧରେ ନୁହେଁ। ଏହା ମଧ୍ୟ କୁହାଯାଇଛି ଯେ, ଦ୍ୱିପାକ୍ଷିକ ଏହାଠାରୁ ଭିନ୍ନ। ରୁଷିଆ ଏବଂ ୟୁକ୍ରେନର ଉଦାହରଣ ଦେଇ, କ୍ରୀଡ଼ା ମନ୍ତ୍ରଣାଳୟର ଏକ ସୂତ୍ର କହିଛି,ରୁଷିଆ ଏବଂ ୟୁକ୍ରେନ ପରସ୍ପର ସହିତ ଲଢୁଛନ୍ତି କିନ୍ତୁ ସେମାନେ ବହୁ-ରାଷ୍ଟ୍ରୀୟ ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

## ଭାରତୀୟ ଫୁଟ୍‌ବଲ୍ ଦଳର ପ୍ରଶିକ୍ଷକ ମାର୍କେଜ୍‌ଙ୍କ ଇସ୍ତଫା




ନୂଆଦିଲ୍ଲୀ: ଭାରତୀୟ ଫୁଟ୍‌ବଲ୍ ଦଳର ଲଗାତାର ଦୁର୍ବଳ ପ୍ରଦର୍ଶନ ପରେ ଏହାର ସ୍ପେନୀୟ ପ୍ରଶିକ୍ଷକ ମନୋଲୋ ମାର୍କେଜ୍ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ୫୬ ବର୍ଷୀୟ ମାର୍କେଜଙ୍କୁ ତାଙ୍କ ପଦରୁ ମୁକ୍ତ କରିବା ଲାଗି ଏଠାରେ ଅନୁଷ୍ଠିତ ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରିଣୀ କମିଟି ବୈଠକରେ ନିଷ୍ପତ୍ତି ନିଆଯିବା ପରେ ମାର୍କେଜ୍ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ଖୁବ୍ ଶୀଘ୍ର ନୂଆ ପ୍ରଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରାଯିବ ବୋଲି ଏଆଇଏଫ୍‌ଏଫ୍ ଉପମହାସଚିବ କେ ସତ୍ୟନାରାୟଣ କହିଛନ୍ତି। ସୂଚନାଯୋଗ୍ୟ ଯେ ଭାରତୀୟ ଫୁଟବଲ୍ ଦଳ ଗତ ୮ମାସ ଭିତରେ ମାତ୍ର ଗୋଟିଏ ମ୍ୟାଚ୍ ଜିତିଛି। ଏପରିକି ଗତମାସ ୧୦ ତାରିଖରେ ଖେଳିଥିବା ଏଏଫ୍‌ସି ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ନିଜଠୁ କମ୍ ମାନ୍ୟତାପ୍ରାପ୍ତ ହଂକଂଠାରୁ ହାରିଥିଲା। ଚଳିତବର୍ଷ ଟିମ୍ ଇଣ୍ଡିଆ ଖେଳିଥିବା ଚାରିଟି ମ୍ୟାଚ୍‌ରୁ ଦୁଇଟି ହାରିଥିଲା ବେଳେ ଗୋଟିଏ ଜିତିଛି ଏବଂ ଗୋଟିଏ ଅମୀମାଂସିତ ରଖିଛି। ଏକମାତ୍ର ବିଜୟ ମାଳଦୀପ ବିପକ୍ଷରେ ହାସଲ କରିଛି। ଯେଉଁଥି ପାଇଁ ମାର୍କେଜ୍ ସମାଲୋଚିତ ହୋଇ ଆସୁଥିଲେ।

## ଦୁର୍ଘଟଣାରେ ଫୁଟବଲ ଖେଳାଳିଙ୍କ ମୃତ୍ୟୁ

ନୂଆଦିଲ୍ଲୀ: ସ୍ପେନରେ ଏକ କାର ଦୁର୍ଘଟଣାରେ ପର୍ତ୍ତୁଗାଲର ଦୁଇ ଫୁଟବଲ ତାରକାଙ୍କ ମୃତ୍ୟୁ ହୋଇଯାଇଛି। ସେମାନେ ହେଲେ ଡିଓଗୋ ଜୋଟା(୨୮) ଏବଂ ତାଙ୍କ ଭାଇ ଆନ୍‌ଦ୍ରେ ଫେଲିପେ (୨୬)। ଉଭୟ ଫୁଟବଲ ତାରିକା ପର୍ତ୍ତୁଗାଲର ପେନାଫିଲ କ୍ଲବ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ଏହା ସହିତ ଜୋଟା ପର୍ତ୍ତୁଗାଲର ଜାତୀୟ ଦଳ ପାଇଁ ମଧ୍ୟ ଖେଳୁଥିଲେ। ବୁଧବାର ବିଳମ୍ବିତ ରାତିରେ ଉଭୟ ଭାଇ ସେମାନଙ୍କ ଲମ୍ବୋରଘିନି କାରରେ ଯାତ୍ରା କରୁଥିବା ସମୟରେ ସ୍ପେନର ଜାମୋରାଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏକ ଗାଡ଼ି ଅତିକ୍ରମ କରିବା ସମୟରେ ସେମାନଙ୍କ କାର ଚକ ଫାଟିଯିବାରୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ତେବେ ଦୁର୍ଘଟଣା ପରେ କାରରେ ନିଆଁ ଲାଗିଯିବାରୁ ଉଭୟ ଭ୍ରାତା ସେଥିରୁ ବାହାରି ନ ପାରି ପୋଡ଼ି ହୋଇ ପ୍ରାଣ ହରାଇଥିବା ପୁଲିସ କହିଛି।

## ଭଉଣୀଙ୍କ ପାଇଁ ଭଜି ହୋଇଥିଲେ କ୍ରିକେଟର



ଚଣ୍ଡୀଗଡ: ଭାରତୀୟ ଦଳର ପୂର୍ବତନ ସ୍ପିନର ହରଭଜନ ସିଂହ ଜୁଲାଇ ୩ ରେ ୪୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଭାରତ ପାଇଁ ଟେଷ୍ଟରେ ହ୍ୟାଟ୍ରିକ ନେଇଥିବା ଭଜ୍ଜୀ ୨୦୦୧ ରେ ଭାରତରେ ଅଷ୍ଟ୍ରେଲିଆର ବିଜୟ ଧାରା ବନ୍ଦ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। କ୍ରିକେଟରୁ ଅବସର ନେବା ପରେ, ହରଭଜନ ସିଂହ ଏବେ କମେଣ୍ଟ୍ରି କରୁଛନ୍ତି। ୨୦୦୧ ରେ ଅଷ୍ଟ୍ରେଲିଆ ଦଳର କ୍ରମାଗତ ୧୫ ଟେଷ୍ଟ ମ୍ୟାଚ ଜିତିବା ଧାରା ବନ୍ଦ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହରଭଜନ ସିଂହ ଏବେ ୪୫ ବର୍ଷ ବୟସରେ। ଅଷ୍ଟ୍ରେଲିଆ ବିପକ୍ଷରେ ସେହି ତିନିଟି ଟେଷ୍ଟ ସିରିଜରେ, ହରଭଜନ ସିଂହ ହ୍ୟାଟ୍ରିକ ସହିତ ମୋଟ ୩୨ ଉଇକେଟ ନେଇଥିଲେ। କିନ୍ତୁ, ଏପରି ଏକ ସମୟ ଆସିଥିଲା ଯେତେବେଳେ ହରଭଜନ ସିଂହ କ୍ରିକେଟ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ହରଭଜନ କ୍ରିକେଟର ହେବା ପଛରେ ତାଙ୍କ ବଡ ଭଉଣୀଙ୍କ ବଡ ହାତ ଥିଲା। ବାପାଙ୍କ ମୃତ୍ୟୁ ପରେ ହରଭଜନଙ୍କ ଉପରେ ପରିବାର ଚଳାଇବା ଦାୟିତ୍ୱ ନ୍ୟସ୍ତ ହୋଇଥିଲା। ସେ ଟ୍ରକ ଡ୍ରାଇଭିଂ କରି ପରିବା ଚଳାଇବା ଏକପ୍ରକାର ନିଶ୍ଚିତ ହୋଇଯାଇଥିଲା। ମାତ୍ର ଭଉଣୀ ତାଙ୍କୁ କ୍ରିକେଟ ଉପରେ ଧ୍ୟାନ ଦେବାକୁ କହିଥିଲେ। ୨୦୦୦ ଘରୋଇ କ୍ରିକେଟରେ ୫ ମ୍ୟାଚରେ ୨୮ ୱିକେଟ ନେଇ ଚୟନ କମିଟିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଭାରତ ପକ୍ଷରୁ ୧୦୩ ଟେଷ୍ଟ ମ୍ୟାଚ ଖେଳି ୪୧୭ ୱିକେଟ ନେଇଥିଲେ । ସେ ୨ଟି ଶତକ ଓ ୯ ଅର୍ଦ୍ଧଶତକ ମଧ୍ୟ ମାରିଛନ୍ତି । ୨୩୬ ଦିନିକିଆରେ ୨୬୯ ଏବଂ ୨୮ଟି୨୦ରେ ୨୫ ୱିକେଟ ନେଇଛନ୍ତି । ହରଭଜନଙ୍କ ପରେ ଫିଲ୍ମ ଅଭିନେତ୍ରୀ ଗୀତା ବାସ୍ରାଙ୍କୁ ଭଲ ପାଇଥିଲେ ଏବଂ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ।

## ଓଏସ୍‌ଜାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): କ୍ରୀଡ଼ା ସମ୍ବାଦ ପରିବେଷଣରେ ସ୍ୱଚ୍ଛତା ଓ ନୈତିକତା ରକ୍ଷା କରିବାକୁ ବିଶ୍ୱ କ୍ରୀଡ଼ା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ା ଏପରି ଏକ ବିଷୟ ଯେଉଁଥିରେ ସଫଳତା ଆସିବା ଅର୍ଥ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି ଘଟିବା। ତେଣୁ କ୍ରୀଡ଼ା ଖବର ପରିବେଷଣ ସମୟରେ ସଚେତନ ହେବାକୁ ଅତିଥି ଓ ବରିଷ୍ଠ କ୍ରୀଡ଼ା ସାମ୍ବାଦିକମାନେ ଆହ୍ୱାନ ଦେଇଛନ୍ତି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓଏସ୍‌ଜା) ପକ୍ଷରୁ ଉତ୍କଳ କରାଟେ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ଖେଳରତ୍ନ ପୁରସ୍କାର ବିଜେତା ତଥା ପାରା ଅଲିମ୍ପିକ୍ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସ୍ମାରା ପରବିନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ାସାମ୍ବାଦିକଙ୍କ କାମକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡଃ ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡ଼ିଶାରେ କ୍ରୀଡ଼ାନୀତି ପ୍ରଣୟନ ଓ କ୍ରୀଡ଼ାବିତ୍‌ମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରଥମଥର ଲାଗି ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)କୁ ନିର୍ବାଚିତ ହୋଇଥିବା ଓଏସ୍‌ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓଏସ୍‌ଜା ପକ୍ଷରୁ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓଏସ୍‌ଜାର କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, ବରିଷ୍ଠ ସଦସ୍ୟ ସନାତନ ପାଣି, ପୂର୍ବତନ ସଭାପତି କେ ରବି ସାମ୍ବାଦିକମାନଙ୍କୁ ଉଚ୍ଚକୋଟୀର ସମ୍ବାଦ ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ବରିଷ୍ଠ ସଦସ୍ୟ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁଶଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡାରେ ଓଡ଼ିଶା ପୋଲିସର କ୍ରମାଗତ ସଫଳତା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଯୁକ୍ତରାଷ୍ଟ୍ର ଆମେରିକାର ବିର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ୨୦୨୫ରେ ଓଡ଼ିଶା ପୋଲିସର କ୍ରୀଡାବିତମାନେ ନିରନ୍ତର ଭାବେ ସଫଳତା ହାସଲ କରି ଚାଲିଛନ୍ତି। ଏହି କ୍ରମରେ ଆଜି ୪ ଜଣ ଯୁବ କ୍ରୀଡାବିତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଓଡ଼ିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। କନଷ୍ଟେବଲ ଅଶୋକ ଦଣ୍ଡସେନା ୧୫୦୦ ମିଟର (ପୁରୁଷ ବର୍ଗ) ଦୌଡ଼ରେ ଏବଂ କନଷ୍ଟେବଲ ସୁସ୍ମିତା ଟିଗା ୧୫୦୦ ମିଟର (ମହିଳା ବର୍ଗ) ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ କନଷ୍ଟେବଲ ଅଶୋକ ଦଣ୍ଡସେନା ୮୦୦ ମିଟର (ପୁରୁଷ ବର୍ଗ) ଦୌଡ଼ରେ ସ୍ୱର୍ଣ୍ଣ ପଦକ ଏବଂ କନଷ୍ଟେବଲ ସୁସ୍ମିତା ଟିଗା ୮୦୦ ମିଟର (ମହିଳା ବର୍ଗ) ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି କନଷ୍ଟେବଲ ଭଗବାନ ରେଡ୍ଡୀ, କରାଟେ (୬୪ କି.ଗ୍ରାରୁ କମ ) ବର୍ଗରେ ଏବଂ କନଷ୍ଟେବଲ ସୁମନ ଶେଖର ଦାସ କରାଟେ (୮୪ କି.ଗ୍ରାରୁ କମ) ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହି କୃତି କ୍ରୀଡାବିତ ମାନଙ୍କ ବିରଳ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଏହି କୃତି କ୍ରୀଡାବିତମାନେ ଅସାଧାରଣ କ୍ରୀଡା କୌଶଳ ପ୍ରଦର୍ଶନ କରିବା ସହ ଓଡ଼ିଶା ପୋଲିସର ସୁନାମ ବଢ଼ାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ପୋଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ଖେଳାଳି ଅଂଶଗ୍ରହଣ କରିଥାନ୍ତି। ଏହି କୃତି କ୍ରୀଡାବିତ ମାନଙ୍କ ବିଜୟ ଓଡ଼ିଶା ପୋଲିସର କ୍ରୀଡା ଉତ୍କର୍ଷତା, ଦୃଢ଼ତା ଏବଂ ଶୃଙ୍ଖଳାର ପ୍ରମାଣ। ସେମାନଙ୍କ ପଦକ ବିଜୟ ଓଡ଼ିଶା ପୋଲିସ ବାହିନୀକୁ ଗୌରବାନ୍ୱିତ କରିବା ସହ କର୍ତ୍ତବ୍ୟ ଏବଂ କ୍ରୀଡ଼ା ଉଭୟରେ ଉତ୍କର୍ଷତା ହାସଲ କରିବାକୁ ଅନ୍ୟ କ୍ରୀଡ଼ାବିତ ଓ ଅଧିକାରୀମାନଙ୍କୁ ପ୍ରେରଣା ଯୋଗାଉଛି।

## ସୁମନ ଶେଖର ଓ ଭଗବାନ ରେଡ୍ଡୀଙ୍କୁ ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ସ୍ୱର୍ଣ୍ଣ ପଦକ ଜିତିଥିବା ସୁମନ ଶେଖର ଦାସ ଓ ଭଗବାନ ରେଡ୍ଡୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବର୍ମିଂହାମ୍, ୟୁଏସଏରେ ଆୟୋଜିତ ବିଶ୍ୱ ପୋଲିସ୍ ଓ ଫାୟାର୍ ଗେମ୍ସ ୨୦୨୫ର ପୁରୁଷ ବିଭାଗର ୮୪ କେଜିରୁ କମ୍ ବର୍ଗ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ସୁମନ ଶେଖର ଦାସ ଓ ଅଣ୍ଡର ୬୪ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭଗବାନ ରେଡ୍ଡୀଙ୍କୁ ଶୁଭେଚ୍ଛା ।


**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated: 18.06.2025, I Sudrabati Pradhan, Address: village-Kurmingla, Ps- G. Udayagiri, Dist-Kandhamal, Odisha , PIN-762022, declare that I have changed my name from Subhadra Pradhan to Sudrabati Pradhan. Henceforth, I shall be known as Sudrabati Pradhan for all purposes.
**Sd/- Sudrabati Pradhan**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-11
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ବୋବରନ (BOBRN) ୱାଗନର ମରାମତି ତଥା ପୁନର୍ବାସ ।
ବିଜ୍ଞାପିତ ମୂଲ୍ୟ (₹): 30,50,22,156.00, EMD (₹): 16,75,100.00, ଶେଷ ହେବା ଅବଧି : 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.14.07.2025ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.07.2025 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II),
PR-316/Q/25-26 ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

**Office of the Executive Engineer**
**Road Construction Department, Road Division, Chaibasa**
**eercdchaibasa-jhr@nic.in**

Very Short E-Procurement Notice
E-tender Reference No. : RCD/CHAIBASA/2024-25/17 (9th Call)
Date : 03.07.2025

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E-Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Section) of State Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 07.07.2025 at 11.30 AM |
| 5. | Last date/Time for receipt of bids. | 21.07.2025 Up to 3.00 P.M. |
| 6. | Date of Opening of Bid | 22.07.2025 at 03:30 P.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899686 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in
Executive Engineer
RCD, Road Division, Chaibasa.
PR.NO.356479 Road(25-26):D

**Government of Jharkhand**
**Home, Prison and Disaster Management Department**
**(Disaster Management Division)**
**T.A. Division Building, Near Golchakar, Dhurwa, Ranchi, Jharkhand, Pin Code-834004.**

**Expression of Interest (Request for Proposal)**

HIRING SERVICES OF CHARTERED ACCOUNTANT FIRM FOR STATUTORY AUDIT FOR THE FINANCIAL YEAR - 2010-11 TO FINANCIAL YEAR 2025-26

Due to unavoidable reasons the date of Opening of Technical bid 4.7.2025 of the advertisement published on 20.06.2025 PR No.-355524 is **extended till further information.**

Under Secretary,
Home, Prison and Disaster Management Department
(Disaster Management Division), Jharkhand, Ranchi
T.A. Division Building, Near Golchakkar, Dhurwa,
Ranchi, Jharkhand, Pin Code-834004.
PR 356486 Home, Prison And Disaster Management(25-26)#D

**DISTRICT EDUCATION OFFICE,**
**GANJAM, BRAHMAPUR**
0680 2233350 (O), : deoganjam11@gmail.com

Letter No. 11620 /MDM Date 02.07.2025 n-91

**SHORT TENDER CALL NOTICE FOR ENGAGEMENT OF SEPARATE TRANSPORTING AGENTS UNDER PM POSHAN & CM POSHAN (MDM) FEEDING PROGRAMME OF BRAHMAPUR / BHANJANAGAR / CHATRAPUR SUB-DIVISION OF GANJAM DISTRICT FOR THE YEAR-2025-26**

Sealed tenders in prescribed format under two bid system are invited from intending registered firms/authorized licensed Transport Contractor/Agents having valid TIN, PAN, GST registration & clearance certificate for undertaking transportation of rice under PM Poshan and CM Poshan (MDM) feeding programme in Brahmapur / Bhanjanagar / Chatrapur Sub-Division of Ganjam district for the year, 2025-26 (2nd Quarter to 4th Quarter). The tender paper (bid documents) containing detailed specification with terms and conditions can be obtained by downloading from the Ganjam district website https://ganjam.odisha.gov.in. The cost of tender paper is Rs.10,000/- which is to be deposited in shape of D.D in favour of District Education Officer, Ganjam and enclosed in the technical bid of the tender. Last date and time for receipt of tender paper is **21.07.2025 at 3.00 PM** and will be opened on **22.07.2025 at 11.00 AM** in the Collectorate, Ganjam, Chatrapur. The quotations must be sent **through Registered Post / Speed Post only** addressed to District Education Officer, Ganjam, Brahmapur, PIN-760005, Dist. Ganjam. Sending of quotations through couriers or by hand is not allowed. This office will not be responsible for any postal delay. The tender paper should be submitted in sealed cover super-scribing as **"TENDER FOR UNDERTAKING TRANSPORTATION WORK UNDER PM POSHAN AND CM POSHAN (MDM) FEEDING PROGRAMME IN BRAHMAPUR / BHANJANAGAR / CHATRAPUR SUB-DIVISION OF GANJAM DISTRICT -2025-26".**

The authority reserves the right to reject any or all the tenders without assigning any reason thereof.

Sd/- Collector, Ganjam
OIPR 27203/11/0001/2526

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି ଗଜପତି,**
**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**
Ph No: 7735834480, e-Mail: parala.mply@gmail.com C-614

Notice No. 2205 /PKD Dated: 02 /07 /2025

**QUOTATION CALL NOTICE**

Sealed quotations/tenders are invited from interested reputed Travel Agencies / Tour Operators / Individuals for providing 01(One) No of Commercial Vehicle AC petrol / diesel Bolero having sitting capacity not more than 07 including driver for official use in Paralakhemundi Municipality on monthly rent basis. The DTCN with details terms and condition can be obtained from the office of the undersigned on payment of RS.2000/- (Rupees Two Thousand) only as quotation paper cost in cash (non-refundable) from date 07.07.2025 to date 15.07.2025. The quotation completed in all respect should reach the undersigned on or before dt 16.07.2025 by 12.00 Noon and shall be opened on the same day at 1.00 PM in presence of the bidders or their authorized representatives. The quotations received beyond the scheduled date time as indicated above due to postal delay or for any other reasons shall not be entertained.

**Eligibility Criteria:**

1. The service provider shall have a valid GST registration to participate in the tendering.
2. The vehicle must be in road worth condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, Valid contract Carriage Permit, proof of up-to date tax payment, etc. mandatory for plying of vehicle.
3. The Driver of the vehicle must have a valid Driving License for driving light transport passenger vehicle and should be sufficient experienced in driving transport/passenger vehicle.
4. The Driver should be well behaved, gentle and obedient in nature.
5. A sum of Rs. 5,000/- shall be deposited by the intending bidders in shape of Account Payee Bank Draft drawn in favour of the Executive Officer, Paralakhemundi Municipality and submitted along with the tender as EMD. After completion of tender process EMD shall be refunded to unsuccessful bidders.
6. The monthly rate of hire charge to be paid after deduction of GST or any other tax as applicable by law is final, excluding fuel which is to be beared by the office separately based on actual consumption.
7. The Vehicle must achieve a fuel efficiency of minimum 10 KM per litre.
8. The details of the make and year of manufacture of the vehicle, registration No., mileage (KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/tender (Annexure-B).
9. A sum of Rs. 37,200.00 (Maximum) per vehicle should be mentioned including salary of the driver and vehicle charge per month in the financial bid (Annexure-C)
10. The authority reserves the right to accept or reject any or all the tenders without assigning any reason thereof.

Sd/-Executive Officer
Paralakhemundi Municipality
OIPR 13145/11/0030/2526



ବାସ୍ତୁଶାସ୍ତ୍ର ଅନୁସାରେ ଅଇଁଠା ଓ ଅପରିଷ୍କାର ବାସନ ନକାରାତ୍ମକ ଶକ୍ତି ସୃଷ୍ଟି କରିଥାଏ। ରାତିରେ ନକାରାତ୍ମକ ଶକ୍ତି ଅଧିକ ଶକ୍ତିଶାଳୀ ହୋଇଥାଏ। ଯାହାର ପ୍ରଭାବ ପୂରା ଘର ଉପରେ ପଡିଥାଏ। ଘରେ ଅଶାନ୍ତି ବଢ଼ିଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ବିବାଦ ହୋଇପାରେ। ଏହି ରୋଷେଇ ଘରକୁ ଧନ ଓ ସମୃଦ୍ଧିର ଦେବୀ ମା' ଲକ୍ଷ୍ମୀଙ୍କ ରୂପ ମା' ଅନ୍ନପୂର୍ଣ୍ଣାଙ୍କ ବାସସ୍ଥଳୀ ବୋଲି ବିଶ୍ୱାସ କରାଯାଏ। ରାତିରେ ରୋଷେଇ ଘରେ ଅଇଁଠା ବାସନ ରଖିଲେ ମା' ଲକ୍ଷ୍ମୀ କ୍ରୋଧିତ ହୁଅନ୍ତି। ଯାହା ଦ୍ୱାରା ଘରେ ଟଙ୍କା କମିବା ଆରମ୍ଭ ହୋଇଥାଏ। ଯଦି ଏହି ଅଭ୍ୟାସରେ ଉନ୍ନତି ନ ହୁଏ ତେବେ ଘରେ ମା' ଲକ୍ଷ୍ମୀଙ୍କ ବିପରୀତ ଓ ନକାରାତ୍ମକ ରୂପ ଆସିଥାଏ। ଏହା ଦ୍ୱାରା ଘରେ ଧନ ସଙ୍କଟ ସୃଷ୍ଟି ହେବା ସହ ବିପଦର ପାହାଡ଼ ମଧ୍ୟ ଦେଖାଦେଇଥାଏ। ଶନିଦେବ ହେଉଛନ୍ତି କର୍ମର ରକ୍ଷକ ଓ କର୍ମର ଦେବତା। ଏମାନଙ୍କୁ ରାତିର ମାଲିକ ମଧ୍ୟ ବୋଲି ବିବେଚନା କରାଯାଏ। ରୋଷେଇ ଘରେ ଅପରିଷ୍କାର ବାସନ ରଖିବା ସେମାନଙ୍କୁ ଅପମାନିତ କରିଥାଏ। ଶନିଦେବଙ୍କ କ୍ରୋଧଯୋଗୁଁ ପରିବାର ଲୋକେ ଅସୁସ୍ଥ ହୋଇପଡ଼ିଛନ୍ତି। ଦୀର୍ଘ ଦିନ ଧରି ଏହି ଅଭ୍ୟାସରେ କୌଣସି ପରିବର୍ତ୍ତନ ନ ହେଲେ ଶନିଦେବ ଘର ମାଲିକଙ୍କୁ ମଧ୍ୟ ଦରିଦ୍ର କରିପାରନ୍ତି।



# ୫ ମିନିଟରେ ୩୨ଟି ଆମ୍ବ ଖାଇ ଜିତିଲେ ପୁରସ୍କାର



ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଫୁଡ୍ ଚ୍ୟାଲେଞ୍ଜର ଭିଡିଓଗୁଡ଼ିକ ଭାଇରାଲ ଓ ହୋଇଥାଏ। ଏହି କ୍ରମରେ ବିହାରର ଇଶାନ କୁମାର ମାତ୍ର ପାଞ୍ଚ ମିନିଟ୍‌ରେ ୩୨ଟି ଆମ୍ବ ଖାଇ ଏବେ ଚର୍ଚ୍ଚାରେ ରହିଛନ୍ତି। ବିହାର, ମଧୁବନି ଜିଲ୍ଲାର ସରସୋମ୍ପାହି ଗାଁ ସ୍ଥିତ ସାର୍ ଗଙ୍ଗାନାଥ ଝା ପାଠାଗାରରେ ପ୍ରତିବର୍ଷ 'ମିଥିଳା ଆମ୍ବ ଉତ୍ସବ' ଆୟୋଜିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ଉତ୍ସବକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। 'ଆମ୍ବ ଖାଅ ପ୍ରତିଯୋଗିତା'ରେ ଛୋଟ ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅଂଶଗ୍ରହଣ କରିଥିଲେ । ଚଳିତବର୍ଷ ଏହି ଆୟୋଜନରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଇଶାନ କୁମାର ମାତ୍ର ୫ମିନିଟ୍ ମଧ୍ୟରେ ୩୨ ଟି ଆମ୍ବ ଖାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିଭଳି ରାଜେଶ ମଣ୍ଡଳ ପାଞ୍ଚ ମିନିଟ୍‌ରେ ୨୬ଟି ଆମ୍ବ ଖାଇ ଦ୍ୱିତୀୟ ସ୍ଥାନରେ ଏବଂ ହର୍ଷ ନାଥ ଝା ୫ ମିନିଟ୍‌ରେ ୨୨ଟି ଆମ୍ବ ଖାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲ।

# 'ଡେଲିଭରି ବୟ- ୨'ରେ ଭିନ୍ନ ଚରିତ୍ରରେ ଅର୍ଚ୍ଚିତା




ଲୋକପ୍ରିୟ ଓଲିଉଡ ଅଭିନେତ୍ରୀ ଅର୍ଚ୍ଚିତାଙ୍କ ମୁକ୍ତି ପ୍ରତୀକ୍ଷାରେ ଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଡେଲିଭରି ବୟ ୨'ରେ ଡେଲିଭରି ଗର୍ଲ 'ପଲ୍ଲବୀ' ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି । ଏ ଫିଲ୍ମରେ ଦେଖିବାକୁ ମିଳିବ ଘର, ପରିବାର ଓ ସ୍ୱପ୍ନ ପାଇଁ ତାଙ୍କ ସଂଘର୍ଷର କଥା । ଅର୍ଚ୍ଚିତା କହିଛନ୍ତି, ଏ ଚରିତ୍ର ତାଙ୍କର ହୃଦୟ ସହ ଜଡ଼ିତ । ସେ କେବଳ ଗ୍ରାହକଙ୍କୁ ଖାଦ୍ୟ ଯୋଗାଉନାହାନ୍ତି, ଏ ପେସା ମାଧ୍ୟମରେ ସେ ନିଜ ପରିବାର ପାଇଁ ବୋହି ଆଣୁଛନ୍ତି ଆଶା ଓ ଭରସା । ଡେଲିଭରି ଗର୍ଲ ଭାବେ କାମ କରି ସେ ପରିବାର ଚଳାଇବା ସହ ବ୍ୟକ୍ତିଗତ ସ୍ୱପ୍ନକୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରୁଛନ୍ତି । ଏହି ଚରିତ୍ରରେ ତାଙ୍କର ଅଭିନୟ ମହିଳାଙ୍କ ଆତ୍ମବିଶ୍ୱାସ ଓ ମନୋବଳ ବଢ଼ାଇବ ବୋଲି କଥାବାର୍ତ୍ତାବେଳେ କହିଥିଲେ ଅର୍ଚ୍ଚିତା । ଫିଲ୍ମରେ ଅର୍ଚ୍ଚିତାଙ୍କ ସହ-ଅଭିନେତା ଭାବେ ଦେଖିବାକୁ ମିଳିବେ ଶୈଳେନ୍ଦ୍ର । ଏହି ଦୁଇଜଣ ଡେଲିଭରି ପର୍ସନ୍‌ଙ୍କ କାହାଣୀ ଦ୍ୱାରା ସମାଜରେ ଖାଦ୍ୟ ଡେଲିଭରି କରୁଥିବା ମହିଳାଙ୍କ ସମସ୍ୟା, ସଂଘର୍ଷ ଓ ଅଦୃଶ୍ୟ ଦୁଃଖକୁ ସମସ୍ତଙ୍କ ସାମ୍ନାକୁ ଆଣିବାକୁ ଚେଷ୍ଟା କରାଯାଇଛି । ହସ, ଲୁହ, ସଂଘର୍ଷ ଓ ସ୍ୱପ୍ନଭରା ଏହି କାହାଣୀ ପରିବାର ଓ ଦାୟିତ୍ୱକୁ ନେଇ ଦର୍ଶକଙ୍କୁ ଭାବୁକ କରିଦେବ । ଶୈଳେନ୍ଦ୍ର ଓ ଅର୍ଚ୍ଚିତାଙ୍କ ବ୍ୟତୀତ ଏ ଫିଲ୍ମର ଅନ୍ୟାନ୍ୟ ଚରିତ୍ରରେ ବୁଦ୍ଧାଦିତ୍ୟ, ଶ୍ରୀତମ ଦାସ, ପ୍ରିୟମ୍ବଦା, ପୁପିନ୍ଦର ଓ ସଣ୍ଟୁ ନିଜେ ପ୍ରମୁଖ ଅଭିନୟ କରିଛନ୍ତି । ଜ୍ୟୋତିରଞ୍ଜନ ମହାନ୍ତି ଏ ଫିଲ୍ମର ପ୍ରଯୋଜକ ଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନ ତ୍ରିପାଠୀ । ଫିଲ୍ମର ରିଲିଜ୍ ତାରିଖ ଶୀଘ୍ର ଘୋଷଣା କରାଯିବ ।

# 'ବିଗ୍‌ବସ୍-୧୯'ରେ ଏଣ୍ଟ୍ରି କରିବ ଏଆଇ ରୋବୋ 'ହାବୁବୁ'

ଆସନ୍ତା ଅଗଷ୍ଟରେ ଟିଭି ପରଦାକୁ ଫେରିବ 'ବିଗ୍ ବସ୍-୧୯' । ଦମ୍‌ଦାର ଲେଉଟାଣି ସହିତ ଏହା ଟେଲିଭିଜନ୍ ଜଗତରେ ଇତିହାସ ରଚିବ । ସଂଯୁକ୍ତ ଆରବ ଏମିରେଟ୍ସର ପ୍ରଥମ କଥାବାର୍ତ୍ତା କରୁଥିବା ଏଆଇ ରୋବୋ କଣ୍ଢେଇ 'ହାବୁବୁ' ବିଗ୍ ବସ୍ ଘରେ ଏଣ୍ଟ୍ରି କରିବ । ଶୋ'ର ୧୭ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଏହା ଅନ୍ୟତମ ହେବ । ଏହି ପ୍ରୟାସ ଜରିଆରେ କୌଣସି ଭାରତୀୟ ରିୟଲିଟି ଫ୍ରାଞ୍ଚାଇଜିରେ ପ୍ରଥମ ଥର ରୋବୋର ଏଣ୍ଟ୍ରି ହେବାକୁ ଯାଉଛି । ଏହି ଖବର ବିଗ୍ ବସ୍‌ପ୍ରେମୀଙ୍କ କୌତୁହଳ ବଢ଼ାଇଛି । ସଂଯୁକ୍ତ ଆରବ ଏମିରେଟ୍ସରେ ଏଆଇ କଣ୍ଢେଇ ହାବୁବୁ ପୂର୍ବରୁ ସେନ୍‌ସେସନ୍ ହୋଇଛି । ହାବୁବୁ ଏକ ସାଧାରଣ ରୋବୋ ନୁହେଁ, ବାର୍ତ୍ତାଳାପ କରୁଥିବା ଏକ ଏଆଇ କଣ୍ଢେଇ । ବାର୍ତ୍ତାଳାପ ବୁଦ୍ଧିମତା କଳା, ଭାବପ୍ରବଣତା ଓ ମୌଳିକ ଘରୋଇ କାର୍ଯ୍ୟକ୍ଷମତା ସହିତ ଏହାକୁ ନିର୍ମାଣ କରାଯାଇଛି । ଏହାକୁ ନିର୍ମାଣ କରିଥିବା ଦୁବାଇ ସ୍ଥିତ କମ୍ପାନି ଆଇଏଫ୍‌ସିଏମ୍ ଅନୁସାରେ, ହାବୁବୁ ହିନ୍ଦୀ ସମେତ ୭ ଭାଷାରେ କଥା ହୋଇପାରେ । କଥାବାର୍ତ୍ତା ଓ ଡ୍ରାମା ଉପରେ ଫୋକସ୍ କରୁଥିବା ବିଗ୍ ବସ୍ ଭଳି ଶୋ'ପାଇଁ ଏହା ଉପଯୁକ୍ତ ହେବ । ଆକର୍ଷଣୀୟ ଗଠନ ହାବୁବୁକୁ ସ୍ୱତନ୍ତ୍ର କରିଛି । ବଡ଼ ବଡ଼ କଥାକୁହା ଆଖି, ଲୋକଙ୍କ ସହ ଯୋଡ଼ିହୋଇ ରହୁଥିବା ବ୍ୟକ୍ତିତ୍ୱ ଏବଂ ପାରମ୍ପରିକ ଆରବିକ୍ ପୋଷାକ ପାଇଁ ହାବୁବୁ ସୋସିଆଲ ମିଡିଆରେ ସବୁରି ଧ୍ୟାନ ଆକର୍ଷଣ କରିଛି । ଦୁବାଇରେ ଏହାର ଫ୍ୟାନ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଲୋକେ ଏହାକୁ ଟେକ୍ନୋଲୋଜି କ୍ଷେତ୍ରରେ ନବସୃଜନଠୁ ଅଧିକ ଆରବ ଜଗତ ଓ ଦକ୍ଷିଣ ଏସୀୟ ମନୋରଞ୍ଜନ ଜଗତ ମଧ୍ୟରେ ସାଂସ୍କୃତିକ ବନ୍ଧନ ବୋଲି କହୁଛନ୍ତି । ହାବୁବୁ ଏକ ସାଧାରଣ ରୋବୋ ନୁହେଁ, ବାର୍ତ୍ତାଳାପ କରୁଥିବା ଏକ ଏଆଇ କଣ୍ଢେଇ । ବାର୍ତ୍ତାଳାପ ବୁଦ୍ଧିମତା କଳା, ଭାବପ୍ରବଣତା ଓ ମୌଳିକ ଘରୋଇ କାର୍ଯ୍ୟକ୍ଷମତା ସହିତ ଏହାକୁ ନିର୍ମାଣ କରାଯାଇଛି । ଏହାକୁ ନିର୍ମାଣ କରିଥିବା ଦୁବାଇ ସ୍ଥିତ କମ୍ପାନି ଆଇଏଫ୍‌ସିଏମ୍ ଅନୁସାରେ, ହାବୁବୁ ହିନ୍ଦୀ ସମେତ ୭ ଭାଷାରେ କଥା ହୋଇପାରେ । କଥାବାର୍ତ୍ତା ଓ ଡ୍ରାମା ଉପରେ ଫୋକସ୍ କରୁଥିବା ବିଗ୍ ବସ୍ ଭଳି ଶୋ'ପାଇଁ ଏହା ଉପଯୁକ୍ତ ହେବ । ଆକର୍ଷଣୀୟ ଗଠନ ହାବୁବୁକୁ ସ୍ୱତନ୍ତ୍ର କରିଛି । ବଡ଼ ବଡ଼ କଥାକୁହା ଆଖି, ଲୋକଙ୍କ ସହ ଯୋଡ଼ିହୋଇ ରହୁଥିବା ବ୍ୟକ୍ତିତ୍ୱ ଏବଂ ପାରମ୍ପରିକ ଆରବିକ୍ ପୋଷାକ ପାଇଁ ହାବୁବୁ ସୋସିଆଲ ମିଡିଆରେ ସବୁରି ଧ୍ୟାନ ଆକର୍ଷଣ କରିଛି । ଦୁବାଇରେ ଏହାର ଫ୍ୟାନ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଲୋକେ ଏହାକୁ ଟେକ୍ନୋଲୋଜି କ୍ଷେତ୍ରରେ ନବସୃଜନଠୁ ଅଧିକ ଆରବ ଜଗତ ଓ ଦକ୍ଷିଣ ଏସୀୟ ମନୋରଞ୍ଜନ ଜଗତ ମଧ୍ୟରେ ସାଂସ୍କୃତିକ ବନ୍ଧନ ବୋଲି କହୁଛନ୍ତି ।

# 'ପଞ୍ଚାୟତ ସିଜନ୍-୪'ରେ କିସିଙ୍ଗ୍ ସିନ୍ ପାଇଁ ମନା କରିଥିଲେ ରିଙ୍କି



ଆମାଜନ୍ ପ୍ରାଇମ୍‌ରେ ପ୍ରସାରିତ 'ପଞ୍ଚାୟତ' ସିରିଜ୍ ଜରିଆରେ ଲୋକପ୍ରିୟତା ପାଇଛନ୍ତି ସାନ୍‌ଭିକା ଓରଫ୍ ରିଙ୍କି । 'ପଞ୍ଚାୟତ ସିଜନ୍-୪'କୁ ନେଇ ସେ ଏକ ମଜାଦାର କଥା ଗଣମାଧ୍ୟମକୁ କହିଛନ୍ତି । ସିରିଜ୍‌ରେ ସଚିବଜୀ ଭୂମିକା ନିର୍ବାହ କରିଥିବା ଜିତେନ୍ଦ୍ର କୁମାରଙ୍କ ସହ ଚୁମ୍ବନ ଦୃଶ୍ୟକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ଚୁମ୍ବନ ନ କରିବାକୁ ସେ ଅନୁରୋଧ କରିବା ପରେ କାହାଣୀରେ ପରିବର୍ତ୍ତନ କରାଗଲା ଏବଂ ସେହି ଦୃଶ୍ୟକୁ ହଟାଗଲା। ଚୁମ୍ବନ ଦୃଶ୍ୟ କରିବା ତାଙ୍କ ପାଇଁ ସହଜ ନ ଥିଲା ବୋଲି ସାନ୍‌ଭିକା ଗଣମାଧ୍ୟମକୁ କହିଛନ୍ତି । ସେ କହିଛନ୍ତି, କାହାଣୀ ବର୍ଣ୍ଣନା ସମୟରେ କେହି କିଛି କହିଲେ ନାହିଁ । କିନ୍ତୁ ନିର୍ଦ୍ଦେଶକ ଅକ୍ଷତଙ୍କ ସହ ବାର୍ତ୍ତାଳାପ ସମୟରେ ଏ ବିଷୟରେ ଜଣାପଡ଼ିଲା । ଏହା ପୂର୍ବରୁ କିନ୍ତୁ ସିନ୍ ଭିନ୍ନ ଥିଲା । ଏକ ପାରିବାରିକ ଶୋ' ଭାବେ ପଞ୍ଚାୟତ ଘରେ ଘରେ ପରିଚିତି ପାଇଥିବାରୁ ଚୁମ୍ବନ ଦୃଶ୍ୟର ସୁଟିଂ ପୂର୍ବରୁ ଚିନ୍ତା କରିବାକୁ ସାନ୍‌ଭିକା ଦୁଇ ଦିନ ସମୟ ନେଲେ । ଶେଷରେ ସେ ଏହାକୁ ପ୍ରତ୍ୟାଖ୍ୟାନ କଲେ । ଗତ ସପ୍ତାହ ଆମାଜନ୍‌ରେ ରିଲିଜ୍ ହୋଇଛି ପଞ୍ଚାୟତର ସିଜନ୍-୪ । ଏହାକୁ ଦେଖିବା ପରେ ସମୀକ୍ଷକ ଓ ଦର୍ଶକ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି ।

CKA Birla Group
orient electric

**ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍**
**ସିଆଇଏନ୍: ଏଲ୍୩୧୧୦୦୦ଆର୍୨୦୧୬ପିଏଲ୍‌ସି୦୨୫୮୯୨**
**ପଞ୍ଜିକୃତ କାର୍ଯ୍ୟାଳୟ: ୟୁନିଟ୍- VIII, ପ୍ଲଟ୍ ନମ୍ବର.୭, ଭୋଇନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୨**
**ଟେଲିଫୋନ୍ : ୦୬୭୪-୨୩୯୬୯୩୦,**
**କର୍ପୋରେଟ୍ ଅଫିସ୍: ୨୪୦, ଓଖଲା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଫେଜ୍-III, ଓଖଲା, ନୂଆଦିଲ୍ଲୀ ୧୧୦୦୨୦**
**ଇ-ମେଲ୍: investor@roienteletric.com ୱେବସାଇଟ୍:: www.orientelectric.com**

## ନବମ ବାର୍ଷିକ ସାଧାରଣ ବୈଠକର ନୋଟିସ ଓ ଇ-ଭୋଟିଂ ନିର୍ଦ୍ଦେଶ

ଆପଣମାନଙ୍କୁ ଜଣାଇ ଦିଆଯାଉଛି ଯେ ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ (ଦ 'କମ୍ପାନୀ')ର ସଦସ୍ୟମାନଙ୍କର ୯ମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପାଇଁ ନୋଟିସ୍ ୨୫ ଜୁଲାଇ, ୨୦୨୫ ଶୁକ୍ରବାର ଦିନ ଅପରାହ୍ଣ ୦୩:୩୦ (ଆଇଏସ୍‌ଟି)ରେ ଅନୁଷ୍ଠିତ ହେବାକୁ ଯାଉଛି ଭିଡିଓ କନଫରେନ୍ସିଂ (ଭିସି) / ଅନ୍ୟାନ୍ୟ ଅଡିଓ ଭିଜୁଆଲ୍ ଉପାୟ ('ଓଏଭିଏମ୍) ମାଧ୍ୟମରେ କମ୍ପାନୀ ଆଇନ, ୨୦୧୩ (ଦ 'ଆଇନ') ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ନୋଟିସରେ ଦର୍ଶାଯାଇଥିବା ବ୍ୟବସାୟଗୁଡ଼ିକୁ ପରିଚାଳନା କରିବା ପାଇଁ, ସେଠାରେ ପ୍ରଣୀତ ନିୟମାବଳୀ, ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ତାଲିକାଭୁକ୍ତ ଦାୟିତ୍ୱ ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ, ୨୦୧୫ (ତାଲିକାଭୁକ୍ତ ନିୟମାବଳୀ) ଏବଂ ସାଧାରଣ ସର୍କୁଲାର ସଂଖ୍ୟା ୦୯/୨୦୨୪ ତାରିଖ ୧୯ ସେପ୍ଟେମ୍ବର, ୨୦୨୪, ସାଧାରଣ ସର୍କୁଲାର ସଂଖ୍ୟା ୦୯/୨୦୨୩ ତାରିଖ ୨୫ ସେପ୍ଟେମ୍ବର, ୨୦୨୩, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ସିଏ) ଏବଂ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) (ଏଠାରେ ସାମୂହିକ ଭାବରେ 'ସର୍କୁଲାର' ଭାବରେ ଜଣାଶୁଣା) ଦ୍ୱାରା ଜାରି କରାଯାଇଥିବା ଅନ୍ୟାନ୍ୟ ପ୍ରଯୁଜ୍ୟ ଆଇନ ଏବଂ ସର୍କୁଲାର ସହିତ ପଠିତ, ୦୩ ଜୁଲାଇ, ୨୦୨୫ରେ ଇଲେକ୍ଟ୍ରୋନିକ୍ ଭାବରେ ପଠାଯାଇଛି ଏବଂ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଆର୍ଥିକ ବିବରଣୀ ସମ୍ବଳିତ ଅଡ଼ିଟରଙ୍କ ବାର୍ଷିକ ରିପୋର୍ଟ ପଠାଯାଇଛି, ପରିଚାଳକ ବୋର୍ଡ ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟଗୁଡ଼ିକ, ଯାହା କମ୍ପାନୀ / କମ୍ପାନୀର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ (ଆର୍‌ଟିଏ) ଏବଂ / କିମ୍ବା ଜମାକାରୀ ଅଂଶଗ୍ରହଣକାରୀ (ମାନଙ୍କ) ସହିତ ପଞ୍ଜୀକୃତ ହୋଇଥିବା ସମସ୍ତ ସଦସ୍ୟଙ୍କ ପାଇଁ ସଂଲଗ୍ନ କରିବାକୁ ପଡିବ। ଏଜିଏମ୍‌ର କାର୍ଯ୍ୟ କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟରେ ପରିଚାଳିତ ହୋଇଥିବା ପରି ମନେ କରାଯିବ।

୧. ଉପରୋକ୍ତ ସର୍କୁଲାର ମାଧ୍ୟମରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୯ମ ବାର୍ଷିକ ସାଧାରଣ ସଭା ଆହ୍ୱାନ ନୋଟିସର ଭୌତିକ କପି ଏବଂ ବାର୍ଷିକ ରିପୋର୍ଟ ପଠାଇବାର ଆବଶ୍ୟକତାକୁ ଦୂର କରାଯାଇଛି। ଏହି ଡକ୍ୟୁମେଣ୍ଟଗୁଡ଼ିକ କମ୍ପାନୀର ୱେବସାଇଟ୍ www.orientelectric.com, ଷ୍ଟକ୍ ଏକ୍ସଚେଞ୍ଜ ଯଥା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଲିମିଟେଡ୍ ଏବଂ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ୱେବସାଇଟ୍ www.bseindia.com ଏବଂ www.nseindia.com ଏବଂ ନ୍ୟାସନାଲ୍ ସିକ୍ୟୁରିଟିଜ୍ ଡିପୋଜିଟୋରିଜ୍ ଲିମିଟେଡ୍ ('ଏନ୍‌ଏସ୍‌ଡିଏଲ୍) (ରିମୋଟ୍ ଇ-ଭୋଟିଂ ସୁବିଧା ପ୍ରଦାନ କରିବା ପାଇଁ ସଂସ୍ଥା)ର ୱେବସାଇଟ୍ https://www.evoting.nsdl.com ରେ ମଧ୍ୟ ଉପଲବ୍ଧ।
୨. ଆଇନର ଧାରା ୧୦୩ର ବ୍ୟବସ୍ଥା ଅନୁଯାୟୀ, ଭିସି/ଓଆର୍‌ଭିଏମ୍ ମାଧ୍ୟମରେ ଏଜିଏମ୍‌ରେ ଯୋଗଦାନ କରୁଥିବା ସଦସ୍ୟମାନଙ୍କୁ କ୍ୱରମ ଗଣନା କରିବା ପାଇଁ ଗଣନା କରାଯିବ। ଏହି ଏଜିଏମ୍ ପାଇଁ ପ୍ରକ୍ସି ନିଯୁକ୍ତି ସୁବିଧା ଉପଲବ୍ଧ ହେବ ନାହିଁ।
୩. କମ୍ପାନୀ (ପରିଚାଳନା ଏବଂ ପ୍ରଶାସନ) ନିୟମ ୨୦୧୪ର ନିୟମ ୨୦, ତାଲିକାଭୁକ୍ତ ନିୟମାବଳୀର ସର୍କୁଲାର ଏବଂ ନିୟମ ୪୪ ସହିତ ପଠିତ ଆଇନର ଧାରା ୧୦୮ର ବ୍ୟବସ୍ଥା ପାଳନ କରି, କମ୍ପାନୀ ଏହାର ସଦସ୍ୟମାନଙ୍କୁ ୯ମ ଏଜିଏମ୍‌ର ନୋଟିସରେ ଉଲ୍ଲେଖ କରାଯାଇଥିବା ସମସ୍ତ ପ୍ରସ୍ତାବ ଉପରେ ଇ-ଭୋଟିଂ ମାଧ୍ୟମରେ ଇଲେକ୍ଟ୍ରୋନିକ୍ ଭାବରେ ସେମାନଙ୍କର ଭୋଟ ଦେବାର ସୁବିଧା ପ୍ରଦାନ କରୁଛି। ଭିସି / ଓଆର୍‌ଭିଏମ୍ ମାଧ୍ୟମରେ ଏଜିଏମ୍ ପରିଚାଳନା ଏବଂ ଇ-ଭୋଟିଂ ସୁବିଧା ପ୍ରଦାନ କରିବା ପାଇଁ କମ୍ପାନୀ ଏନ୍‌ଏସ୍‌ଡିଏଲ୍‌ର ସେବାକୁ ଅଧିକୃତ ଏଜେନ୍ସି ଭାବରେ ନିଯୁକ୍ତ କରିଛି। ୧୮ ଜୁଲାଇ, ୨୦୨୫ର କଟ-ଅଫ୍ ତାରିଖ ଅନୁଯାୟୀ, ଯେଉଁମାନେ ଭୌତିକ ମୋଡ୍ କିମ୍ବା ଡିମାଟେରିଆଲାଇଜ୍ଡ ମୋଡ୍‌ରେ ସେୟାର ଧାରଣ କରିଛନ୍ତି, ସେମାନେ ୯ମ ବାର୍ଷିକ ସାଧାରଣ ସଭାର ନୋଟିସରେ ବ୍ୟାଖ୍ୟା କରାଯାଇଥିବା ପ୍ରକ୍ରିୟା ଅନୁସରଣ କରି ଭିସି/ ଓଆର୍‌ଭିଏମ୍ ମାଧ୍ୟମରେ ବାର୍ଷିକ ସାଧାରଣ ସଭା ଗ୍ରହଣ କରିପାରିବେ।
**୪. ସଦସ୍ୟମାନଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ :**
କ. ଏଜିଏମ୍ ସମୟରେ ୯ମ ଏଜିଏମ୍ ନୋଟିସରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟ ରିମୋଟ୍ ଇ-ଭୋଟିଂ କିମ୍ବା ଇ-ଭୋଟିଂ ମାଧ୍ୟମରେ କରାଯାଇପାରିବ।
ଖ. ରିମୋଟ୍ ଇ-ଭୋଟିଂ ମଙ୍ଗଳବାର, ୨୨ ଜୁଲାଇ, ୨୦୨୫ (୯:୦୦ ସକାଳ) (ଆଇଏସ୍‌ଟି)ରେ ଆରମ୍ଭ ହେବ ଏବଂ ଗୁରୁବାର, ୨୪ ଜୁଲାଇ, ୨୦୨୫ (୫:୦୦ ସନ୍ଧ୍ୟା) (ଆଇଏସ୍‌ଟି)ରେ ଶେଷ ହେବ। ଏନ୍‌ଏସ୍‌ଡିଏଲ୍ ଦ୍ୱାରା ପରବର୍ତ୍ତୀ ସମୟରେ ଭୋଟ ଦେବା ପାଇଁ ରିମୋଟ୍ ଇ-ଭୋଟିଂ ମଡ୍ୟୁଲ୍ ଅକ୍ଷମ କରାଯିବ, ଏବଂ ଉକ୍ତ ତାରିଖ ଏବଂ ସମୟ ପରେ ରିମୋଟ୍ ଇ-ଭୋଟିଂକୁ ଅନୁମତି ଦିଆଯିବ ନାହିଁ।
ଗ. ଏଜିଏମ୍ ସମୟରେ ରିମୋଟ୍ ଇ-ଭୋଟିଂ କିମ୍ବା ଇ-ଭୋଟିଂ ଦ୍ୱାରା ଭୋଟ ଦେବା ପାଇଁ ଯୋଗ୍ୟତା ନିର୍ଣ୍ଣୟ କରିବାର କଟ-ଅଫ୍ ତାରିଖ ଶୁକ୍ରବାର, ୧୮ ଜୁଲାଇ, ୨୦୨୫ ହେବ।
ଘ. ଯେକୌଣସି ବ୍ୟକ୍ତି, ଯିଏ କମ୍ପାନୀର ଅଂଶଧନ ହାସଲ କରନ୍ତି ଏବଂ ୯ମ ଏଜିଏମ୍‌ର ନୋଟିସ୍ ପଠାଯିବା ପରେ ସଦସ୍ୟ ହୁଅନ୍ତି ଏବଂ କଟ-ଅଫ୍ ତାରିଖ ଅନୁଯାୟୀ ଅଂଶଧନ ଧାରଣ କରନ୍ତି, ସେ ଲଗଇନ୍ ଆଇଡି ଏବଂ ପାସୱାର୍ଡ ପାଇବା ପାଇଁ କମ୍ପାନୀ/ଆର୍‌ଟିଏ/ ଏନ୍‌ଏସ୍‌ଡିଏଲ୍‌କୁ ଯୋଗାଯୋଗ କରିପାରିବେ ଏବଂ ତାଙ୍କର ଭୋଟ୍ ଦେଇପାରିବେ।
ଙ. ସଦସ୍ୟମାନଙ୍କର ଭୋଟ୍ ଅଧିକାର ଶୁକ୍ରବାର, ୧୮ ଜୁଲାଇ, ୨୦୨୫ ସୁଦ୍ଧା କମ୍ପାନୀର ପେଡ୍-ଅପ୍ ଇକ୍ୱିଟି ସେୟାର ପୁଞ୍ଜିରେ ସେମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ଇକ୍ୱିଟି ସେୟାର ଅନୁପାତରେ ହେବ।
ଚ. ଭୋଟ୍ ଦେବାର ସୁବିଧା ଏଜିଏମ୍ ସମୟରେ ମଧ୍ୟ ଉପଲବ୍ଧ ହେବ, ଏବଂ ଭିସି/ଓଆର୍‌ଭିଏମ୍ ମାଧ୍ୟମରେ ଏଜିଏମ୍‌ରେ ଉପସ୍ଥିତ ସଦସ୍ୟମାନେ, ଯେଉଁମାନେ ରିମୋଟ୍ ଇ-ଭୋଟିଂ ମାଧ୍ୟମରେ ସଂକଳ୍ପ ଉପରେ ସେମାନଙ୍କର ଭୋଟ୍ ଦେଇନାହାଁନ୍ତି ଏବଂ ଅନ୍ୟଥା ଏପରି କରିବାରୁ ବାରଣ କରାଯାଇ ନାହିଁ, ସେମାନେ ଏଜିଏମ୍ ସମୟରେ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦେବାକୁ ଯୋଗ୍ୟ ହେବେ। ଏଜିଏମ୍ ପୂର୍ବରୁ ରିମୋଟ୍ ଇ-ଭୋଟିଂ ଦ୍ୱାରା ସେମାନଙ୍କର ଭୋଟ୍ ଦେଇଥିବା ସଦସ୍ୟମାନେ ମଧ୍ୟ ଏଜିଏମ୍‌ରେ ଯୋଗ ଦେଇପାରିବେ କିନ୍ତୁ ପୁନର୍ବାର ସେମାନଙ୍କର ଭୋଟ୍ ଦେବାର ଅଧିକାର ପାଇବେ ନାହିଁ।
ଛ. ସଦସ୍ୟଙ୍କ ଦ୍ୱାରା ଏକ ସଂକଳ୍ପ ଉପରେ ଭୋଟ୍ ଦିଆଯାଇ ସାରିବା ପରେ, ତାଙ୍କୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରିବାକୁ କିମ୍ବା ପୁଣି ଭୋଟ୍ ଦେବାକୁ ଅନୁମତି ଦିଆଯିବ ନାହିଁ।
ଜ. କେବଳ ସେହି ବ୍ୟକ୍ତିମାନେ ଯେଉଁମାନଙ୍କର ନାମ ସଦସ୍ୟଙ୍କ ପଞ୍ଜିକାରେ କିମ୍ବା କଟ-ଅଫ୍ ତାରିଖ ପର୍ଯ୍ୟନ୍ତ ଜମାକାରୀମାନଙ୍କ ଦ୍ୱାରା ପରିଚାଳିତ ଲାଭଦାୟକ ମାଲିକଙ୍କ ପଞ୍ଜିକାରେ ରେକର୍ଡ କରାଯାଇଛି, ସେମାନେ ଏଜିଏମ୍ ସମୟରେ ଦୂରବର୍ତ୍ତୀ ଇ-ଭୋଟିଂ କିମ୍ବା ଇ-ଭୋଟିଂ ସୁବିଧା ପାଇବାକୁ ହକଦାର ହେବେ।
ଝ. ଡିମାଟେରିଆଲାଇଜ୍ଡ ମୋଡ୍, ଫିଜିକାଲ୍ ମୋଡ୍ ରେ ସେୟାର ଧାରଣ କରିଥିବା ସଦସ୍ୟମାନଙ୍କ ପାଇଁ ଏବଂ ଯେଉଁମାନେ ସେମାନଙ୍କର ଇମେଲ୍ ଠିକଣା ପଞ୍ଜିକୃତ କରିନାହାଁନ୍ତି ସେମାନଙ୍କ ପାଇଁ ଦୂରବର୍ତ୍ତୀ ଭାବରେ ଭୋଟ୍ ଦେବାର ପଦ୍ଧତି ୯ମ ଏଜିଏମ୍‌ର ନୋଟିସରେ ପ୍ରଦାନ କରାଯାଇଛି। ବିବରଣୀ କମ୍ପାନୀର ୱେବସାଇଟ www.orientelectric.com ରେ ମଧ୍ୟ ଉପଲବ୍ଧ କରାଯିବ।
ଞ. ସଦସ୍ୟଙ୍କ ପଞ୍ଜିକା, ନିର୍ଦ୍ଦେଶକ ଏବଂ ପ୍ରମୁଖ ପରିଚାଳନାଗତ କର୍ମଚାରୀଙ୍କ ପଞ୍ଜିକା ଏବଂ ସେମାନଙ୍କର ଅଂଶଧନ / ଚୁକ୍ତିନାମାର ପଞ୍ଜିକା, ଇଏସ୍‌ଓପି ଯୋଜନା କାର୍ଯ୍ୟାନ୍ୱୟନ ସମ୍ପର୍କରେ ସଚିବ ଅଡିଟରଙ୍କ ଠାରୁ ପ୍ରମାଣପତ୍ର ଏଜିଏମ୍ ସମୟରେ ସଦସ୍ୟମାନଙ୍କ ଦ୍ୱାରା ଭିସି/ ଓଆର୍‌ଭିଏମ୍ ପ୍ଲାଟଫର୍ମରେ ଇଲେକ୍ଟ୍ରୋନିକ୍ ଭାବରେ ଯାଞ୍ଚ ପାଇଁ ଉପଲବ୍ଧ ହେବ, ଏବଂ ୯ମ ଏଜିଏମ୍ ଆହ୍ୱାନ ସହିତ ସୂଚନାରେ ଉଲ୍ଲେଖ କରାଯାଇଥିବା ଅନ୍ୟାନ୍ୟ ପ୍ରାସଙ୍ଗିକ ଡକ୍ୟୁମେଣ୍ଟଗୁଡ଼ିକ ବିଜ୍ଞପ୍ତି ପ୍ରସାରଣ ତାରିଖରୁ ଏହି ଏଜିଏମ୍ ତାରିଖ ପର୍ଯ୍ୟନ୍ତ କମ୍ପାନୀର ୱେବସାଇଟରେ ଇଲେକ୍ଟ୍ରୋନିକ୍ ଭାବରେ ଯାଞ୍ଚ ପାଇଁ ଉପଲବ୍ଧ ହେବ।
ଟ. ଯେଉଁ ସଦସ୍ୟମାନେ ସେମାନଙ୍କର ଇମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନେ ଡିମାଟେରିଆଲାଇଜ୍ଡ ମୋଡ୍‌ରେ ସେୟାର ଧାରଣ କରିଥିବା କ୍ଷେତ୍ରରେ, ସେମାନଙ୍କର ଇମେଲ୍ ଠିକଣାଗୁଡ଼ିକୁ ସମ୍ପୃକ୍ତ ଡିପୋଜିଟୋରୀ ଅଂଶଗ୍ରହଣକାରୀ (ମାନଙ୍କ) ସହିତ ପଞ୍ଜୀକୃତ/ଅପଡେଟ୍ କରିବାକୁ ଏବଂ ଭୌତିକ ମୋଡ୍‌ରେ ସେୟାର ଧାରଣ କରିଥିବା କ୍ଷେତ୍ରରେ, ସେମାନଙ୍କର ଇମେଲ୍ ଠିକଣାଗୁଡ଼ିକୁ ଆର୍‌ଟିଏ ସହିତ ପଞ୍ଜୀକୃତ/ଅପଡେଟ୍ କରିବାକୁ ଅନୁରୋଧ କରାଯାଉଛି ଯାହା ଦ୍ୱାରା ସେମାନେ ଏଜିଏମ୍‌ର ସୂଚନା, ବାର୍ଷିକ ରିପୋର୍ଟ ଏବଂ ଅନ୍ୟାନ୍ୟ ଯୋଗାଯୋଗ ଇଲେକ୍ଟ୍ରୋନିକ୍ କିମ୍ବା ବିକଳ୍ପ ଭାବରେ ପାଇବା ପାଇଁ ସେମାନଙ୍କର ପଞ୍ଜୀକୃତ ଇମେଲ୍ ଆଇଡିରୁ einword.ris@kfintech.com ଫର୍ମରେ ଆର୍‌ଟିଏକୁ ଆବଶ୍ୟକୀୟ ବିବରଣୀ ପ୍ରଦାନ କରି ଏବଂ ସେମାନଙ୍କର ସେୟାର ସାର୍ଟିଫିକେଟ୍, ଆଇଡି କାର୍ଡ ଏବଂ ଆଧାରର ସ୍ୱୟଂ-ପ୍ରମାଣିତ ସ୍କାନ କପି ସଂଲଗ୍ନ କରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୯ମ ଏଜିଏମ୍‌ର ନୋଟିସ ଏବଂ ବାର୍ଷିକ ରିପୋର୍ଟର କପି ପାଇପାରିବେ। ଦୂରବର୍ତ୍ତୀ ଇ-ଭୋଟିଂ ପାଇଁ ଏବଂ ଭିସି/ ଓଆର୍‌ଭିଏମ୍ ମାଧ୍ୟମରେ ଏଜିଏମ୍‌ରେ ଅଂଶଗ୍ରହଣ ପାଇଁ ନିର୍ଦ୍ଦେଶାବଳୀ। ଫର୍ମ ଆଇଏସ୍‌ଆର୍-୧ ଏବଂ ଏପରି ଅନ୍ୟାନ୍ୟ ଫର୍ମ କମ୍ପାନୀର ୱେବସାଇଟରେ ନିବେଶକ ବିଭାଗରେ ଉପଲବ୍ଧ। ଉପରୋକ୍ତ ବିବରଣୀ ସହିତ ସୂଚିତ ଡକ୍ୟୁମେଣ୍ଟଗୁଡ଼ିକ ଆର୍‌ଟିଆର୍‌କୁ କେଏଫ୍‌ଆଇଏନ୍ ଟେକ୍ନୋଲୋଜି ଲିମିଟେଡ୍- ୟୁନିଟ୍ ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡର ଆରଟିଏ ସେଲେନିୟମ ବିଲଡିଂ, ଟାୱାର ବି, ପ୍ଲଟ ନଂ ୩୧ ଏବଂ ୩୨, ଆର୍ଥିକ ଜିଲ୍ଲା, ନାନାକ୍ରମଗୁଡା, ସେରିଲିଙ୍ଗାମପାଲି, ହାଇଦ୍ରାବାଦ, ରଙ୍ଗାରେଡି-୫୦୦୦୩୨, ତେଲେଙ୍ଗାନା ଇଣ୍ଡିଆରେ ପଠାଇବାକୁ କୁହାଯାଇଛି।
ଠ. ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ନବମ ବାର୍ଷିକ ସାଧାରଣ ସଭାର ନୋଟିସରେ ଦିଆଯାଇଥିବା ରିମୋଟ୍ ଇ-ଭୋଟିଂ, ବାର୍ଷିକ ସାଧାରଣ ସଭା ସମୟରେ ଇ-ଭୋଟିଂ ଏବଂ ଭିସି/ ଓଆର୍‌ଭିଏମ୍ ମାଧ୍ୟମରେ ଏଜିଏମ୍‌ରେ ଯୋଗଦେବା ପାଇଁ ନିର୍ଦ୍ଦେଶାବଳୀ ପଢିବେ।
ଡ. ଦୂରବର୍ତ୍ତୀ ଇ-ଭୋଟିଂ କିମ୍ବା ଇ-ଭୋଟିଂ ସମ୍ବନ୍ଧୀୟ କୌଣସି ପ୍ରଶ୍ନର କ୍ଷେତ୍ରରେ ଭିସିଓଆର୍‌ଭିଏମ୍ ମାଧ୍ୟମରେ ଏଜିଏମ୍‌ରେ ଯୋଗଦେବା ପାଇଁ, ଦୟାକରି ସଦସ୍ୟମାନଙ୍କ ପାଇଁ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ (ଏଫ୍‌ଏକ୍ୟୁଏସ୍) ଏବଂ ଏନ୍‌ଏସ୍‌ଡିଏଲ୍ ୱେବସାଇଟ୍ https://evoting.nsdl.com ରେ ଉପଲବ୍ଧ 'ଡାଉନଲୋଡ୍' ବିଭାଗରେ ଏକ ଡ୍ରପ୍ ଡାଉନ୍ ମେନୁ ମାଧ୍ୟମରେ ଉପଲବ୍ଧ ଇ-ଭୋଟିଂ ବ୍ୟବହାରକାରୀ ମାନୁଆଲ୍ ଦେଖନ୍ତୁ। ଇ-ଭୋଟିଂ ସୁବିଧା ସହିତ ଜଡିତ ଯେକୌଣସି ଅଭିଯୋଗ ପାଇଁ, ଦୟାକରି ଶ୍ରୀମତୀ ପଲ୍ଲବୀ ମହାତ୍ରେ, ବରିଷ୍ଠ ପରିଚାଳିକା, ଏନ୍‌ଏସ୍‌ଡିଏଲ୍, ଚତୁର୍ଥ ମହଲା, 'ଏ' ୱିଙ୍ଗ, ଟ୍ରେଡ୍ ୱାର୍ଲ୍ଡ, କମଳା ମିଲ୍ସ କମ୍ପାଉଣ୍ଡ, ସେନାପତି ବାପଟ ମାର୍ଗ, ଲୋୟର ପାରେଲ, ମୁମ୍ବାଇ ୪୦୦ ୦୧୩, ଇ-ମେଲ୍: evoting@ndsl.com ସହିତ ଯୋଗାଯୋଗ କରନ୍ତୁ କିମ୍ବା ୦୨୨-୪୮୮୬୭୦୦୦ରେ କଲ୍ କରନ୍ତୁ।

ନିର୍ଦ୍ଦେଶକ ମଣ୍ଡଳୀଙ୍କ ଆଦେଶ ଅନୁଯାୟୀ
ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ
ସ୍ୱା/-
ଦୀକ୍ଷା ସିଂହ
କମ୍ପାନୀ ସେକ୍ରେଟାରୀ
ଏମ୍. ନଂ.ଏ୪୪୯୯୯

ସ୍ଥାନ : ନୂଆଦିଲ୍ଲୀ
ତାରିଖ : ୩ ଜୁଲାଇ, ୨୦୨୫

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନିଆଳି, (ଭାସ୍କର ନ୍ୟୁଜ୍): ବୃକ୍ଷ ହିଁ ଜୀବନ। ଆଗାମୀ ଭବିଷ୍ୟତଙ୍କର ସୁରକ୍ଷା ପାଇଁ ବୃକ୍ଷ ରୋପଣ ନିହାତି ଆବଶ୍ୟକ। ବ୍ୟସ୍ତବହୁଳ ଜୀବନରେ ଗଛଟିଏ ଲଗାଇବା ଆମର କର୍ତ୍ତବ୍ୟ। କିନ୍ତୁ ଗଛଟିଏ ଲଗାଇବା ପାଇଁ କେହି ବି ଧ୍ୟାନ ଦେଉନାହାନ୍ତି। ପିଲାଠୁ ବୟସ୍କ ସମସ୍ତେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବା ଉଚିତ। ପ୍ରତ୍ୟେକ ବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ବନ ମହୋତ୍ସବ ପାଳନ କରାଯାଏ। ପୂର୍ବତନ କେନ୍ଦ୍ର କୃଷିମନ୍ତ୍ରୀ କେ,ଏନ ମୁନସୀ ଏହାକୁ ଲଞ୍ଚ କରିଥିଲେ। ଏହାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ଅର୍ନ୍ତଗତ ନିଆଳି ବ୍ଲକର କୃଷ୍ଣ ପ୍ରସାଦ ଗ୍ରାମ ପଞ୍ଚାୟତ ପ୍ରାଚୀ ନଦୀ କୂଳରେ ମା ପାଇଁ ବୃକ୍ଷରୋପଣ କାର୍ଯ୍ୟ ହୋଇଥିଲା। ସନ୍ତୋଷ ମଲ୍ଲିକଙ୍କ ନେତୃତ୍ୱରେ ନରେଶ ସାହୁ, ଦିନ ବନ୍ଧୁ ବାରିକ ଏବଂ ଥାନା ଅଧିକାରୀ ଆଇଆଇସି ମମତା ଏଥିରେ ସହଯୋଗ କରିଥିଲେ। ମୌସୁମୀ ବର୍ଷା ଆମ ଭୂମିକୁ ଆଶୀର୍ବାଦ କରୁଥିବାରୁ ଏବଂ ଭବିଷ୍ୟତ ପିଢୀଙ୍କ ପାଇଁ ଆଶାର ବୃକ୍ଷ ରୋପଣ କରିବା ପାଇଁ ଏହାଠାରୁ ଭଲ ସମୟ ଆଉ କିଛି ନାହିଁ। ତେଣୁ ପ୍ରତ୍ୟେକ ମଣିଷ ଗଛଟିଏ ଲଗାଇବା।

# 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଦରବାର ହଲଠାରେ ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ଶିଶୁ ମାନଙ୍କ ବିକାଶ ଓ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ୪ଟି କମିଟି ଯଥା ଶିଶୁ ସୁରକ୍ଷା କମିଟି, କିଶୋର ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଓ ଚାଇଲଡ ହେଲ୍ପଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକରେ ଆଲୋଚନା କରାଯାଇଥିଲା। ପିତୃମାତୃ ହୀନ ଶିଶୁମାନଙ୍କୁ ସଠିକ ଭାବେ ଚିହ୍ନଟ କରାଯାଇ ସେମାନଙ୍କୁ କିପରି ସହାୟତା ପ୍ରଦାନ କରାଯାଇପାରିବ ସେସମ୍ପର୍କିତ ଆଲୋଚନା କରାଯାଇଥିଲା। କିଶୋରୀ ଗର୍ଭଧାରଣା ରୋକିବା, ଶିଶୁ ଶ୍ରମ ମୁକ୍ତ କରିବା ଏବଂ ପ୍ରତ୍ୟେକ ବିଭାଗରେ ଥିବା ଶିଶୁ ମାନଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ବିଭାଗ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସମନ୍ୱୟ ରଖି ଜିଲ୍ଲାରେ ସମସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ଲକ, ପଞ୍ଚାୟତ ଓ ଗ୍ରାମ ସ୍ତରରେ ସମସ୍ତେ ସହଯୋଗ କରିବେ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ବିଭୂତିଭୂଷଣ ଦାଶ, ସହକାରୀ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ବସନ୍ତ ପାତ୍ର, ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାଏକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଭାରତୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ, ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଶକ୍ତି ସଦନର କର୍ମକର୍ତ୍ତା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସରକାରଙ୍କ ଆଦେଶକୁ କଲେଜ ଅଧ୍ୟକ୍ଷଙ୍କ ବେଖାତିର

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସରକାରଙ୍କ ଆଦେଶକୁ ବି ବେଖାତିର କଲେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ ଯାହାକୁ ନେଇ ଏବେ କରଞ୍ଜିଆ ଅଞ୍ଚଳରେ ଚର୍ଚ୍ଚା। ଘଟଣା ଅନୁଯାୟୀ କରଞ୍ଜିଆ କଲେଜ ଅଧ୍ୟାପକ ମନୋଜ କୁମାର ସାହୁ ସିନିୟର ଦୃଷ୍ଟିରୁ ଅଧ୍ୟକ୍ଷ ହେବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ଜଣାଇଥିଲେ ଓ ଗତ ୨ ଜୁନ୍, ଚିଠି ନମ୍ବର ୨୮୨୮୭ ଅନୁଯାୟୀ ମନୋଜ କୁମାର ସାହୁଙ୍କୁ ଉପେନ୍ଦ୍ର ନାଥ ଡିଗ୍ରୀ କଲେଜ ନଳଗଜାକୁ ବଦଳି ପାଇଁ ଅର୍ଡ଼ର ବାହାରିଥିଲା ଏବଂ ୩୦ ଜୁନ୍ ସୁଦ୍ଧା ରିଲିଭ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଥିଲା। କିନ୍ତୁ ଜାଣିଶୁଣି କରଞ୍ଜିଆ କଲେଜ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ ତାଙ୍କୁ ରିଲିଭ କଲେନାହିଁ। ଅଥଚ ୨୬ ଜୁନ୍ ଆଉ ଗୋଟିଏ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କରଞ୍ଜିଆ କଲେଜର ୫ଜଣ ଅଧ୍ୟାପକଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଆସିବା କ୍ଷଣି ତୁରନ୍ତ ମାତ୍ର ତିନିଦିନ ମଧ୍ୟରେ ସେମାନଙ୍କୁ ରିଲିଭ କରିଦେଲେ। ଯାହାକୁ ନେଇ ଏବେ ଚର୍ଚ୍ଚା। କାରଣ ଯୋଉଠି ୨ ତାରିଖରୁ ଅର୍ଡରକୁ ଜାଣିଶୁଣି ଅଣଦେଖା ଓ ବେଖାତିର କଲେ ଅଧ୍ୟକ୍ଷ ସେଇଠି ଅନ୍ୟ ଅଧ୍ୟାପକଙ୍କ କ୍ଷେତ୍ରରେ ୩ଦିନ ମଧ୍ୟରେ ୫ଜଣଙ୍କୁ ବଦଳି କରିଦେଲେ। ଏ ବାବଦରେ କରଞ୍ଜିଆ କଲେଜ ଅଧ୍ୟକ୍ଷଙ୍କୁ ଆମ ସମ୍ବାଦିକ ପ୍ରଶ୍ନ ପଚାରିବାରୁ ଅଧ୍ୟକ୍ଷ ଉତ୍ତର ରଖିଥିଲେ କି, 'ଉପେନ୍ଦ୍ର ନାଥ ଡିଗ୍ରୀ କଲେଜ ନଳଗଜାରେ



ଆଉ ଜଣେ ଲେକ୍‌ଚର ଜଏନ କରିଥିବାରୁ ମୁଁ ରିଲିଭ କରିନାହିଁ ଓ ଆଉ ଗୋଟିଏ ଅର୍ଡ଼ର ୧ ଜୁଲାଇରେ ଆସିଛି। ମୁଁ ତାଙ୍କୁ ରିଲିଫ କରିଦେବି।' କିନ୍ତୁ ଚର୍ଚ୍ଚାର ବିଷୟଟି ହେଲା ୨୬ ଜୁନ୍ ଚିଠି ନମ୍ବର ୩୩୭୬୨ ଅନୁଯାୟୀ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୂର୍ବ ଚିଠିକୁ ମୋଡ଼ିଫେକଶନ କରାଯାଇ ମନୋଜ କୁମାର ସାହୁଙ୍କୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ସ୍ୱାମ ପାଟନା କେନ୍ଦୁଝରକୁ ଖାଲିଥିବା ସିଟରେ ଜଏନ କରିବା ପାଇଁ। ତେବେ ଏଠାରେ ପ୍ରଶ୍ନ ଉଠେ କି ଯଦି ମୋଡ଼ିଫିକଶନ ଚିଠି ଗତ ୨୬ତାରିଖରୁ ଆସିଲାଣି ତେବେ କରଞ୍ଜିଆ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ ୧ ଜୁଲାଇ ଚିଠି ଆସିଛି ବୋଲି ସମ୍ବାଦିକଙ୍କୁ କାହିଁକି ମିଛ କହୁଛନ୍ତି ଓ ଚିଠି ପାଇ ସାରିବା ପରେ ବି କାହିଁକି ମନୋଜ କୁମାର ସାହୁଙ୍କୁ ରିଲିଫ କରୁନାହାନ୍ତି। ସମ୍ବାଦିକଙ୍କ ପ୍ରଶ୍ନ ବାଣରେ ଘାଇଲା ହେଇ ଏବେ ସମ୍ବାଦିକଙ୍କ ଫୋନ ମଧ୍ୟ ଉଠଉନାହାଁନ୍ତି। ହଠାତ ଦେହ ଖରାପ ହେଇଥିବା ଦେଖେଇ ଛୁଟିରେ ଥିବା ନେଇ ଚର୍ଚ୍ଚା ହେଉଛି ଯାହାକି ସନ୍ଦେହ ସୃଷ୍ଟି କରିଛି। ଏପରି କି ମନୋଜ ସାହୁଙ୍କ ପାଇଁ ସରକାରଙ୍କ ଆଦେଶକୁ ମଧ୍ୟ ଦେଖାତିର କରୁଛନ୍ତି। ମନୋଜ ସାହୁଙ୍କ ପ୍ରତି ତାଙ୍କର ଏତେ ଅନୁକମ୍ପା କାହିଁକି ଯାହାକୁ ନେଇ ଏବେ କରଞ୍ଜିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଦୁଇଜଣ ସାର୍ କରଞ୍ଜିଆ କଲେଜରେ ନିଜେ କଣ୍ଟ୍ରାକ୍ଟର ସାଜି କଲେଜରେ ତାରବାଡ଼ ଦେବା, କିଛି ଉନ୍ନତିମୂଳକ କାର୍ଯ୍ୟ ନିଜେ କରିବା, କିଛିମାସ ପୂର୍ବରୁ ନାକ କମିଟି କରଞ୍ଜିଆ କଲେଜକୁ ଆସିବା ସମୟରେ ରାତି ଅଧିଆ ନିଜେ କଣ୍ଟ୍ରାକ୍ଟର ସାଜି ପାର୍କ ବନେଇବା, ରାସ୍ତାରେ ଫେବର ବ୍ଲକ ଟାଇଲସ ବସାଇବା, ଏପରିକି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ କରଞ୍ଜିଆ କଲେଜର ଛାତ୍ରଛାତ୍ରୀମାନଙ୍କ ଠାରୁ ଯୁକ୍ତଦୁଇ ସାର୍ଟିଫିକେଟ ଦେବା ସମୟରେ ଅନୈତିକ ଭାବେ ୧୦ଟଙ୍କାରୁ ୫୦ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଆଦାୟ କରିବା। ସବୁଠାରୁ ଆଲୋଚନାର ବିଷୟ ଯେ କରଞ୍ଜିଆ କଲେଜ ପରିସରରେ ଥିବା ଅଧ୍ୟକ୍ଷ ପାଇଁ କ୍ୱାଟରରେ ନିଜେ ନ ରହି ଅଧ୍ୟକ୍ଷଙ୍କ ତାଙ୍କ ଏକାନ୍ତ ଆନୁଗତ୍ୟ ସାଜିଥିବା ମନୋଜ କୁମାର ସାହୁ ରହିବା ପାଇଁ କ୍ୱାଟରରେ ଲକ୍ଷାଧିକ ଟଙ୍କା ବ୍ୟୟ କରିବା ଓ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କରଞ୍ଜିଆ କଲେଜ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ୪ଗୋଟି ହଷ୍ଟେଲର ମୁଖ୍ୟ ୱାର୍ଡେନର ଦାୟିତ୍ୱ ମଧ୍ୟ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ମନୋଜ କୁମାର ସାହୁଙ୍କୁ ଦେଇଥିଲେ। ଏପରି ଅନେକ ଏସବୁ ଲାଭଦାୟକ ପଦବି ପାଇବା ଯୋଗୁଁ କରଞ୍ଜିଆ କଲେଜ ମୋହ ଛାଡୁନାହିଁ ମନୋଜ ବାବୁଙ୍କ। ତେଣୁ ମନୋଜ କୁମାର ସାହୁଙ୍କୁ ତୁରନ୍ତ ରିଲିଭ ନକଲେ କରଞ୍ଜିଆ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି।

## ଗୌରଚନ୍ଦ୍ର ଛତ୍ରିଆଙ୍କ ପରଲୋକ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ବରିଷ୍ଠ ବିଜେଡି ନେତା ଗୌରଚନ୍ଦ୍ର ଛତ୍ରିଆଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥଲା। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆଜି ଅପରାହ୍ନରେ ଧର୍ମଗଡ ସରକାରୀ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଙ୍କେରୀ ଗ୍ରାମ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇ ଥିଲା। ଛାତ୍ର ଜୀବନରୁ ସେ ଜଣେ ଫୁଟବଲ୍ ଖେଳାଳି ଭାବେ ଜିଲ୍ଲାରେ ବେଶ୍ ପରିଚିତ ଥିଲେ। ସ୍ୱର୍ଗତ ଛତ୍ରିଆ ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦକ ଓ ତୃଣମୂଳ ସ୍ତରୀୟ ନେତା ଥିଲେ। ତାଙ୍କର ଏକ ମାତ୍ର ବିବାହିତ ଝିଅ ରହିଥିବା ବେଳେ ପୁତୁରା ଅଜୟ ଛତ୍ରିଆ ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ଧର୍ମଗଡର ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲା ସମ୍ପାଦକ ଭବାନୀ ମିଶ୍ର, ଜିଲ୍ଲା ଉପ ସଭାପତି ଥବିର ପ୍ରସାଦ ସାହୁ, ଆଇନଜୀବି କଲ୍ୟାଣୀ ନାଏକ, ରାଜେନ୍ଦ୍ର ମୁନି, ଅଜିତ କୁମାର ସାହୁ, ଧର୍ମଗଡ ଏନଏସିର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷା ହୀରା ବାଗ, ଆରଏମସି ଉପାଧ୍ୟକ୍ଷ ବିବେକ ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ପୁଷ୍ଟିସାର ଯୁକ୍ତ ଧାନ ବିହନ ବଣ୍ଟନ




ସାରସକଣା, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଦିନ ବନଭୂମି କୃଷକ ଉତ୍ପାଦକ ସଂଗଠନ, ଶ୍ୟାମାଖୁଣ୍ଟା ଓ ଉତ୍କଳ ବିପନ୍ନ ସହାୟତା ସମିତି ତଥା ଓଡ଼ିଶା ସରକାରଙ୍କ ସହାୟତା ରେ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ର, ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ପୁଷ୍ଟିସାର ଯୁକ୍ତ ଧାନ ବିହନ ବଣ୍ଟନ କରାଯାଇଛି। ଉକ୍ତ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଗତିକ୍ରିଶ୍ଣ ତିୱାର କୃଷକ ମାନଙ୍କୁ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ଖତ ପ୍ରୟୋଗ କରି ଉତ୍ତମ କିସମର ଶସ୍ୟ ଉତ୍ପାଦନ ହେବା ବିଷୟରେ ଆଲୋଚନା କରିଥିଲେ। ମୟୂରଭଞ୍ଜ ଜିଲ୍ଲାର ଚାରିଗୋଟି ବ୍ଲକ୍‌ରେ ଯଥା ଶ୍ୟାମାଖୁଣ୍ଟା, ସାରସକଣା, କୁଳିଅଣା ଓ ଶୁଳିଆପଦାରେ ବିହନ ବିତରଣ କରାଯାଇଛି। ଆଗକୁ ସମଗ୍ର ଜିଲ୍ଲାରେ କିପରି ଚାଷୀଭାଇମାନେ ବିହନ ପାଇପାରିବେ ତା'ର ଚେଷ୍ଟା ଜାରିରହିଛି। ସ୍ୱଦେଶୀ ଜ୍ଞାନକୌଶଳରେ ଚାଷ କରି ନିଜ ପରିବାରରେ ଉପଯୋଗ କରିବା ଉଦ୍ଦେଶ୍ୟରେ ସଚେତନ କରାଇଥିଲେ। ଆମକୁ ନିରୋଗ ଓ ସୁସ୍ଥ ରହିବାର ପନ୍ଥା କେନ୍ଦ୍ର ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ରେ ସଚେତନ କରାଯାଇଛି। ଯାହା ଆମ ପୂର୍ବ ପିଢ଼ି ସୁସ୍ଥ ଓନିରୋଗ ରହୁଥିଲେ, ସେହିପରି ଆମେ ମଧ୍ୟ ନିରୋଗ ରହିବା ପାଇଁ ଜୈବିକ ଖତ ପ୍ରୟୋଗ କରିବାର ମତ ରଖିଥିଲେ। ଏଥିରେ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ରର ଆଶିଷ ମହାପାତ୍ର, ବନଭୂମି କୃଷକ ସଂଗଠନର ନିର୍ଦ୍ଦେଶକ ଡ: ମାନଗୋବିନ୍ଦ ସେନାପତି, ଗୀତାଞ୍ଜଳି ସାହୁ, ବିଷ୍ଣୁ ଚରଣ ମହାନ୍ତ, ଲୋପିତା ମହାନ୍ତ, ଗଜେନ୍ଦ୍ର ମହାନ୍ତ, ସରୋଜ ମହାନ୍ତ, ଖିତିଶ ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ ଓ ଅଷ୍ଟମୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଘଟରେ ସାମିଲ ହେବେ ଏନଟିପିସି ଶ୍ରମିକ କର୍ମଚାରୀ

କଣିହାଁ, (ଭାସ୍କର ନ୍ୟୁଜ୍): ଏନଟିପିସି କଣିହାଁରେ କ୍ରିୟାଶୀଳ ଶ୍ରମିକ କର୍ମଚାରୀ ୟୁନିୟନମାନଙ୍କର ନେତୃମଣ୍ଡଳୀଙ୍କର ଏକ ମିଳିତ ବୈଠକ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। କେନ୍ଦ୍ର ବିଜେପି ସରକାରଙ୍କ ଜନ ବିରୋଧୀ ନୀତି ବିରୁଦ୍ଧରେ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏବଂ ଫେଡେରେସନ ଓ ଆସୋସିଏସନ ସମୂହଙ୍କ ମିଳିତ ଆହ୍ୱାନରେ ୯ ଜୁଲାଇ ସାଧାରଣ ଧର୍ମଘଟରେ ଏନଟିପିସି କଣିହାଁର ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକ ମାନେ ହେବା ପାଇଁ ନିଷ୍ପତ୍ତି ହୋଇଛି। ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ କରିବା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା ନିର୍ଦ୍ଧାରଣ କରିବା, ସର୍ବନିମ୍ନ ପେନସନ ମାସିକ ୧୦ ହଜାର ଟଙ୍କା କରିବା, ଇପିଏଫ୍, ବୋନସ, ଇ.ଏସ୍.ଆଇ.ସି, ଗ୍ରାଚ୍ୟୁଟି କ୍ଷେତ୍ରରେ ମଜୁରୀର ସର୍ବୋଚ୍ଚ ସୀମା (ସିଲିଂ) ଉଚ୍ଛେଦ କରିବା, ରାଷ୍ଟ୍ରାୟତ୍ତ ଓ ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ, ଖାଦ୍ୟଦ୍ରବ୍ୟ ଓ ଔଷଧ ସମେତ ସମସ୍ତ ଆତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ବନ୍ଦ କରିବା, ପାଚିକା,



ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ଆଦି ୧୭ ଦଫା ଦାବୀରେ ୯ ଜୁଲାଇରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ସଂଗଠିତ ହେବ। ଏହି ଧର୍ମଘଟକୁ ଏନଟିପିସି କଣିହାଁରେ ସଫଳ କରିବା ନିମନ୍ତେ ୭ ଜୁଲାଇ ଅପରାହ୍ନ ୫ଟା ସମୟରେ ଏନଟିପିସି କଣିହାଁର ମୁଖ୍ୟ ଫାଟକ ସମ୍ମୁଖ ବାଇପାସ ଛକ ଠାରେ ଶ୍ରମିକ କର୍ମଚାରୀଙ୍କ ସଭା ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତୀ ବୈଠକରେ ଆଇ.ଏନ୍.ଟି.ୟୁ.ସି ସହବନ୍ଧିତ ଏନଟିପିସି ଏମ୍ପ୍ଲୋଇଜ୍ ୟୁନିୟନର ଜଗବନ୍ଧୁ ପ୍ରଧାନ, ସୁଶୀଲ ବେହେରା, ଚକ୍ରଧର ସାହୁ, ଏନଟିପିସି ଶ୍ରମିକ ୟୁନିୟନର ସତ୍ୟାନନ୍ଦ ସାହୁ, ଏଚ୍.ଏମ୍. ଏସ୍ ସହବନ୍ଧିତ ଏନଟିପିସି ମଜଦୁର ସଭାର ଅରେନ୍ କୁମାର ପାଣି ଏବଂ ଏଆଇୟୁଟିୟୁସି ସହବନ୍ଧିତ ୟୁନାଇଟେଡ୍ ଏମ୍ପ୍ଲୋଇଜ୍ ୟୁନିୟନର ପ୍ରତାପ ଚନ୍ଦ୍ର ସାହୁ, ଦୁଃଖିଶ୍ୟାମ ମଲ୍ଲିକ ଓ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ପ୍ରହ୍ଲାଦ ଚନ୍ଦ୍ର ସାହୁ, ଟୁନା ନାଏକ ପ୍ରମୁଖ ଉପସ୍ଥିତ ହୋଇ ୯ ଜୁଲାଇ ସାଧାରଣ ଧର୍ମଘଟରେ ଏନଟିପିସିର ସ୍ଥାୟୀ କର୍ମଚାରୀ ଓ ଠିକା ଶ୍ରମିକମାନେ ସକ୍ରୀୟ ଭାବେ ସାମିଲ ହେବା ପାଇଁ ନିବେଦନ କରିଛନ୍ତି।

## ଚିଲିକା ଉପକୂଳରେ କାଉମଡକ

କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକର ଶେଷ ଗ୍ରାମପଞ୍ଚାୟତ ଚିଲିକା ଉପକୂଳରେ ଅବସ୍ଥାପିତ ଗୋପିନାଥପୁର, ବାଡଲ, କାଦୁଆ ଗ୍ରାମପଞ୍ଚାୟତର ସାନଓରା, ବଡଓରା, ଓଗାଳପୁର, ପାଇକମରା, ଗୋପିନାଥପୁର, କଳାପଦର ଗ୍ରାମରେ ଦୁଇଦିନ ହେଲା ୫୦ରୁ ଉର୍ଦ୍ଧ୍ୱ କାଉ ମରି ପଡିଥିବା ଦେଖିବାକୁ ମିଳିଛି। ଚିଲିକାରୁ ବିଦେଶୀ ପକ୍ଷୀ ଚାଲିଯିବା ଏବଂ କେତେକ ବିଦେଶୀ ପକ୍ଷୀ ଉକ୍ତ ଗ୍ରାମପଞ୍ଚାୟତରେ ରହିଯାଇଥିବାରୁ କାଉମାନଙ୍କୁ ବ୍ଲାଡ ଫ୍ଲୁ ହୋଇଥିବା ଗ୍ରାମବାସୀମାନେ କହିବା ସହିତ ଭୟଭିତ ଅବସ୍ଥାରେ ରହିଛନ୍ତି। ଖବର ପାଇ କଣାସ ପଶୁ ଚିକିତ୍ସା କେନ୍ଦ୍ରର ଅତିରିକ୍ତ ପଶୁଚିକିତ୍ସକ ଅନୁପମ ଜେନା ସାନଓରା ଗ୍ରାମକୁ ଯାଇ କୁଆମାନଙ୍କ ସାମ୍ପୁଲ୍ ଆଣିଥିବା ଜେନାଙ୍କ ଠାରୁ ପ୍ରକାଶ। ପରୀକ୍ଷା ହେଲେ କୁଆ ମରୁଥିବା କାରଣ ଜଣାପଡିବ।

### ବନ୍ୟା ପ୍ରଭାବିତ ଅଞ୍ଚଳକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଗସ୍ତ

## ବିଲଣାରେ ବନ୍ୟା ନିୟନ୍ତ୍ରଣକୁ ନେଇ ସମୀକ୍ଷା ବୈଠକ

ତିହିଡ଼ି, (ଭାସ୍କର ନ୍ୟୁଜ): ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଫଳରେ ଉପର ମୁଣ୍ଡର ବର୍ଷ ଜଳ ଗଡ଼ି ତଳମୁଣ୍ଡକୁ ପ୍ରଭାବିତ ହେଉଛି। ଯେଉଁଥିପାଇଁ ଭଦ୍ରକ ଜିଲା ତିହିଡ଼ି ବ୍ଲକର ବୋଡ଼କ, ବାରୋ, ବିଲଣା, ତଳଗୋପବିନ୍ଧା ଇତ୍ୟାଦି ପଞ୍ଚାୟତର ଧାନ ତଳି ପଡ଼ି ଥିବା ଜମି ବୁଡ଼ି ଯାଇଛି। ଅଧିକ ପାଣି ଆସିଲେ ଗ୍ରାମକୁ ମାଡ଼ିବାର ସମ୍ଭାବନା ରହିଛି। ଖବର ପାଇ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ ବିଲଣା ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବନ୍ୟା ଜଳ ପଞ୍ଚାୟତକୁ କିପରି ପ୍ରବେଶ ନକରିବ ସେନେଇ ଏକ ସମୀକ୍ଷା ବୈଠକ କରିଥିଲେ। ସାଳନ୍ଦୀ ଓ ନାଳିଆ ନଦୀରେ ବହୁ ସ୍ଥାନରେ ଆଡ଼ିବନ୍ଧ ଦୁର୍ବଳ, ସ୍ଲୁଇସ୍ ଗେଟ୍ ନଥିବା, ପୋଲ ନଥିବା କାରଣରୁ ବନ୍ୟା ଜଳ ସଠିକ ଭାବେ ନିଷ୍କାସନ ହୋଇନପାରି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବନ୍ୟାଜଳ ପ୍ରବେଶ କରୁଛି। ବନ୍ୟାକୁ ନିୟନ୍ତ୍ରଣ କରିବା ପାଇଁ କେଉଁ କେଉଁ ସ୍ଥାନରେ ସ୍ଲୁଇସ୍‌ଗେଟ୍, ପୋଲ ଓ ଆଡ଼ିବନ୍ଧ ନିର୍ମାଣ କରାଯିବ ସେନେଇ ବିଭାଗୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା ବୈଠକରେ ଆଲୋଚନା କରିଥିବା ବେଳେ କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ। ବନ୍ୟା ନିୟନ୍ତ୍ରଣ ପାଇଁ ବିଭିନ୍ନ ପଞ୍ଚାୟତରେ ୬ଟି ପୋଲ, ୨ଟି ସ୍ଲୁଇସ୍‌ଗେଟ ଓ ୪ଟି ସ୍ଥାନରେ ଆଡ଼ିବନ୍ଧ ନିର୍ମାଣ ହେବାକୁ ପ୍ରସ୍ତାବ ଦିଆଯାଇଛି ବୋଲି ବିଭାଗୀୟ



ଅଧିକାରୀମାନେ କହିଥିଲେ। ଏହି ସବୁ ପୋଲ ଓ ସ୍ଲୁଇସ୍ ଗେଟ ଓ ନାଳିଆ ନଦୀରେ ନିର୍ମାଣ ହେବ। ବାରୋ ପଞ୍ଚାୟତ ଅଧୀନ ନାଳିଆ ନଦୀରେ ବଳିଆରପୁର ଆରଆଇ କାର୍ଯ୍ୟାଳୟ ନିକଟ ଓ ପଞ୍ଚବଟୀ ଠାରେ ପୋଲ, ବିଲଣା ପଞ୍ଚାୟତ ଅଧୀନ ସାଳନ୍ଦୀ ନଦୀରେ ଗଳଗଣ୍ଡପୁର ଓ ବିଲଣା ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ପୋଲ, କୁବେରା ପଞ୍ଚାୟତ ଅଧୀନ ଗୋପାଳିଆ କେନାଲର ତୋଟାସାହି ଠାରେ ପୋଲ ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ବାଲିଘାଇ ରାସ୍ତାର କାଠମୁଣ୍ଡା ଠାରେ ଛେଳିଆ ନାଳରେ ପୋଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ସେହିପରି ବାରୋ ପଞ୍ଚାୟତର ନାଳିଆ ନଦୀରେ ବାରୋ ଠାରୁ ପଞ୍ଚବଟୀ ଯାଏ ଆଡ଼ିବନ୍ଧ, କୁଦମାହାରା ଠାରୁ ବାରୋ ଓ ବାରୋ ଠାରୁ କାଁପଡ଼ା ଯାଏ ସାଳନ୍ଦୀ ନଦୀର ଆଡ଼ିବନ୍ଧ ନିର୍ମାଣ, କୁଦମାହାରା ଠାରେ ସ୍ଲୁଇସ୍‌ଗେଟ୍, ଚବିଶପଡ଼ା ଠାରେ ନଈର ସୁରକ୍ଷା ପ୍ରାଚୀର, କପାଳୀ ନଦୀର ବାମ ପାର୍ଶ୍ୱରେ ପଞ୍ଚୁରିଖି ଠାରୁ କାଶିମ୍ପୁର ଯାଏ ମଧ୍ୟ ଆଡ଼ିବନ୍ଧ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ଗୁଡ଼ିକ କିପରି ତୁରନ୍ତ କାର୍ଯ୍ୟକାରୀ ହେବ ସେ ନେଇ ମନ୍ତ୍ରୀ ଶ୍ରୀ ସୂରଜ ସମୀକ୍ଷା ବୈଠକରେ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ତହସିଲଦାର ନମିତା ଧଳ, ବିଡ଼ିଓ ନିରଂଜନ ବାରିକ, ସାଳନ୍ଦୀ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ, ଆଖୁଆପଦା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ, ସାଳନ୍ଦୀ ଡିଭିଜନ ଏଡିଓ ରାଇକେନ ବେସ୍ରା, କନିଷ୍ଠ ଯନ୍ତ୍ରୀ ସତ୍ୟସୁନ୍ଦର ମଣ୍ଡଳ, ଡ୍ରେନେଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଏସଡିଓ ଜ୍ଞାନଦତ୍ତ ରାଉତ, କନିଷ୍ଠ ଯନ୍ତ୍ରୀ ଶଙ୍କର୍ଷଣ ମଣ୍ଡଳ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବରିଷ୍ଠ ବିଜେପି ନେତା ଅଜୟ କୁମାର ନାୟକ, ଦେବେନ୍ଦ୍ର ପୁହାଣ, ରଘୁନାଥ ପାତ୍ର, ପ୍ରମୋଦ ଦାସ, ଶରତ ଦାସ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ମଣ୍ଡଳ ସଭାପତି ସାଇଶରଣ ବେହେରା, ସରୋଜ ନାୟକ ଓ କେଶବ ବେହେରା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସଂଜୀବ ବେହେରା, କୁନ୍ତଳା ମଳିକ, ବିଲଣା ସରପଞ୍ଚ ପ୍ରତିନିଧି ବିଶ୍ୱରଂଜନ ନାୟକ, ସମିତିସଭ୍ୟ ପ୍ରତିନିଧି ସୂର୍ଯ୍ୟନାରାୟଣ ଭୋଇ, ଯୁବ ମୋର୍ଚ୍ଚା ସଭାପତି ଯଜ୍ଞଦତ୍ତ ପତି, ଶରତ ନାୟକ, ସଂଦୀପ ଦାସ, ଉମାକାନ୍ତ ଦାସ, ଉଷାକାନ୍ତ ନାୟକ, ରଘୁନାଥ ମଳିକ, ତାପସ ବେହେରା, କ୍ଷୀରସିନ୍ଧୁ ବାରିକ, ଜୟନ୍ତ ନାୟକ, ଶରତ ଚନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ୯ ପ୍ରତିଶତ ହିତାଧିକାରୀଙ୍କ ଇ-କେୱାଇସି ଦାଖଲ ହୋଇନି

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ନିମନ୍ତେ ରାଜ୍ୟ ସରକାର ଇ-କେୱାଇସି ଦାଖଲ ଲାଗି ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ସୁଦ୍ଧା ମାଲକାନଗିରି ଜିଲ୍ଲାରେ ୯ ପ୍ରତିଶତ ହିତାଧିକାରୀ ଇ-କେୱାଇସି ଦାଖଲ କରିନାହାନ୍ତି। ଜିଲ୍ଲାରେ ମୋଟ ୫,୨୧,୦୫୫ଜଣ ରାସନକାର୍ଡ ହିତାଧିକାରୀ ରହିଥିବା ବେଳେ ଜୁନ୍ ୩୦ ତାରିଖ ସୁଦ୍ଧା ୪,୭୪,୭୨୮ ଜଣ ହିତାଧିକାରୀ ଇ-କେୱାଇସି ଦାଖଲ କରିଛନ୍ତି। ସରକାରୀ ତଥ୍ୟ ଅନୁସାରେ ୪୬,୩୨୭ ଜଣ ହିତାଧିକାରୀ ଇ-କେୱାଇସି ଦାଖଲ କରିନାହାନ୍ତି। ସରକାର ଇ-କେୱାଇସି ଲାଗି ପୁଣି ୩ ମାସ ସମୟ ଦେଇଛନ୍ତି। ଏହାପରେ ରାସନ କାର୍ଡ ଲକ୍ ହୋଇଯିବ ବୋଲି ସୂଚନା ମିଳିଛି। ମାଲକାନଗିରି ବ୍ଲକର ୯୧,୦୩୧ ହିତାଧିକାରୀଙ୍କ ମଧ୍ୟରୁ ୮୧,୬୩୩ଜଣ ହିତାଧିକାରୀ ଇ-କେୱାଇସି ଦାଖଲ କରିଥିବା ବେଳେ ୯୩୯୮ଜଣ ଦାଖଲ କରିନାହାନ୍ତି। ସେହିପରି କାଳିମେଳା ବ୍ଲକର ୧,୨୬, ୪୫୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୨, ୩୩୧ଜଣ ଦାଖଲ କରିନାହାନ୍ତି। ଖଇରପୁଟ ବ୍ଲକର ୪୯୭୪୯ ଜଣ ହିତାଧିକାରୀଙ୍କ ମଧ୍ୟରୁ ୫୧୧୯ଜଣ, କୋରୁକୋଣ୍ଡା ବ୍ଲକର ୬୪,୯୦୦ ହିତାଧିକାରୀଙ୍କ ମଧ୍ୟରୁ ୬୧୧୯ଜଣ, ପଡିଆ ବ୍ଲକର ୩୭,୧୯୮ ହିତାଧିକାରୀଙ୍କ ମଧ୍ୟରୁ ୩୭୨୮ଜଣ ଦାଖଲ କରିନାହନ୍ତି। ମାଥିଲି ବ୍ଲକର ୭୯, ୦୪୬ଜଣ ହିତାଧିକାରୀଙ୍କ ମଧ୍ୟରୁ ୬୦୨୨ଜଣ ଦାଖଲ କରିନାହାନ୍ତି। ମାଲକାନଗିରି ପୌରାଞ୍ଚଳରେ ୧୬, ୪୪୪ଜଣ ହିତାଧିକାରୀଙ୍କ ମଧ୍ୟରୁ ୬୭୬ଜଣ ଏବଂ ବାଲିମେଳା ଏନ୍ଏସିର ୬୬୬୨ଜଣ ହିତାଧିକାରୀଙ୍କ ମଧ୍ୟରୁ ୪୭୧ଜଣ ଦାଖଲ କରିନାହାନ୍ତି। ତେବେ ଜିଲ୍ଲାରେ ଶିଶୁ ଓ ବୃଦ୍ଧବୃଦ୍ଧାଙ୍କ ଟିପଚିହ୍ନ ନେବାରେ ସମସ୍ୟା ହେଉଥିବାରୁ ଇ-କେୱାଇସି ଦାଖଲ କରିପାରୁ ନଥିବା ଜଣାପଡ଼ିଛି। ସେହିପରି ଦୁର୍ଗମ ଅଞ୍ଚଳରେ ନେଟୱର୍କ କେୱାଇସି ଦାଖଲରେ ପ୍ରତିବନ୍ଧକ ସାଜିଛି। ବିଶେଷ କରି ଜିଲ୍ଲାର ବଣ୍ଡାଘାଟି ଓ ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ନେଟୱର୍କ ସୁବିଧା ନଥିବାରୁ ହିତାଧିକାରୀ କେୱାଇସି କରିପାରୁନାହାନ୍ତି। ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କୁହାଯାଇଛି।

## ଆଶାକର୍ମୀଙ୍କ ହୃଦ୍‌ଘାତରେ ମୃତ୍ୟୁ

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ମୁଦୁଲିପଡ଼ା ପଞ୍ଚାୟତ ଅନ୍ତର୍ଗତ କିର୍ସାନିପଡା ଗ୍ରାମର ଜଣେ ଆଶାକର୍ମୀଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ତିନି ଦିନିଆ ଆଶାକର୍ମୀ ମାନଙ୍କ ପ୍ରଶିକ୍ଷଣ ଶିବିର ଖଇରପୁଟ କଲ୍ୟାଣ ମଣ୍ଡପ ଠାରେ ଚାଲିଥିବା ବେଳେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ଆଶାକର୍ମୀମାନେ ଯୋଗ ଦେଇଥିଲେ। ବୁଧବାର ଅପରାହ୍ନରେ ଏହି ପ୍ରଶିକ୍ଷଣ ଶିବିର ଚାଲିଥିବା ବେଳେ ଆଶାକର୍ମୀ ମଙ୍ଗୁଳି କିର୍ସାନି ସେଠାରେ ହଠାତ ଅଚେତ ହୋଇ ପଡିଯାଇଥିଲେ। ତୁରନ୍ତ ତାଙ୍କୁ ଅନ୍ୟ ଆଶା ସ୍ୱାସ୍ଥ୍ୟ କର୍ମଚାରି ମାନେ ଖଇରପୁଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ କିନ୍ତୁ ଡାକ୍ତର ସେଠାରେ ତାଙ୍କର ହୃଦଘାତ ଯୋଗୁଁ ମୃତ୍ୟୁ ହୋଇଯାଇଥିବା ଜଣାଇଥିଲେ।

## ନାଏବ ସରପଞ୍ଚ ସମେତ ୱାର୍ଡ ସଭ୍ୟସଭ୍ୟା ଧରିଲେ ପଦ୍ମ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀୟା ବରାଳ ଓ ଯୁବ ନେତା ପ୍ରଦେଶ ବରାଳଙ୍କ ନେତୃତ୍ୱରେ ବିଜେପିରେ ସାମିଲ ହୋଇଛନ୍ତି ଆଳସାହି ପଂଚାୟତ ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟା। ଅତିଥି ଭାବେ ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଓ ଅସ୍ତରଙ୍ଗ ମଣ୍ଡଳ ୧ସଭାପତି ଇନ୍ଦ୍ରମଣି ଜେନା ଙ୍କ ଉପସ୍ଥିତ ରେ ଆଳସାହି ପଞ୍ଚାୟତ ନାଏବ ସରପଞ୍ଚ ସର୍ବେଶ୍ୱର ମଲ୍ଲିକ, ୱାର୍ଡସଭ୍ୟା -୧ ଅଭିଲା ବେହେରା, ୱାର୍ଡସଭ୍ୟା-୨ କବିତା ବେହେରା, ୱାର୍ଡସଭ୍ୟ-୩ ସମୀର ବେହେରା, ୱାର୍ଡସଭ୍ୟା-୫ ଲକ୍ଷ୍ମୀପ୍ରିୟା ରାଉତ, ୱାର୍ଡସଭ୍ୟ-୧୨ ମାନସ ବେହେରା ଓ ୱାର୍ଡସଭ୍ୟା-୧୪ ଆରତୀ ସେଠୀ ବିଜେଡି ଦଳ ପରିତ୍ୟାଗ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶ ଓ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ଆସ୍ଥା ପ୍ରକଟ କରି ଭାରତୀୟ ଜନତା ପାର୍ଟିର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଉକ୍ତ ମିଶ୍ରଣ ପର୍ବ ରେ ଅତିଥି ମାନେ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ପକାଇ ସ୍ୱାଗତ କରିଥିଲେ। ଫଳରେ ବିଜେପି ଆମ ଅଞ୍ଚଳରେ ଶକ୍ତିଶାଳୀ ହେବା ସହିତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତିର ସ୍ରୋତକୁ ବଳ ଦେବ ବୋଲି କହିଥିଲେ। ଦଳରେ ନୂଆ କରି ଦଳରେ ଯୋଗ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେବାସହିତ ଅସ୍ତରଙ୍ଗ ବିକାଶର ବ୍ରତୀ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ସିକ୍କିମ ଭୂସ୍ଖଳନ ଉଦ୍ଧାର କାର୍ଯ୍ୟରେ ଓଡ଼ିଶା ଷ୍ଟାର୍ଟଅପ୍‌ର ପ୍ରମୁଖ ଯୋଗଦାନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ନିକଟରେ ସିକ୍କିମର ଲାଚେନ ଠାରେ ଘଟିଥିବା ଭୂସ୍ଖଳନରେ ଲୋକଙ୍କୁ ଉଦ୍ଧାର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଓଡିଶାର ଏକ ଡିପ ଟେକ ଷ୍ଟାର୍ଟଅପ, ବନ୍‌ଭି ଏରୋ। ଯେଉଁଠାରେ ଏହାର ଅତ୍ୟାଧୁନିକ ଡ୍ରୋନ ଟେକ୍ନୋଲୋଜି ଜୀବନ ରକ୍ଷାକାରୀ ପ୍ରମାଣିତ ହୋଇଥିଲା। ଭୂସ୍ଖଳନର ୨୪ ଘଂଟା ମଧ୍ୟରେ ଭାରତୀୟ ସେନା ପକ୍ଷରୁ ଏହି ଷ୍ଟାର୍ଟଅପର ଡ୍ରୋନଗୁଡିକୁ ଉଦ୍ଧାର କାର୍ଯ୍ୟରେ ସାମିଲ କରାଯାଇଥିଲା ଯେବେକି ଏଭଳି ଜଟିଳ ସ୍ଥିତିରେ ଦ୍ରୁତ ପହଂଚ ସହିତ ବନଭି ଏରୋ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ଭାରତୀୟ ସେନାକୁ ସହଯୋଗ କରିଥିଲା। ବନ୍‌ଭି ଏରୋର ଗ୍ରାଉଣ୍ଡ ପେନିଟ୍ରେଟିଙ୍ଗ ରାଡାର (ଜିପିଆର) ଡ୍ରୋନ ଭଗ୍ନାବଶେଷ ଉପରେ ଉଡିଥିଲା ଏବଂ ଅସ୍ଥିର ଭୂଭାଗକୁ ପ୍ରଭାବିତ ନକରି ମାଟି ତଳେ ଦବି ରହିଥିବା ଲୋକମାନଙ୍କୁ ଚିହ୍ନଟ କରିବା ପାଇଁ ଆଧୁନିକ ସେନ୍ସରଗୁଡିକର ବ୍ୟବହାର କରିଥିଲା। ଏହା ୦.୭୬ମିଟର ଓ ୦.୦୧୫ ମିଟର ଗଭୀରତାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରିଥିଲା ଯେଉଁଠାରେ ଖନନ ପରେ ମାନବ ଅବଶେଷ ମିଳିଥିଲା। ଜଳବାୟୁ, ତୁଷାରପାତ, ଜଳବନ୍ଦୀ, ଭଗ୍ନାବଶେଷ ଓ ଅସ୍ଥିର ରାସ୍ତା ଯୋଗୁଁ ଏଭଳି ସ୍ଥିତିରେ ପାରମ୍ପରିକ ଉଦ୍ଧାର ପଦ୍ଧତି ପ୍ରାୟତଃ ବିଫଳ ହେଉଥିବା ବେଳେ ଜିପିଆର ଡ୍ରୋନ ସୁରକ୍ଷିତ ଭାବେ ବିପଦପୂର୍ଣ୍ଣ ସ୍ଥାନଗୁଡିକୁ ସ୍କାନ କରିପାରିଥାଏ, ରିଅଲ ଟାଇମ ସବ୍‌ସରଫେସ ଡାଟାକୁ ମ୍ୟାପିଂ କରିଥାଏ। ଯାହା ଗ୍ରାଉଣ୍ଡ ଟିମଗୁଡିକୁ ଉଦ୍ଧାର କାର୍ଯ୍ୟ ପରିଚାଳନା କରିବାରେ ସାହାଯ୍ୟ କରିଥାଏ। ଏହି ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ବନ୍‌ଭି ଏରୋର ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି, "ଭାରତୀୟ ସେନା ଦ୍ୱାରା ଆମର ଜିପିଆର୍ ଡ୍ରୋନ ସିଷ୍ଟମକୁ ବ୍ୟବହାର କରାଯିବା, ସ୍ୱଦେଶୀ ସମାଧାନଗୁଡିକ କ୍ଷେତ୍ରରେ ବଢୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳନ କରୁଛି। ଆମେ ଜାତୀୟ ମଞ୍ଚରେ ଓଡିଶାର ପ୍ରତିନିଧିତ୍ୱ କରି ଗର୍ବିତ ଏବଂ ଆମେ ପ୍ରମାଣିତ କରିଛୁ ଯେ, ଆମର ଉଦ୍ଭାବନ ବାସ୍ତବ ସମୟରେ ଜୀବନ ରକ୍ଷାକାରୀ ଅଟେ।"



ସେହିପରି କମ୍ପାନୀର ଚିଫ୍ ଟେକ୍ନୋଲୋଜି ଅଫିସର ଅବିନାଶ ସାହୁ କହିଛନ୍ତି, "ଟେକ୍ନୋଲୋଜି ସହିତ ଭାରତ ଏବେ ଅଧିକ ସ୍ମାର୍ଟ, ଦ୍ରୁତ ଓ ସୁରକ୍ଷିତ ପଦ୍ଧତି ସହିତ ଭୂସ୍ଖଳନ ଉଦ୍ଧାର କାର୍ଯ୍ୟ ଓ ବିପର୍ଯ୍ୟୟ ପରିଚାଳନାରେ ସହଯୋଗ କରିପାରିବ।" ବନ୍‌ଭି ଏରୋ ଡ୍ରୋନର ଗତିଶୀଳତା, ମଜବୁତ ନିର୍ମାଣ ଓ ଦ୍ରୁତ ନିୟୋଜନ କ୍ଷମତା ଏହାକୁ ଦୁର୍ଗମ ହିମାଳୟ ଭୂଭାଗ ପାଇଁ ଉପଯୁକ୍ତ କରୁଛି ଯେଉଁଠାରେ ପାରମ୍ପରିକ ଉପକରଣ ପ୍ରାୟତଃ ବିଫଳ ହୋଇଥାଏ। ଲାଚେନ ମିଶନ ଓଡିଶାର ଷ୍ଟାର୍ଟଅପ ଇକୋସିଷ୍ଟମ ପାଇଁ ଏକ ପରିବର୍ତ୍ତନକୁ ଚିହ୍ନିତ କରୁଛି, ଯାହା ପ୍ରମାଣିତ କରିଛି ଯେ, ସ୍ଥାନୀୟ ରୂପେ ବିକଶିତ, ବିଶ୍ୱବ୍ୟାପୀ ପ୍ରାସଙ୍ଗିକ ଟେକ୍ନୋଲୋଜିଗୁଡିକୁ ଜାତୀୟ ସଙ୍କଟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଉଲ୍ଲେଖଯୋଗ୍ୟ ଯେ, ବନ୍‌ଭି ଏରୋର ଡ୍ରୋନର ପୋର୍ଟେବିଲିଟି ଓ ଦ୍ରୁତ ସ୍ଥାନାନ୍ତରଣ କ୍ଷମତା ଭାରତୀୟ ସେନାକୁ ଉପକରଣଗୁଡିକୁ ସୁଗମତାର ସହ ଲାଚେନକୁ ଏୟାରଲିଫ୍ଟ କରିବା ପାଇଁ ସକ୍ଷମ କରିଥିଲା, ଯାହା ଭବିଷ୍ୟତର ମିଶନଗୁଡିକରେ ଡ୍ରୋନ-ପରିଚାଳିତ ଉଦ୍ଧାର କାର୍ଯ୍ୟର ବ୍ୟବହାରିକତାକୁ ପ୍ରଦର୍ଶିତ କରୁଛି।



କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକରେ କିଛି ଦିନ ତଳେ ଦୟାନଦୀ ଜଳ ଦୂଷିତ ଯୋଗୁଁ ଯାମଳଗୋଦା, ଗଡିଶାଗୋଦା, ଗୋପିନାଥପୁର ଗ୍ରାମପଞ୍ଚାୟତର ନୂଆଗାଁ, ନଈକୂଳପାଟଣା, ଯାଗୁଳେଇପଦର, କଳାପଦର, ଗୋପିନାଥପୁର, ଗଡିଶାଗୋଦା, ଯାମଳଗୋଦା ଗ୍ରାମରେ ଝାଡାବାନ୍ତିଲାଗି ୬ଜଣଙ୍କର ମୃତ ହୋଇଥିଲା। ଯାହାଫଳରେ କି ବ୍ଲକ ଜିଲ୍ଲା ଓ ରାଜ୍ୟ ପ୍ରଶାସନର ନିଦ ହଜିଯାଇଥିଲା। ଦୁଇଦିନ ହେଲା ହରଷପଡା, ସିରେଇ, ନୂଆଦୋକନ୍ଦା, ଦୁପୁର, ଚୁପୁରିଙ୍ଗି, ବୈଦ୍ୟନାଥପାଟଣା, ଗୋପାଳପୁର, ସାନବିନ୍ଧଣ, ବାଲିପାଟଣା ଗ୍ରାମରେ ଝାଡାବାନ୍ତିରେ ୧୮ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସନ୍ଧ୍ୟାରାଣୀ ପରିଡା ୨୭ବର୍ଷ, ବିଦ୍ୟୁଲତା ପରିଡା ୭୦ବର୍ଷ, ରଂଜନ ନାୟକ ୨୬ବର୍ଷ, ରଂଗବତୀ ବେହେରା ୪୨ବର୍ଷ, ଝୁନାମଣି ଜେନା, ବାସନ୍ତୀ ମହାପାତ୍ର ୫୫ବର୍ଷ, ଶୁଭମ୍ ପଟ୍ଟନାୟକ ୧୧ବର୍ଷ, ମଙ୍ଗୁଳି ବେହେରା ୮୫ବର୍ଷ, ରସ୍ମିତା ନାୟକ ୩୨ବର୍ଷ, ସତ୍ୟଜିତ୍ ବେହେରା ବାଲିପାଟଣା ୫ବର୍ଷ ଗୁରୁବାର ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ରୋଗୀମାନେ ଚିକିତ୍ସା ହୋଇ ଘରକୁ ଫେରିଯାଇଛନ୍ତି। ମୁଖତଃ ପାନୀୟଜଳ ସମସ୍ୟାକୁ ନେଇ ଝାଡାବାନ୍ତି ବ୍ୟାପୁଥିବା ଡାକ୍ତରଙ୍କ ଠାରୁ ପ୍ରକାଶ।

# ଦେଶବ୍ୟାପୀ ସାଧାରଣ ଧର୍ମଘଟ

ବାରିପଦା, (ଭାସ୍କର ନ୍ୟୁଜ୍): ଭାରତର ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ମାନଂକ ପକ୍ଷରୁ ଆସନ୍ତା ୯ ତାରିଖ ବୁଧବାର ଦିନ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦିଆଯାଇଛି। କେନ୍ଦ୍ର ସରକାରର ଖାମଖିଆଲି ଓ ବେପରୁଆ ମନୋଭାବ ଦେଶର ସମସ୍ତ ଶ୍ରମିକ, କୃଷକ, କର୍ମଚାରୀ ଓ ସାଧାରଣ ମଣିଷକୁ ଧର୍ମଘଟକୁ ଟାଣି ନେଉଛି। ଦରଦାମ ବୃଦ୍ଧିର ନିୟନ୍ତ୍ରଣ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ। ପୁଞ୍ଜିପତି ତୋଷଣ ନୀତି ଆପଣାଇବା ଦ୍ୱାରା ଶ୍ରମଜୀବୀ ଜନଗଣ ଘୋର ସଂକଟରେ। ସାଧାରଣ ମଣିଷ ସୁରକ୍ଷିତ ନୁହେଁ। ଦରଦାମ ବୃଦ୍ଧି ନିୟନ୍ତ୍ରଣ, ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍ ବାତିଲ, ଚାଷୀର ଏମ୍ଏସ୍ପିକୁ ଆଇନ୍ ମାନ୍ୟତା, ଇପିଏଫ ପେନସନ ମାସିକ ୯ ହଜାର ଟଙ୍କା ପ୍ରଦାନ, ସ୍କିମ ୱାର୍କରମାନଙ୍କୁ




ଶ୍ରମିକର ମାନ୍ୟତା ସହ ମାସିକ ୨୬ ହଜାର ଟଙ୍କା ପ୍ରଦାନ, ପୁରୁଣା ପେନସନ ଯୋଜନା ଚାଲୁ କରିବା ଇତ୍ୟାଦି ୧୭ ଦଫା ଦାବି ନେଇ ଆଗାମୀ ୯ ଜୁଲାଇ ଦେଶବ୍ୟାପୀ ସାଧାରଣ ଧର୍ମଘଟର ସଫଳତା ପାଇଁ ଆଜି ବାରିପଦା ହାଟରେ ପ୍ରଚାର ପ୍ରସାର ଅଭିଯାନ କରାଯାଇଛି। ଏଥିରେ ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ନିର୍ମାଣ ଶ୍ରମିକ ନେତା କାହ୍ନୁଚରଣ ବେହେରା, ପ୍ରତାପ ଚନ୍ଦ୍ର ପାତ୍ର, ମହେଶ୍ୱର ବେହେରା, ସର୍ବେଶ୍ୱର ମହାନ୍ତ, ସୁଶିଲ ନାଏକ, ସେକ ସଲାଉଦିନ ପ୍ରମୁଖ ସାମିଲ ଥିଲେ।

# ରୋଟାରୀ କ୍ଲବ ଓ ଇନର୍ ହ୍ୱିଲ କ୍ଲବର ନୂତନ ସଭାପତି ଓ ସମ୍ପାଦକ ଚୟନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ ଓ ଇନର୍ ହ୍ୱିଲ କ୍ଲବ କେନ୍ଦୁଝର ଶାଖା ପକ୍ଷରୁ କେନ୍ଦୁଝର ଟାଉନ ହଲ ଠାରେ ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରି ସଭାପତି ରୋଟାରିଆନ୍ ହରିହର ମହାନ୍ତ ଓ ସମ୍ପାଦକ ବିଜୟ କୁମାର ବେହେରା ଏବଂ ଇନର୍ ହ୍ୱିଲ ସଭାପତି ଭାବେ ସୋନାଲୀ ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ଏବର୍ଷ ପାଇଁ ସର୍ବାଣୀ ମହାପାତ୍ର କ୍ରମାଗତ ଭାବରେ ସମ୍ପାଦିକା ଦାୟିତ୍ୱ ରେ ରହିବା ପାଇଁ ସର୍ବସମ୍ମତିକ୍ରମେ ସ୍ଥୀରିକୃତ ହୋଇଛି। ରୋଟାରୀ କ୍ଲବର ପୂର୍ବତନ ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଓ ସମ୍ପାଦକ ଦୀପକ ନାୟକ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଭାପତି ଓ ସମ୍ପାଦକଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି ରୋଟାରୀ ବର୍ଷ ଏକ ଐତିହାସିକ ବର୍ଷ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଡି.ଜି.ଇ ରୋଟାରିଆନ୍ ଅନିଲ୍ କୁମାର ସାମଲ, ଆମନ୍ତ୍ରିତ ଅତିଥି ଭାବେ ଜୋନାଲ ଚେୟାର ରୋଟାରୀଆନ୍ ସୁଦିପ୍ତ ମିଶ୍ର ଓ ସମ୍ମାନନୀତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ଧନରାଜ ଯୋଗ ଦେଇଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନ ଗୁରୁ ଦାୟୀତ୍ୱ ନେଇଥିଲେ ନତାସା ସାହୁ ଓ ପ୍ରିୟଦର୍ଶିନୀ ପଟ୍ଟନାୟକ। ନୂତନ ସଭାପତି ରୋଟାରିଆନ୍ ହରିହର ମହାନ୍ତଙ୍କ ନେତୃତ୍ୱରେ ଦୁଇଜଣ ସମାଜ ସେବୀ ଆଜି ବିଦ୍ଧିବଦ୍ଧ ଭାବେ ରୋଟାରୀ କ୍ଲବ କେନ୍ଦୁଝର ଶାଖା ସହିତ ଅନୁବନ୍ଧିତ ହୋଇଛନ୍ତି ସେମାନେ ହେଲେ ମାନସ ରଞ୍ଜନ ପଣ୍ଡା ଓ ଡ. ଗଣେଶ୍ୱର ମହାନ୍ତ। ଏହି ଅବସରରେ ରୋଟାରୀ କ୍ଲବ କେନ୍ଦୁଝର ଶାଖାର ୨୦୨୫-୨୬ ବର୍ଷ ପାଇଁ ସମାଜସେବା ପାଇଁ ଏକ ସମୟ ସାରଣୀ ପାଠ କରାଯାଇଛି ଏବଂ ଡ୍ରିମ୍ ପ୍ରୋଜେକ୍ଟ ଭାବେ କେନ୍ଦୁଝର ବନଖଣ୍ଡ ଓ ରୋଟାରୀ କ୍ଲବ କେନ୍ଦୁଝରର ମିଳିତ ସହଯୋଗରେ ଏକ ସୁନ୍ଦର ସ୍ମୃତିବନ ସୃଷ୍ଟି କରାଯିବ ବୋଲି ସୂଚନା ଦେଇଥିଲେ ନୂତନ ସମ୍ପାଦକ ରୋଟାରୀଆନ୍ ବିଜୟ କୁମାର ବେହେରା। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରୋଟାରୀ କ୍ଲବ ତାଙ୍କର ସ୍ମରଣିକା ଗୋନାସିକା ଉନ୍ମୋଚିତ କରିଛନ୍ତି ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ରୋଟାରୀଆନ୍ ସୁରେଶ ଚନ୍ଦ୍ର ଖଟୋଇ ଏବଂ ସହଯୋଗ କରିଥିଲେ ଇଂ.ଦେବବ୍ରତ ସ୍ୱାଇଁ। ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରୋଟାରୀଆନ୍ ନିରୂପମା ସ୍ୱାଇଁ। ଏହି କାର୍ଯ୍ୟକ୍ରମରେ ସମସ୍ତ ରୋଟାରୀଆନ୍ ଓ ଇନର୍ ହ୍ୱିଲ କ୍ଲବର ସଦସ୍ୟା ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ଆଳି, (ଭାସ୍କର ନ୍ୟୁଜ୍): ଗୁରୁବାର ସକାଳ ସମୟରେ ଡ଼ିମିରିପାଳ ଗ୍ରାମ ଛକ ନିକଟରେ ଏକ ବୃଦ୍ଧଙ୍କୁ ଅଜଣା ଗାଡି ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟିବାରୁ ବୃଦ୍ଧ ଜଣଙ୍କ ତଳେ ପଡ଼ିଯାଇ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଡ଼ିମିରିପାଳ ନିବାସୀ ନବକିଶୋର ବେହେରା (୬୫) ସକାଳ ସମୟରେ ଗ୍ରାମ ରାସ୍ତାରେ ଛକକୁ କିଛି କାର୍ଯ୍ୟ ପାଇଁ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ ଏକ ଅଜଣା ଗାଡି ବୃଦ୍ଧ ଜଣଙ୍କୁ ଧକ୍କା ଦେଇ ଚାଲିଯିବା ଫଳରେ ସେ ତଳେ ପଡିଯାଇ ଥିଲେ। ପ୍ରଥମେ ତାଙ୍କୁ ସ୍ଥାନୀୟ ଲୋକେ ଏକ ଅଟୋ ଯୋଗେ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସେଠି ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରାଇବା ପରେ ନବକିଶୋରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ସ୍ୱାସ୍ଥ୍ୟସ୍ଥିତି ସଂକଟାପର୍ଣ୍ଣ ଥିବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିଲେ।

# ମାଲେରିଆ ଓ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ଟାସ୍କ ଫୋର୍ସ କମିଟି ବୈଠକ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହରେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ମ୍ୟାଲେରିଆ ଓ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ବ୍ଲକ, ଗ୍ରାମ ଓ ପୌରାଞ୍ଚଳରେ ମ୍ୟାଲେରିଆ ଓ ଡାଇରିଆ ପାଇଁ ବ୍ୟାପକ ଜନ ସଚେତନତା କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରାର୍ଥନା ପୂର୍ବରୁ ଜଳ ବାହିତ ରୋଗ ଓ ଭେକ୍ଟର ବାହିତ ରୋଗ ବିଷୟରେ ଆଲୋଚନା କରାଯିବ। ପ୍ରତି ଆଦିବାସୀ ଆବାସିକ ବିଦ୍ୟାଳୟରେ ଜୁଲାଇ ମାସରେ ମେଲେରିଆ ପାଇଁ ରକ୍ତ ପରୀକ୍ଷା କରାଯିବ ବୋଲି ସୂଚନା ଦେଇଥିଲେ। ଏତଦ୍ ବ୍ୟତୀତ ଆଶା ଓ ଅଙ୍ଗନବାଡି ଘରକୁ ଘର ବୁଲି ଓଆରଏସ ଏବଂ ଜିଙ୍କ ବଣ୍ଟନ କରିବେ ଓଡାଇରିଆ ଅଭିଯାନ ୧୬ଜୁନରୁ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସେ କହିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଶତ୍ରୁଘ୍ନ ଦାସ, ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା ସରୋଜ ଜେନା,




ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ. ବାସନ୍ତୀ ପାଲ, ଜିଲ୍ଲା କାର୍ଯକ୍ରମ ପରିଚାଳକ ସୋନାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିପିସି ମିଶନ ଶକ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ, ପୌର ପରିଷଦର କର୍ମକର୍ତ୍ତା, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଗ୍ରାମ୍ୟ ଓ ପରିମଳ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ଜିଲ୍ଲାରେ ମୋଟ ୨୫୧୮୨୮ ଘର ବୁଲି ୧୧୦୩୨୧ (୫ ବର୍ଷରୁ କମ) ପିଲାଙ୍କୁ ଓଆରଏସ ଓ ଜିଙ୍କ ବଣ୍ଟନ କରିବେ ଓ ଏହି ପରିପ୍ରେକ୍ଷୀରେ ସର୍ବମୋଟ ୧୮୨ ଜଣ ପିଲା ଡାଇରିଆରେ ପୀଡିତ ଥିଲେ ବୋଲି ଘର ଭ୍ରମଣ ସମୟରେ ଚିହ୍ନଟ କରାଯାଇଛି। ଏହାଛଡା ସମସ୍ତ କୂଅ, ନଳକୂପ ବିଶୋଧନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସର୍ବଶେଷରେ ମ୍ୟାଲେରିଆ ସର୍ବେକ୍ଷଣ କାର୍ଯ୍ୟ ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ପ୍ରଥମ), କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ଦ୍ୱିତୀୟ), ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ତୃତୀୟ) ଓ ପାରଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକଙ୍କୁ ପୁରସ୍କୃତ କରଯାଇଥିଲା। ଜୟପୁର (ରଘୁନାଥପୁର ବ୍ଲକ), ଉରାଳି (ମଣ୍ଡସାହି)ର ଆଶାକର୍ମୀ ମଧ୍ୟ ପୁରସ୍କୃତ ହୋଇଥିଲେ।

## ବାଂଲାଦେଶୀ ସନ୍ଦେହରେ ୬ ଅଟକ

ମହାକାଳପଡା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଉପକୂଳ ଜିଲ୍ଲା ଗୁଡିକରେ ବାଂଲାଦେଶୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ବେଳେ ରାଷ୍ଟ୍ରୀୟ ସୁରକ୍ଷାକୁ ସରକାର ଓ ପୋଲିସ ପ୍ରଶାସନ ଉପରେ ସବୁ ମହଲରେ ବଡ଼ ପ୍ରଶ୍ନ ଉଠୁଥିଲା। ତେବେ ରାଷ୍ଟ୍ରୀୟ ସୁରକ୍ଷା ପ୍ରସଙ୍ଗକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ବାଂଲାଦେଶୀଙ୍କ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେବା ପରେ ରାଜ୍ୟର ପୋଲିସ ପ୍ରଶାସନ ତତ୍ପର ହୋଇ ଉଠିଛି। ବିଭିନ୍ନ ଉପକୂଳ ଜିଲ୍ଲା ଗୁଡିକରେ ପୋଲିସ ପ୍ରଶାସନ ପକ୍ଷରୁ ବାଂଲାଦେଶୀ ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପରିଚୟ ପତ୍ର ଯାଞ୍ଚ କରାଯାଉଛି। ଏହି ପ୍ରରିପେକ୍ଷୀରେ ଗୁରୁବାର ମହାକାଳପଡାର ଜମ୍ବୁ ମେରାଇନ ଥାନା ଅଧିନ ବଉଳ କଣି ପଞ୍ଚାୟତର ୬ଜଣ ଯୁବକଙ୍କୁ ଅଟକ ରଖି ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ସେମାନଙ୍କ ଉପରେ ସନ୍ଦେହ ହେବାରୁ ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ହେପାଜତକୁ ପଠାଇ ଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି।

# କବି ନରହରି ନାୟକଙ୍କୁ ସମ୍ବର୍ଦ୍ଧନା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଚବିଶପଡ଼ା ଗ୍ରାମର କବି ନରହରି ନାୟକଙ୍କୁ ବାଲେଶ୍ୱର ଜିଲା ସୋର ଅନନ୍ତପୁର କୁରୁଡ଼ା ମହିମାଗାଦି ଶୂନ୍ୟବ୍ରହ୍ମ କଳା ସାହିତ ଓ ସଂସ୍କୃତି ପରିଷଦ ପକ୍ଷରୁ 'ସାହିତ୍ୟ ବନ୍ଧୁ ସାରସ୍ୱତ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଶ୍ରୀକୃଷ୍ଣ ବାରିକ, ମୁଖ୍ୟବକ୍ତା କୃତିବାସ ବେଜ, ପରିଷଦର ସଭାପତି ଶ୍ୟାମସୁନ୍ଦର ବେହେରା, ସମ୍ପାଦକ ଅରୁଣକାନ୍ତ, ସ୍ଥାନୀୟ ସରପଞ୍ଚ ମିନତୀ ସେଠୀ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। କବି ନାୟକ ଏକାଧାରରେ ଜଣେ କବି, ସଂଗଠକ, ସମାଜସେବୀ, ଆଧ୍ୟାତ୍ମିକବାଦୀ, ପ୍ରାବନ୍ଧିକ ଓ ଗାଳ୍ପିକ ଭାବେ ପରିଚିତ ହୋଇଥିବା ବେଳେ ସେ ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ପୁରସ୍କାର ମଧ୍ୟ ପାଇଛନ୍ତି।

# ଜାତୀୟ ଡାକ୍ତର ଓ ଚାଟାର୍ଡ଼ ଦିବସ ପାଳିତ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଜାରକା ରୋଟାରି ଓ ଇନର ହୁଇଲ କ୍ଲବର ମିଳିତ ଆନୁକୂଲ୍ୟରେ ଜାତୀୟ ଡାକ୍ତର ଓ ଚାଟାର୍ଡ଼ ଦିବସ ମଙ୍ଗଳବାର ସଂଧ୍ୟାରେ ଜାରକାସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। କ୍ଲବର ନବ ନିର୍ବାଚିତ ସଭାପତି ଇଂ ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ଡାକ୍ତରମାନଙ୍କ ସେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡା.ସୁଧୀର କୁମାର ସାହୁ, ଡା.ମାନସ ରଞ୍ଜନ ସ୍ୱାଇଁ, ଡା.ବିଶ୍ୱରଞ୍ଜନ କର, ଡା.ପ୍ରିୟବ୍ରତ ପଣ୍ଡା, ଡା. ବିଦ୍ୟାଧର ପାତ୍ର, ଡା. ଦେବପ୍ରିୟ ଷଡଙ୍ଗୀ, ଡା. ଅଜିତ କୁମାର ସାମଲଙ୍କ ସହିତ ଚାଟାର୍ଡ଼ ଆକାଉଣ୍ଟ ମହାମାୟା ପ୍ରତାପ ସ୍ୱାଇଁଙ୍କୁ ଅତିଥି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ରୋଟାରି କ୍ଲବ ସମ୍ପାଦକ ଦୀପକ କୁମାର ଜେନା ସୂଚନା ପ୍ରଦାନ କରିଥିବା ବେଳେ ଇନର ହ୍ୱିଲ କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଠ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନର ହୁଇଲ ପକ୍ଷରୁ ମିନତୀ ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ, କଳ୍ପନା ପରିଡା, ଅଜନ୍ତା ପାଣିଗ୍ରାହୀ, ବିଶ୍ୱମିତ୍ରା ସାହୁ, କଳ୍ପନା ଖୁଣ୍ଟିଆ, ଶୁଭଲକ୍ଷ୍ମୀ କର, ଉପାସନା ଶତପଥୀ, ଅରୁଣାରଶ୍ମି ସାମଲ, ଅର୍ଚ୍ଚନା ସ୍ୱାଇଁ, ଗୋଲାପ ମଞ୍ଜରୀ ପଣ୍ଡା, କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା ଏବଂ ରୋଟାରି କ୍ଲବର ଆଡ୍‌ଭୋକେଟ ରାଜେନ୍ଦ୍ର ପଲେଇ, ଜୟପ୍ରକାଶ ତ୍ରିପାଠୀ, ପ୍ରଦୀପ୍ତ କୁମାର ବରାଳ, କଳାକାର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ବିନୋଦ କୁମାର ପରିଡା, ପ୍ରମୋଦ କୁମାର ସାମଲ, ଧରଣୀଧର ଦାଶ, ହରିହର ପଣ୍ଡା, ଅଜାମ୍ବର ସାହୁ, କ୍ୟାପ୍ଟେନ୍ ତ୍ରିଲୋଚନ ବିଶ୍ୱାଳ, ଯୁଧିଷ୍ଠିର ରାଉତ, ଦେବେନ୍ଦ୍ର ସାହୁ, ଚକ୍ରଧର ଲେଙ୍କା, ଆଡ଼ଭୋକେଟ ଆଲୋକ ଜେନା, ଜୟଗୁରୁ ପାତ୍ର ଓ ଇନ୍ଦ୍ରମଣି ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ। ସର୍ବଶେଷରେ ଇନରହ୍ୱିଲ କ୍ଲବର ନବ ନିର୍ବାଚିତ ସମ୍ପାଦିକା ପ୍ରଭାତ ନଳିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ ଘଟଣାର ତଦନ୍ତ କଲେ ଏଡିଇଓ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ପୋକରା ଚାଉଳ ରୋଷେଇ କରାଯାଉଥିବା ଘଟଣା ଉପରେ ତଦନ୍ତ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ତୃପ୍ତିମୟୀ ମହାପାତ୍ର ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପହଞ୍ଚି ତଦନ୍ତ କରିଥିଲେ। ପ୍ରଧାନଶିକ୍ଷକ ରତିକାନ୍ତ ବେହେରାଙ୍କ ପ୍ରକୋଷ୍ଠରେ ଶ୍ରୀମତୀ ମହାପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ପୋକରା ଚାଉଳ ବ୍ୟବହାର ସମ୍ପର୍କରେ ମଧ୍ୟାହ୍ନ ଭୋଜନ ଦାଇତ୍ୱରେ ଥିବା ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକାଙ୍କ ଉତ୍ତର ଲୋଡିଥିଲେ। ଗ୍ରୀଷ୍ମଛୁଟି ପରେ ବିଦ୍ୟାଳୟରେ ସ୍ୱଚ୍ଛତା ଓ ଏପଯୁକ୍ତ ମାନର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବା ପାଇଁ ବିଭାଗୀୟ ସଚିବଙ୍କ ପକ୍ଷରୁ କଡା ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୋକରା ଚାଉଳ ବ୍ୟବହାର କରାଯିବା ଦୁର୍ଭାଗ୍ୟଜନକ ବୋଲି ପ୍ରଧାନଶିକ୍ଷକ ଦର୍ଶାଇଥିଲେ। ଏହାର ତଦାରଖ ଦାଇତ୍ୱ ପ୍ରଧାନଶିକ୍ଷକଙ୍କୁ ଦଣ୍ଡିତ କରାଯାଉଥିବାରୁ ପ୍ରଧାନ ଶିକ୍ଷକଙ୍କୁ ଦାଇତ୍ୱ ଦିଆଯାଇଛି। ପିଲାମାନଙ୍କ ଠାରୁ ଅଭିଯୋଗ ମିଳିବା ପରେ ବୁଧବାର ପ୍ରଧାନ ଶିକ୍ଷକ ବେହେରା ତଦାରଖ କରି ପୋକରା ଚାଉଳ ରୋଷେଇକୁ ବାରଣ କରିଥିଲେ। ତଦନ୍ତ ସମୟରେ ପୋକରା ଚାଉଳ



ରୋଷେଇ ପାଇଁ ଅଣାଯାଇଥିବା ଦାୟିତ୍ୱରେ ଥିବା ସମ୍ପାଦିକା ସ୍ୱୀକାର କରିଥିଲେ। ଏହି ତଦନ୍ତ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ତୃପ୍ତିମୟୀ ମହାପାତ୍ର ସୂଚନା ଦେଇଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ବୁଧବାର ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ ରୋଷେଇ କରାଯିବା ସମୟରେ ପ୍ରଧାନଶିକ୍ଷକ ବାରଣ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ମଧ୍ୟାହ୍ନ ଭୋଜନ ଦାଇତ୍ୱରେ ଥିବା ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟରେ ବଚସା କରିଥିଲେ। ଏ ସମ୍ପର୍କୀୟ ଖବର ପ୍ରକାଶିତ ହେବା ପରେ ତଦନ୍ତ ହୋଇଥିଲା।

## ପାଣି ପାଇଁ ରାସ୍ତାରେ ବସିଲେ ଗ୍ରାମବାସୀ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ରାଣୀଓଳା ପଂଚାୟତ ପଦାତିରା ଗ୍ରାମବାସୀ ପାଣି ପାଇଁ ରାସ୍ତା ରୋକ କରିବା ଶହ ପ୍ରତିବାଦ କରି ରାଜ ରାସ୍ତାରେ ବସିଥିଲେ। ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି ମଧ୍ୟ ରାସ୍ତା ରୋକ ପାଖରେ ପହଁଚି ପାଣି ପାଇବାରୁ ବଂଚିତ ହୋଇଥିବା ପରିବାର ଶହ ରାଜରାସ୍ତାରେ ବସିଥିଲେ। ସରପଞ୍ଚ ତ୍ରିନାଥ ମହାନ୍ତି ତ୍ରିନାଥ ମହାନ୍ତି ତିନି ବର୍ଷରୁ ଊର୍ଦ୍ଧ୍ୱ ହେବ ପଦବୀରେ ରହି ନିଜର ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ସରକାରୀ ଦଳରେ ରହି ମଧ୍ୟ କାହିଁକି ପାଣିର ସୁବିଧା କରିନଥିଲେ। ଏହି ଗ୍ରାମରେ ଦୁଇଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ସେମାନେ ସ୍ୱଜଳ ଧରା ପିଇବା ପାଣିରୁ ବଂଚିତ ହୋଇଛନ୍ତି। ରାଣୀ ଓଳାରେ ଥିବା ପାଣି ଟାଙ୍କିର ରକ୍ଷଣ ବେକ୍ଷଣ ୫ ବର୍ଷ ପୁରୀ ଯାଇଥିବା ବେଳେ ଏହି ଟାଙ୍କିଟିକୁ ପଂଚାୟତ ସରପଞ୍ଚଙ୍କୁ ଜଳ ଓ ପରିମଳ ବିଭାଗ ହସ୍ତାନ୍ତର କରାଯିବା କଥା ହେଲେ ଏହା କରାଯାଇନଥିବାରୁ ପାଣି ପାଇବାରୁ ଗ୍ରାମ ବାସୀ ବଂଚିତ ହୋଇଛନ୍ତି।

# ଟିପର ଚକା ତଳେ ଚାପିହୋଇ ମୃତ୍ୟୁ

ଡାବୁଗାଁ / ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଡାବୁଗାଁ - ବୋରିଗାଁ ପୂର୍ତ୍ତ ବିଭାଗ ରାସ୍ତା ବସଷ୍ଟାଣ୍ଡ ନିକଟରେ ଏକ ଟିପର ଚକା ତଳେ ଜଣେ ଲୋକ ଚାପି ହୋଇ ଗୁରୁବାର ସକାଳ ଜୀବନ ଚାଲି ଗଲା। ସୂଚନାଯୋଗ୍ୟ, ଡାବୁଗାଁ ମେଡିକାଲ କଲୋନୀ ରେ ରହୁଥିବା ରାଜୁ ଯାଦବ ବୟସ (୫୬)। ଖବର ନେବାରେ ଜଣାଯାଇଛି ଯେ ଡାବୁଗାଁ - ବୋରିଗାଁ ରାସ୍ତା କଡରେ ଏକ ଜଳଖିଆ ଦୋକାନ କରି ପରିବାର ପୋଷଣ କରୁଥିଲେ। ଆଜି ସକାଳ ପ୍ରାୟ ୧୧ ଘ. ସମୟରେ ସେ କୌଣସି କାମରେ ନିଜ ହୋଟେଲରୁ ବାହାରକୁ ଯାଉଥିବା ବେଳେ ଏକ ଟିପର ଡାବୁଗାଁ ପଟୁ ବୋରିଗାଁ ରାସ୍ତାରେ ଯାଉଥିବା ବେଳେ ରାଜୁ ଟ୍ରିପର ଚକାତଳେ ଚାପି ହୋଇଯାଇଥିଲେ, ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟିପର ଚକା ତଳେ ଚାପି ହେବା ପରେ ଡ୍ରାଇଭର ଗାଡି ନ ଅଟକାଇ ସେଠାରୁ ଗାଡି ନେଇ ଫେରାର ହୋଇଯାଇଥିଲେ। ପରେ ଟିପର ଡ୍ରାଇଭର ମାଝିଗୁଡ଼ା ଛକ ନିକଟରେ ଗାଡି ରଖି କୁଆଡେ ଫେରାର ହୋଇଯାଇ ଥିଲା। ଖବରପାଇ ଡାବୁଗାଁ ଥାନା ଅଧିକାରୀ ଗୋପାଳକୃଷ୍ଣ ଆଗୁପାତ୍ର, ସବଇନିସ୍ପେକ୍ଟର ଚନ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଡାବୁଗାଁ ପୋଲିସ ଉକ୍ତ ଗାଡିକୁ ମାଝିଗୁଡା ନିକଟରୁ ଜବତ କରି ଥାନାରେ ରଖିଛି। ପରେ ପରିବାର ଲୋକେ କ୍ଷତିପୂରଣ ଦାବୀ କରି ଡାବୁଗାଁ — ବୋରିଗାଁ ରାସ୍ତା ଅବରୋଧ କରିଥିଲେ। ପରେ ଆଲୋଚନା କରାଯାଇ ଗାଡି ମାଲିକ ୨ଲକ୍ଷ ୫୦ ହଜାର କ୍ଷତିପୂରଣ ଦେବାକୁ ପ୍ରତିଶୃତି ଦେବାପରେ ଅପରାହ୍ନ ୩ ଘ. ସମୟରେ ରାସ୍ତା ରୋକ ହଟିଥିଲା। ରାସ୍ତାରୁ ଶବ ଉଠା ଯାଇ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯାଇଥିଲା। ଏନେଇ ମୃତକ ର ପୁଅ ଟିଙ୍କୁ ଯାଦବ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସଆଇ ଗୋପାଳକୃଷ୍ଣ ହାଲୱା ଡାକ୍ତରଖାନାରେ ପହଞ୍ଚି କରି ଶବ ଜବତ କରି ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କୁ ମିଳିବ ପ୍ରସୂତିକାଳୀନ ଛୁଟି

କଟକ, (ଭାସ୍କର ନ୍ୟୁଜ୍): ଚୁକ୍ତିଭିତିକି ମହିଳା କର୍ମଚାରୀଙ୍କୁ ଏଣିକି ପ୍ରସୂତିକାଳୀନ ଛୁଟି ମିଳିବବୋଲି ଓଡିଶା ହାଇକୋର୍ଟ ଏକ ମାମଲାଶର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସବୁ ମହିଳା ସମାନ। ଏଣୁ ସନ୍ତାନ ପାଇଁ ଚୁକ୍ତିଭିତିକ କର୍ମଜୀବୀ ମହିଳାମାନଙ୍କର ମଧ୍ୟ ସମାନ ପ୍ରକାର ଦାୟିତ୍ୱ ଥାଏ। ତେଣୁ ସେମାନଙ୍କୁ ମଧ୍ୟ ପ୍ରସୂତିକାଳୀନ ଛୁଟି ପ୍ରଦାନ କରାଯିବ ବୋଲି କହିଛନ୍ତି ହାଇକୋର୍ଟ। ଖଣ୍ଡପୀଠ ତାଙ୍କ ରାୟରେ ସ୍ୱଷ୍ଟ କରିଛନ୍ତି ଯେ, ଏଣିକି ଚୁକ୍ତିଭିତିକ କର୍ମଜୀବୀ ମହିଳାମାନେ ପ୍ରସୂତିକାଳୀନ ଛୁଟି ନେଇ ପାରିବେ। ଗର୍ଭଧାରଣ ସମୟରୁ ପିଲା ଜନ୍ମ ହେବା ପର୍ଯ୍ୟନ୍ତ ସବୁ ଦିଗରେ ଜଣେ ମହିଳା ସଜାଗ ଓ ଯତ୍ନବାନ ରହିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି। ହେଲେ ଗର୍ଭଧାରଣ ସମୟରେ ଚାକିରୀ କରିଥିବା ଚୁକ୍ତିଭିତ୍ତିକ କର୍ମଜୀବୀ ମହିଳାମାନେ ଚିନ୍ତାରେ ଥାଆନ୍ତି ଯେ ତାଙ୍କୁ ପ୍ରସୂତିକଳୀନ ଛୁଟି ମିଳିବ କି ନାହିଁ। ଏହି ରାୟ ଆସିବା ପରେ ଚୁକ୍ତି ଭିତିକ ମହିଳାମାନେ ଏକପ୍ରକାର ଆଶ୍ୱସ୍ତି ପାଇଛନ୍ତି। ପୂର୍ବରୁ ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ଏହି ସମ୍ପର୍କିତ ମାମଲାର ଶୁଣାଣି କରି ମହିଳା କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ପ୍ରଦାନ ପାଇଁ ଗତ ୨୦୨୨ଅଗଷ୍ଟ ୩୦ରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ରାୟକୁ ଚ୍ୟାଲେ କରି ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଏକ ରିଟ୍ ଅପିଲ କରିଥିଲେ। ଏହାର ଶୁଣାଣି କରି ଜଣିକିଆ ଖଣ୍ଡପୀଠଙ୍କ ରାୟକୁ କାଏମ ରଖିଛନ୍ତି ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ।

## ମାଗଣା ଶବ ବାହନ ସେବା ଶୁଭାରମ୍ଭ

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ମାଗଣା ଶବ ବାହନ ସେବା କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକଙ୍କ କରକମଳରେ ଶୁଭାରମ୍ଭ ହୋଇଛି। ସାଂସଦ ଗତକାଲି ସନ୍ଧ୍ୟାରେ ପତକା ହଲାଇ ଦୁଇଟି ଶବ ବାହକ ଗାଡି (ମହାପ୍ରୟାଣ) ମାଗଣା ସେବା ଉଦ୍ଘାଟନ କରିଥିଲେ। ମାଗଣା ଶବ ବାହନ ସେବା ଦ୍ୱାରା ଦୁର୍ବଳ ବର୍ଗଙ୍କୁ ସହାୟକ ହେବ ବୋଲି ନାୟକ କହିଛନ୍ତି। ଏହି ସେବା ମାଧ୍ୟମରେ ମୃତ ବ୍ୟକ୍ତିଙ୍କ ଶବକୁ ସମ୍ମାନର ସହିତ ତାଙ୍କ ଗୃହ କିମ୍ବା ଶ୍ମଶାନକୁ ପରିବହନ କରାଯାଇପାରିବ, ଯାହା ପରିବାରଗୁଡିକ ଉପରେ ଆର୍ଥିକ ଓ ମାନସିକ ବୋଝକୁ ହ୍ରାସ କରିପାରିବ। ଏହି ସେବା ସମ୍ପୂର୍ଣ୍ଣ ମାଗଣା ହେବ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ୨ଟି ମାଗଣା ଶବ ବାହକ ଗାଡି ଯୋଗାଇ ଦିଆଯାଇଛି। ଏହି ମାଗଣା ସେବା ଶବ ବାହନ ପାଇଁ ଆବଶ୍ୟକତା ଅନୁସାରେ ପହଁଚିବ ବୋଲି ସିଡିଏମ୍ଓ ଡାକ୍ତର ବିନୋଦ ବିହାରୀ ମିଶ୍ର କହିଛନ୍ତି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ଡାକ୍ତର ବିନୋଦ ବିହାରୀ ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ପ୍ରଦୀପ କୁମାର ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଜନସ୍ୱାସ୍ଥ୍ୟ) ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ବସନ୍ତ କୁମାର ପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ଚାଉଳ ବାଟମାରଣା କରି ବିକ୍ରି ହେଉଥିବା ଅଭିଯୋଗ

କୋଷାଗୁମୁଡା, (ଭାସ୍କରେ ନ୍ୟୁଜ୍): ଗରିବ ନିରୀହ ଲୋକଙ୍କ ପାଇଁ ସରକାର ତରଫରୁ ଆସୁଥିବା ରାସନ ଚାଉଳ ଏବେ ପଂଚାୟତ ରେ ପହଞ୍ଚିବା ପୂର୍ବରୁ ହିଁ ଗାୟବ ହେଉଥିବା ଭଳି ଖାଦ୍ୟ ଯୋଗାଣ ବିଭାଗ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋଗ ଆଣିଲେ କୋଷାଗୁମୁଡା ବ୍ଲକ ୩ ନମ୍ବର ଜନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରଦ କୁମାର ନାୟକ। ବୁଧବାର ଦିନ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ଠାରେ ଚାଲିଥିବା ପଂଚାୟତ ସମିତି ବୈଠକରେ ବ୍ଲକ ଜଗାଣ ଅଧିକାରୀ-ମାନସ ରଞ୍ଜନ ଜେନାଙ୍କ ଉପସ୍ଥିତରେ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରଦ କୁମାର ନାୟକ ରାସନ ଚାଉଳ ହେର ଫେର ହେଉଥିବା କଥା କହି ବିଭାଗୀୟ ଅଧିକାରୀଙ୍କୁ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଲେ। ଏହି ଖବର ଶୁଣି ଉପସ୍ଥିତ ବିଭିନ୍ନ ଅଧିକାରୀ ଓ ସରପଞ୍ଚ, ସମିତିସଭ୍ୟ ମାନେ ଆଚମ୍ବିତ ହୋଇଥିବା ଦେଖିବାକୁ ମିଳିଥିଲା। ରାସନ ଚାଉଳ ପଂଚାୟତ ଗୋଦାମ ଗୃହରେ ନ ରଖି କର୍ଚ୍ଚମାଳର ଜଣେ ବ୍ୟବସାୟୀର ଦୋକାନ ଗୃହରେ ଆସି ରହୁଛି ଯାହାର ଠିକ ତଥ୍ୟ ମଧ୍ୟ ରହିଥିବା ସେ ନିଜ ଅଭିଯୋଗରେ ଦର୍ଶାଇ ଥିବା ଦେଖିବାକୁ ମିଳିଛି। ସଠିକ ତଥ୍ୟ ପ୍ରଦାନ ପୂର୍ବକ ତିନି ନମ୍ବର ଜିଲ୍ଲା ପରିଷଦ କ୍ଷୀରୋଦ ନାୟକ ଚାଉଳ ଗାଡିରୁ କର୍ଚ୍ଚାମାଳର ଜଣେ ବ୍ୟବସାୟୀଙ୍କ ଘରେ ପଞ୍ଚାୟତ ଚାଉଳ ୧୬ଜୁନ ଅପରାହ୍ନରେ ଅନଲୋଡ଼ କରୁଥିବା ସମୟରେ ଏକ ଭିଡିଓ ଉତ୍ତଳନ କରିଥିଲେ। ଏହି ଘଟଣା କୁନେଇ ବ୍ଲକ ଯୋଗାଣ ଅଧିକାରୀ ଜେନାଙ୍କୁ ଓ ଭାଇସ ଚେୟାରମ୍ୟାନ ଯୋଗେନ୍ଦ୍ର ସ୍ୱାଇଁଙ୍କୁ ଖବର ଦେଇଥିଲେ। ଖବର ଜଣାଇ ପ୍ରାୟ ୧୬ଦିନ ବିତିଯାଇଥିଲେ ମଧ୍ୟ ବିଭାଗ ତରଫରୁ କୌଣସି ପଦକ୍ଷେପ ନ ନେଇଥିବାରୁ ପଞ୍ଚାୟତ ସମିତି ବୈଠକରେ ଆଲୋଚନାର ପ୍ରସଙ୍ଗକୁ ଆଣିଲି ଏବଂ ବର୍ତ୍ତମାନ ସତ୍ୟକୁ ଲୁଚାଇବା ପ୍ରୟାସ କରି ଭଦ୍ରମୁଖାର ସହ କାଗଜ କଲମ ସହ ଚାଉଳର ପରିମାଣକୁ ସଠିକ କରିଦେଇଥିଲେ ମଧ୍ୟ ମୁଁ ଏହି ସତ୍ୟ ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିବି ବୋଲି ଜିଲାପରିଷଦ ସଭ୍ୟ କ୍ଷୀରୋଦ ନାୟକ ସଫାସଫା କହିଛନ୍ତି। ଏପଟେ ଏହି ଘଟଣାକୁ ନେଇ ପଞ୍ଚାୟତ ପିଇଓ ସଞ୍ଜୟ ମହାଙ୍କୁଡଙ୍କୁ ପଚାରିବାରୁ ସେ କହିଲେ କି, ଗୋଟିଏ ଗାଡିରେ କର୍ଚ୍ଚାମାଳ ପଞ୍ଚାୟତ ଗୋଦାମରେ ୩୦୦ପେକେଟ ଚାଉଳ ଆସିଥିଲା। ତାହା ରଖିବା ପରେ ଗୋଦାମରେ ପୁଣି ଆଉ ଗୋଟେ ଗାଡ଼ିରୁ ୫୦ପେକେଟ ଚାଉଳ କର୍ଚ୍ଚାମାଳରେ ଅନଲୋଡ଼ କରିଥିଲେ। ବଳକା ୨୫୦ ପେକେଟ ଚାଉଳ କୋକଡ଼ିସେମେଲା ପଞ୍ଚାୟତରେ ଚାଉଳ ରଖାଯାଇଥିଲା। ଚାଉଳ ପ୍ରସଙ୍ଗ ଉପରେ ପିଇଓଙ୍କୁ ଭାଇସଚେୟାର ମ୍ୟାନ୍ ସମିତି ବୈଠକରେ ଫୋନ ଯୋଗେ ପଚାରିଥିଲେ। ଏହି ଘଟଣା କୁନେଇ ପିଇଓ ମହାଙ୍କୁଡ କର୍ଚ୍ଚାମାଳ ସ୍ଥାନୀୟ ବ୍ୟବସାୟୀଙ୍କୁ ପଚାରିବାରୁ ତାଙ୍କ କାଜୁ ବସ୍ତାକୁ ଅନ୍ୟ ଯାଗାରୁ ବୋହି ଆଣି ଘରେ ସେହି ଚାଉଳ ଗାଡିରେ ଅନଲୋଡ଼ କୋରାଇଥିଲି ବୋଲି କହିଥିଲେ। ପିଇଓ କହିଛନ୍ତି ଯେ ତାଙ୍କ ଉପଭୋକ୍ତାଙ୍କୁ ସଠିକ ଚାଉଳ ଯୋଗାଣ କରିବା ସହ ସମସ୍ତ କାଗଜପତ୍ର ସଠିକ ଅଛି, ଯଦି ଯାଞ୍ଚ କମିଟି ଆସିଲେ ମୁଁ ଦେଖାଇବି ବୋଲି କହିଛନ୍ତି। ଏପଟେ ଏହି ସମସ୍ତ ତଥ୍ୟ ମିଥ୍ୟା ଓ ମଧୁଚନ୍ଦ୍ରିକା ହୋଇଥିବା ସହ ଚାଉଳ ବସ୍ତା ଅନଲୋଡ଼ ସମୟରେ ରାସ୍ତା ଓ ଗାଡି ତଳେ ଚାଉଳ ପଡିରହିଥିବା ଫୋଟ, ଭିଡ଼ିଓ ରେ ସ୍ପଷ୍ଟୀକରଣ ଦେଉଛି ବୋଲି ଜିଲାପରିଷଦ ସଭ୍ୟ ନାୟକ କହିଛନ୍ତି। ଏପଟେ ଚାଉଳ ଗାଡିରୁ ପ୍ରାୟ ୪ଜଣ ମଜୁରିଆ ପ୍ରାୟ ୧୦୦ ଚାଉଳ ବସ୍ତା ହିଁ ଅନଲୋଡ଼ କଲୁ ବୋଲି ଜଣେ ସ୍ଥାନୀୟ ଯୁବଶ୍ରମିକ ଗଣେଶ ଭତ୍ରା କହିଛନ୍ତି। ବର୍ତ୍ତମାନ ସତ୍ୟ ତା କେତେ ଏହି ଘଟଣାର ତର୍ଜମା କରିବା ସହ ସତ୍ୟକୁ ସାମ୍ନାରେ ଆଣିବାକୁ କେତେ ଦିନ ଓ ସମୟ ବିଭାଗକୁ ଲାଗିବ ଦେଖିବାକୁ ବାକି ରହିଲା ଓ ଆସିଥିବା ଅଭିଯୋଗ ଉପରେ କ'ଣ ପଦକ୍ଷେପ ଗ୍ରହଣ କରିବେ।

## ଅନ୍ତେବାସୀ ରୋଗୀଙ୍କ ଶଯ୍ୟାରେ ହେଉଛି ଘରୋଇ ଇ.ସି.ଜି.

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ଦ୍ଦିଷ୍ଟ ଘରୋଇ ଇ.ସି.ଜି. ପରୀକ୍ଷକ ଅନ୍ତେବାସୀ ରୋଗୀଶଯ୍ୟା ନିକଟରେ ଅର୍ଥ ନେଇ ପରୀକ୍ଷା କରୁଛନ୍ତି। ଏଥିପାଇଁ ରୋଗୀ ପିଛା ୪ ଶହ ରୁ ୫ ଶହ ଟଙ୍କା ନିଆଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ନାହାନ୍ତି। ମାତ୍ର ରୋଗୀମାନଙ୍କ ହୃଦ ପରୀକ୍ଷା ଆବଶ୍ୟକ ଥିବା ନେଇ ଡାକ୍ତରମାନେ ପରାମର୍ଶ ଦେଉଥିବାରୁ ରୋଗୀମାନେ ବାଧ୍ୟ ହୋଇ ଇ.ସି.ଜି. ପରୀକ୍ଷା କରୁଛନ୍ତି। ଦୈନିକ ଏଭଳି ୩୦ ରୁ ୩୫ ଇ.ସି.ଜି. ପରୀକ୍ଷା କରାଯାଉଥିବା ଜଣାଯାଇଛି। ସମ୍ପୃକ୍ତ ଇ.ସି.ଜି ପରୀକ୍ଷକଙ୍କ ଯୋଗ୍ୟତା ଓ ଦକ୍ଷତା ସମ୍ପର୍କରେ ଅଜ୍ଞ ଥିବା ଡାକ୍ତରମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଓ ରୋଗୀ ଶଯ୍ୟା ନିକଟରେ ଇ.ସି.ଜି. ପରୀକ୍ଷା କରିବା ଅନୁମତି ଦେଉଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଦ୍ୱାରା ବ୍ୟବସାୟିକ ଲକ୍ଷ୍ୟରେ ରୋଗୀମାନଙ୍କୁ ଶୋଷଣ କରାଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଯେ କୌଣସି ଡାକ୍ତର ଇ.ସି.ଜି. ପରୀକ୍ଷା ପାଇଁ ପରାମର୍ଶ ଦେଇପାରିବେ ଓ ରିପୋର୍ଟ ଅନୁଧ୍ୟାନ କରିପାରିବେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ ମତ ଦେଇଛନ୍ତି।



ବୋଲଗଡ(ଭାସ୍କର ନ୍ୟୁଜ୍): ନବଦିନାତ୍ମକ ଯାତ୍ରାରେ ଆସି ତୃତୀୟଦେବ (ଜଗନ୍ନାଥ) ଏବେ ଗୁଣ୍ଡିଚାମନ୍ଦିର ନନ୍ଦିଘୋଷ ଭବନରେ ପ୍ରସ୍ତୁତ ସୁଦୃଶ୍ୟ ମଣ୍ଡପରେ ବିରାଜମାନ କରି ଭକ୍ତମାନଙ୍କୁ ଆଡ଼ପ ଦର୍ଶନ ଦେଉଛନ୍ତି ।ତେବେ ରଥଯାତ୍ରାର ଏକ ଅନନ୍ୟ ନିତି ଭାବେ ହେରାପଞ୍ଚମୀ ନୀତି ଅନ୍ୟନ୍ୟ ।ମଙ୍ଗଳବାର ଯାତ୍ରାର ପଞ୍ଚମ ଦିବସ ରେ ଏହି ନୀତି ପାଳିତ ହୋଇଛି ।ସନ୍ଧ୍ୟାଆଳତିପରେ ବୋଲଗଡ଼ ଜଗନ୍ନାଥ ମନ୍ଦିରରୁ ମା' ଲକ୍ଷ୍ମୀ ବିମାନରେ ବିରାଜି ବସଷ୍ଟାଣ୍ଡ ବଜାରସ୍ଥିତ ନନ୍ଦିଘୋଷ ଭବନ ଗୁଣ୍ଡିଚାଘର ନିକଟରେ ପହଞ୍ଚି ମହାପ୍ରଭୁ ତାଙ୍କୁ ନଜଣାଇ ଭଉଣୀ ଓ ବଡଭାଇଙ୍କ ସହ ଯାତ୍ରାରେ ଆସିଥିବାରୁ ରୋଷ ହୋଇ ରଥକୁ ଭଙ୍ଗିଥିଲେ ।ଏହା ପରେ ଆଡ଼ପ ମଣ୍ଡପକୁ ଯାଇ ଦେଢ଼ଶୁର ବଳଭଦ୍ର ଠାକୁରଙ୍କ ଆଢୁଆଳରେ ରହି ଜଗନ୍ନାଥଙ୍କ ସହ କଳି କରି ସ୍ୱମନ୍ଦିରକୁ ବାହୁଡ଼ିଛନ୍ତି ।ଏହି ନୀତି ଦେଖିବାକୁ ବହୁ ମହିଳା ଓ ପୁରୁଷ ଭକ୍ତମାନେ ଉପସ୍ଥିତ ଥିଲେ ।ସେବାୟତ ବୈକୁଣ୍ଠ ପରମଗୁରୁଙ୍କ ତତ୍ତ୍ୱାବଧାନରେ ଓ ଈଶ୍ୱର ଚନ୍ଦ୍ର ମହାପାତ୍ରଙ୍କ ପରିଚାଳନାରେ ଏହି ନୀତି ସମ୍ପନ୍ନ ହୋଇଥିଲା ।

# ରାସ୍ତାକାମ ନିମ୍ନମାନ ନେଇ ଅଭିଯୋଗ



ମହାକାଳପଡା: (ଭାସ୍କର ନ୍ୟୁଜ୍): ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ମହାକାଳପଡ଼ା ବ୍ଲକ୍‌ର କରଞ୍ଜାରୁ ଗୋଖାପଡ଼ା ପର୍ଯ୍ୟନ୍ତ ରାସ୍ତାକାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ପ୍ରାୟ ୧ କିମି ୭୦୦ ମିଟର ଏହି ରାସ୍ତା ଉନ୍ନତିକରଣ ନିମନ୍ତେ ପ୍ରାୟ ୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ରାସ୍ତାର ୩୫୦ ମିଟର କଂକ୍ରିଟ୍ ଓ ଅବଶିଷ୍ଟ ଅଂଶକୁ ପିଚୁ କରାଯିବା ପାଇଁ ଧାର୍ଯ୍ୟ ହୋଇଛି। ତେବେ କରଞ୍ଜା ଗ୍ରାମ ଦେଇ ଯାଇଥିବା ଜୋର ସାଇଡରେ ହେଉଥିବା ଗାର୍ଡୱାଲ୍ କାମ ସରିଯାଇଛି । ରାସ୍ତା କାମ ସରିବା ପୂର୍ବରୁ ଗାର୍ଡୱାଲ୍‌ରେ ନିମ୍ନମାନର କାମ ଯୋଗୁଁ ଅନେକ ଜାଗାରେ ବୃହତ୍‌ର ଫାଟ ଦେଖାଦେଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିମ୍ନ ମାନର ବାଲି , ଚିଲା ଗୋଡ଼ି ଓ ସିମେଣ୍ଟରେ କାର୍ଯ୍ୟ ହେବା ଓ କାମ ନେଇଥିବା ଏଜେନ୍ସିକୁ ପୂର୍ତ୍ତ ବିଭାଗର ଯନ୍ତ୍ରୀ ତଦାରଖ ନ କରିବା ଯୋଗେ ଠିକା ସଂସ୍ଥା ମନଇଚ୍ଛା କାମ କରି ଦେଉଛନ୍ତି। ଯାହାର ଫଳ ସ୍ୱରୂପ ଗାର୍ଡ ୱାଲ୍ ଟି ରାସ୍ତା ନସରୁଣୁ ଫାଟ ସୃଷ୍ଟି ହେଲେ ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳର ସଚେତନ ନାଗରିକ ମାନସ ଆଚାର୍ଯ୍ୟ ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେବାଶିଷ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଗାର୍ଡୱାଲ୍ ମଧ୍ୟରେ ପାଇଲିଂ କରି ପିଲର୍ ଦିଆଯାଇଛି। ତେଣୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟ ପଟେ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନ ର ଜିଲ୍ଲା ସଂଯୋଜକ ପ୍ରତାପ ମାହାନ୍ତି କହିଛନ୍ତି କନିଷ୍ଠ ଯନ୍ତ୍ରୀ ଯେଉଁ ପାଇଲିଙ୍ଗ ଉପରେ ଗାର୍ଡୱାଲ୍‌ଟି ତିଆରି ହେଇଛି ସେ ପାଇଲିଂ ଅତ୍ୟନ୍ତ ନିମ୍ନମାନର। କାର୍ଯ୍ୟର କୌଣସି ଫଳକ ନାହିଁ। ଏଷ୍ଟିମେଟ ଅନୁସାରେ ପାଇଲିଙ୍ଗ ଯେତିକି ତଳକୁ ଯିବା କଥା ସେତିକି ଯାଇନାହିଁ । କ୍ୱାଲିଟି କଣ୍ଟ୍ରୋଲ ଅଫିସରମାନେ ତାଙ୍କ ପିସି ନେଇ କାଗଜ ରେ କ୍ୱାଲିଟି ପାସ କରିଦେଇଛନ୍ତି ବୋଲି ସେ ସନ୍ଦେହ ପ୍ରକଟ କରିଛନ୍ତି। କିନ୍ତୁ ଏନେଇ ଆମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଯନ୍ତ୍ରୀ ଓ ଏଜେନ୍ସି ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିବେଦନ କରିବୁ ବୋଲି କହିଛନ୍ତି।

# କଣାସକୁ ପୁଣି ଫେରିଲା ଝାଡ଼ାବାନ୍ତି

କଣାସ (ଭାସ୍କର ନ୍ୟୁଜ): ଦୀର୍ଘ ଦିନର ବ୍ୟବଧାନ ପରେ କଣାସ ଅଞ୍ଚଳକୁ ପୁଣି ଫେରିଛି ଡାଇରିଆ । କଣାସ ବ୍ଲକର ଅନେକ ଗ୍ରାମାଞ୍ଚଳରେ ଦେଖାଦେଇଛି ଝାଡ଼ାବାନ୍ତି। ପ୍ରତ୍ୟେକ ଦିନ ଦୁଇରୁ ତିନିଜଣ ଲେଖାଏଁ ଡାଇରିଆ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ଦେଖିବାକୁ ମିଳୁଛି । କଣାସ ଅଞ୍ଚଳର ସୁନାଖଳା,କଉଡ଼ି ଖଣି ,ନୂଆଗାଁ,ଗଡିସାଗଡା ଏହି ସବୁ ଗ୍ରାମର ଲୋକମାନେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂପର୍କୀୟ ମାନଙ୍କଠାରୁ ଶୁଣିବାକୁ ମିଳୁଛି । ଏହି ସମୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ତତ୍ପର ରହିଥିବା ଏବଂ ମାତ୍ରାଧିକ ଔଷଧ ମହଜୁଦ ରହିଥିବା ମେଡିକାଲ ବିପିଏମ ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି ।




# ଦାଦାବଟି ଓ ଲୁଟ୍ ଅଭିଯୋଗରେ ଦୁଇ ଗିରଫ



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ଏକ କମ୍ପାନୀ ଗାଡ଼ିକୁ ରାତି ସମୟରେ ରାସ୍ତାରେ ଅଟକାଇ ଦାଦା ବଟି ମାଗିଲେ ଟଙ୍କା ନ ଦେବାରୁ କମ୍ପାନୀର ସୁପରଭାଇଜର ଓ ଡ୍ରାଇଭରକୁ ମାଡ଼ମାରି ଗାଡ଼ିଟିକୁ ଛଡ଼ାଇନେଲେ, କମ୍ପାନୀ ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ଏଥିରେ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଏ ନେଇ ଥାନା ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ଘଟଣାରୁ ପ୍ରକାଶ, ବାଲିଚନ୍ଦ୍ରପୁର ଥାନା ଅଧିନ ଚଣ୍ଡିଖୋଲ/ପାରାଦ୍ୱୀପ ଜାତୀୟ ରାଜପଥ ଓଳାଶୁଣୀ ଛକରୁ ଲଳିତଗିରି ରାସ୍ତା ଦେଇ ଉତ୍କଳ ଫିଡସ କମ୍ପାନୀର ଏକ ପିକଅପ୍ ଗାଡ଼ି ଓଡି୦୨ଡିଏ -୩୯୯୩ ରେ କୁକୁଡ଼ା ଛୁଆ ଏବଂ ଦାନା ବସ୍ତା ନେଇ ଯାଉଥିବା ସମୟରେ ସାମନା ପଟୁ ଓଡି ୧୮ଏର୍ ୪୬୧୩ ନମ୍ବର ଗାଡିରେ ଦୁଇଜଣ ଯୁବକ ଆସି ଦାଦା ବଟି ମାଗିଲେ । କମ୍ପାନୀ କୁକୁଡା ଗାଡିରେ ଥିବା ଡ୍ରାଇଭର ଏବଂ ସୁପରଭାଇଜର ଉକ୍ତ ଲୁଟେରାଙ୍କୁ ଟଙ୍କା ନ ଦେବାରୁ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଲୁଟେରା ଯୁବକ ଦ୍ୱୟ କମ୍ପାନୀ ପିଲାକୁ ମାଡ଼ମାରି ଉକ୍ତ ଗାଡିକୁ ନିଜ ସାଥିରେ ନେଇ ପଳେଇଲେ, ଲୁଟେରାଙ୍କ କାର ନମ୍ବର ଆଧାରରେ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଏଥିରେ ସମ୍ପୃକ୍ତ ଥିବା ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ଗ୍ରାମର ନିରଞ୍ଜନ ନାୟକଙ୍କ ପୁଅ ଦୀପକ କୁମାର ନାୟକ ଓ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ପୁର ଗ୍ରାମର ନିରାକାର ପ୍ରଧାନଙ୍କ ପୁଅ ରଞ୍ଜନ କୁମାର ପ୍ରଧାନଙ୍କୁ ବାଲିଚନ୍ଦ୍ରପୁର ଥାନା କେଶ ନଂ ୧୭୯/୨୫ ରେ ଦଫା ୩୦୯/୬ ବିଏନ୍ଏସ୍‌ରେ କୋର୍ଟ ଚାଲାଣ କରାଯିବ ସହ ଏଥିରେ ସମ୍ପୃକ୍ତ ଦୁଇଗୋଟି ଗାଡିକୁ ପୋଲିସ ଜବତ କରାଯାଇଥିବା ନେଇ ଥାନା ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ୍ ନେଇ ମହିଳାଙ୍କ ଧାରଣା



ମାହାଙ୍ଗା (ଭାସ୍କର ନ୍ୟୁଜ୍): ନୂତନ ସରକାର ଗ୍ରାମାଞ୍ଚଳର ଗରିବ, ଦିବ୍ୟାଙ୍ଗ, ଅଗ୍ନି ବିପନ୍ନ ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ପକ୍କା ଘର ଖଣ୍ଡେ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହି ଯୋଜନାରେ ପାତର ଅନ୍ତର କରାଯିବା ସହ ବ୍ୟାପକ ଅନିୟମିତତା ଅଭିଯୋଗରେ କିଛି ମହିଳା ହିତାଧିକାରୀ ବ୍ଲକରେ ଧାରଣାରେ ବସି ରହିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପରିସରରେ। ଏହି ବ୍ଲକ ଅନ୍ତର୍ଗତ ଭଉଁରିଆ ପଞ୍ଚାୟତର ପ୍ରାୟ ୨୦ଜଣ ପାଖାପାଖି ହିତାଧୀକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବ୍ଲକ ଅଧିକାରୀଙ୍କ ତଦନ୍ତ ଦ୍ୱାରା ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବାପାଇଁ ତାଲିକା ପ୍ରକାଶ ପାଇଛି। ଏପରିକି ପଞ୍ଚାୟତରେ ଥିବା ସମସ୍ତ ଗ୍ରାମର ହିତାଧିକାରୀଙ୍କୁ ସମାନ ଗୁରୁତ୍ୱ ଦିଆ ନଯାଇ ଏକ ନିର୍ଦ୍ଦିଷ୍ଟ ଗ୍ରାମ ର ହିତାଧିକାରୀଙ୍କ ନାମ ପ୍ରକାଶ ପାଇଥିବାରୁ ଏହାକୁ ପ୍ରତିବାଦ କରି ଅନ୍ୟ ଗ୍ରାମର ଯୋଗ୍ୟ ମହିଳା ହିତାଧିକାରୀ ମାନେ ସେମାନଙ୍କୁ କାର୍ଯ୍ୟାଦେଶ ତାଲିକାରେ ନାମ ପ୍ରକାଶକ କରିବା ନେଇ ବ୍ଲକ ପରିସରରେ ଧାରଣାରେ ବସିଛନ୍ତି। ଯଦି ସମସ୍ୟା ସମାଧାନ କରାନଯାଏ ତେବେ ଧାରଣା ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।

# ଶରଧାବାଲି ଦଳାଚକଟାରେ ମୃତ ମହିଳାଙ୍କ ପରିବାରଙ୍କୁ ଅନୁକମ୍ପା ରାଶି ପ୍ରଦାନ



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ କଳାଙ୍ଗ ପଂଚାୟତ ଅଧିନ ଗୋବର୍ଦ୍ଧନପୁର ଗ୍ରାମର ମୃତକ ବାସନ୍ତି ସାହୁଙ୍କ ପରିବାରକୁ ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ ୨୫ଲକ୍ଷ ଟଙ୍କାର ଏକ ଚେକ ପ୍ରଦାନ କରାଯାଇଛି। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅବସରରେ କୋଟି କୋଟି ଭକ୍ତ ତଥା ଲୋକାରଣ୍ୟ ହେତୁ ଦଳାଚକଟାରେ ୩ଜଣ ଭକ୍ତଙ୍କର ଅଘଟଣ ଭାବେ ମହାପ୍ରୟାଣ ଘଟିଥିଲା ।ଏ ଦୁଃଖଦ ଖବର ଜାଣିଲା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକ ପରିବାରଙ୍କୁ ୨୫ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲା ।ତେବେ ଯେଉଁ ୩ଜଣ ଭକ୍ତଙ୍କ ମହାପ୍ରୟାଣ ଘଟିଥିଲା, ତନ୍ମଧ୍ୟରୁ ବୋଲଗଡ ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁରସ୍ଥିତ ଦିଲ୍ଲୀପ ସାହୁଙ୍କ ଧର୍ମପତ୍ନୀ ବାସନ୍ତି ସାହୁ ଅଟନ୍ତି ।ଏହି ଅବସରରେ ମୃତ୍ୟୁ ବାସନ୍ତୀଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ଘୋଷିତ ୨୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଅଛି । ସରକାରଙ୍କ ପକ୍ଷରୁ ବୁଧବାର ପୂର୍ବାହ୍ନରେ ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୋବର୍ଦ୍ଧନପୁର ବାସଭବନକୁ ଆସି ମୃତକଙ୍କ ସ୍ୱାମୀଙ୍କୁ ଘୋଷିତ ଅର୍ଥରାଶିର ଚେକ ପ୍ରଦାନ କରିଛନ୍ତି। ଏହି ମହାନ ଅନୁକମ୍ପା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ପ୍ରମୁଖ ଯୋଗ ଦେଇଥିଲେ ।ଏଥିରେ କଳାଙ୍ଗ ସରପଞ୍ଚ ପ୍ରତିନିଧି ରତିକାନ୍ତ ରାଉତରାୟ ,ସମିତି ସଭ୍ୟ ରଶ୍ମି ରଞ୍ଜନ ପ୍ରଧାନ ଓ ପଂଚାୟତ ବିଜେଡି ସଭାପତି ପଞ୍ଚୁ ଭାରିମଲ୍ଲ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଦଳାଇ ସାହି ଗ୍ରାମପଂଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହିଥିଲେ ।ସେହିପରି ରାଜ୍ୟ ବିଜେପି ପରିଷଦ ସଭ୍ୟ ତଥା ଆଇନଜୀବି ଲୋତକ ବିନ୍ଦୁ ପଟ୍ଟନାୟକ, ଆଇନଜୀବି ବୀର ଦାସଙ୍କ ସମେତ ଅଂଚଳର ବହୁ ବିଜେପି ଓ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

# ବାଦ୍ ପଡ଼ିବେ ୧୧ହଜାରରୁ ଊର୍ଦ୍ଧ୍ୱ ରାସନକାର୍ଡ଼ ହିତାଧିକାରୀ !

ଧର୍ମଶାଳା(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ ୪୫ଟି ପଞ୍ଚାୟତର ରାସନ୍ ପାଉଥିବା ୪୨୮୯୯ ପରିବାର, ଅନ୍ତେ୍ୟାଦୟ ଯୋଜନାରେ ୫୪୬୯ ପରିବାର ଓ ରାଜ୍ୟ ସରକାରଙ୍କ ଯୋଜନାରେ ୯୧ ପରିବାରର ୧୭୮୮୩୩ଜଣ ହିତାଧିକାରୀ ମାସିକ ୫ କେଜି ଲେଖାଏଁ ଚାଉଳ ପାଉଥିଲେ । ରାଜ୍ୟରେ ନୂତନ ସରକାର ଆସିବା ପରେ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ରାସନ୍ କାର୍ଡ଼ ହିତାଧିକାରୀମାନେ ଇକେୱାଇସି କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ । ଗତ ମାସ ୩୦ ତାରିଖରେ ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏଯାବତ୍ ଧର୍ମଶାଳା ବ୍ଲକର ୧୧୩୩୯ଜଣ ହିତାଧିକାରୀ ଇ-କେୱାଇସି କରିନଥିବା ଧର୍ମଶାଳା ବ୍ଲକ ଯୋଗାଣ ନିରୀକ୍ଷକ ତପସ୍ୱିନୀ ବିଶ୍ୱାଳ ସୂଚନା ଦେଇଛନ୍ତି । ଯେଉଁ ହିତାଧିକାରୀମାନେ ଇ-କେୱାଇସି ସେମାନଙ୍କୁ ଜୁଲାଇ ମାସ ଠାରୁ ୩ମାସ ପାଇଁ ରାସନ୍ ସାମଗ୍ରୀ ଦିଆଯିବ ନାହିଁ । ୩ମାସ ମଧ୍ୟରେ ସେମାନେ ଇ-କେୱାଇସି କରିଲେ କାର୍ଡ଼ ପୁନଃ ସଚଳ ହେବା ସହ ରାସନ୍ ସାମଗ୍ରୀ ପାଇବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତ ମାସ ଠାରୁ ଏହି ବ୍ଲକକୁ ଆସିଥିବା ୮୯୪୧.୬୫କ୍ୱିଣ୍ଟାଲ୍ ମଧ୍ୟରୁ ୫୬୬.୯୫ କ୍ୱିଣ୍ଟାଲ କମ୍ ଚାଉଳ ଆସିବ ବୋଲି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଆଜି ସୁଧା ୯୩ ଭାଗ ହିତାଧିକାରୀ ଇ-କେୱାଇସି କରିଥିବା ବେଳେ ୭ଭାଗ ହିତାଧିକାରୀ ଇକେୱାଇସି କରିନଥିବ ଜଣାଯାଇଛି ।

# ଜେଏମ୍ଏଫ୍‌ସି କୋର୍ଟରେ ବନ ମହୋତ୍ସବ ପାଳିତ

ଝରିଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଯେ ଏମ ଏଫ ସି କୋର୍ଟ ଠାରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜେଏମଏଫସି କୋର୍ଟର ପ୍ରଥମ ଶ୍ରେଣୀ ବିଚାରପତି ତଥା ତାଲୁକ ଆଇନ ସେବା କମିଟିର ଅଧକ୍ଷ ସଂଘମିତ୍ରା ଦ୍ୱିବେଦୀ, ଚିଫ ଆଡ଼ମିନିଷ୍ଟ୍ରେଟିଭ ଅଫିସର ବୈକୁଣ୍ଠ ମାଝୀ, ହର୍ଷ ନାୟକ, ଲକ୍ଷ୍ମୀଲତା ବରାଳ, ଯମୁନା ସ୍ୱାଇଁ, ଡି ସନ୍ତୋଷୀ ଦୋରା, ଚିନ୍ମୟ ନାୟକ,. ଓ କୋର୍ଟର ପିଅନ ସରୋଜ କୁମାର ପତି, ଜୟଦେବ ଡାଳି ଓ ଓକିଲ ସଞ୍ଜୟ କୁମାର ନାୟକ, ଚନ୍ଦ୍ରଭାନୁ ନାୟକ, ତମ୍ବୁଦାଶ ପନକା, ବାଳକୃଷ୍ଣ ପଟ୍ଟନାୟକଙ୍କ ସମେତ ସମସ୍ତ ବନ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ରହି କୋର୍ଟ ପରିସରରେ ଆମ୍ବ, ପଣସ, ପିଜୁଳି, ଅଁଳା, ଚମ୍ପା ଭଳି ବିଭିନ୍ନ ଫଳ ଜାତୀୟ ଓ ଫୁଲ ଜାତୀୟ ବୃକ୍ଷ ସବୁ ରୋପଣ କରିଥିଲେ । ଶେଷରେ ମିଷ୍ଟାନ ବଣ୍ଟନ କରାଯାଇଥିଲା।

# ହେରା ପଞ୍ଚମୀ ପାଳିତ

ଉମରକୋଟ (ଭାସ୍କର ନ୍ୟୁଜ୍): ପବିତ୍ର ଆଷାଢ଼ ଶୁକ୍ଳ ପଞ୍ଚମୀ ତିଥିରେ ପାଳିତ ହୁଏ ହେରାପଞ୍ଚମୀ। ଉମରକୋଟ ଠାରେ ଆନନ୍ଦ ଓ ଉଲ୍ଲାସର ସହ ପବିତ୍ର ହେରାପଞ୍ଚମୀ ପାଳିତ ହୋଇଯାଇଛି । ଶ୍ରୀମନ୍ଦିରରେ ନାହାଁନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥ ତାଙ୍କୁ କିଛି ନ'କହି ଭାଇ-ଭଉଣୀଙ୍କ ସହିତ ଚାଲିଯାଇଛନ୍ତି ବୁଲିବାକୁ ରଥରେ । ମାଆ ଲକ୍ଷ୍ମୀ ସାଆନ୍ତାଣୀ ମାନ-ଅଭିମାନରେ ବସି ରହିଛନ୍ତି । ବିତିଗଲାଣି ଦୀର୍ଘ ପାଞ୍ଚ ଦିନ । ଆଉ ରହି ହେଉନାହିଁ କି ସହି ହେଉନାହିଁ, ରାଗ-ରୁଷା, ମାନ-ଅଭିମାନ କରନ୍ତି ମାଆ ଲକ୍ଷ୍ମୀ। ପବିତ୍ର ହେରାପଞ୍ଚମୀରେ ଠାକୁରମାନଙ୍କ ରଥ ନେବ ଦକ୍ଷିଣମୋଡ଼ । ରାଗରେ ମହାପ୍ରଭୁଙ୍କ ରଥକୁ ଲୁଚି ଲୁଚି ଯାଇ ଭାଙ୍ଗି ପକାନ୍ତି ମାଆ ଲକ୍ଷ୍ମୀ। କିନ୍ତୁ, ରଥ ଭାଙ୍ଗିପକାଇ ଜିଭକୁ କାମୁଡ଼ି ପକାନ୍ତି, ଏ'କଣ କଲେ ସେ ଲାଜରେ ଲୁଚି ଲୁଚି ମହାପ୍ରଭୁଙ୍କ ହସ ହସ ବଦନ ଟିକେ ଦେଖିଦେଇ ପୁଣି ଚାଲିଆସନ୍ତି ଶ୍ରୀମନ୍ଦିରକୁ । ପରମ୍ପରା ଅନୁସାରେ ହେରାପଞ୍ଚମୀ ତିଥିରେ ଏହି ଉତ୍ସବ ପାଳିତ ହୋଇଛି । ଅନ୍ୟପଟେ ସନ୍ଧ୍ୟାରେ ଉମରକୋଟ ଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚା ମଣ୍ଡପ ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତଙ୍କୁ ପଞ୍ଚମ ଦିବସ ବା ହେରାପଞ୍ଚମୀରେ ନରସିଂହ ଅବତାରରେ ଦର୍ଶନ ଦେଉଥିଲା ବେଳେ ମାତା ମହାଲକ୍ଷ୍ମୀ ପ୍ରଭୁଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାଇ ପ୍ରଭୁଙ୍କୁ ଦର୍ଶନ ନ କରି ପାରି ପ୍ରଭୁଙ୍କ ଉପରେ କ୍ରୋଧିତ ହୋଇ ରାତି ସମୟରେ ପ୍ରଭୁଙ୍କ ରଥ ଭାଙ୍ଗିବା ଲୀଳାକୁ ସେବାୟତ ମାନେ ଅତି ସୁନ୍ଦର ଭାବେ ପରିଚାଳନା କରିଥିବା ବେଳେ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ଜଗନ୍ନାଥ ଓ ମାତା ମହାଲକ୍ଷ୍ମୀଙ୍କ ଭେଟ ଆଳତି ଦେଖିବା ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ଗୁଣ୍ଡିଚା ମଣ୍ଡପ ନିକଟରେ ଦେଖିବାକୁ ମିଳିଥିଲା

## କ୍ରୀଡାଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

# ଭାବପୂର୍ଣ୍ଣ ବିଦାୟ ଜଣାଇଲେ ଛାତ୍ରଛାତ୍ରୀ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟର କ୍ରୀଡାଶିକ୍ଷକ ଧରଣୀଧର ମହାନ୍ତିଙ୍କୁ ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସତ୍ୟବ୍ରତ ଛାଟୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ନାୟକ, ମୁଖ୍ୟବକ୍ତା ମାଧବାନନ୍ଦ ସାହୁ, ସଂମ୍ମାନିତ ଅତିଥି ସର୍ବେଶ୍ୱର ମହାନ୍ତି, ଚିତ୍ତରଞ୍ଜନ ବାରିକ, ସଭାପତି ଅଲେଖ ବିଶ୍ୱାଳ, ଦେଶବନ୍ଧୁ ନାୟକ, ଜିଲ୍ଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକ, ବ୍ଲକ ଓସ୍ଥା ସମ୍ପାଦକ ସନ୍ତୋଷ କୁମାର ଦାଶ ଉପସ୍ଥିତ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ମିଥୁନ ହରିଚନ୍ଦନ। ଉପସ୍ଥିତ ଅତିଥି ନିଜ ବକ୍ତବ୍ୟରେ କହିଥିଲେ ଅବସରଗ୍ରହଣ କରୁଥିବା କ୍ରୀଡା ଶିକ୍ଷକ ଧରଣୀଧର ମହାନ୍ତି ନିଜ କାର୍ଯ୍ୟ କ୍ଷେତ୍ରରେ ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଅତିଥି ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଭାବ ବିହ୍ୱଳ ପରିବେଶରେ ଶିକ୍ଷକ ଘରେ ଛାଡିଥିଲେ।

# ଚୋରି ଅଭିଯୋଗରେ ପେଟ୍ରୋଲ ପମ୍ପ ମ୍ୟାନେଜର ଗିରଫ



ଟାଙ୍ଗି(ଭାସ୍କର ନ୍ୟୁଜ୍): ଚୋରି ପାଇଁ ନାଟକ ରଚିଥିଲେ ମ୍ୟାନେଜର ବାବୁ। ଶେଷରେ ଧରାପଡି ବନ୍ଧାହେଲେ ମ୍ୟାନେଜର ବାବୁ । ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଥାନା ଅଧିନସ୍ଥ ଛଣଗିରି ଗାଁର ରାସ୍ତା ପାର୍ଶ୍ୱରେ ରହିଛି ଜୟ ଜଗନ୍ନାଥ ନାମକ ଏକ ପେଟ୍ରୋଲ ପମ୍ପ । ଏହି ପେଟ୍ରୋଲ ପମ୍ପରେ ମ୍ୟାନେଜର ଭାବେ ଚନ୍ଦନ ସାହୁ କାର୍ଯ୍ୟ କରନ୍ତି । ଗତକାଲି ବିଳମ୍ବିତ ରାତ୍ରରେ ହଠାତ୍ କେତେକ ବ୍ୟକ୍ତି ପେଟ୍ରୋଲ ପମ୍ପରୁ ପ୍ରାୟ ୩ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି ବୋଲି ମ୍ୟାନେଜର ଚନ୍ଦନ ସାହୁ ଜଙ୍କିଆ ଥାନାକୁ ଜଣାଇଥିଲେ । ଜଙ୍କିଆ ଥାନା ନିରୀକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଗଠନ କରାଗଲା ଏକ ସ୍ୱତନ୍ତ୍ର ଟିମ୍ । ଏହି ଟିମ୍ ବିଭିନ୍ନ ଦିଗକୁ ଧରି ତଦନ୍ତ କରିବା ପରେ ଟଙ୍କା ଲୁଟ୍‌ପାଟ୍ ଘଟଣାରେ ସନ୍ଦେହ ଘେରକୁ ଆସିଥିଲେ ପେଟ୍ରୋଲ ପମ୍ପ ମ୍ୟାନେଜର ବାବୁ ଚନ୍ଦନ ସାହୁ । ତଦନ୍ତ ପରେ ମ୍ୟାନେଜର ବାବୁଙ୍କ ସବୁ ନାଟକ ଧରାପଡିଥିଲା । ନିଜେ ଟଙ୍କା ଆତ୍ମସାତ କରିବା ପାଇଁ ନାଟକ ରଚିଥିଲେ ପେଟ୍ରୋଲ ପମ୍ପ ମ୍ୟାନେଜର ଚନ୍ଦନ ସାହୁ ଏବଂ ଅଭିଯୁକ୍ତ ଚନ୍ଦନ ସାହୁଙ୍କ ଠାରୁ ଉଦ୍ଧାର ହୋଇଥିଲା ( ୨ ଲକ୍ଷ ୬୨ ହଜାର ୩୬୦ ଟଙ୍କା ) ସମସ୍ତ ଚୋରି ଟଙ୍କା ।

# ଜାତୀୟ ଡାକ୍ତର ଓ ଚାଟାର୍ଡ଼ ଦିବସ ପାଳିତ

ଧର୍ମଶାଳା (ଭାସ୍କର ନ୍ୟୁଜ୍) : ଜାରକା ରୋଟାରି ଓ ଇନର ହୁଇଲ କ୍ଲବର ମିଳିତ ଆନୁକୂଲ୍ୟରେ ଜାତୀୟ ଡାକ୍ତର ଓ ଚାଟାର୍ଡ଼ ଦିବସ ଜାରକାସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । କ୍ଲବର ନବ ନିର୍ବାଚିତ ସଭାପତି ଇଂ ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ଡାକ୍ତରମାନଙ୍କ ସେବା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଡା.ସୁଧୀର କୁମାର ସାହୁ, ଡା.ମାନସ ରଞ୍ଜନ ସ୍ୱାଇଁ, ଡା.ବିଶ୍ୱରଞ୍ଜନ କର, ଡା.ପ୍ରିୟବ୍ରତ ପଣ୍ଡା, ଡା. ବିଦ୍ୟାଧର ପାତ୍ର, ଡା. ଦେବପ୍ରିୟ ଷଡଙ୍ଗୀ, ଡା. ଅଜିତ କୁମାର ସାମଲଙ୍କ ସହିତ ଚାଟାର୍ଡ଼ ଆକାଉଣ୍ଟମହାମାୟା ପ୍ରତାପ ସ୍ୱାଇଁଙ୍କୁ ଅତିଥି ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ରୋଟାରି କ୍ଲବ ସମ୍ପାଦକ ଦୀପକ କୁମାର ଜେନା ସୂଚନା ପ୍ରଦାନ କରିଥିବା ବେଳେ ଇନରହୁଇଲ କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଠେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇନର ହୁଇଲ ପକ୍ଷରୁ ମିନତୀ ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ, କଳ୍ପନା ପରିଡା, ଅଜନ୍ତା ପାଣିଗ୍ରାହୀ, ବିଶ୍ୱମିତ୍ରା ସାହୁ, କଳ୍ପନା ଖୁଣ୍ଟିଆ, ଶୁଭଲକ୍ଷ୍ମୀ କର, ଉପାସନା ଶତପଥୀ, ଅରୁଣାରଶ୍ମି ସାମଲ, ଅର୍ଚ୍ଚନା ସ୍ୱାଇଁ, ଗୋଲାପ ମଞ୍ଜରୀ ପଣ୍ଡା, କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା ଏବଂ ରୋଟାରି କ୍ଲବର ଆଡ଼ଭୋକେଟ ରାଜେନ୍ଦ୍ର ପଲେଇ, ଜୟପ୍ରକାଶ ତ୍ରିପାଠୀ, ପ୍ରଦୀପ୍ତ କୁମାର ବରାଳ, କଳାକାର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ବିନୋଦ କୁମାର ପରିଡା, ପ୍ରମୋଦ କୁମାର ସାମଲ, ଧରଣୀଧର ଦାଶ, ହରିହର ପଣ୍ଡା, ଅଜାମ୍ବର ସାହୁ, କ୍ୟାପ୍‌ଟେନ୍ ତ୍ରିଲୋଚନ ବିଶ୍ୱାଳ, ଯୁଧିଷ୍ଠିର ରାଉତ, ଦେବେନ୍ଦ୍ର ସାହୁ, ଚକ୍ରଧର ଲେଙ୍କା, ଆଡ଼ଭୋକେଟ ଆଲୋକ ଜେନା, ଜୟଗୁରୁ ପାତ୍ର ଓ ଇନ୍ଦ୍ରମଣି ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ । ସର୍ବଶେଷରେ ଇନରହୁଇଲ କ୍ଲବର ନବନିର୍ବାଚିତ ସମ୍ପାଦିକା ପ୍ରଭାତ ନଳିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ତ୍ରିଲୋଚନ ପ୍ରଧାନଙ୍କ ୧୬ ତମ ସ୍ମୃତି ଦିବସ



ବାଙ୍କୀ (ଭାସ୍କର ନ୍ୟୁଜ୍)): ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ପଞ୍ଚାୟତ ସ୍ଥିତ ପସାଣିଆ ଗ୍ରାମର ସ୍ୱର୍ଗତ ତ୍ରିଲୋଚନ ପ୍ରଧାନଙ୍କ ୧୬ ତମ ସ୍ମୃତିଚାରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ , ମୁଖ୍ୟ ବକ୍ତା ଭାବେ ଓଡିଆ ଭାଷା ସାହିତ୍ୟ ବିଭାଗୀୟ କଣ୍ଟିଲୋ ନୀଳମାଧବ କଲେଜ ମୁଖ୍ୟ ଡଃ ନିରୋଦ କୁମାର ମନ୍ତ୍ରୀ , ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାଷ ଚନ୍ଦ୍ର ପାଢ଼ୀ, ବାଙ୍କୀ କେନ୍ଦ୍ର ଜୋନ୍ ଜିଲ୍ଲାପରିଷଦ ମିନତୀ ମହାପାତ୍ର , କଳା ପଥର ଜୋନ୍ ଜିଲ୍ଲାପରିଷଦ ରଶ୍ମିତା ସାହୁ, ସରପଞ୍ଚ ଆଶୋକ କୁମାର ମିଶ୍ର , ସମିତି ସଭ୍ୟ ମମତା ଦେହୁରୀ , ସମବାୟବିତ୍ ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ବିଜୟ କୁମାର ପଢିଆରୀ ସଭାପତିତ୍ୱ କରିଥିଲାବେଳେ ଆଇନଜୀବୀ ଜୟନାରାୟଣ ମିଶ୍ର ଅତିଥି ପରିଚୟ ଓ ନରସିଂହପୁର କଲେଜ ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ ବିବରଣୀ ପଠନ କରିଥିଲେ । ପୁଷ୍ପଗୁଚ୍ଛ ଓ ଉପଢୌକନ , ବ୍ୟାଚ ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସ୍ୱର୍ଗତ ତ୍ରିଲୋଚନ ପ୍ରଧାନଙ୍କ କାର୍ଯ୍ୟଶୈଳୀ, ମାନବପ୍ରେମୀ ଏବଂ ଜଣେ ନିଷ୍ଠାପର ଭାବେ ପରୋପକାରୀ ବ୍ୟକ୍ତି ଭାବେ ବେଶ ପରିଚିତ ଥିବାବେଳେ ଏକ ଧାରରେ ସେ ବାଙ୍କୀର ବିନ୍ଧାଣି ଥିଲେ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମଞ୍ଚାସୀନ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିକୁ ମନେ ପକାଇ ତାଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବାଙ୍କୀର କାର୍ଯ୍ୟରତ ସାମ୍ବାଦିକ ତଥା ରାଜ୍ୟ ସାମ୍ବାଦିକ ସଂଘ (ଏସ ୟୁ ଜେ) ଜିଲ୍ଲା ସଙ୍ଗଠନ ସଂପାଦକ ଶୁଭେନ୍ଦୁ ମହାପାତ୍ର ଆଦର୍ଶ ସାମ୍ବାଦିକ ଭାବର ବିଧାୟକ ତ୍ରିପାଠୀ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବାବେଳେ ସେହିପରି କେଦାର ଚନ୍ଦ୍ର ସାମଲ, ସୁମନ କୁମାର ନାଏକ , ଶିକ୍ଷାବିତ୍ ନରୋତ୍ତମ ବେହେରା , ମହାବେରେଣା ସରକାରୀ ଉଚ୍ଚ ବିଦ୍ୟାଳୟ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ପାୟଲ ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ୍ ସ୍ୱର୍ଗତ ପ୍ରଧାନଙ୍କ ପରିବାର ଲୋକେ ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷମାନଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଥିଲେ । ସମାଜସେବୀ ସଦାଶିବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଉସୀ ମା' ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଧର୍ମଶାଳା (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ହାଟପଡ଼ିଆସ୍ଥିତ ମାଉସୀ ମାଆ ମନ୍ଦିର ପରିସରରେ ଷଷ୍ଠ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବୁଧବାର ୬ଷ୍ଠ ସଂଧ୍ୟାରେ ଧାନମଣ୍ଡଳସ୍ଥିତ ଉଦ୍ୟମାନ କଳା ପରିଷଦ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଶହଶହ ଶ୍ରାଦ୍ଧାଳୁଙ୍କ ମନୋରଞ୍ଜନ କରାଯାଇଛି । ପୂର୍ବରୁ ଖଞ୍ଜଣୀ ଭଜନ ଓ ବାଲିଗରି ଗ୍ରାମବାସୀଙ୍କ ଦ୍ୱାରା କିର୍ତ୍ତନ ଅନୁଷ୍ଠିତ ହୋଇଥିଲା । ମୁନିସୀ ମେଲଣ କମିଟିର ପୂର୍ବତନ ସଭାପତି ତଥା ପୂର୍ବତନ ଥାନାଥିକାରୀ ସରୋଜ କୁମାର ସାହୁ ମାଉସୀ ମାଆ ମନ୍ଦିରକୁ ଆସି ଠାକୁରଙ୍କ କୃପାଭିକ୍ଷା କରିଥିଲେ । ଏହି ଅବସରରେ ତାଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମୁନିସୀ ମେଲଣ କମିଟିର ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝି, ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଦାସ, ଚନ୍ଦ୍ରମଣୀ ପଣ୍ଡିତ୍, ଗଗନ ବରାଳ, କଳ୍ପତରୁ ସାହୁ, ବିଚିତ୍ର ସ୍ୱାଇଁ, ଆଲୋକ ଲେଙ୍କା, ଶରତ ଓଝା, ମନୋଜ ରାଉଳ, ପ୍ରବୋଧ ପାତ୍ର, ଅମୀୟ ମହାନ୍ତି, ରମେଶ ମହାନ୍ତି ପ୍ରମୁଖ ସଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରୁଛନ୍ତି ।





# ଆମ କଳାହାଣ୍ଡି







## ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଜନ କାର୍ଯ୍ୟକ୍ରମ

# ସୁର୍ ମହକ୍ ମ୍ୟୁଜିକାଲ୍ ଗ୍ରୁପ୍‌ର ଭକ୍ତି ସଙ୍ଗୀତରେ ଜଗନ୍ନାଥ ପ୍ରେମୀ ବିଭୋର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ପବିତ୍ର ହେରା ପଞ୍ଚମୀ ଅବସରରେ ଗୋଟିଏ ପଟେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ବିଜେ ଜଗତର ମଉଡମଣି ଶ୍ରୀଜଗନ୍ନାଥଙ୍କ ପୁଣ୍ୟଦର୍ଶନ ଓ ଆରପଟେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀମାନଙ୍କ ସୁଲଳିତ ସ୍ୱରରେ ମହାପ୍ରଭୁଙ୍କ ଭକ୍ତି ସଂଗୀତ ପରିବେଶଣ ସ୍ଥାନୀୟ ପରିବେଶକୁ ଭକ୍ତିମୟ କରିଦେଉଥିଲା। ଏହି ପରିପ୍ରେକ୍ଷୀରେ ତା.୦୧ ତାରିଖ ମଙ୍ଗଳବାର ସନ୍ଧ୍ୟା ୭ ଟା ଠାରୁ ରାତି ୧୦ ଟା ପର୍ଯ୍ୟନ୍ତ ସ୍ଥାନୀୟ ସୁର୍ ମହକ୍ ମ୍ୟୁଜିକ୍ ଗ୍ରୁପ୍ ପକ୍ଷରୁ ସଂଗୀତଶିଳ୍ପୀ ନିଳାଞ୍ଚଳ ପାନ ଓ ସାଥୀମାନଙ୍କ ଦ୍ୱାରା ଜଗନ୍ନାଥ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ସଂସ୍କୃତି ପରିଷଦ କଳାହାଣ୍ଡି ଓ ଜିଲ୍ଲା ପ୍ରଶାସନ କଳାହାଣ୍ଡି ତରଫରୁ ଆୟୋଜନ କରାଯାଇଥିଲା।





କାର୍ଯ୍ୟକ୍ରମରେ ବରିଷ୍ଠ ଶିଳ୍ପୀ ପଦ୍ମନାଭ କୁମ୍ଭାର, ସଭାପତି କଳାହାଣ୍ଡି କଳାକାର ସଂଘ ଭବାନୀପାଟଣା, ଡକ୍ଟର ଅଜୟ କୁମାର ମିଶ୍ର ବରିଷ୍ଠ ଶିକ୍ଷାବିତ୍, ଚିଣ୍ଟୁ ପ୍ରସାଦ ନାଏକ ସଦସ୍ୟ ଓଡିଶା ସଂଗୀତ ନାଟକ ଏକାଡେମୀ ତଥା ଅଧ୍ୟକ୍ଷ କଳାହାଣ୍ଡି କଲେଜ୍ ଅଫ୍ ଆର୍ଟ ଭବାନୀପାଟଣା, ଶଶାଙ୍କ ଶେଖର ପଣ୍ଡା ଅଧ୍ୟକ୍ଷ ଟିରିଟିଉନ୍ ମିଉଜିକ୍ ସ୍କୁଲ ଭବାନୀପାଟଣା, ନୁପୂର ପଟ୍ଟନାୟକ ସମାଜ ସେବୀ, ପ୍ରଭାସ ଚଂନ୍ଦ୍ର ମିଶ୍ର ବରିଷ୍ଠ କଳାକାର ତଥା ବଂଶୀବାଦକ,ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକ ସମାଜସେବୀ, ଭବାନୀ ଶଂକର ନିଆଲ୍ ସଂପାଦକ ମହୁରୀ ପତ୍ରିକା, ଅଂଶୁମାନ୍ ବାବୁ, ଜିଲ୍ଲା ଶିଶୁ ସୁରକ୍ଷା ସଂସ୍ଥା, ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁର ମହକ ଗ୍ରୁପ୍ ତରଫରୁ କଳାକାର, ଉଦ୍‌ଘୋଷକ, ଉଦ୍‌ଘୋଷିକା, ଏକେଏନ୍ ନ୍ୟୁଜ୍‌ର ମୁଖ୍ୟ ଅମିୟ କୁମାର ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ମଞ୍ଚ ପରିଚାଳନା କବି ବିରଞ୍ଚି ନାରାୟଣ ମୁଣ୍ଡ ଓ କାଜଲ ମହାରଣା। ସୁର୍ ମହକ ମ୍ୟୁଜିକାଲ୍ ଗ୍ରୁପ୍‌ର ମୁଖ୍ୟ ତଥା କଂଠଶିଳ୍ପୀ ନିଳାଞ୍ଚଳ ପାନ, ବିରେନ୍ଦ୍ର କୁମାର ରାଉତ୍, ସସ୍ମିତା ମହାନ୍ତି, ମୌସୁମୀ ସୁନାନୀ ଓ ଅନୁସ୍କା ସାହାଣୀ ପ୍ରମୁଖ କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିଥିଲେ। ବିଭିନ୍ନ ବାଦ୍ୟଯନ୍ତ୍ରରେ ଥିଲେ ତୁଷାର ଧଙ୍ଗଡାମାଝୀ, ଚିନ୍ମୟ ମହାରଣା, ତୀର୍ଥରାଜ ସତନାମୀ, ଜୟରାମ ଶବର, ଐରାବତ ଶବର, ଲିଲେସ କୁମାର ସାହୁ, ତ୍ରିଶକ୍ତି ହାତୀ, ଶୁଭମ୍ ପ୍ରଧାନ, ସଂଜୟ ନାଏକ, କୀର୍ତ୍ତୀକାନ୍ତ କାଣ୍ଡ, ଅସିତ୍ ନାଗ୍ ଓ ବିଦ୍ୟାଶିଂ ପଂଡା ପ୍ରମୁଖ।

# ବନ ମହୋତ୍ସବ ସପ୍ତାହ ଆରମ୍ଭ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଉତ୍ତର ବନଖଣ୍ଡର ଭବାନୀପାଟଣା ରେଞ୍ଜ ତରଫରୁ ସ୍ଥାନୀୟ ଶିଶୁ ପର୍ଯ୍ୟବେକ୍ଷଣ ଗୃହ ଠାରେ ୭୬ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଉତ୍ତର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଲିଲି ଅମାନତ୍ୟା ଯୋଗ ଦେଇ ବନ ମହୋତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଉପକାରୀତା ବିଷୟରେ ପର୍ଯ୍ୟବେକ୍ଷଣ ଗୃହରେ ଥିବା ଅନ୍ତେବାସୀମାନଙ୍କୁ ବିଷଦ୍ ଭାବରେ ବୁଝାଇଥିଲେ ଏବଂ ପର୍ଯ୍ୟବେକ୍ଷଣ ଗୃହର ଭାରପ୍ରାପ୍ତ ଅଧିକ୍ଷକ ଗୁଲାମ ଅମିବୁଲା ଖାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି ଏବଂ ଭବାନୀପାଟଣା ରେଞ୍ଜ ଅଧିକାରୀଣି ସ୍ନିଗ୍ଧା ସରିତା ବଳିଆର ସିଂ ପ୍ରମୁଖ ଉପସ୍ଥିତ ରହି ଗଛ ଓ ଗଛର ଉପକାରୀତା ଓ ମନୁଷ୍ୟର ତାହା କେତେ ଦରକାରୀ ସେ ସମ୍ପର୍କରେ ଅନ୍ତେବାସୀ ମାନଙ୍କୁ ବୁଝାଇଥିଲେ। ଭବାନୀପାଟଣା ରେଞ୍ଜର ଡେପୁଟି ରେଞ୍ଜର ରେଖାରାଣୀ ମିଶ୍ରଙ୍କ ସହିତ ଟାଉନ ଫରେଷ୍ଟର ଦେବବ୍ରତ ମିଶ୍ର, ଭବାନୀ ଶଙ୍କର ପରିଛା, ଭାଗବତ ଭୂଷଣ ବେହେରା, ସର୍ବେଶ୍ୱର ଗହୀର, କିଶୋର ଚନ୍ଦ୍ର ସାହୁ ଏବଂ ସମସ୍ତ ଫରେଷ୍ଟଗାର୍ଡ ଉପସ୍ଥିତ ରହି ବନମହୋତ୍ସବ ସପ୍ତାହ ପାଳନର ପ୍ରଥମ ଦିନକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ସମସ୍ତ ଆୟୋଜନକୁ ପାର୍ଟନର ଏନ୍‌ଜିଓର ଟିମ୍ ଲିଡର ସୁବାଷ ପଟେଲ, ଅଭିଜିତା ପରିଡା, ଉମେଶ ଗଉଡ, ସଞ୍ଜୟ ଓ ଅଜୟ ପ୍ରମୁଖ ମିଶି ସହଯୋଗ କରିଥିଲେ। ପରିଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ମିଶି ପର୍ଯ୍ୟବେକ୍ଷଣ ଗୃହ ପରିସରରେ ବୃକ୍ଷରୋପଣ କରିଥିଲେ।




# ପୁଣି ବାରବଖରା ସ୍କୁଲ ଖୋଲିବାକୁ ଗ୍ରାମବାସୀଙ୍କ ଦାବି

କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମ ପଞ୍ଚାୟତର ବାରବଖରା ଗାଁର ବନ୍ଦ ପଡିଥିବା ପ୍ରାଥମିକ ବିଦ୍ୟାଳୟରକୁ ପୁନଃ ଖୋଲିବା ନେଇ ଦାବି ହୋଇଛି। ଏନେଇ ବୁଧବାର ଗ୍ରାମବାସୀ ମାନେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ, ବାରବଖରା ପ୍ରାଥମିକ ବିଦ୍ୟାଳୟକୁ ଗତ ୨୦୨୧ ମସିହାରେ ଶିକ୍ଷା ବିଭାଗ ପକ୍ଷରୁ ୨୦ରୁ କମ୍ ଛାତ୍ରଛାତ୍ରୀ ଉପସ୍ଥାନ ଥିବା ଦର୍ଶାଇ ସ୍କୁଲକୁ ବନ୍ଦ କରାଯାଇଛି। ଏବଂ ସେହି ସମୟରେ ଉକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନିକଟସ୍ଥ ଖୁଣ୍ଟିଆ, ଧରୁଆପଡ଼ା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ବାରବଖରା ଗାଁଠାରୁ ଧରୁଆପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରାୟ ୨.କିଲୋମିଟରରୁ ଉର୍ଦ୍ଧ୍ୱ ଦୂର ଥିବାରୁ ଛାତ୍ର ଛାତ୍ରୀମାନେ ସ୍କୁଲ ଯିବା ଆସିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଛାଟିଆରାସ୍ତା କାରଣରୁ ଅଭିଭାବକ ମାନେ ପିଲାଙ୍କୁ ସ୍କୁଲ ଛାଡି ବାକୁ ସୁରକ୍ଷିତ ମଣୁ ନାହାଁନ୍ତି। ଅନ୍ୟପଟେ ବନ୍ୟ ଜୀବଜନ୍ତୁ ଭୟ ମଧ୍ୟ ରହିଛି। ଏହି କାରଣରୁ ଅନେକ ପିଲା ସ୍କୁଲ ଯିବାପାଇ ଅମଙ୍ଗ ହେଉଛନ୍ତି। ଏନେଇ ଆଜି ଗାଁର ଲୋକେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀଙ୍କୁ ପ୍ରଦାନ କରିଛନ୍ତି। ଏବଂ ବନ୍ଦ ପଡିଥିବା ଉକ୍ତ ବିଦ୍ୟାଳୟକୁ ପୁନଃର୍ବାର ଖୋଲିବାକୁ ଦାବି କରିଛନ୍ତି।



## ସାହାରା କମ୍ପାନୀର ଜଣେ କର୍ମଚାରୀ ନିଖୋଜ ଘଟଣା

# ଆଦିବାସୀ ସଙ୍ଘର ହସ୍ତକ୍ଷେପ ସହିତ ଥାନାରେ ଏତଲା




ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ସ୍ଥିତ ସାହାରା କମ୍ପାନୀରେ କାର୍ଯ୍ୟରତ ଘନଶ୍ୟାମ ମାଝୀ (୨୮) ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୁଅର ବାପା ପ୍ରସାଦ ମାଝୀ ଧର୍ମଗଡ ଥାନାରେ ଏତଲା ଦେଇଛନ୍ତି। ଉଲ୍ଲେଖ ଥାଉ କି କଳମପୁର ଥାନା ବଲାଗାଁର ପ୍ରସାଦ ମାଝୀଙ୍କ ପୁଅ ଘନଶ୍ୟାମ ମାଝୀ ଧର୍ମଗଡ ସାହାରା କମ୍ପାନୀରେ ଦୀର୍ଘ ଦିନରୁ କାର୍ଯ୍ୟରତ ଥିବା ବେଳେ ଗତ ଜୁନ ୨୪ ତାରିଖ ଦିନ କମ୍ପାନୀ ର ଦୁଇଜଣ କର୍ମଚାରୀ ବଲାଗାଁ କୁ ଯାଇ ପରିବାର ବର୍ଗ ଙ୍କୁ ଘନଶ୍ୟାମ ମାଝୀ ଘରକୁ ଆସିଛି କି ବୋଲି ପଚାରି ଥିଲେ। ପରିବାର ଲୋକେ ଘରକୁ ଆସିନି ବୋଲି କହିବାରୁ ଘନଶ୍ୟାମ ଗତ ଜୁନ ୨୦ ତାରିଖ ଶୁକ୍ରବାର ଦିନ ପୋଲିସ ହୋମଗାର୍ଡ ଇଣ୍ଟରଭିୟୁ ଦେବାକୁ ଯାଉଛି କହି ଆଉ ଫେରି ନାହାନ୍ତି ବୋଲି କମ୍ପାନୀରୁ ଆସିଥିବା ଦୁଇ ଜଣ କର୍ମଚାରୀ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଗତ ୨୬ ତାରିଖଦିନ ଧର୍ମଗଡ ଥାନାରେ ଏତଲା ଦେଇଥିଲେ। ପୋଲିସ ଥାନା କେଶ ନମ୍ବର ୪୪/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରିରଖିଥିବା ବେଳେ ବୁଧବାର ସକାଳ ୧୧ ଟା ରେ ଆଦିବାସୀ ସଙ୍ଘ ତରଫରୁ ଦକ୍ଷିଣ ଓଡିଶା ଆଦିବାସି ମହାସଂଘ ସଭାପତି ଗଙ୍ଗାଧର ମାଝୀ, ଜିଲ୍ଲା ଆଦିବାସୀ ସଙ୍ଘ ସଭାପତି ପ୍ରକାଶ ମାଝୀ, ଜୟପାଟଣା ଆଦିବାସୀ ସଙ୍ଘ ସଭାପତି ମନୋଜ ପାତ୍ର, ଜୁନାଗଡ଼ ବ୍ଲକ ସଭାପତି ହୃଦାନନ୍ଦ ମାଝୀ, ଧର୍ମଗଡ ବ୍ଲକ ଆଦିବାସୀ ସଙ୍ଘ କୋଷାଧକ୍ଷ ଶ୍ୟାମ ସୁନ୍ଦର ମାଝୀ, ସମ୍ପାଦକ ଗୋବର୍ଦ୍ଧନ ଶବର, ଉପସଭାପତି ବନମାଳୀ ଭୋଇ, ରୁକୁରାମ ଶବର, ପୁରୁଷୋତ୍ତମ ମାଝୀ, ପ୍ରସାଦ ମାଝୀ ଧର୍ମଗଡ ଥାନାର ଦ୍ୱାରସ୍ତ ହୋଇ ଥାନା ଅଧିକାରୀ ଙ୍କୁ ସାକ୍ଷାତ କରି ନିଖୋଜ ଯୁବକ ସମ୍ପର୍କ ରେ ଆଲୋଚନା କରିଥିବା ଜଣାପଡିଛି।

# ଗତାବନ୍ଧ-ଧନସରା ରାସ୍ତା ଦୟନୀୟ



କୋକସରା, (ଭାସ୍କର ନ୍ୟୁଜ୍) : ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା କୋକସରା ବ୍ଲକର ଗତାବନ୍ଧ-ଧନସରା ରାସ୍ତା ଦିର୍ଘ ବର୍ଷ ହେବ ମରାମତି ଅଭାବ କାରଣରୁ ଶୋଚନୀୟ ହୋଇପଡ଼ିଛି। ରାସ୍ତାରୁ ପିଚୁ ଉଠି ଯାଇ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଲୋକେ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି କି ଖାଲଖମା ଯୋଗୁଁ ଦୁର୍ଘଟଣାର ଶୀକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସୂଚନା ଯେ' ଉକ୍ତ ରାସ୍ତାଟି ଫୁପଗାଁ ସିର୍ଲିଗୁଡାଠାରୁ ଗତାବନ୍ଧ, ଧନସରା, ତୁନଗାଁ, ଆଁଇଲି ଦେଇ ଲଡୁଗାଁକୁ ସଂଯୋଗ କରୁଛି। ତେବେ ଗତ କିଛି ମାସ ତଳେ ଫୁପଗାଁରୁ ଗତାବନ୍ଧ ପର୍ଯ୍ୟନ୍ତ ରାସ୍ତା ମରାମତି କରାଯାଇଛି। ହେଲେ ଗତାବନ୍ଧ ଗାଁ ଶେଷ ମୁଣ୍ଡରୁ ଧନସରା, ତୁନଗାଁ ଦେଇ ଆଁଇଲି ପର୍ଯ୍ୟନ୍ତ ପ୍ରାୟ ୪. କିମି ରାସ୍ତା ମରାମତି ଅଭାବ କାରଣରୁ ଶୋଚନୀୟ ହୋଇପଡ଼ିଛି। ଏବେ ବର୍ଷା ଦିନ ହୋଇ ଥିବାରୁ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଖାଲ ଖମାରେ ପାଣି ଜମି ରହୁଥିବାରୁ ଲୋକେ ଯିବାଆସିବା କରିବା ସମୟରେ ଖସି ପଡୁଛନ୍ତି। ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ମଧ ଆଶଂକା ରହିଛି। ପ୍ରତିଦିନ ଏହି ରାସ୍ତା ଦେଇ ଲୋକେ ବ୍ୟବସାୟୀକ ପେଣ୍ଠସ୍ଥଳ ଲଡୁଗାଁକୁ ବିଭିନ୍ନ କାର୍ଯ୍ୟ ପାଇଁ ଯିବା ଆସିବା କରୁଥିବାବେଳେ ଏହି ରାସ୍ତାରେ ଆଁଇଲି, ତୁନଗାଁ, ଧନସରା ସମେତ ଆଖପାଖ ଅଞ୍ଚଳର ଲୋକେ କୋକସରା ବ୍ଲକ କାର୍ଯ୍ୟାଳୟ, ମେଡିକାଲ ସମେତ ବିଭିନ୍ନ କାର୍ଯ୍ୟାଳୟ ଓ ଛାତ୍ର ଛାତ୍ରୀ ମାନେ ସ୍କୁଲ ଓ କଲେଜ ଯିବା ଆସିବା କରିବାରେ ନିର୍ଭର କରିଥାନ୍ତି। ତେବେ ଯାତାୟାତ ସମୟରେ ଅନେକ ହଟହଟା ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏହି ରାସ୍ତା ମରାମତି ଦିଗରେ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେବା ସହ ବର୍ଷା ଦିନ ଲାଗି ଯୁଦ୍ଧ କାଳୀନ ଭିତରେ ପଦକ୍ଷେପ ଗ୍ରହଣ କରିବା ନେଇ ଦାବି ହୋଇଛି। ଏନେଇ କୋକସରା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ ଉକ୍ତ ରାସ୍ତା ମରାମତି ଦିଗରେ ଶୀଘ୍ର ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି।

# ବନମହୋତ୍ସବ ପାଳିତ

ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଜୁନାଗଡ଼ ବ୍ଲକ ବଙ୍କିତୁଳସୀପାଲି ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ବନଖଣ୍ଡ ଅଧିକରୀ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ୭୬ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ କଳାହାଣ୍ଡି ଦକ୍ଷିଣ ବନାଞ୍ଚଳ ଜୁନାଗଡ଼ ବନଖଣ୍ଡ ଅଧିକାରୀ ଶୀମାଞ୍ଚଳ ମିଶ୍ର ଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସରପଞ୍ଚ ଦିବ୍ୟଦୀପ, କଲେଇଗାଁ ସରପଞ୍ଚ ମଳୟରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ଜୁନାଗଡ଼ ନଗରପାଳ ସୁଧାଂଶୁ ଶେଖର ବରାଡ଼ ଓ ମୁକେଶ ଅଗ୍ରୱାଲ, ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ତପନ ମାଝୀ, ସମିତି ସଭ୍ୟା କାଞ୍ଚନ ବାଗ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନବାଡି, ଆଶା କର୍ମୀ, ସିଆରପି, ଏମ୍‌ବିକେ ଓ ସହଯୋଗକାରୀ ଏନ୍‌ଜିଓ ସଂସ୍ଥା ବିଭିନ୍ନ ମହିଳା ସଂଗଠନ ଓ ବିଭିନ୍ନ ସହଯୋଗୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ହୋଇ ଚାରାରୋପଣ କରିଥିଲେ। ଏଥି ସହ, ଅନେକ ବନଖଣ୍ଡ କର୍ମଚାରୀ, ବନମାଳୀପୁର ବିଟ ଅଞ୍ଚଳ ଫରେଷ୍ଟର ଶ୍ରୀକାନ୍ତ ପଟ୍ଟନାୟକଙ୍କ ସହ ସମସ୍ତ ବନଖଣ୍ଡ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏଥିରେ ସକ୍ରିୟ ସହଯୋଗ କରିବା ସହ, ସ୍କୁଲ ପ୍ରଧାନ ଶିକ୍ଷକ ଓ ସହ ଶିକ୍ଷକ ମାନଙ୍କ ସହ ସ୍କୁଲ ଛାତ୍ର ଛାତ୍ରୀ ମାନେ ଉତ୍ସାହର ସହିତ ବିଭିନ୍ନ ପ୍ରକାର ଗଛର ଚାରାରୋପଣ କରିଥିଲା। ସରକାରଙ୍କର ବିକାଶ ମୂଳକ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଇବା ସହ ମାଆ ନାଁରେ ଗୋଟିଏ ଗଛ ଲଗାଇବା ପାଇଁ ଧର୍ମଗଡ଼ ବିଧାୟକ ଜନସାଧାରଣଙ୍କ ପାଖରେ ବାର୍ତ୍ତା ପ୍ରଦାନ କରିଥିଲେ ଓ ତାଙ୍କର ନିଷ୍ପାପର ସହଯୋଗକୁ ଅଞ୍ଚଳ ବାସି ପ୍ରଶଂସା କରିଥିଲେ।

# ୫୭ ଏସ୍‌ଏମ୍‌ଏ ଦରମା ନ ପାଇ ହନ୍ତସନ୍ତ

- ବିଭାଗର ଉପେକ୍ଷା ନେଇ ଆଶଙ୍କାରେ କର୍ମଚାରୀ
- ତୁରନ୍ତ ପଦକ୍ଷେପ ପାଇଁ ଦାବି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) ଓଡ଼ିଶାର ୨୬ଟି ଜିଲ୍ଲାରେ କାର୍ଯ୍ୟରତ ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞ (ସବଜେକ୍ଟ ମ୍ୟାଟର୍ ଏକ୍ସପର୍ଟସ୍)ଏସ୍‌ଏମ୍‌ଏ ଯେଉଁମାନେ କି ଜିଲ୍ଲା ପ୍ଲାନିଂ ଏଣ୍ଡ୍ ମନିଟରିଂ ୟୁନିଟସ୍‌ରେ ପ୍ଲାନିଂ ଏବଂ କନଭର୍ଜେନ୍ସ ବିଭାଗ ଅଧୀନରେ ଦୀର୍ଘ ସମୟ ଧରି କାର୍ଯ୍ୟ କରୁଛନ୍ତି। ସେମାନେ ୩୧ ମାର୍ଚ୍ଚ ୨୦୨୫ ପରଠାରୁ ବେତନ ବିହୀନ ଅବସ୍ଥାରେ ଅଛନ୍ତି। ତାଙ୍କର ଅନୁବନ୍ଧ ଶେଷ ହୋଇଥିବା ସତ୍ତ୍ୱେ, ସେମାନେ ଏପ୍ରିଲ୍ ୨୦୨୫ରୁ ନିୟମିତ ସେବା ଦେଇ ଚାଲିଛନ୍ତି ମାତ୍ର ଆଜିକୁ ୩ ମାସ ବେତନ ବିନା କାର୍ଯ୍ୟ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ୨୮ ଜଣ ବରିଷ୍ଠ ବିଶେଷଜ୍ଞଙ୍କର ୧୧ ବର୍ଷ ଓ ୨୯ ଜଣଙ୍କର ୮ ବର୍ଷରୁ ଅଧିକ ଅଭିଜ୍ଞତା ରହିଥିବାବେଳେ ସେମାନେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯଥା- ଏମ୍‌ପି ଲ୍ୟାଡ୍, ଏମ୍‌ଏଲ୍‌ଏ ଲ୍ୟାଡ୍, ସିଏମ୍ ସ୍ପେଶାଲ ଆସିଷ୍ଟାନସ୍, ସିଜିଏଫ୍, ଡବ୍ଲ୍ୟୁଓଡିସି, ବିଜିଜେୱାଇ, ବିଜୁ କେବିକେ, ବିଏସ୍‌ଭିୱାଇ, ବିଜୁ ସେତୁ ଯୋଜନା, ସୋସିଓ ଇକୋନୋମିକ୍ ଟ୍ରାନ୍ସଫରମେସନ୍ ଆଣ୍ଡ ଅପ୍ ଲିଫ୍ଟମେଣ୍ଟ ଓ ଡିଏମ୍‌ଏଫ୍, କମ୍ପ୍ରିହେନସିଭ୍ ଡିଷ୍ଟ୍ରିକ୍ଟ ପ୍ଲାନ୍ ଏବଂ ନିତି ଆୟୋଗ ଅନ୍ତର୍ଗତ ସମସ୍ତ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନରେ ଅନୁପମ ଭୂମିକା ନିଭାଇଛନ୍ତି। ଏହା ବ୍ୟତୀତ, ସେମାନେ ଇକୋନୋମିକ୍ ସେନସସ୍, ଏଗ୍ରିକଲଚର୍ ସେନସସ୍ ଓ ମାଇନର୍ ଇରିଗେସନ୍ ସେନସସ୍ କାର୍ଯ୍ୟରେ ମଧ ସଂଗଠନାତ୍ମକ ଦକ୍ଷତା ପ୍ରତିପାଦନ କରି ଦେଖାଇଛନ୍ତି। ଲୋକ ସମ୍ମିଳନ କାର୍ଯ୍ୟକ୍ରମ ବିକଶିତ ଓଡିଶା, ଏସ୍‌ଡିଜି କର୍ମଶାଳା, ବିକାଶ ମେଳା ଓ ବିକାଶ ରଥ ପରି ବଡ଼ ବଡ ଉଦ୍ୟମକୁ ସଫଳ କରିବାରେ ସେମାନଙ୍କ ଯୋଗଦାନ ଅତୁଳନୀୟ। ଏଠାରେ ଉଲ୍ଲେଖନୀୟ ଯେ ଏହି ବିଭାଗ ସଂପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସିଧାସଳଖ ନିୟନ୍ତ୍ରଣରେ ରହିଥିବା ସତ୍ତ୍ୱେ ଏମିତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଉପେକ୍ଷିତ ଓ ବେତନ ବିହୀନଭାବେ ରହିଛନ୍ତି ଯାହାକି ଅତ୍ୟନ୍ତ ଦୁଃଖଜନକ। ଏହି ସମସ୍ୟାକୁ ଉନ୍ନୟନ କମିଶନର ତଥା ବିଭାଗର ବରିଷ୍ଠ ଅଧିକାରୀଙ୍କ ନିକଟକୁ ଆଣିବା ପାଇଁ ଅନେକ ପ୍ରଚେଷ୍ଟା ସତ୍ତ୍ୱେ ଏହାର କୌଣସି ସମାଧାନ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ। ଏହି ସମସ୍ୟା ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ ଲିଖିତ ଆକାରରେ ଦିଆଯାଇଛି। ସେମାନଙ୍କର ଉତ୍ତର ଅନୁଯାୟୀ, 'ସଂସ୍ଥାଗତ ଧାରାବାହିକତା ଓ ତଦନୁକୂଳ ପୁନଃନିଯୁକ୍ତି ପ୍ରକ୍ରିୟା ଅସ୍ପଷ୍ଟ ଓ ଅନୁଷ୍ଠିତ ହୋଇନଥିବା ପରିଣତି ହେଉଛି ଏହି ସଂକଟ।' ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିୟନ୍ତ୍ରିତ ବିଭାଗ ପ୍ରତି ମାନବିକ ଏବଂ ପେଶାଦାର ଆଧାରରେ ତ୍ୱରିତ ନିଷ୍ପତ୍ତି ନେବାକୁ ଏସ୍‌ଏମଇ ଦଳ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତି ମାଧମରେ ଜଣାଇଛନ୍ତି।

# ସରିଲା ଧାନ କିଣା: ୪୨୫୧ ଚାଷୀ ବିକିଲେ ୩ଲକ୍ଷ କ୍ୱିଣ୍ଟାଲ ଧାନ

ଧର୍ମଗଡ, (ଭାସ୍କର ନ୍ୟୁଜ୍): ଧର୍ମଗଡ ବ୍ଲକ ଅଞ୍ଚଳରେ ଧାନ ଚଳିତବର୍ଷ ରବି ଋତୁ ଧାନ କ୍ରୟ ଗତ ୩୦ତାରିଖ ଦିନ ସରି ଯାଇଛି। ଧର୍ମଗଡ ବ୍ଲକରେ ମୋଟ ୪୨୫୧ ଜଣ ଚାଷୀଙ୍କ ଠାରୁ ୨ଲକ୍ଷ ୭୨ହଜାର ୫୫୧କ୍ୱିଣ୍ଟାଲ ଧାନ କ୍ରୟ କରା ଯାଇଥିବା ଜଣା ଯାଇଛି। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ମଣ୍ଡି ରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମୁଖ୍ୟତ ଆବଶ୍ୟକତା ଅନୁସାରେ ମଣ୍ଡି ମାନଙ୍କରେ ସେଡ୍ ନ ଥିବାରୁ ଧାନ ସବୁ ଖୋଲା ଆକାଶ ତଳେ ବର୍ଷାରେ ଭିଜିଥିଲା। ଚାଷୀ ଅନେକ କଷ୍ଟ ସ୍ୱୀକାର କରି ଦିନ ଦିନ ଧରି ମଣ୍ଡି ରେ ପଡ଼ି ରହି ଶେଷ ରେ ଧାନ ବିକ୍ରୀ କରି ଥିଲେ। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ଚଳିତ ବର୍ଷ ରବି ଋତୁରେ ଧର୍ମଗଡ ବ୍ଲକରେ ୧୧ ଟି ମଣ୍ଡିରେ ଧାନ କ୍ରୟ କରାଯାଇଥିଲା। ଏଥି ମଧ୍ୟରୁ ପ୍ୟାକ୍ସ ଦ୍ୱାରା ପରିଚାଳିତ ୬ଟି ମଣ୍ଡିରେ ଧର୍ମଗଡ଼(ଗ୍ରାମାଞ୍ଚଳ)ରେ ୫୮୪ ଜଣ ଚାଷୀ ୩୯,୩୪୫.୫୫ କ୍ୱିଣ୍ଟାଲ ଧାନ ବିକ୍ରି କରି ଥିଲା ବେଳେ, କଙ୍କେରୀ ମଣ୍ଡିରେ ୨୧ ଜଣ ଚାଷୀ ୧୨୨୮.୧୯ କ୍ୱିଣ୍ଟାଲ, ଖଇରପଦର ମଣ୍ଡିରେ ୪୬୫ ଜଣ ଚାଷୀ ୩୨,୮୮୪.୦୭ କ୍ୱିଣ୍ଟାଲ, ନନ୍ଦ ଗାଁ ମଣ୍ଡିରେ ୭୨୧ ଜଣ ଚାଷୀ ୩୯, ୮୨୫.୩୭ କ୍ୱିଣ୍ଟାଲ, ବୋଡ଼େନ ମଣ୍ଡିରେ ୫୦୯ ଜଣ ଚାଷୀ ୩୦,୮୨୮.୪୧ କ୍ୱିଣ୍ଟାଲ ଏବଂ ପାର୍ଲା ମଣ୍ଡି ରେ ୪୦୮ ଜଣ ଚାଷୀ ୨୩,୬୮୨.୮୮ କ୍ୱିଣ୍ଟାଲ ଧାନ ବିକ୍ରି କରି ଥିଲେ। ସେହିପରି ଏସଏଚଜି ଦ୍ୱାରା ପରିଚାଳିତ ୫ ମଣ୍ଡିରେ ଧର୍ମଗଡ (ସହରାଞ୍ଚଳ) ମଣ୍ଡିରେ ୫୭୫ ଜଣ ଚାଷୀଙ୍କ ଠାରୁ ୪୧,୦୬୪.୨୫ କ୍ୱିଣ୍ଟାଲ, ବଡ଼ ବସୁଲ ମଣ୍ଡିରେ ୩୫୧ ଜଣ ଚାଷୀ ୨୪,୪୧୯.୨୩ କ୍ୱିଣ୍ଟାଲ, କନ୍ତେର ମଣ୍ଡିରେ ୧୫୪ ଜଣ ଚାଷୀ ୯୦୭୪.୦୭ କ୍ୱିଣ୍ଟାଲ, ତରା ପୁର ମଣ୍ଡିରେ ୩୨୬ ଜଣ ଚାଷୀ ୨୧,୩୬୧.୩୨ କ୍ୱିଣ୍ଟାଲ ଏବଂ ତମ୍ପାଛଡା ମଣ୍ଡିରେ ୧୩୭ ଜଣ ଚାଷୀ ୯୮୩୭.୮୦ କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ। ଧାନ କ୍ରୟରେ ଅନିୟମିତତା ଅଭିଯୋଗ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାନ କ୍ରୟ ଦାୟିତ୍ୱରେ ଥିବା ତିନି ଜଣ ପ୍ୟାକ୍ସ ସମ୍ପାଦକଙ୍କୁ କ୍ରୟ ଦାୟିତ୍ୱରୁ ହଟେଇ ଦିଆ ଯାଇଥିଲା। ସେହି ପରି ନିୟନ୍ତ୍ରିତ ବଜାର କମିଟି ର ତିନି ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ମଧ ବହିସ୍କାର କରା ଯାଇଥିଲା। ତେବେ ରବି ଧାନ କ୍ରୟକୁ ନେଇ ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ଭିତରେ ସମାଲୋଚନା ଜାରି ରହିଛି। ଅନେକ ଚାଷୀ ଆଶାନୁପ ସନ୍ତୋଷ ପ୍ରକଟ କରୁଥିବା ବେଳେ ଅଧିକାଂଶ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ମୁତାବକ ବ୍ୟବସ୍ଥାରେ ତ୍ରୁଟି ଥିବା ବେଳେ ମିଲର୍ସ ଓ ପ୍ରସାଶନର ସମନ୍ୱତା ଅଭାବ ବିଶେଷ ଭାବେ ପ୍ରଭାବିତ କରିଥିବା ବୁଦ୍ଧିଜୀବୀ ମତ ରଖିଥିବା ବେଳେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା କୁହାଯାଏ। ଆଗାମୀ ଦିନରେ ଏହାର ବ୍ୟତିକ୍ରମ ନ ହେବା ପ୍ରତି ଧାନ ଦେବା ଆବଶ୍ୟକ ବୋଲି ସାଧାରଣରେ ଆଶା ପ୍ରକଟ କରିଛନ୍ତି ଚାଷୀ।

## ରାଶିଫଳ


ଶୁକ୍ରବାର, ୦୪ ଜୁଲାଇ ୨୦୨୫



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ। ଶୀଘ୍ର ଶୀଘ୍ର କାମପୁରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। କାମ ଶିଘ୍ର ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ। ମନର ଅସ୍ଥିରତାକୁ ନିୟନ୍ତ୍ରଣ କରନ୍ତୁ।




**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ। ପ୍ରତିଦ୍ୱନ୍ଦ୍ୱିତା ହେବ। ଆୟ ବୃଦ୍ଧି ପାଇବ। ଆଘାତ ଏବଂ ରୋଗ ବାଧା ଦେଇପାରେ।




**ମିଥୁନ:** ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର।



**କର୍କଟ:** ବ୍ୟବସାୟରେ କୈଣସି ସନ୍ତୋଷ ରହିବ ନାହିଁ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବ୍ୟସ୍ତ ହୁଅ ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ। ଚାକିରିରେ ସୁସଙ୍ଗତତା ରହିବ। ବିନିଯୋଗ ଭଲ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟ କରନ୍ତୁ ନାହିଁ।



**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ। ଲାଭ ସୁଯୋଗ ଆସିବ। ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ। ଜିନିଷଗୁଡିକ ସହଜ ରଖନ୍ତୁ।



**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବ୍ୟବସାୟ ଭଲ ହେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ। ବିନିଯୋଗ ଭଲ ହେବ। ପ୍ରଲୋଭିତ ହୁଅ ନାହିଁ।




**ବିଛା:** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଲାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ। ଚିନ୍ତା ଏବଂ ଟେନସନ ହେବ।



**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ। ଯାତ୍ରା ସଫଳ ହେବ। ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ। ସୁଖର ପରିବେଶ ରହିବ। ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ:** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ପୁରୁଣା ରୋଗ ଅବରୋଧର କାରଣ ହେବ। ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ । ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ।



ଜ୍ୟୋତିଷ ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯